ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ମାର୍ଚ୍ଚ ୨୦୨୬



## ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-5 • Issue-1 • March 2026 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୫ • ସଂଖ୍ୟା-୧ • ମାର୍ଚ୍ଚ ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

# ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ନାରୀ କଥାକାର ବନାମ ପୁରୁଷ କଥାକାର (ସମ୍ପାଦକୀୟ) | ୦୩ |
| ସଙ୍କଟରେ ପ୍ରବନ୍ଧ ସାହିତ୍ୟ (ପ୍ରବନ୍ଧ) ବୈଷ୍ଣବ ଚରଣ ମହାନ୍ତି | ୦୫ |
| ସାହିତ୍ୟ ହାଟରେ ଦିନେ (ରମ୍ୟରଚନା): ଅଭୟ ଦାଶ | ୧୦ |
| ବିଧୁର ବସନ୍ତ (କବିତା): ବେଣୁଧର ସୂତାର | ୧୩ |
| ଓଡ଼ିଆରେ ପଢ଼ି: ଶବ୍ଦବ୍ୟୁତ୍ପତ୍ତି ଓ ଅର୍ଥତତ୍ତ୍ୱ (ପ୍ରବନ୍ଧ): ସିନିରୁଦ୍ଧ ଦାଶ | ୧୪ |
| ଗଛ ଓ ଜୀବନ (ଗଳ୍ପ): ଅଚ୍ୟୁତାନନ୍ଦ ପତି | ୧୮ |
| ପ୍ରେମରେ ପୁରୁଷର ଦାତାପଣ ଓ ଆମ ସାହିତ୍ୟ (ପ୍ରବନ୍ଧ): ଆଦିକନ୍ଦ ସାହୁ | ୨୦ |
| ଏକ ଦୁଃସାହସିକ ଚିଲିକା ଯାତ୍ରା (ଅନୁଭୂତି): ସନ୍ତୋଷ କୁମାର ପଟ୍ଟନାୟକ | ୨୪ |
| ଦୀପତଳ (ଗଳ୍ପ): ବନଜ ଦେବୀ | ୨୯ |
| ସାରସ୍ୱତ ସ୍ରଷ୍ଟା କୃପାସାଗର ସାହୁଙ୍କ ସହ ଆଳାପ (ସାକ୍ଷାତକାର) | ୩୨ |
| ମାଳିନୀ (ଗଳ୍ପ): ଅଧ୍ୟାପକ ବିଶ୍ୱରଂଜନ | ୩୬ |
| କିଶୋରୀ ଚରଣଙ୍କ ତୁଣ୍ଡରେ ଗଳ୍ପର ଶିଳ୍ପକଳା (ପ୍ରବନ୍ଧ): ନଟବର ଶତପଥୀ | ୩୮ |
| ଡବଲ୍ ମିଥ୍ୟାବାଦୀ (ଧାରାବାହିକ ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୪୧ |
| ଲୁହର ଆତ୍ମକାହାଣୀ (ଗଳ୍ପ): ଚୌଧୁରୀ ବରଦାପ୍ରସନ୍ନ ଦାସ | ୪୫ |
| ମନୋଜ ଦାସଙ୍କ 'ଆରଣ୍ୟକ' ଓ 'ଏ ଟ୍ରିପ୍': ଏକ ତୁଳନା (ପ୍ରବନ୍ଧ): ଶରତ ଚନ୍ଦ୍ର ଶତପଥୀ | ୪୯ |
| ଉଷାର ଅଙ୍ଗୀକାର (କବିତା): ଅନସୂୟା ପଣ୍ଡା | ୫୨ |
| ଫୁଲଓ୍ୱା (ଅନୁବାଦ ଗଳ୍ପ): କମଳା ଶତପଥୀ | ୫୩ |
| ଏକବିଂଶ ଶତାବ୍ଦୀର ଗଳ୍ପ ସାହିତ୍ୟରେ ପିତୃତ୍ୱର ଅସହାୟତା (ପ୍ରବନ୍ଧ): ସ୍ୱାଧୀନ ଚନ୍ଦ୍ର ପଧାନ | ୫୯ |
| ମଞ୍ଜୁଆତି (ଗଳ୍ପ): ଆରତୀ ସାହୁ | ୬୪ |
| ଦୁଇଟି ଅଣୁଗପ (ଗଳ୍ପ): ଲୋପାମୁଦ୍ରା ପରିଡ଼ା | ୬୬ |
| ସାଙ୍ଗ ହେବ ତ ଏମିତି (ଶିଶୁଗଳ୍ପ): କୁଞ୍ଜ ବିହାରୀ ସାହୁ | ୬୮ |
| ମଧୁରମ୍ ମଧୁରାଧିପତି (ପୁସ୍ତକ ସମୀକ୍ଷା): ସସ୍ମିତା ମାଝୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ସଂଭୂୟସମୁତ୍ଥିତ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

★ ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରି ନୁହେଁ।

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଫେବୃଆରୀ ୨୦୨୬ ସଂଖ୍ୟା ପଢ଼ିବାର ସୁଯୋଗ ମିଳିଲା। ଭଲ ବି ଲାଗିଲା। ବିଶେଷ କରି ପତ୍ରିକାରେ ସ୍ଥାନିତ 'ସାହିତ୍ୟରେ ଖୁଆଡ଼' ଶୀର୍ଷକରେ ପ୍ରକାଶିତ ସଂପାଦକୀୟ ଖୁବ୍ ଆକର୍ଷଣୀୟ ଥିଲା। କେବଳ ସାହିତ୍ୟ ନୁହଁ, ପ୍ରାୟତଃ ସବୁ କ୍ଷେତ୍ରରେ ବରିଷ୍ଠ ଓ କନିଷ୍ଠ ଭିତରେ ଅଭିଜ୍ଞତାର ତାରତମ୍ୟ ଦେଖାଯାଏ। କିନ୍ତୁ ସର୍ବାଦୌ ଏପରି ଭାବନା ରଖୁଥିବା ମାନସିକତା ନୂତନ ଚେତନା ବିକାଶରେ ବାଧା ସୃଷ୍ଟିକରେ। ତେଣୁ ବୟସ ବଦଳରେ ବିଦ୍‌ବତ୍ତାକୁ ଗୁରୁତ୍ୱ ଦେବା ସବୁ କ୍ଷେତ୍ର ଓ ସମସ୍ତଙ୍କ ପାଇଁ ଶୁଭଙ୍କର ବୋଲି ସମ୍ପାଦକ କହିଛନ୍ତି। ଏତଦ୍ ବ୍ୟତୀତ ପ୍ରଶାନ୍ତ ଭୂୟାଁଙ୍କ 'ନ୍ୟାସାପହୁତି' ଆଲେଖ୍ୟ ମଧ୍ୟ ସୁନ୍ଦର ଓ ଭାବଗର୍ଭକ ହୋଇଛି। ଏହି ଆଲେଖ୍ୟ ସହ 'ଆପଣା ସୁନା ଭେଣ୍ଡି' ରୁଢ଼ିଟି ଆପେ ଆପେ ମନକୁ ଚାଲିଆସିଲା। ଲକ୍ଷ୍ମୀଧର ସାହୁଙ୍କ ଅଣୁ ଗଳ୍ପ 'ପ୍ରେସର୍' ଓ 'ଅନ୍‌ଲାଇନ୍ ମାଉସୀ' ଦ୍ୱୟ ମଧ୍ୟ ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରୁଥିବାରୁ ଖୁବ୍ ଭଲ ଲାଗିଲା ।

**ସୁବାଷ ଭୋଇ**

bhoibabu030@gmail.com

ଫେବୃୟାରୀ ସଂଖ୍ୟାର 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସଂପାଦକୀୟ ବିଚାର କରିବା ଭଳି କଥାଟିଏ। ବର୍ତ୍ତମାନ ଅନେକ ପତ୍ରିକାରେ ଯୁବକବି, କନିଷ୍ଠ ବିଭାଗ, ବରିଷ୍ଠ କବି ଭଳି ବିଭାଗୀକରଣ କରିଦିଆଯାଉଛି। ଯାହା ଆମମାନଙ୍କ ପାଇଁ ଏକ ଭାବିବାର କଥା। ଲେଖାଟିଏ ଆମେ ଲେଖିଦେଲେ ତାହା କ'ଣ ଆଉ ନିଜ ସଂପତ୍ତି ହୋଇ ରହେ କି ? ତାହା ସାଧାରଣ ଭାବରେ ଜାତୀୟ ସଂପତ୍ତି ହୋଇଯାଏ, ତାହା ପାଠକର ସଂପତ୍ତି। ଏହାକୁ ନେଇ ବେଶ୍ ମର୍ମସ୍ପର୍ଶୀ ଆଲୋଚନା କରିଛନ୍ତି ସେନାପତି ପ୍ରଦ୍ୟୁମ୍ନ କେଶରୀ 'ପାଠକର କବି' ଶୀର୍ଷକ ପ୍ରବନ୍ଧରେ। ମଧ୍ୟଯୁଗୀୟ ସାହିତ୍ୟ କିମ୍ବଦନ୍ତୀକୁ ନେଇ ଏକ ବେଶ୍ ଉଚ୍ଚକୋଟୀର ଆଲୋଚନା ନିଖିଳାନନ୍ଦ ପାଣିଗ୍ରାହୀଙ୍କ 'ଅଭିମନ୍ୟୁ ଓ ଭଞ୍ଜଙ୍କ କାବ୍ୟମାନସରେ କିମ୍ବଦନ୍ତୀ'।

**ବବୁଲୁ ପ୍ରଧାନ**

babulupradhan21@gmail.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସମସ୍ତ ଗଳ୍ପ ବେଶ୍ ମନକୁ ଛୁଇଁଲା। ବିଶେଷକରି ସଚ୍ଚିଦାନନ୍ଦ କରଙ୍କ 'ପରିତ୍ୟକ୍ତ ପାଠଶାଳା' ଅତ୍ୟନ୍ତ ଜୀବନ୍ତ ହୋଇଉଠିଛି। ପ୍ରେମାନନ୍ଦ ନାୟକଙ୍କ 'ତୋର ବଳକୁ ମୋର ବୁଦ୍ଧି' ଶିଶୁ ଗଳ୍ପ ତଥା ଅନୁବାଦ ଗଳ୍ପ 'ମର୍ଣ୍ଣିଙ୍ଗ୍ ୱାକ୍' ପଢ଼ିଲି। 'ନ୍ୟାସାପହୁତି' ନାମକ ଏକ ଶବ୍ଦ ସମ୍ପର୍କରେ ଶେଷପୃଷ୍ଠାରୁ ଜାଣିବାକୁ ପାଇଲି। ପ୍ରଚ୍ଛଦ ଓ ବ୍ୟଙ୍ଗଚିତ୍ର ଭଳି ଅନ୍ୟ ସମସ୍ତ ବିଭାଗ ବେଶ୍ ଆକର୍ଷଣୀୟ ହୋଇଛି। ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ସଚ୍ଚିକାନ୍ତ ବେହେରା**

skbehera71@gmail.com


**FORM - IV**

Statement about ownership and other particulars about newspaper SAHITYA CHARCHA to be published in the first issue every year after the last day of February.

1. Place of publication : Bhubaneswar
2. Periodicity of its publication : Monthly
3. Printer's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
4. Publisher's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
5. Editor's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
6. Names and addresses of individuals who own the newspaper and partners or shareholders holding More than one per cent of the total capital : Nihar Ranjan Satpathy, SB-19, Arya Village, Dumduma, Phase-4, Bhubaneswar - 751019

I, Nihar Ranjan Satpathy hereby declare that the particulars given above are true to the best of my knowledge and belief.

(Nihar Ranjan Satpathy)
Signature of Publisher

Date: 01.03.2026

**ସମ୍ପାଦକୀୟ**

# ନାରୀ କଥାକାର ବନାମ ପୁରୁଷ କଥାକାର

ନାରୀ କଥାକାର ବନାମ ପୁରୁଷ କଥାକାର - ଏହା ଥିଲା ଭୁବନେଶ୍ୱରରେ 'ସମ୍ବାଦ' ପରିବାର ପକ୍ଷରୁ କିଛି ଦିନ ତଳେ ଆୟୋଜିତ ହୋଇଥିବା 'ସାହିତ୍ୟ ପକ୍ଷ' କାର୍ଯ୍ୟକ୍ରମରେ ଆଲୋଚନାର ଏକ ବିଷୟ। ମଞ୍ଚ ଉପରେ ଚାଲିଥିବା ଏହି ବିତର୍କରେ ସେଦିନ ଭାଗ ନେଇଥିଲେ ଦୁଇଜଣ ପ୍ରବୀଣ କଥାକାର, ସରୋଜିନୀ ସାହୁ ଓ ଗୋଲାପ ମଞ୍ଜରୀ କର। ଆଲୋଚନାଟି କେନ୍ଦ୍ରୀଭୂତ ହୋଇଥିଲା ଗୋଟିଏ ମୂଳ ପ୍ରଶ୍ନ ଉପରେ, ନାରୀର ମନସ୍ତତ୍ତ୍ୱକୁ ନିଜର ଗଳ୍ପରେ ଯଥାର୍ଥ ଭାବରେ ଚିତ୍ରଣ କରିବା ପାଇଁ ସ୍ରଷ୍ଟା ଜଣକ ନିଜେ ଜଣେ ନାରୀ ହୋଇଥିବା ଜରୁରି କି ?

କୌତୁହଳଜନକ ଭାବରେ ସରୋଜିନୀ ସାହୁ ଏହି ପ୍ରଶ୍ନର ଏକ ଆସ୍ତିବାଚକ ଉତ୍ତର ଦେଇଥିଲେ; ଅର୍ଥାତ୍ ତାଙ୍କ ମତରେ କଥାକାର ସ୍ୱୟଂ ନାରୀଟିଏ ନ ହୋଇଥିଲେ ଅନ୍ୟ ଜଣେ ନାରୀର ହର୍ଷ-ଉଲ୍ଲାସ, ବେଦନା ଅବା ସମ୍ବେଦନାକୁ ନିଜର ଗଳ୍ପରେ ସାର୍ଥକ ଭାବରେ ଫୁଟାଇପାରିବ ନାହିଁ।




ଏହି ପ୍ରସଙ୍ଗରେ ଆମେ ସରୋଜିନୀଙ୍କର ଗୋଟିଏ ଗଳ୍ପ 'ଅମୃତ ପ୍ରତୀକ୍ଷା'କୁ ଉଦାହରଣ ଭାବରେ ନେଇପାରୁ। ଏଥିରେ ଜଣେ ଗର୍ଭବତୀ ନାରୀର ଗର୍ଭସ୍ଥ ଶିଶୁ ନିଜ ମାଆର ପେଟକୁ ଲାତ ମାରୁଥିବାର ଅନୁଭବକୁ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରାଯାଇଛି। କଥା ହେଲା, ଏଭଳି ଏକ ନାରୀସୁଲଭ ଅନୁଭୂତିକୁ ରୂପ ଦେବା କ'ଣ କେବଳ ଜଣେ ନାରୀ କଥାକାରର ଏକାଧିକାର ? ଜଣେ ପୁରୁଷ କଥାକାର କ'ଣ ସେହି ଅନୁଭୂତିକୁ ନିଜ ରଚନାରେ ସମାନ ଭାବରେ ରୂପାୟନ କରିବାପାଇଁ ଅକ୍ଷମ ?

ଯଦି ଆମେ ଲେଖିକାଙ୍କର ଉପରୋକ୍ତ ଯୁକ୍ତିକୁ ଗ୍ରହଣ କରିନେଉ, ତେବେ ତ ଦଳିତ ବର୍ଗର ଗୋଟିଏ ଚରିତ୍ରର କଷଣ କେବଳ ଦଳିତ କଥାକାରଟିଏ, କିମ୍ବା ଜଣେ ମଦ୍ୟପ ବ୍ୟକ୍ତିର ମନୋଦଶା ଜଣେ ମଦ୍ୟପ ପ୍ରବୃତ୍ତିର ଲେଖକ ହିଁ ଲେଖିପାରିବ, ଆଉ କେହି ନୁହଁ। ଏହି ସନ୍ଦର୍ଭ ଆମକୁ ଏକ ବୃହତ୍ତର ପ୍ରଶ୍ନକୁ ମଧ୍ୟ ଘେନିଯାଏ; ଲେଖକ ବା ଲେଖିକାମାନେ ନିଜର ରଚନାରେ କ'ଣ ସତରେ ନିଜର ସୀମିତ ପରିଧି ଭିତରେ ସର୍ବଦା ବନ୍ଦିହୋଇ ରହିଥାଆନ୍ତି ?

ସାହିତ୍ୟ ସର୍ଜନାର ପ୍ରକ୍ରିୟାରେ ଲେଖକମାନେ ବିବିଧ ଭୂମିକା ନିର୍ବାହ କରିବା ବା ସେମାନଙ୍କର 'ରୋଲ୍-ପ୍ଲେ' ହେଉଛି ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ତ କଳ୍ପନାର କ୍ରୀଡ଼ାଭୂମି। ଏହି କଳ୍ପନାର କଳାରେ ନିପୁଣ ନ ହେଲେ ଜଣେ ସାର୍ଥକ ଲେଖକଟିଏ ହୋଇପାରେ ନାହିଁ। ଗଳ୍ପଟିଏ ଲେଖିବା ବେଳେ 'ପରସନ୍' (ବ୍ୟକ୍ତି)ରୁ 'ପରସୋନା' (ଅଭିନୀତ ବ୍ୟକ୍ତିତ୍ୱ)କୁ ଉତ୍ତରଣ ଘଟିଥାଏ ଲେଖକର। ସେହି ଅଭିନୟ କାଳରେ ଲେଖକ ପୁରୁଷଟିଏ ହୋଇଥିଲେ ମଧ୍ୟ, ଗଳ୍ପର ଆବଶ୍ୟକତାକୁ ଦେଖି ଜଣେ ନାରୀର ଭୂମିକା ନିର୍ବାହ କରୁଥାଏ ମନେ ମନେ। ଏହାକୁ ଇଂରାଜୀ ସମାଲୋଚନା ସାହିତ୍ୟରେ 'କ୍ରସିଙ୍ଗ୍ ଦି ଜେଣ୍ଡର୍ ଲାଇନ୍' (ଲିଙ୍ଗଗତ ସୀମାରେଖାକୁ ଅତିକ୍ରମ କରିବା) ବୋଲି ମଧ୍ୟ କୁହାଯାଏ। ଏହି ସୀମାରେଖାକୁ ଡେଇଁବା ଲେଖକ ବା ଲେଖିକାମାନଙ୍କ ପକ୍ଷରେ ଏକ ଅତି କଷ୍ଟକର କାର୍ଯ୍ୟ ବୋଲି କହନ୍ତି ସାହିତ୍ୟ ସମାଲୋଚକ ଆଲାନ୍ ଉଇଲିଆମ୍ସନ୍। କିନ୍ତୁ ଏହି ଆୟାସସାଧ୍ୟ କାର୍ଯ୍ୟଟି କରିବାପାଇଁ ଟିକିଏ କଷ୍ଟ ସ୍ୱୀକାର କରିବାକୁ ପଛଘୁଞ୍ଚା ଦେବା ଉଚିତ ନୁହେଁ ଜଣେ ବାସ୍ତବ ସ୍ରଷ୍ଟା।

ସେଥିପାଇଁ ବୋଧହୁଏ ସେଦିନର ବିତର୍କରେ ଏକ ପ୍ରଣିଧାନଯୋଗ୍ୟ ମନ୍ତବ୍ୟ ଦେଇଥିଲେ ଗାଳ୍ପିକା ଗୋଲାପ ମଞ୍ଜରୀ କର, 'କଥାକାରମାନେ ଗଳ୍ପ ଲେଖିବା ବେଳେ ନିଜକୁ ନର ବା ନାରୀ ବୋଲି ନ ଭାବି, ବରଂ ହୁଅନ୍ତୁ ଜଣେ ଜଣେ ଅର୍ଦ୍ଧନାରୀଶ୍ୱର।' ତେବେ ଆମର କଥାସାଧକମାନେ ଏହି ଆୟାସସାଧ୍ୟ ଭୂମିକା ନିର୍ବାହ କରିବା ପାଇଁ କେତେଦୂର ସମର୍ଥ, ତାହା ଆମେ ବିଚାର କରିବାର କଥା।

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି ।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର
୧୯. ନିଖିଳ ମୋହନ ପଟ୍ଟନାୟକ
୨୦. ଅଳକା ନନ୍ଦ
୨୧. ସୁକୋମଳ ଦାଶ
୨୨. ରାଜେନ୍ଦ୍ର ବର୍ମ୍ମା
୨୩. ଦିଲ୍ଲୀପ ପଣ୍ଡା

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି ।
+91 9368772506

ପ୍ରବନ୍ଧ

# ସଙ୍କଟରେ ପ୍ରବନ୍ଧ ସାହିତ୍ୟ



ବୈଷ୍ଣବ ଚରଣ ମହାନ୍ତି

ପ୍ରୟାସରୁ ପ୍ରବନ୍ଧର ଜନ୍ମ। ଏଇ କଥାଟାକୁ 'ପ୍ରୟାସର ଅନ୍ୟ ନାମ ପ୍ରବନ୍ଧ' ବୋଲି ମଧ୍ୟ ଆମେ ଆଉ ବାଗେ କହି ପାରିବା। ଆମେ ଯାହାକୁ ବର୍ତ୍ତମାନ ଓଡ଼ିଆରେ 'ପ୍ରବନ୍ଧ' କହୁଛୁ, ଇଂରାଜିରେ ତାକୁ ଆମେ କହୁଛୁ 'ଏସେ'। ଏଇ 'ଏସେ' ଶବ୍ଦଟା ମୂଳ ଫରାସୀ ଶବ୍ଦ 'ଏସାଇ'ରୁ ଆସିଛି। 'ଏସାଇ' ଶବ୍ଦର ଇଂରାଜି ଅର୍ଥ 'ଆନ୍ ଆଟେମ୍ପ୍ଟ' ଏବଂ ଓଡ଼ିଆରେ ଆମେ ତାକୁ 'ପ୍ରୟାସ' ବୋଲି କହିପାରିବା। ୧୫୮୦ ମସିହାର କଥା; ପୁସ୍ତକଟିଏ ପ୍ରକାଶ ପାଇଥିଲା ଫରାସୀ ଭାଷାରେ। ପୁସ୍ତକର ନାଆଁ ଥିଲା 'ଏସାଇ', ଆଉ ତାକୁ ଲେଖିଥିଲେ ମାଇକେଲ୍ ସେଉର୍ ଡି ମଣ୍ଟିଆଗ୍ନ ନାମକ ଜଣେ ଫରାସୀ ଭଦ୍ରଲୋକ। ନିଜ ପଲ୍ଲୀ ଅବସ୍ଥାନ ଅବକାଶରେ ଆପଣାର ଚିନ୍ତା ଆଉ ଭାବନାଗୁଡ଼ାକୁ ସେ ଲିପିବଦ୍ଧ କରିଥିଲେ; ତା' ସାଙ୍ଗକୁ ନିଜର କିଛି ମତ ଓ ମନ୍ତବ୍ୟ ସେଥିରେ ଯୋଡ଼ିବାକୁ ପ୍ରୟାସ 'ଏସାଇ' କରିଥିଲେ। ତାଙ୍କର ସେଇ 'ପ୍ରୟାସ'ସବୁର ସଂକଳିତ ରୂପ ଥିଲା ସେଇ ପୁସ୍ତକ ଏବଂ ସେଇଥିପାଇଁ ସେ ପୁସ୍ତକର ନାଆଁ ରଖିଥିଲେ 'ଏସାଇଜ୍'।



**ଅଛି କି ପ୍ରୟାସ ?**

ଏଣୁ ଏମନ୍ତ ପ୍ରକାରେ ଆଜିକୁ ୪୪୨ ବର୍ଷ ତଳେ ପ୍ରୟାସ 'ଏସାଇ'ରୁ ପ୍ରବନ୍ଧ ('ଏସେ') ଜନ୍ମ ଲଭିଥିଲା। ବର୍ତ୍ତମାନ ସେମିତି ପ୍ରକାରର ପ୍ରୟାସ ଅଛି କି ଆମ ସାହିତ୍ୟଶାର୍ଦ୍ଦୁଳମାନଙ୍କର ? ଚିନ୍ତା କରିବାକୁ ଆବେଗ, ଆଗ୍ରହ ଅଛି କି ? ଆନ୍ତରିକତା ଅଛି କି ପ୍ରବନ୍ଧ ପ୍ରତି ? ପ୍ରବନ୍ଧ ଉପରେ, ଏମିତି କି ଆପଣାର ଅଭିରୁଚି ଆଉ ଅନୁଭବ ଉପରେ ମତ ଓ ମନ୍ତବ୍ୟ ଦେବାକୁ ସାହସ ଓ ସାମର୍ଥ୍ୟ ଅଛି କି ? ଖାସ୍ ଏଇଥିପାଇଁ, ଏଇସବୁ କାରଣରୁ ସାମ୍ପ୍ରତିକ ସାହିତ୍ୟ ସାହିର ପ୍ରବନ୍ଧ ପାଟଣାଗୁଡ଼ାକ ବେଛପରି, ବେଦସ୍ତରି, ବେନାସ୍ତି। ସାହିତ୍ୟ ସାହିର ପ୍ରବନ୍ଧ ପାଟକମାନଙ୍କ ଖଞ୍ଜାଘରଗୁଡ଼ାକ ଆଜି ପରିତ୍ୟକ୍ତ। ପ୍ରବନ୍ଧଘରର ଛପର ଉଡ଼ିଗଲାଣି, ରୁଅ ଦଲମଗୁଡ଼ାକ ଖସିପଡ଼ିଲାଣି, କାନ୍ଥଗୁଡ଼ାକ ଭୁଶୁଡ଼ି ପଡ଼ିଲାଣି। ପ୍ରବନ୍ଧ ଡିହରେ ଏବେ ବାଇଗଣ ରୁଆ ହେଲାଣି, ବିଲୁଆ ଡେଇଁଲେଣି।

ଆଜିକାଲି ଆମ ଓଡ଼ିଶାରେ ସାହିତ୍ୟିକ ଓ ସାହିତ୍ୟ ପତ୍ରିକାମାନଙ୍କ ସଂଖ୍ୟାବୃଦ୍ଧି ଆମ ପାଇଁ ଅବଶ୍ୟ ଏକ ବଡ଼ ସାରସ୍ୱତ ସୁଖ, ସୌଭାଗ୍ୟ, ସାନ୍ତ୍ୱନା ଆଉ ସୂଚନାର କଥା। ଆମ ପତ୍ରିକାମାନେ ମାସିକିଆ ମନ୍ଦୋଦରୀ ହୋଇ ଆସିବାକୁ କଥାଦେଇ ଯଦିଓ ବର୍ଷିକିଆ ବୃକୋଦରୀ ହୋଇ କେବଳ ପୂଜା ବଜାରକୁ ବୁଲିଆସୁଛନ୍ତି, ତଥାପି ଅଧିକାଂଶ ଓଡ଼ିଆ ପତ୍ରିକାର ଶ୍ରୀ, ସମ୍ଭାର, ସ୍ୱାସ୍ଥ୍ୟ ଆଉ ସାମ୍ରାଜ୍ୟ ଦେଖିଲେ ମନରେ ଗର୍ବ ଆସେ। ବର୍ତ୍ତମାନ ଆମ ଓଡ଼ିଆ ପତ୍ରିକାର ପୃଷ୍ଠାରେ ପୃଷ୍ଠାରେ ଆଧୁନିକ କବିତାମାନଙ୍କ ଛଟକ, ଗପମାନଙ୍କ ଗମକ, ନାଟକମାନଙ୍କର ନବଜ ପାଠକମାନଙ୍କୁ ପୁଲକିତ କରୁଛି। ଆଜିକାଲି ପତ୍ରିକାର ପାଟ ଅଗଣାମାନଙ୍କରେ କିନ୍ତୁ ପ୍ରବନ୍ଧ ହେଉଛି ସଂଖ୍ୟାଲଘୁ ସମ୍ପ୍ରଦାୟର। ପ୍ରବନ୍ଧ ଆଜି ପ୍ରକୃତରେ ଅବହେଳିତ, ଅନାହାରପୀଡ଼ିତ, ଅକାଳ ଜରାଗ୍ରସ୍ତ ବୃଦ୍ଧ। ଏ ପ୍ରସଙ୍ଗରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ–

"କବିମାନେ ତ ଘରେ ପଶୁପଶୁ ନିଃସଙ୍ଗ ଅନୁଭବ କଲେଣି, ଛାନିଆ ହେଲେଣି। ଆମ ଗଳ୍ପ ଲେଖକ ଓ ଉପନ୍ୟାସକାରମାନେ ବି ସତେ ଅବା ପିଲାଙ୍କ ପରି ସେହି

ପୁରୁଣା କୁଲେଇଗୁଡ଼ାକୁ ଧରି ଖେଳିବାରେ ଲାଗିଛନ୍ତି। ମିଛିମିଛିକା ପିଲା ହେବାଟାକୁ ହିଁ ଅନେକ ପରୀକ୍ଷା ଓ ନିରୀକ୍ଷା ବୋଲି କହୁଛନ୍ତି। ନାଟକମାନେ ବି କୋଉଠି କୋଉ ଚମ୍ପାଫୁଲଟାଏ ଶୁଙ୍ଘି ଆସିଥିବା ପରି, କବିବରଙ୍କ କାବ୍ୟଗୁଡ଼ାକ ପରି ଆଉ ଜଙ୍ଗଲମାନଙ୍କରେ ପାରିଧି କରି ପଳାଇଲେଣି। ଶବ୍ଦସଂଳାପ, ରଙ୍ଗମଞ୍ଚ ଓ ଆଉ ବାହାରିଆ କେତେଟା ଠାଣି ବଦଳାଇଦେଲେ ନାଟକଟା ଅଲବତ ବଦଳି ଯିବ ବୋଲି କେଡ଼େ ଦମ୍ଭରେ କହୁଛନ୍ତି। ଏହି ସବୁକିଛିକୁ ସେମାନଙ୍କ ପ୍ରସ୍ଥଗୁଡ଼ିକ ସହିତ ପରିଚିତ କରାଇଦେବା ପାଇଁ ଆମ ସମୀକ୍ଷାରେ ଯଥେଷ୍ଟ ବଳ ରହିଥିବା ଦରକାର। ଆମ କବିମାନେ ଓ ଗଳ୍ପକାରମାନେ କେଡ଼େ ଆତ୍ମସନ୍ତୋଷର ସହିତ କହି ପକାଉଛନ୍ତି ଯେ, ସେମାନେ ବହୁତ ଉନ୍ନତି କଲେଣି, ବଜାରରେ ପ୍ରତିଯୋଗୀମାନଙ୍କ ତୁଳନାରେ ସମକକ୍ଷ ଓ ବେଳେବେଳେ ଅଧିକ ଦକ୍ଷ ହୋଇ ଦେଖାଗଲେଣି ଏବଂ ସେମାନଙ୍କର ଭାରି ଦୁଃଖ ଯେ ପ୍ରବନ୍ଧ ନାମକ ସେମାନଙ୍କ ଧଡ଼ିଆ ସାନଭାଇଟି ସେମାନଙ୍କ ସହିତ ପାଦକୁ ପାଦ ମିଳାଇ ମୋଟେ ଆସିପାରୁନାହିଁ। ଯୋଉଠି ସମୀକ୍ଷା ଓ ପ୍ରବନ୍ଧ ନଥାଏ ଅଥଚ କବିତା, ଗଳ୍ପ ଉପନ୍ୟାସମାନେ ସାଆନ୍ତମାନଙ୍କ ପରି ଦାଣ୍ଡଯାକଟାକୁ ଭର୍ତ୍ତିକରି ରଖିଥାନ୍ତି, ସେଠି ନିଶ୍ଚୟ କୋଉଠି କ'ଣ ଅସୁସ୍ଥତା ଅବଶ୍ୟ ରହିଛି ବୋଲି ଖୁବ୍ ସନ୍ଦେହ କରାଯାଇପାରିବ। ସେତେବେଳେ ପ୍ରବନ୍ଧ ଓ ସମୀକ୍ଷା ନେଉଳଭାଇଟି ପରି ଚାଲିଥାଉ ବୋଲି ବିଧାତା ଆଦେଶ ଦିଅନ୍ତି ଏବଂ ତାହାରି ଦ୍ୱାରା ହିଁ ପରିତ୍ରାଣ ମିଳେ, ବ୍ୟାଧି ଦୂର ହୁଏ।"("ପ୍ରବନ୍ଧର ପିତାମାତା"– ଝଙ୍କାର, ଶାରଦୀୟ ସଂଖ୍ୟା,୧୯୯୭)।

**ବଢୁଛି ବ୍ୟାଧି**

ବ୍ୟାଧି ଦୂର ହେବ କ'ଣ, ବ୍ୟାଧି ବଢୁଛି ଦିନକୁ ଦିନ; ୧୫ ନଭେମ୍ବର,୨୦୨୨,ଫେସ୍‌ବୁକ୍‌ରେ ସାହିତ୍ୟିକ ନାରୁମହାନ୍ତି ଲେଖିଛନ୍ତି ପରା– "ଗୁଡ଼ାଏ ଆବୁରୁଜାବୁରୁ ଲେଖି କେହି ସାହିତ୍ୟିକ ହୁଏନାହିଁ। ସେମାନଙ୍କୁ କୁହାଯାଏ 'ଚକ୍ଷୁକୁଟା ସାହିତ୍ୟିକ' – କୁଟନ୍ତି, କୁଟି ଚାଲୁଥାନ୍ତି। ଆରମ୍ଭରୁ ଯାହା, ଶେଷରେ ସେଇଆ-ଚକ୍ଷୁ।


କ'ଣ ହବ ମାଳମାଳ ବହି ଛପେଇ ଗଦେଇ ରଖିଲେ? ଚକ୍ଷୁ ତ !"

ଓଡ଼ିଆ ସାହିତ୍ୟର ଏଇ ବର୍ଷୀୟାନ୍ ସ୍ପଷ୍ଟବାଦୀ ସାହିତ୍ୟିକ ଯାହା କହିଲେ– 'ମାଳମାଳ ବହି ଛପେଇବା କଥା', ତାହା ଠିକ୍; ସତରେ ମାଳମାଳ ବହି ଛପାଯାଉଛି ଆଜିକାଲି। କିନ୍ତୁ 'ଗଦେଇ ରଖିବା କଥାଟା' ଯାହା କହିଲେ ତାହା ଠିକ୍ ନୁହେଁ। ବୟସାଧିକ୍ୟ ଯୋଗୁଁ ସେ ହୁଏତ ସାମ୍ପ୍ରତିକ ପ୍ରଦୂଷିତ ପୁସ୍ତକ ପ୍ରକାଶନ ପରମ୍ପରାର ପାଲ ଭିତରେ ପଶିନାହାନ୍ତି। ତାଙ୍କ ବେଳେ ପ୍ରକାଶକଙ୍କ ପାଖରୁ ଲେଖକ ରୟାଲିଟି ପାଉଥିଲେ, ଏବେ ପରା ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା; ଓଲଟି ବହି ଛପା ହେବା ପୂର୍ବରୁ ଲେଖକ 'ଫୟାଲିଟି' ଗଣୁଛନ୍ତି ପ୍ରକାଶକଙ୍କୁ। ଚକ୍ଷୁ କୁଟିବା ପାଇଁ ଡିଙ୍କିଟାମାନ ପକେଇ ବହୁ ଡିଙ୍କିଶାଳିଆ ପ୍ରକାଶକ ପୁସ୍ତକ ପଣିବା ପାଇଁ କୁଲା, ମୁଣ୍ଡିଛାଞ୍ଚୁଣି ଧରି ଭରାଣ୍ଡି ମେଲେଇ ବସିଛନ୍ତି। ତାଙ୍କର ଘୁମ କାହିଁ ଯେ ଚାଉଳ ରଖିବା ପାଇଁ? ଭାତଠାରୁ ତ ଲୋକେ ଆଜିକାଲି ବେଶି ରୁଟି, ପିଜା, ବର୍‌ଗର, ଚାଉମିନ୍ ଖାଇଲେଣି। ଅଛାଡ଼ି ପାଛୁଡ଼ି କୁଲାରେ କୁଲାଏ ଚକ୍ଷୁ ହେଲେ କୁଆଡ଼େ କ'ଣ! ସେଥିପାଇଁ ଆଜିକାଲି କେତେ ସଂଖ୍ୟାରେ ଛପା ହେଉଛି ଯେ ବହି ଗଦା ହେବ? ସାହିତ୍ୟିକର ପରିଚିତି ପାଇଁ ପ୍ରୟୋଜନ ପ୍ରକାଶିତ ପୁସ୍ତକ ଏବଂ ଯୋଉ ପୁଳାଏ ପଇସା ଲୋଡ଼ା ପ୍ରକାଶନ ପାଇଁ ତା'ର ଅଭାବ ନାହିଁ ପରିଚିତିପ୍ରୟାସୀ ବାବୁ ଓ ବାବୁଆଣୀମାନଙ୍କ ପାଖରେ। ସେମାନେ ଲେଖୁଛନ୍ତି କବିତା, ଆଧୁନିକ ଅବୋଧ ଗଦ୍ୟକବିତା। ଏହା ସେମାନଙ୍କ ପାଇଁ ସହଜ ସାଧନ ପାଲଟିଛି। ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ 'ଶେଷ କବିତା'ର 'ଧୋବା ହିସାବ' କବିତା ଭଳି ତାଳିର ତୋଫାନ ସମନ୍ୱିତ ଆବୃତ୍ତି ଓ ସମାଲୋଚନା ଭିତରେ ଏପରି 'ଧୋବା ହିସାବ'ଜାତୀୟ କବିତା ପାଣିଚିଆ ପ୍ରଶଂସାରେ ପଚପଚ ହେଇଉଠୁଛି।

> **ଏବେ ପରା ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା; ଓଲଟି ବହି ଛପା ହେବା ପୂର୍ବରୁ ଲେଖକ 'ଫୟାଲିଟି' ଗଣୁଛନ୍ତି ପ୍ରକାଶକଙ୍କୁ।**

"କହିକମଳୀ ମାଳିଆଣୀ କବିତା କିନ୍ତୁ ଆଜିକାଲି ଆଚ୍ଛା ଆଚ୍ଛା ଅସୂର୍ଯ୍ୟଂପଶ୍ୟ ଅମଲା ଅଧିକାରୀଙ୍କୁ କୁଆଡ଼େ କାନିରେ ବାନ୍ଧି ବୁଲୁଛି। ଆପଣା ପ୍ରେମପାଲରେ ପଟେଇ ରଖିଛି

ବହୁ ପ୍ରଶାସନିକ ପ୍ରାଧିକାରୀଙ୍କୁ, ବହୁ ପାଟଅମଲାଙ୍କୁ, ସରକାରୀ ଶାର୍ଦ୍ଦୁଳଙ୍କୁ, ନଥିପତିଙ୍କୁ, ଧଳାହାତୀଙ୍କୁ। ଏହୁଁଏହୁଁ ଦପ୍ତରଚର ଭେଣ୍ଡାଙ୍କୁ ମନ୍ତୁରା ଫୁଲ ଶୁଙ୍ଘେଇ ମେଣ୍ଢାକରି ବାନ୍ଧି ରଖିଛି ଆପଣା ବାରିପିଣ୍ଡା ଖୁଣ୍ଟରେ। ଆଜିକାଲି ସାହିତ୍ୟ ସୀମାନ୍ତରେ ଯେତେ ସବୁ ମାଇଲି ଖୁଣ୍ଟ, କିଲୋମିଟର ଖୁଣ୍ଟ ପୋତାହେଉଛି, ଏଇ ମେଣ୍ଢାମାନେ କୁଆଡ଼େ ରାତିରେ ଭେଣ୍ଡା ହେଇ ଅଧିକାଂଶ ଖୁଣ୍ଟ ପୋତୁଛନ୍ତି । ପୁରସ୍କାରର ପାଟକନା ଓ ପେଡ଼ିସଜଗୁଡ଼ାକୁ ଏମାନେ କୁଆଡ଼େ କୋଉ ଖଞ୍ଜରେ ଉଠେଇ ଆଣି କବିତାର କଣଘର ସିନ୍ଦୁକରେ ସାଇତି ଦଉଛନ୍ତି । କବିତାର କଣ ଆଉ କନ୍ଦିଘରମାନଙ୍କରେ କବିମାନେ ବଡ଼ ସରାଗରେ କବିତାକୁ କୁଣ୍ଢେଉଛନ୍ତି । କୋଳରେ ବସେଇ ଥେଇକି ନାଟ କରୁଛନ୍ତି। କେତେ ରଙ୍ଗରେ କୁତୁକୁତୁ କରୁଛନ୍ତି । ପଦକୁ ପଦ ଲହରେଇ ଦୋହରେଇ କଅଁଳେଇ କୁହାଟୁଛନ୍ତି । ଅତି ଅଭିଳାରେ କବିତାକୁ ଆଉଁଶୁଛନ୍ତି। ଘଷାମୋଡ଼ା କରୁଛନ୍ତି । କବିତା କନ୍ଦିରୁ ଯାଇ ସାହିତ୍ୟ ସନ୍ଧିରେ ପଶୁଛନ୍ତି। ସାହିତ୍ୟ ସନ୍ଧିମାନ କରୁଛନ୍ତି। କିନ୍ତୁ ପ୍ରବନ୍ଧ ପଡ଼ିରହୁଛି ଅପୁଛା ଆଲୋଡ଼ା ହେଇ, ଅଲେଖା ଅପଢ଼ା ହେଇ । କବିତା ପାଇଁ କୋଠା ଓ କୋଠରିମାନ ନିର୍ମାଣିସାରି ଏମାନେ କୁଆଡ଼େ ଏବେ କୋଣାର୍କଟାଏ ନିର୍ମାଣୁଛନ୍ତି । ଆହା ! ଏମାନେ ବିଚରା ପ୍ରବନ୍ଧ ପାଇଁ କୋଉଦିନ ଇନ୍ଦିରା ଆବାସଟାଏ କରେଇ ଦିଅନ୍ତେନି ? କେଜାଣି, କୋଉଦିନ ମା' ସରସ୍ୱତୀ ଯା'ଙ୍କ କଣ୍ଠରେ ବିଜେ ହଉଛନ୍ତି ଦେଖାଯାଉ।



କବିତା କେହି ଲେଖି ଶିଖାଏ ନାହିଁ। କୌଣସି ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ 'କବିତା ଲିଖନ' ବୋଲି ଏକ ବିଷୟ ନାହିଁ । ତେବେ ଓଳିଆ ଫିଟେଇଲା ବେଳକୁ କବିତା ବିହନରେ ଏତେ ଗଜା କୋଉଠୁ ଆସୁଛି ? କେତେକ ଅନୁଭବୀ କହନ୍ତି, କୌଣସି ସୁନ୍ଦରୀକି ଦେଖି ଛାତିରେ ଯନ୍ତ୍ରଣା ହେଲେ କୁଆଡ଼େ କବିତା ବିନା ଜଳ, ବାୟୁ ଓ ଉତ୍ତାପରେ ସୁଦ୍ଧା ଓଳିଆ ଫୁଟେଇ ଗଜୁରି ଉଠେ। ଆଉ କେତେକ କହନ୍ତି, କବିତା କୁଆଡ଼େ ହୃଦୟରୁ ସ୍ଫୁରେ, ବେଳେବେଳେ ତଳମୁହାଁ ହେଇ ଭିଡ଼େଇଦେଲେ କବିତା କୁଆଡ଼େ ନାହିମୁଣ୍ଡାରୁ ବି ଉଠେ।" ('ପାଠକପ୍ରିୟ ପ୍ରବନ୍ଧ'- 'ବିଧବା ବେଶ ବିରୋଧରେ' ପୁସ୍ତକ)

**ପୁସ୍ତକ ପ୍ରକାଶନର ପାଟଅଗଣା**

ପୁସ୍ତକ ପ୍ରକାଶନର ପାଟଅଗଣାରେ ପଇସା ଦେଇ ପୁସ୍ତକ ପ୍ରକାଶ କରିବାର ପ୍ରଦୂଷିତ ପରମ୍ପରା ପ୍ରଥମେ ପୂରେଇଛନ୍ତି କିଛି ପାଟଅମଲା, କିଛି ଅତିବଡ଼ୀ ସରକାରୀ ଦାସ, କିଛି ଅମଲା କୁଳଚନ୍ଦ୍ରମା, ଦପ୍ତରଚର ମହାବଳ। ଏମାନେ ହାତରୁ ପଇସା ଦିଅନ୍ତିନି; କେହି ଅନୁଗୃହୀତଙ୍କ ମାଧ୍ୟମରେ ଏମାନେ ପ୍ରକାଶକାୟ ସ୍ୱାହା କରନ୍ତି। ମହାବଳୋ ଯେନ ଗତଃ ସଃ ପନ୍ଥା ନ୍ୟାୟରେ ମାଧ ମାହାନ୍ତିଙ୍କ କନିଆଁ ସାଙ୍ଗେ ଚନ୍ଦୁରୀ ନାନୀ ବାଇ, ସେ ସୁନା ଗଡୁ ଧରି ଗଲେ, ଏ ମାଟି ଗଡୁ ଧରି ଯାଇ। 'ଦେବ, ଦିଆଇବ'ର ଦିଇଟା କଥାରୁ ମାଧମାହାନ୍ତିଙ୍କ କନିଆଁମାନେ ଦିଆଉଥିବା ବେଳେ ଚନ୍ଦୁରୀନାନୀମାନେ ଦିଅନ୍ତି, ଦେଇକି ବହି ଛପେଇ ନିଜକୁ ସାହିତ୍ୟିକା ବୋଲାନ୍ତି।

ଅତିବଡ଼ୀ ସରକାରୀ ଦାସମାନେ ଭଲଭାବେ ଜାଣନ୍ତି ତାଙ୍କ ବେକରୁ ସରକାରୀ ପଦପଦବୀର ଘଣ୍ଟିଘାଗୁଡ଼ି କାଢ଼ି ଥୋଇଦେଇ ଉପାଧି ଆଧିପତ୍ୟର ଅଗଣାରୁ ଅବସର ନେଲେ, ଏମାନଙ୍କୁ କେହି ଆଉ ବାସି ମୁହଁରେ ବି ପଚାରିବେ ନାହିଁ। ନଖ ଦାନ୍ତ ଝଡ଼ିଯାଇଥିବା ସର୍କସର ବୁଢ଼ାବାଘକୁ ଖୁଆଡ଼ ଭିତରୁ ଖାମିଦ ବାହାର କରିଦେଲେ କଇଁଥା ବାଇଗଣ ଭଳି ଦିଶୁଥିବା ଚମଛଡ଼ା ଧେଡ଼ିଙ୍ଗୀ କୁତ୍ତୀ ବି ତାକୁ ଭାଉଭାଉ ହେଇ ଗୋଡ଼େଇ ଗୋଡ଼େଇ ତଡ଼ିବ। ସେଥିପାଇଁ 'ବେଳ ଥାଉଁ ବନ୍ଧ ବାନ୍ଧରେ କୁମର' ନ୍ୟାୟରେ ଏଇ ନଥିଚାଷୀମାନେ ସାହିତ୍ୟଚାଷୀ ବନିଯାଉଛନ୍ତି। ପ୍ରକୃଷ୍ଟ ଭାବେ ବନ୍ଧ ବାନ୍ଧି ପ୍ରବନ୍ଧ ଚାଷ କରିବାର ପୌରୁଷ ଏମାନଙ୍କର ନାହିଁ। ସେଇଥିପାଇଁ ବୃତ୍ତିରୁ ବିଦା ହେବା ପୂର୍ବରୁ କୃତିକୁ କୁଣ୍ଢେଇବାକୁ ଯାଇ ଏମାନେ କବିତା ସହ କେଳି କରିବାକୁ ସହଜ ମଣୁଛନ୍ତି।

'ରାଣୀ ପାଡ଼ିଛନ୍ତି' କହିଲେ ସବୁ ଗନ୍ଧ ପାଡ଼ଗୁଡ଼ାକ ମହମହ ବାସ୍ନାରେ ମହକି ଉଠିବା ଭଳି 'ସାର୍ ଲେଖିଛନ୍ତି' କହି ବହୁ ପଦୋନ୍ନତି ପ୍ରୟାସୀ, ବଦଳିବିକଳ ସମାଲୋଚକ ପଙ୍କରୁ କୋଚିଆ ପକଡ଼ିବା ପରି ସେ କବିତା ଭିତରୁ ଏମିତି ସବୁ ସିମିଲି, ମେଟାଫର୍ ଭଳି ମୂଳାଗୁଡ଼ାକୁ ପକଡ଼ିକି ଚୋବାନ୍ତି

ଯେ ସାଧାରଣ ପାଠକପଲ କାଲମିତି ଅନେଇଥାନ୍ତି । ସାହିତ୍ୟର ଦାଣ୍ଡ ମଝିଟାରେ ସାଧାରଣ ପାଠକ ଜଳକା ହେଇ ଚାହିଁଥାନ୍ତି ଆଉ ଏଇ ମହାବଳ ମହାପାତ୍ରମାନେ ସବୁ ମାରିନେଇ ଯାଉଥାଆନ୍ତି । ସିଜରିଆନ୍ ହେଇ ମହାବଳଙ୍କ ଗର୍ଭରୁ ଜନ୍ମ ନେଉଥିବା ଅଣ୍ଡିରିଚଣ୍ଡୀ କବିତାର ପଞ୍ଝୁଆଡି ବା ଉଠିଆରି ନ ଯାଉଣୁ ତୋଷାମୋଦିର ତେଲହଳଦୀ ମାଲିସ କରି ବଦଳିବିକଳ ସମାଲୋଚକମାନେ ତା' ଜାତକ ନାଆଁ ରଖନ୍ତି– 'ଗଦ୍ୟ କବିତା'। ହୟୋ ବାବୁ! କବିତା ତ କବିତା, ଗଦ୍ୟ ତ ଗଦ୍ୟ, ପୁଣି 'ଗଦ୍ୟ କବିତା' ହେଲା କେମିତି ? ତମେ ଆଜି ଯଦି 'ଗଦ୍ୟ କବିତା' କହିଲଣି, କାଲିକି ତମେ 'ଅଣ୍ଡିରା ଗାଈ' ନ କହିବ କାହିଁକି ? କୁହ ପଛେ, କିନ୍ତୁ "କବିତା ହୁଏନି ବନ୍ଧୁ ପଦ ସଙ୍ଗେ ଯୋଡ଼ିଦେଲେ ପଦ; କବିତା ହୁଏନି ବନ୍ଧୁ ସୁର୍ ଧରି ବୋଲିଦେଲେ ଛନ୍ଦ।"

**ମାଲମାଲ କବିତା**

'କବିତା ହୁଏନି' କାହିଁକି, କବିତା ହେଉଛି ନା, ନହେଲେ ମାଲମାଲ କବିତା ବହି ବାହାରନ୍ତା କେମିତି, ନିଇତି କବିତା ପାଠୋତ୍ସବମାନ ହୁଅନ୍ତା କେମିତି, କବିଙ୍କ ଗହଳିରେ ସଭାସ୍ଥଳ ଗହଗହ ଲାଗନ୍ତା କେମିତି ? ସାଂସ୍କୃତିକ ଜାଗରଣର ସ୍ଲୋଗାନ ଦେଉଥିବା କବିତା ସାହିତ୍ୟ ସାହିକି ଗୋଟାସୁଦ୍ଧା ଅବଶ୍ୟ ଅଧିକାର କରିନି । ପ୍ରାବନ୍ଧିକ ଶରତ କୁମାର ମହାନ୍ତିଙ୍କ ଆକଳନରେ "ଶତକଡ଼ା ସତୁରି ଜଣ ସାହିତ୍ୟିକ କବିତା ଲେଖିବା କ'ଣ ସାଂସ୍କୃତିକ ଜାଗରଣର ଲକ୍ଷଣ ?"('ରୋମନ୍ଥନ'– କ୍ୟାରିଅରିଷ୍ଟ ସାହିତ୍ୟ ଚାଷ ପ୍ରସଙ୍ଗ) । ତେବେ ବାଦ୍‌ବାକି ଶତକଡ଼ା ତିରିଶିରୁ ଗପ, ନାଟକ, ଉପନ୍ୟାସର ଭାଗ କେତେ ଓ ପ୍ରବନ୍ଧର ଭାଗ କେତେ ? କେତେକ ଯଶବାନା ଉଡ଼ାଉଥିବା ସାହିତ୍ୟିକ ସଙ୍କର ଜାତୀୟ ଅଧିକ ଅମଳକ୍ଷମ କବିତା ଏବଂ ନାଟକର ବିଦେଶୀ ବିହନ ଆଣି କୃତ୍ରିମ ପ୍ରଜନନ କରି ପରୀକ୍ଷାମୂଳକ ଭାବେ ଯୋଉ ଅବୋଧ ଗଦ୍ୟକବିତା ଏବଂ ଉଦ୍ଭଟ ନାଟକ ଉପୁଜେଇଲେ, ସେ 'ପରୀକ୍ଷାମୂଳକ'ରୁ ପାଠକେ 'ପରୀକ୍ଷା'କୁ ତ ପ୍ରେମେଇଲେନି, 'ମୂଳକ'ଟିଏମାନ ଯାହା ପାଇଲେ। ପରବର୍ତ୍ତୀ କାଳରେ ଅଜୟ ସ୍ୱାଇଁ, ରମାକାନ୍ତ ମିଶ୍ର, ସରୋଜ ବଳ, ଜାକିର୍ ଖାଁ ଭଳି କେତେଟା ଟୋକା କବିତାର ଅଣ୍ଡିରାତ୍ୱ ବଜାୟ ରଖି ତାକୁ ବୋଧ୍ୟ ବୋଧନ କରି ପାଠକଙ୍କ ପାଖକୁ ଫେରାଇ ଆଣିଛନ୍ତି । ଉଦ୍ଭଟତାର ଉତ୍ପାତରୁ ମଞ୍ଚରେ ମରିଯାଉଥିବା ନାଟକକୁ ରତି ମିଶ୍ର, ବିଜୟ ମିଶ୍ର, ଆନନ୍ଦ ପହି, ନାରାୟଣ ସାହୁ, ବୀରେନ୍ଦ୍ର ବେବର୍ତ୍ତା ପଟ୍ଟନାୟକ, ଚନ୍ଦ୍ରଶେଖର ନନ୍ଦ, ଗୋପାଳ ପଟ୍ଟନାୟକ ଓ ଦିଲ୍ଲୀଶ୍ୱର ମହାରଣା ଆଦି ରକ୍ଷାକରି ପୁନର୍ଜୀବନ ଦେଇଛନ୍ତି । ଗଳ୍ପରେ ଗଳିପଡ଼ି କୋଉଠି କେମିତି କ'ଣ ହେଇଛି ସିନା, ଗଳ୍ପ ଉପରେ ପରୀକ୍ଷାର ପ୍ରତ୍ୟକ୍ଷ ପାହାର ପଡ଼ିନି । ସେଇଥି ପାଇଁ ଅବଶିଷ୍ଟ ତିରିଶି ଭାଗ ଭିତରୁ ଗପର ଗୁରୁତ୍ୱ ଓ ଗରିଷ୍ଠତା ଅଧିକ; ଆଦର ଅଧିକାର ବି ଅଧିକ। ତେଣୁ ଅବଶିଷ୍ଟ ତିରିଶି ଭାଗରୁ ଗଳ୍ପର ସିଂହ ଭାଗ ଥୁଆ। ସେ ଟୁପୁସୀମୁହାଁ ବଳପଶୀ ଅଣ୍ଡିରିଚଣ୍ଡୀ କବିତା ସିନା ଜବରଦଖଲ କରି ବେଶି ଜାଗା ମାଡ଼ି ବସିଛି, ହେଲେ ନ୍ୟାୟତଃ ଗଳ୍ପର ବେଶି ଭାଗ ପଡ଼ିବା କଥା। ଖୁଦମଲୁଖ ହେଇ ଯାହା ବି ରହିବ ସେଥିରୁ ପ୍ରବନ୍ଧ ପାଇଁ ଶତକଡ଼ା ଏକ ଭାଗ ପଡ଼ିବ କି ନାହିଁ ସନ୍ଦେହ।

**'ପ୍ରବନ୍ଧ ଲିଖନ' କିନ୍ତୁ ପାଠ୍ୟଖସଡ଼ାରେ ପଙ୍ଗା ପାଇ ପାଉତି କାଟୁଥିବା ଏକ ସ୍ଥିତିବାନ୍ ପାଠ୍ୟ ।**

ପ୍ରବନ୍ଧ ଭାଗ୍ୟରେ ଯୋଉ ଏକ ଭାଗ ବି ପଡ଼ିବ, ସେଥିରେ ପୁଣି ମୌଳିକ ପ୍ରବନ୍ଧର ଭଗାରିଭାଇ ଓଡ଼ିଆ ସାହିତ୍ୟରେ ଏକ କରୁଥିବା ପ୍ରବନ୍ଧଗୁଡ଼ାଙ୍କର ତିନିପା ଭାଗ। କିଏ କେଜାଣି କୋଉଦିନ ଏ ପ୍ରବନ୍ଧସବୁକୁ ଏକ କରିବାରୁ ଆରମ୍ଭ କରିଥିଲା ଯେ ଏବେ ବି ସେଇ ଏକରୁ ଆରମ୍ଭ କରୁଛନ୍ତି ଅନେକେ– ମାନସିଂହ ସାହିତ୍ୟରେ ଆତ୍ମଗଛ – ଏକ ବିହଙ୍ଗ ଦୃଷ୍ଟି; ଓଡ଼ିଆ ସାହିତ୍ୟରେ କରକଙ୍କଣ – ଏକ ପରିମାପ; ଓଡ଼ିଆ ଲୋକସାହିତ୍ୟରେ ଏଣ୍ଡୁରିପିଠା – ଏକ ଆସ୍ୱାଦନ; ରାଧାନାଥଙ୍କ ଚିଲିକାରେ ଚୁଙ୍ଗୁଡ଼ିଆ ଦଳ – ଏକ ପରିଷ୍କରଣ; ଫକୀରମୋହନ ସାହିତ୍ୟରେ ଅବଧାନ – ଏକ ଅବଲୋକନ ଇତ୍ୟାଦି। ଏଇ ବୃତ୍ତିବାଧ୍ୟ ପ୍ରବନ୍ଧସବୁ କେବଳ ପିଏଚ୍.ଡ଼ି. ପ୍ରଦାୟକ, ଦରମାପ୍ରବର୍ଦ୍ଧକ, ପଦୋନ୍ନତିପ୍ରବୋଧକ, କିନ୍ତୁ ଏ ସବୁ ପ୍ରବନ୍ଧକୁ ପାଠକ ମଙ୍ଗନ୍ତି ନାହିଁ।


ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ପ୍ରବନ୍ଧ ଲିଖନ' କିନ୍ତୁ ପାଠ୍ୟଖସଡ଼ାରେ ପଙ୍ଗା ପାଇ ପାଉତି କାଟୁଥିବା ଏକ ସ୍ଥିତିବାନ୍ ପାଠ୍ୟ । ଏଥିପାଇଁ ନମ୍ବର

ଦିଆଯାଏ, ଏଥିପାଇଁ ନମ୍ବର ବି କଟାଯାଏ । ପ୍ରବନ୍ଧର ସ୍ଥାପତ୍ୟ ଶିଖଉଥିବା ଆମର ମାଷ୍ଟ୍ରମହାଶୟମାନେ ପ୍ରବନ୍ଧର ଦାଣ୍ଡଦୁଆର କେମିତି ହବ, ମଝିଖଞ୍ଜା କେମିତି ହବ ଓ ବାଡ଼ିଦୁଆର କେମିତି ହବ- ଏଇ ତିନିଟା କଥାକୁ ଛାତ୍ରଜୀବନଟା ସାରା ଘୋରିବାଟି ପିଲାଙ୍କୁ ପିଆଇଥାନ୍ତି। ଏବେ ମଧ୍ୟ କିଛି ସାହିତ୍ୟଶାର୍ଦ୍ଦୁଳ, କିଛି ଗଦ୍ୟଗନ୍ତାଇତ ବୁଢ଼ା ବୟସରେ ପ୍ରବନ୍ଧ ଲେଖିବାକୁ ଯାଇ ଏଡ଼େଏଡ଼େ ଅକ୍ଷରରେ ଆରମ୍ଭ କରନ୍ତି 'ଉପକ୍ରମ'ରୁ ଏବଂ ଶେଷ କରନ୍ତି 'ଉପସଂହାର'ରେ। 'ଉପକ୍ରମ' ଆଉ 'ଉପସଂହାର'- ଏଇ ଶବ୍ଦ ଦି'ଟା ନ ଲେଖିଲେ ନିଶ୍ଚିତ ନମ୍ବର କଟିଯିବ ବୋଲି ହୁଏତ ଏବେ ବି ଏମାନଙ୍କର ଭୟ । ଜଟାଧାରୀ ମାଷ୍ଟ୍ରେ ରଚନା ଓ ପତ୍ରଲିଖନ ଶିଖାଇବା ବେଳେ ଯାହା ଶିଖେଇ ଯାଇଛନ୍ତି, ସେଥିରୁ ମାତ୍ରାଏ ବି ଏପଟ ସେପଟ କରନ୍ତି ନାହିଁ ଏଇ ବରାଙ୍ଗୀମାନେ। ଏଣୁ ପ୍ରବନ୍ଧରେ ପରିବର୍ତ୍ତନ ଆସିବ କୁଆଡୁ?

**ସେଇ ଷଡ଼ିଙ୍ଗୀ**

ପ୍ରବନ୍ଧରେ ଏବେବି "ସେଇ ଇସୁକୁଲୁ, ସେଇ ବୋଡିଙ୍ଗି । ସେଇ ଡାଲିପାଣି, ସେଇ ଷଡ଼ିଙ୍ଗୀ ।" ପ୍ରବନ୍ଧରେ ଡାଲିଟା ଆଉ ବହଳିଆ ହବନି ଯୋଉ ଯାଏ ଷଡ଼ିଙ୍ଗୀ ଭାଇନା 'ଉପକ୍ରମ'ରୁ ଡାଲି ସିଝାଇବା ଆରମ୍ଭ କରୁଥିବେ । ଏତେକରି ସୁଦ୍ଧା ପାଠରେ ଡୋରି ବନ୍ଧା ହବା ପରେ ଅଧିକାଂଶ ପ୍ରବନ୍ଧ ପଢ଼ନ୍ତି ନାହିଁ, ଲେଖନ୍ତି ନାହିଁ କି ଋଖନ୍ତି ନାହିଁ; କାରଣ - ପ୍ରବନ୍ଧଟା ଏବେ ବି ତାଙ୍କ ପାଇଁ ପାଣିଆ; କାରଣ - ଗପ କବିତା ଭଳି ପ୍ରବନ୍ଧ ସୁଆଦିଆ ନୁହେଁ; କାରଣ - କବିତା ଭଳି ପ୍ରବନ୍ଧ କାନ୍ଦିପାରିବନି, ହସି ପାରିବନି, ପ୍ରେମ କରିପାରିବନି ବା ଅଣ୍ଟାହଲା ଋଲି ଋଲିପାରିବନି । ପ୍ରବନ୍ଧର ରାଗ, ବିରାଗ, ସରାଗ ରହିବ ନାହିଁ । ଆବେଗ, ଅନୁରାଗ ରହିବ ନାହିଁ । ପ୍ରବନ୍ଧର ଏବେ ବି ପଣ୍ଡିତଙ୍କ ହାତର ପାଞ୍ଚଣକୁ ପ୍ରାଣେ ଭୟ। ପ୍ରବନ୍ଧ ଏବେ ବି ପରମ୍ପରାପୀଡ଼ିତ, ପରାଧୀନ ।

ପ୍ରବନ୍ଧ ଦାନ୍ତଚିପି ଅଳପ କଥା କହିବ । ସାଧୁଭାଷା ନ କହିଲେ ପ୍ରବନ୍ଧ ଅସାଧୁ ହେଇଯିବ, ଅଜାତିଆ ହେଇଯିବ । ପ୍ରବନ୍ଧକୁ ସାବାଡ଼ କରିବା ସକାଶେ ପଣ୍ଡିତମାନେ ବହୁ କାଇଦା କଟକଣାମାନ କରିଛନ୍ତି, ପ୍ରବନ୍ଧ ପଳେଇଯିବ ବୋଲି ବହୁ ବନ୍ଧ ଓ ବାଡ଼ମାନ ପକେଇଛନ୍ତି, ବହୁ ଖମା ଓ ଖାଇମାନ ଖୋଳିଛନ୍ତି । ତା' ପାଇଁ ବହୁ ଅଜାତି, ବିଜାତି, ଉପଜାତିର ଭିଆଣ କରିଛନ୍ତି । କଥା କହୁ କହୁ ଯଦି ପ୍ରବନ୍ଧ ଟିକିଏ ଦାନ୍ତ ନିକୁଟିଦେଲା, ଟିକିଏ ହସିଦେଲା, ପଣ୍ଡିତମାନେ ତାକୁ ଜାତିରୁ ବାଛନ୍ଦ କରି ତଡ଼ିଦେବେ - "ଯା.. ଯା... ଏଇଟା କରଣ ମାହାନ୍ତି ନୁହଁ, ଏଇଟା ଚଷା ମାହାନ୍ତି; ଏଇଟା ଶାସେନୀ ବ୍ରାହ୍ମଣ ନୁହଁ, ଏଇଟା ହଳୁ ବ୍ରାହ୍ମଣଟାଏ । ଇଏ ଜାତି ମାରାକଲା। ଏଇଟାକୁ ରମ୍ୟରଚନା ରାଇଜକୁ ଦେଶାନ୍ତରୀ କରିଦିଅ।" କଥା କହୁ କହୁ ପ୍ରବନ୍ଧ ଯଦି କୋଉଠି କାହାକୁ ଚୁମୁଟିଦେଲା, ତେବେ ପଣ୍ଡିତେ କହିବେ- "ଏଇଟା ସୁଦୁ ଖବିସା ଖେଚଡ଼ଟାଏ ହୋ! ଏଇଟାକୁ ବ୍ୟଙ୍ଗବସ୍ତିକୁ ପଠେଇ ଦିଅ।" ଯଦି ପ୍ରବନ୍ଧ ବେଶି ଗପିଲା, ପଣ୍ଡିତେ କହିବେ - "ଏଇଟା ଗପୁଡ଼ିଟାଏ ତ! ଯାକୁ ନେଇ ଗଳ୍ପଗଳିରେ ଛାଡ଼ିଆସ, ସେଇଠି ବସି ଗପୁଥାଉ।" ପ୍ରବନ୍ଧ ଯଦି ଅଧିକ ଆଳାପ କଲା, ବିଳାପ କଲା, ସଂଳାପ କଲା, ପଣ୍ଡିତେ କହିବେ- "ଇରେ ଏଇଟା ତୁଚ୍ଛା ନାଟୁଆଟାଏ ହେ! ଏଇଟାକୁ ନାଟ୍ୟନଗରୀକୁ ଜଲ୍‌ଦି ଋଲାଣ କର।" ପ୍ରବନ୍ଧ ଯଦି ଟିକିଏ ଗହୀରକୁ ଗଲା, ପଣ୍ଡିତେ ପାଟି କରିବେ- "ଏଇଟା ଗବେଷଣିଆଟାଏ ହୋ! ଏଇଟାକୁ ଗବେଷଣା ଗୁହାଳରେ ଗଡ଼େଇଦିଅ, ସେଇଠି ବସି ଗୋ ଏଷଣା କରୁଥାଉ।" ପ୍ରବନ୍ଧ ଲେଖୁ ଲେଖୁ, ଲେଖା ଯଦି ହାଲୁକା ହେଇଗଲା, ଲେଖାର ଏଇ ଭଗାରିମାନେ କହିବେ- "ଏଇଟା ଲହକା ଲକଲକିଆଟାଏ। ଏଇଟାକୁ ଲଘୁରଚନାର ଲଙ୍କମୁହିଁରେ ନେଇ ବସେଇ ଦିଅ ।"



ପ୍ରବନ୍ଧକୁ ଯାହା ଦେଇଥିଲ ସବୁ ତ ନେଲଣି ଆଉ କିସ ଅଛି ଛଡ଼ାଇବ ହେ? ପ୍ରବନ୍ଧର ହାତ ନେଲ, ଗୋଡ଼ ନେଲ, ଆଖି, କାନ, ନାକ ନେଲ, ପାଟି ନେଲ; ଆଉ ତେବେ ରହିଲା କ'ଣ ? କୋଉଟାକୁ ଏବେ ପ୍ରବନ୍ଧ କହିବା ? ପୁଳାଏ ଶୁଖିଲା ଶବ୍ଦକୁ ଗଣ୍ଠିଲିକରି ଗରିଣ୍ଡା ଭଳି ଗଡୁଥିବା ଏଇ ଗଦ୍ୟମାଦଳକୁ?

□□

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com



ରମ୍ୟରଚନା

# ସାହିତ୍ୟ ହାଟରେ ଦିନେ

ଅଭୟ ଦାଶ

ଆମ ଓଡିଶାରେ ସାହିତ୍ୟ ଚାଷ ଏମିତି ଜୋରରେ ଚାଲିଛି ନିଜେ ନ ଦେଖି ବିଶ୍ୱାସ କରି ହୁଏନି । ଏ ଖବରକାଗଜ, ସୋସିଆଲ ମିଡିଆ, ଇଲେକ୍ଟ୍ରୋନିକ୍ ବା ଯାନ୍ତ୍ରିକ ମିଡିଆ ଉପରେ କେଉଁ ବିଶ୍ୱାସ ? ଆଜିକାଲି ଯା' ଭିତରକୁ କୃତ୍ରିମବୁଦ୍ଧି ବି ପଶିଆସିଲାଣି । ଆମ ପିଲାଦିନେ ଯେବେ ପ୍ରଥମକରି ରେଡିଓ ଦେଖିଲୁ, ଆଖି ଖୋସି ହୋଇଯାଇଥିଲା । ଗୋଟାଏ ବାକ୍ସ କେତେକଥା କହୁଛି ? ତା' ଦିହକୁ ଆଉ ଗୋଟାଏ ବାକ୍ସ ଲାଗିଛି, ଦୁଇଟା ବଡ଼ ବାଉଁଶ ପୋତାହୋଇ ତାର ବନ୍ଧା ହୋଇ, ସେ ତାରରୁ ଆଉ ଗୋଟାଏ ତାର ଆସି ରେଡିଓରେ ଲାଗିଛି । ସେ ରେଡିଓ କଥା, କହୁଛି । ତାକୁ କଥା କୁହାଉଛି ସେ ବିରାଡ଼ି ମାର୍କା ବାକ୍ସଟା, ଯାହାକୁ ବେଟାରି କହୁଥିଲେ । ବେଟାରି ମାନେ ପାୱାର । ଜୀବାତ୍ମା । ସେ ବେଟାରିଟା ଟେକିବାକୁ ଗୋଟାଏ ମୂଲିଆ ଲାଗୁଥିଲା । କଟକରୁ ମୁଣ୍ଡେଇକରି ଆଣିବ ଝାଳ ନାଳ ଆଣ୍ଠୁଏ ହୋଇ । ଦି'ଘଡ଼ି ଥକାମାରି କଂସାଏ ପଖାଳ ଡେଣ୍ଡିଦେଲାପରେ ତା'ର ହୋସ୍ ଆସେ । ତା' ପରେ ରେଡ଼ୁଅ ଗୀତ ଶୁଣାଏ, "ଥକାମନ ଚାଲ ଯିବା, ଚକା ନୟନ ଦେଖିବା । ଶଂଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।" ସଜଫୁଲ, କୃଷି ସଂସାର, ମଙ୍ଗୁଳି ମଉସା କାର୍ଯ୍ୟକ୍ରମ ସବୁ ଶୁଣି ଆମେ ବଡ଼ ହୋଇଛୁ । ଏସବୁକୁ ଆମେ ସାହିତ୍ୟର ଏକ ରଞ୍ଜା ବୋଲି କହିପାରିବା ।

**କେହି ଜଣେ ମୁଣ୍ଡ ବୁଲା କବି ଲେଖିଦେଲେ, 'ବିନାଶ୍ରୟେ ନବର୍ତ୍ତନ୍ତେ କବିତା, ଲେଡିଜ୍, ଲତା ।'**

### ବିନାଶ୍ରୟେ ନବର୍ତ୍ତନ୍ତେ


ଆମ ଗାଁରେ ଜହ୍ନି କି କଖାରୁ କାକୁଡ଼ି ପାଣିକଖାରୁ ମନ୍ଦାଏ ଲଗାଇ ଚାଳ ଉପରକୁ ମଡ଼ାଇବାକୁ ହେଲେ ରଞ୍ଜା ଦେବାକୁ ହୁଏ । ଇଂରେଜିରେ ସେ ଝାଟି ବତା ବାଉଁଶକୁ ସପୋର୍ଟ୍ କହିପାରନ୍ତି । ସେଥିପାଇଁ ବୋଧେ କେହି ମୁଣ୍ଡ ବୁଲା କବି ଲେଖି ଦେଲେ, ବିନାଶ୍ରୟେ ନବର୍ତ୍ତନ୍ତେ କବିତା ଲେଡିଜ୍ ଲତା । ସେ ଯୁଗକୁ ସେ ପଦକ ଫିଟ୍ ଥିଲା ସିନା, ଆଜି ହୋଇଥିଲେ ମାନହାନି ମକଦ୍ଦମା । 'କ୍ଷମା ମାଗ ହାଏ ହାଏ' କେତେ କ'ଣ ଶୁଣିବାକୁ ହୋଇଥାଆନ୍ତା । ଯାହାହେଉ ସେ ଲେଖକ ମରିଯାଇନି ଯେ ତରି ଯାଇଛି ! ସେ ପଦକ ବି ସେତେବେଳେ ସାହିତ୍ୟର ରଙ୍ଗ ଥିଲା । ଆଜିକାଲି ସେ ସବୁ ଅଚଳ ଦୋ'ଅଣି । ସେପରି ଭାବଧାରାକୁ ପ୍ରୋତ୍ସାହନ ଦେବା ଆତ୍ମଘାତୀ ଚିନ୍ତାଧାରା ହୋଇପାରେ । ବେଶି ଗୁଡ଼ାଏ ଫେଣେଇବା ହିତକର ନୁହେଁ । ବର୍ତ୍ତମାନ ସମୟରେ ଟିକିଏ ଜିଭରୁ ଖସିଗଲା ମାନେ ସାହିତ୍ୟ ବେପାରର ଧୁରନ୍ଧରମାନେ କେଳେଇ ପକେଇବେ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଘାଣ୍ଟିପକେଇବେ । ଭୁଲ୍ ମାଗିବାକୁ ହିଁ ପଡ଼ିବ ।

ଆମ ପିଲାଦିନେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ନାଁ ଶୁଣିଥିଲୁ । ଆମ ସ୍କୁଲରେ ନଥିଲା ସେ ଗ୍ରନ୍ଥ । ବଡ଼ ହୋଇ କଲେଜ ଯିବା ପରେ ଥରେ ଗୋଟିଏ ବିଜ୍ଞାପନ ଦେଖିଥିଲୁ, କେହି ଜଣେ ଲେଖିଥିଲେ ତାଙ୍କ ପାଖରେ ଥିବା ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଚାରିହଜାର ପାଞ୍ଚଶହ ଟଙ୍କାରେ ବିକ୍ରି କରିବାକୁ ଚାହୁଁଛନ୍ତି । ସଂପୂର୍ଣ୍ଣ ଓରିଜିନାଲ୍ ଚମଡ଼ା ବନ୍ଧେଇ ଆଦି ଲେଖାଥିବା ଆମର ମନେଅଛି । ଉଣେଇଶ ଷାଠିଏ ପଞ୍ଚଷଠି କଥା ଇଏ । ସେତେବେଳେ ଚାରିହଜାର ପାଞ୍ଚଶହ, ଆଖି ପାଏନାହିଁ । ପରେ ଦୁଇ ହଜାର ପାଞ୍ଚ ମସିହାରେ ଦେଖିଲି ଯେବେ ଆମ ମହେନ୍ଦ୍ର ଭାଇନା ତାହା ପୁନରୁଦ୍ଧାର କରି ମୋତେ ଖଣ୍ଡିଏ ସୌଜନ୍ୟମୂଳକ ପ୍ରତି ଦେଇଥିଲେ । ଭୁବନେଶ୍ୱର ପୁସ୍ତକ ମେଳାରେ ଦେଖି କିଣିବାରୁ ବିରତ ହେଲି । ନେବି ଯେ, ରଖିବି କେଉଁଠି ? ଆପାର୍ଟମେଣ୍ଟ ଘରକୁ ଏତେ ବହି ? ହେଲା ନାହିଁ । ଆଉ ସିଆଡ଼େ ମନ ଦେଇନି । ଡ଼ାକ୍ତରୀ ପାଠକୁ ସମ୍ଭାଳି ପାରୁନି, ସାହିତ୍ୟ ଚଷିବି କେଉଁଠି ? ଆଜିକାଲି

କମ୍ପ୍ୟୁଟରର ଡିଜିଟାଲ ବୋତାମ ଦାବିଲେ ଭାଷାକୋଷ କ'ଣ, ସ୍କନ୍ଦ ପୁରାଣ କ'ଣ, ସବୁ ଆପଣମାନଙ୍କ ଆଙ୍ଗୁଠି ଅଗରେ ନାଚୁଛନ୍ତି । ତା' ସାଙ୍ଗକୁ କୃତ୍ରିମବୁଦ୍ଧି ଆସିଗଲାଣି । ଯାହା ପଚାରିଲେ ସବୁ କହିବ । ସାରେ ଖାଲି ଶାସ୍ତ୍ର ପୁରାଣ ନାଁ କହି ଅମୁକ ପୃଷ୍ଠା ଅମୁକ ଅଧ୍ୟାୟ ଅମୁକ ଶ୍ଳୋକ କହି ବାହା ବାହା ନେବେ । ସଭାମଣ୍ଡପରେ ହେଉ କି ସେଠୁ ଓହ୍ଲାଇ ଆସିଲେ ହେଉ, ପଚାରିଲେ ସନ୍ତୋଷଜନକ ଉତ୍ତର ଯେ ମିଳିବ, ସେମିତି କିଛି ଗ୍ୟାରେଣ୍ଟି ନାହିଁ । ରାଗିଯାଇ ପାରନ୍ତି ? ରାଗିଗଲେ କ'ଣ ଯେ କହିବେ, ସେମିତି କିଛି ନିୟମ ନାହିଁ ।

**ସାହିତ୍ୟ ହାଟରେ ଅଭୟ ଦାଶ**

ଦିନକର ଘଟଣା, ଅଭୟ ଦାଶ ଗୋଟାଏ ସାହିତ୍ୟ ହାଟରେ ପଶିଗଲା । ଭଲ କୁର୍ତ୍ତା ପାଇଜାମା ଜ୍ୟାକେଟ୍ ପିନ୍ଧି ଛାତିରେ ଗୋଟାଏ ଗୋଲ ବ୍ୟାଜ୍ ଲଗାଇ ଉପର ତଳ ହେଉଥିବା ବାବୁମାନଙ୍କୁ ଦେଖିଲା । କେତେଜଣ ଆଗଧାଡ଼ିରେ ଟାଇଟ୍ ହୋଇ ବସି ଥାଆନ୍ତି । ଇଏ ତ ସିଏ ? ହଁ ସେଇ ମ! ଦୁଇଟା ଗଣ୍ଡାଏ ପୁରସ୍କାର ପାଇଛନ୍ତି । ଯିବ କି ତାଙ୍କ ପାଖକୁ ? କହିବ, ସାରେ ନମସ୍କାର । ଚିହ୍ନିଲେ ? ସିଏ କାହିଁକି ଚିହ୍ନିବେ ? ହଁ କହିବାକୁ କିଏ ମନା କରୁଛି ? ଛାଡ଼ ହେ । ଦେଖିବା କ'ଣ ହେଉଛି । ସଭାମଣ୍ଡପକୁ ଉଠିବାକୁ ଡକରା ଶୁଭିଲା, ସେ ଅମୁକ ବାବୁଙ୍କୁ ଫଲଣା ବାବୁ, ସମୁକ ବାବୁଙ୍କୁ ସେ ଆର ବାବୁ, କି ସେ ମାଡାମ୍‌ମାନେ ବାଟେଇ ନେବାକୁ ଅନୁରୋଧ ହେଲା । ସମସ୍ତେ ଯାଇ ବସିଗଲେ । କେହି ହଲୁନଥାନ୍ତି । କଥା କ'ଣ ? ଅସଲ ସାରେ ଆସିନାହାନ୍ତି । ଆସେମ୍ବ୍ଲିରେ କାମ ପଡ଼ିଗଲା । ଆସିବେ ନାହିଁ, କହୁନାହାନ୍ତି । ମଞ୍ଚ କୋଣରେ ବସିଛନ୍ତି ପତିତପାବନ ଓଡ଼ିଆ ଜାତିର ଗର୍ବ ଗୌରବ ମଉଡ଼ମଣି । ତାଙ୍କ ଆଗରେ ଗଛଦୀପ ଜଳିଲେ ସିନା କାର୍ଯ୍ୟକ୍ରମ ଆରମ୍ଭ ହେବ ? ସାରେ ନ ଆସିଲେ କିଏ କରିବ ସେ କାମ ? କିଏ ସେ ମୁଦିରଥ ? ଏଠି ସେସବୁ ଚଳେନାହିଁ । ସେଇ ସାରେ ଆସିଲେ ହିଁ କାର୍ଯ୍ୟ ସମ୍ପାଦନ ହେବ । ନ ହେଲେ ପାଣି ବିଜୁଳିକୁ ସାବଧାନ ! ଆମଭଳିଆ କେତେଟା ପଛଆଡ଼କୁ ଚାହିଁ ଥାଆନ୍ତି । ବେବର୍ତ୍ତା, ଟହଲିଆ, କାର୍ପେଟଦାରମାନେ ଚଞ୍ଚଳ ହୋଇ ଉଠିଲେ, ସାର୍ ଆସିଗଲେ । ଦିଆସିଲି ମହମବତୀ ଖୋଜାପଡ଼ିଲା, ଫଟୋବାଲାଏ ତାଙ୍କ ଆଗେ ଆଗେ ଚାଲିଛନ୍ତି ସାରଙ୍କୁ ମଞ୍ଚ ଉପରେ ଛାଡ଼ି କ୍ୟାମେରାର ଦୃଷ୍ଟି ପଡ଼ିଲା ଆମଆଡ଼େ । ସାରେ ଦୀପ ଜଳେଇସାରିବା ପରେ କାର୍ଯ୍ୟକ୍ରମକୁ ଆଗକୁ ଠେଲିଲେ ଉଦ୍‌ଘୋଷକ । ସାରେ ଡେରିରେ ଆସିଥିବାରୁ ଦୁଃଖ ପ୍ରକାଶ କଲେ । କାମର କଥା, ଜନତାଙ୍କ ଦୁଃଖହରଣ କାର୍ଯ୍ୟକ୍ରମ ଥିବାରୁ ବିଧାନସଭାରେ ଡେରି ହୋଇଗଲା । ଏପରି କୈଫିୟତ କେହି ମାଗିନଥିଲେ ମଧ୍ୟ ସାର୍ ତାଙ୍କଆଡୁ ଏମିତି କହିବାକୁ ନିଜର କର୍ତ୍ତବ୍ୟ ମନେକରନ୍ତି । ଏହା ଆମେ ଜାଣୁ । ସାର୍ ବି ଜାଣନ୍ତି, ଆମେ ଜାଣୁ ।



ସାହିତ୍ୟ ପ୍ରସୂତି ଗୃହରେ ଛଟପଟ ହେଉଥାଏ କେତେବେଳେ ଆସିବ ? ଆସିଲା । ଉଦ୍‌ଘୋଷକ ଘୋଷଣାକଲେ । ବଡ଼ ବଡ଼ ପୁରସ୍କାରପ୍ରାପ୍ତ କବି ସାହିତ୍ୟିକମାନେ ନିଜର ଅଭିଭାଷଣ ଶୁଣାଇଲେ । ଏମାନେ ଯାହାକୁ କହନ୍ତି ଯା'ଙ୍କ କାନ୍ଧରେ ଲକ୍ଷ୍ମୀ ସରସ୍ୱତୀ ଦୁହେଁ ବସିଛନ୍ତି । ଅଭୟ ଦାଶ ଚାହିଁ ତାଟେଙ୍ଗା ! ଆହା ହା, କି ସରଳ କି ସାଧାରଣ ବ୍ୟକ୍ତିତ୍ୱ ! ପେଟରେ କେତେ ବିଦ୍ୟା ! ଅଳ୍ପସମୟ ଯାଇଛି କି ନାହିଁ, ହଠାତ୍ ଜଣେ ସାର୍ ଗର୍ଜି ଉଠିଲେ ଉଦ୍‌ଘୋଷକଙ୍କ ଉପରେ । ଦୋଷ ? ସାର୍‌ଙ୍କ ନାଁ ଆଗରେ ପ୍ରଫେସର ଡକ୍ଟର ଦୁଇଟା ଶବ୍ଦ ଛାଡ଼ି ଦେଇଛନ୍ତି । ଗଲା ନା ପ୍ରଣବ ଅଶୁଦ୍ଧ । ଓଁ ନ ଲାଗି କେଉଁ ମନ୍ତ୍ରରେ ଦମ୍ ଆସିଲାଣି ? ଯେମିତି ମହାମହୋପାଧ୍ୟାୟ, ରାଏବାହାଦୁର, ସେମିତି ଏ ଡକ୍ଟର ପ୍ରଫେସର, ଗୋଟାଏ ପତିଆରା ! ମାନେ ସେମାନେ ଗୋଟାଏ ଅଲଗା ପ୍ରକାର, ଡିଫରେଣ୍ଟ୍ । ତୁମ ଆମ ଭଳିଆ ନୁହନ୍ତି । ସେଥିପାଇଁ ତ ତାଙ୍କୁ ଡାକିନେଇ ମଞ୍ଚ ଉପରେ ବସାନ୍ତି, ନ ହେଲେ ପ୍ରଥମ ଧାଡ଼ିର ସୋଫା ଉପରେ ବସାନ୍ତି । ସଭା ସରିଲା ବେଳକୁ ରାତି ନ' ବାଜିବ । ଛୋଟ ଛୋଟ କାଗଜ ଡବା ଗୋଟିଏ ଗୋଟିଏ ମିଳିଲା । ସମସ୍ତେ ଖୋଲିଲେ,

ଆମେ ବି ଖୋଲିଲୁ। ତା' ଭିତରେ ଗୋଟିଏ ସିଙ୍ଗଡ଼ା, ଗୋଟିଏ ଆଳୁଚପ୍, ଗୋଟିଏ ବରା ଓ ଗୋଟିଏ ଗୋଲାପଜାମୁ ମିଳିଲା। ସେଇ ପାଖରେ କଲିକତା ମଡେଲ ଛୋଟ କାଗଜ କପ୍‌ରେ ଚାହା । ଅଭୟ ଦାଶ ଏକା ସୁଡ଼ୁକାରେ ସାରିଦେଇ ଯିବାକୁ ବାହାରୁଛି, ଦେଖିଲା ଜଣେ ଦି'ଜଣ ମଧ୍ୟମ ବୟସ୍କା ମହିଳା ଡାକ ଛାଡୁଛନ୍ତି, ହେ ସୋନି ମୋନି, ଆସ ସାରଙ୍କ ସାଙ୍ଗେ ସେଲ୍‌ଫି ନେବା । ସାର୍ ଆଉ ଗୋଟାଏ । ଏ ସେଲ୍‌ଫି ପର୍ବ ଏମିତି ଚାଲିଥାଏ । ଜଣେ ସାର୍‌ଙ୍କୁ ପଚାରିବାରୁ ଶୁଣିବାକୁ ମିଳିଲା, "ସେଇଟା କ'ଣ ଜାଣିଛି ? ତାକୁ ପୁରସ୍କାର କେମିତି ମିଳିଛି କ'ଣ ଆମେ ଜାଣିନୁ ?"

> **ଯାହାକୁ ଗୋଟେ ଦି'ଇଟା ପୁରସ୍କାର ମିଳିଯାଉଛି ସିଏ ଆଉ ଧରାଛୁଆଁ ଦେଉନି ।**

**ସାହିତ୍ୟର ଭବିଷ୍ୟତ**

ଅଭୟ ଦାଶ ଫେରିବା ବାଟରେ ଭାବୁଥାଏ, ଓଡ଼ିଆ ସାହିତ୍ୟର ଭବିଷ୍ୟତ କିଛି ଖରାପ ନୁହେଁ । ଏମିତି ଚାଲିଥାଉ। କେବେ ତ ଭଲଦିନ ଆସିବ ? ଆସିବ ଯେ କେମିତି ଆସିବ ? ଆସିନି ଆଉ କ'ଣ ? ଦେଖିଲେ, ଆମ ଭୁବନେଶ୍ୱର-କଟକରେ ଖାଲି ଏଇଠି କାହିଁକି, ଜଗତସିଂହପୁର, ପାରାଦ୍ୱୀପ ମାଲକାନଗିରି, ନବରଙ୍ଗପୁର କେଉଁଠି ସାହିତ୍ୟ ସଭା ନ ହେଉଛି, ନା କବିତା ପାଠ ନ ହେଉଛି ? ପୁସ୍ତକମେଳା, ପୁସ୍ତକ ଉନ୍ମୋଚନ କ'ଣ କମ୍ ? ହଲ୍ ଗୋଟେ ପାଇବା କ'ଣ ସହଜ କଥା ହେଇଛି ? କେତେ ଲୋକଙ୍କୁ ହାତ ଯୋଡ଼ିବାକୁ ପଡୁଛି, ଖାଲି ନାହିଁ, ଦୁଇମାସ ପାଇଁ ପୁରା ବୁକ୍ ! ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଯୋଗାଡ଼ କରିବା ବି ସହଜ ନୁହେଁ, ତଥାପି ବେପାର ଚାଲିଛି !

କ'ଣ କହିଲେ ? ତାଙ୍କୁ ଡ଼ାକିବେନି ? ଭୁଲି ଯାଆନ୍ତୁ, ତାଙ୍କ ବିନା ଏ ସାହିତ୍ୟ ହାଟ ଚାଲିବଟି ? ପାଣି, ଇଲେକ୍ଟ୍ରି କଟିଗଲେ ଆମକୁ କହିବେନି । ଆଉ ସେମାନେ ? ସିଏ ନ ଆସିଲେ କିଏ ତୁମ ଫଟୋ ଉଠେଇବ ? କିଏ ତୁମ ବିଷୟରେ ବଢ଼େଇ କରି ଦୁଇ ଧାଡ଼ି ଲେଖିବ ? ତୁମ ବହି ବିଷୟରେ ଲେଖିବ ? ଏସବୁ କରିବାକୁ ହୁଏ । ନ ହେଲେ, ଏ ସାହିତ୍ୟ ହାଟ ଚାଲିବ କେମିତି ? ସବୁଦିନ ଶୁଣିବାକୁ ମିଳୁଛି, "ପାଠକ ନାହାନ୍ତି, ଲେଖକ ବହୁତ, ପାଠକ ଅଳପ। ଏକାଡେମୀ ପୁରସ୍କାର ଘୋଷଣା ହୋଇନି ନଅ ବର୍ଷ ହେଲା ।" ତଥାପି କ'ଣ ହାଟ ବସୁନି ? ଅଭୟ ଦାଶ ଆସିଲାବେଳେ ଭାବୁଥାଏ ଏ ପୁରସ୍କାରକୁ ଲଟକାଇ ରଖିବା ପଛରେ ବୋଧହୁଏ ଗୋଟାଏ ଅଭିପ୍ରାୟ କି ରାଜନୀତି ଅଛି। ଯାହାକୁ ଗୋଟେ ଦି'ଇଟା ପୁରସ୍କାର ମିଳିଯାଉଛି ସିଏ ଆଉ ଧରାଛୁଆଁ ଦେଉନି, ସଭା ମଞ୍ଚରେ ଆଗକୁ ନ ବସାଇଲେ ଦୂରେଇ କରି ଟାଇଟ୍ ହୋଇ ବସୁଛି, ସେଇଠୁ ଜାଣିବ ଏଇଟା ହେଲା ପୁରସ୍କାରର ପାର୍ଶ୍ୱ ପ୍ରଭାବ ବା ସାଇଡ୍ ଇଫେକ୍ଟ । ସେଥିପାଇଁ ଆମେ ଭାବୁ ଏ ପୁରସ୍କାର ଡେରିରେ ଦେଲେ ଲେଖକମାନେ ଖୁବ୍ ଲେଖିବେ ! ଫଳରେ ଏକାବେଳେ ପୁଳାଏ ସାହିତ୍ୟ ବାହାରିବ, ପୁଳାଏ ସାହିତ୍ୟିକ ସୃଷ୍ଟିହେବେ । ଏହା ଆମର ନିଜ ମତ, କହନ୍ତି ଅଭୟ ଦାଶ । ଚାଲୁ କେତେଦିନ ଏମିତି ଚାଲୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

Google Play Books

**ପ୍ରତି ସଂଖ୍ୟାର ମୂଲ୍ୟ-**
**ଟ.୨୩.୬୦**
**(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)**

କବିତା

# ବିଧୁର ବସନ୍ତ



ବେଣୁଧର ସୂତାର

ଏ ମନ ଲତିକା ଫୁଲର ବିଥିକା
ଲୋଡୁନି ମଧୁପ ପ୍ରୀତି
ବୟସ ବାସରେ ଫଗୁଣ ଆସରେ
ଫିକା ଲାଗେ ଜହ୍ନରାତି
ମଧୁ ସରିଗଲେ ମଧୁପ କି ଲୋଡ଼େ
ରାସ ଅଭିସାର ପାଇଁ
ରାତି ସରିଗଲେ ସପନ ଆସେନା
ଏ ମନ ଅଗଣା ଛୁଇଁ
ବକୁଳ କୁଞ୍ଜରେ କୋକିଳ ଗାଏନା
ଫୁଲ ଫଗୁଣର ଗୀତି
ବୟସ ବାସରେ...

ପ୍ରୀତି ମଞ୍ଜୁଷାର ଗୋପନଗବାକ୍ଷେ
ନୟନ ଯାଉନି ଲାଖି
ବିଜନ ବେଳାରେ ସପନ ସୁନ୍ଦରୀ
ଆଉ ମାରୁନାହିଁ ଆଖି
ଫେରିଛି ବୟସ ସପନ ସାଥିରେ
ଅପହୃତ ଯଉବନ
ନ ଲୋଡ଼େ ଅଳିନ୍ଦ ମଧୁ ମକରନ୍ଦ
ଗନ୍ଧହୀନ ଅପଘନ
ପରବାସୀ ପ୍ରିୟ ଆଗମନେ ପ୍ରିୟା
ପ୍ରେମରେ ଉଠୁନି ମାତି
ବୟସ ବାସରେ...

ତଟିନୀ ବହୁନି ଛଳଛଳ ଆଉ
ସାଗରେ ମିଶିବା ପାଇଁ
ଏକୂଳେ ବୟସ ସେକୂଳେ ପୀୟୂଷ
ପାରୁନି ତାହାକୁ ଛୁଇଁ
ଶ୍ରାବଣ ଭୁଲିଛି ମଉସୁମୀ ପ୍ରେମ
କଦମ୍ବର ହସ ନାହିଁ
କମଳ ଲୋଡୁନି ଅରୁଣ ପୀରତି
ବୟସ ଯାଉଛି ଧାଇଁ
ଲାସ୍ୟମୟୀ ପ୍ରିୟା
ଗୋଲାପୀ ଅଧର
ଚୁମୁନି ଶୃଙ୍ଗାର ତାତି
ବୟସ ବସରେ...

ଭାବ ତନ୍ମୟରେ ମଧୁପ୍ରୀତି ଗୀତି
ଗାଉନି ବାସନ୍ତୀ ରାତି
ଚନ୍ଦ୍ରସେଣାର ପୌରୁଷ ଉଠୁନି
ନିଶୀଥ ସ୍ୱପ୍ନରେ ମାତି
ଉଚ୍ଚାଟ କରୁନି ତନୁମନ ପ୍ରାଣ
ପ୍ରୀତିର ମୋହନ ରାଗ
ବିଲୁପ୍ତ ଯୌବନ ଛାଡ଼ି ଦେଇଗଲା
ଅମିତ ଯନ୍ତ୍ରଣା ଦାଗ
ଅଧୁରା ରହିଲା ବିଧୁର ବସନ୍ତେ
ବୟସର ପ୍ରତିଶ୍ରୁତି
ବୟସ ବାସରେ...

□□



କବିଙ୍କ ଇ-ମେଲ ଠିକଣା:
benudharsutar123@gmail.com



**ପ୍ରବନ୍ଧ**

# ଓଡ଼ିଆରେ ପଡ଼ି: ଶବ୍ଦବ୍ୟୁତ୍ପତ୍ତି ଓ ଅର୍ଥତତ୍ତ୍ୱ

**ସିନିରୁଦ୍ଧ ଦାଶ**

ଭାରତୀୟ ଭାଷାମାନଙ୍କରେ ଶବ୍ଦଭଣ୍ଡାରକୁ ଚାରି ଭାଗରେ ବିଭକ୍ତ କରାଯାଇଛି । ଯଥା: ୧. ତଦ୍‌ଭବ, ୨. ତତ୍‌ସମ, ୩. ଦେଶଜ, ୪. ବୈଦେଶିକ ।

ଏଠାରେ ତତ୍‌ସମ କହିଲେ, ସଂସ୍କୃତ ଶବ୍ଦମାନଙ୍କୁ ବୁଝାଏ, ଯାହାର ରୂପ ଆଞ୍ଚଳିକ ଭାଷାରେ ପ୍ରଯୁକ୍ତ ହେଲେ ମଧ୍ୟ ଅପରିବର୍ତ୍ତିତ ରହିଥାଏ । ତଦ୍‌ଭବ କହିଲେ, ତସ୍ମାଦ୍ ଭବ ବା ସଂସ୍କୃତ ଶବ୍ଦରୁ ଜାତ । ମାତ୍ର ଏହା ପାଲି (ପା) ଓ ପ୍ରାକୃତ (ପ୍ରା) ଭାଷାରେ ବ୍ୟବହୃତ ହୋଇ ନୂତନ ରୂପରେ ପ୍ରକାଶିତ ବା ପ୍ରଯୁକ୍ତ ହୋଇଥାଏ । ଉଦାହରଣ ସ୍ୱରୂପ ସଂସ୍କୃତ ଶବ୍ଦ, କର୍ମ – ପା. ପ୍ରା. କମ୍ମ – ଓଡ଼ିଆ କାମ । ଏହି 'କାମ' ଶବ୍ଦ ଦୈନନ୍ଦିନ କାମ ବା କାର୍ଯ୍ୟକୁ ବୁଝାଉଥିବା ବେଳେ କର୍ମ (ତତ୍‌ସମ) ଶବ୍ଦ ବର୍ତ୍ତମାନ ସାଂସ୍କୃତିକ ବ୍ୟବହାରରେ ଦେଖିବାକୁ ମିଳେ । ଯଥା: ବିବାହ କର୍ମ, ଶ୍ରାଦ୍ଧ କର୍ମ ଇତ୍ୟାଦି । ଏଠାରେ ଆମେ ଦେଖିପାରିବା ଯେ ତଦ୍‌ଭବ ଶବ୍ଦଗୁଡ଼ିକ ନିଜ ନିଜର ତତ୍‌ସମ ଶବ୍ଦଠାରୁ ଭିନ୍ନ ଭିନ୍ନ ରୂପରେ ବ୍ୟବହୃତ । ଅର୍ଥାତ୍ ତଦ୍‌ଭବ ଶବ୍ଦମାନଙ୍କର ଧ୍ୱନି ପରିବର୍ତ୍ତନ ହେବାବେଳେ ଅର୍ଥର ପରିବର୍ତ୍ତନ ହୋଇନଥାଏ । ଏଣୁ ତଦ୍‌ଭବ ଶବ୍ଦର ଅର୍ଥ ବୁଝିବାକୁ ହେଲେ ତାହାର ପ୍ରକୃତିଭୂତ ମୂଳ ସଂସ୍କୃତ ଶବ୍ଦରୁ ଅର୍ଥ ଜଣାପଡ଼େ । ଏହି ତଦ୍‌ଭବ ଶବ୍ଦଗୁଡ଼ିକୁ ଅପଭ୍ରଂଶ ମଧ୍ୟ କୁହାଯାଏ ଏବଂ ତତ୍‌ସମ ଶବ୍ଦଗୁଡ଼ିକୁ ସାଧୁ ଶବ୍ଦ ବୋଲି କୁହାଯାଏ ।

> **ଆର୍ଯ୍ୟଭାଷା ପରିବାରର କେବଳ ଓଡ଼ିଆ ଭାଷାରେ ଏହି ଶବ୍ଦ ଭରଣପୋଷଣ ଅର୍ଥରେ ବ୍ୟବହୃତ ।**

### ଶବ୍ଦମାନଙ୍କର ଶକ୍ତି ପ୍ରଦର୍ଶନ

ଏଣୁ ସାଧୁ ଓ ଅପଭ୍ରଂଶ ଶବ୍ଦମାନଙ୍କର ଅର୍ଥଗତ ସାଦୃଶ୍ୟ ହିଁ ମୁଖ୍ୟ କାରଣ, ଯାହାଦ୍ୱାରା ଭାଷାରେ ଯଥା ସ୍ଥାନରେ ନିଜ ନିଜର ଶକ୍ତି ପ୍ରଦର୍ଶନ ପୂର୍ବକ ଅର୍ଥ ପ୍ରକାଶ କରିଥାନ୍ତି ।

ଦେଶଜ କହିଲେ, ସେହି ଶବ୍ଦ ଯାହା ତତ୍‌ସମ ଓ ତଦ୍‌ଭବଠାରୁ ଭିନ୍ନ; ମାତ୍ର ଅନେକ ସ୍ଥଳରେ ଦେଶଜ ଶବ୍ଦମାନଙ୍କର ଉତ୍ପତ୍ତିକୁ ନେଇ ଶଙ୍କା ଜାତହୁଏ । ଅର୍ଥାତ୍ ଦେଶଜ ଶବ୍ଦ ବୋଲି କହିଲେ, ଯାହାର ମୂଳୋତ୍ପତ୍ତି ବିଷୟରେ ଅନେକ ବିଦ୍ୱାନଙ୍କର ସନ୍ଦେହ ଜାତହୁଏ । ଅଭିଧାନକାରମାନେ ସ୍ୱ ସ୍ୱ ବୁଦ୍ଧି ଅନୁସାରେ ଦେଶଜ ବୋଲି ପରିଚୟ ଦେଇଅଛନ୍ତି ।

ଆମେ ଏହି ପ୍ରବନ୍ଧରେ ଦେଶଜ ଶବ୍ଦକୁ ନେଇ ଉତ୍‌ଥାପିତ ସନ୍ଦେହକୁ ନେଇ ଆଲୋଚନା ବା ଚର୍ଚ୍ଚା କରିବା । ବିଶେଷକରି ଓଡ଼ିଆରେ ବ୍ୟବହୃତ ବିଶେଷବାଚକ 'ପଡ଼ି' ଶବ୍ଦ ଓ କ୍ରିୟାବାଚକ 'ପଡ଼ିବା' ଶବ୍ଦକୁ ଆଧାରକରି ଆଲୋଚନା କରିବା ।

ଏହି ଦୁଇଟି ଶବ୍ଦ ଚୟନ କରି ବିଶ୍ଲେଷଣ କରିବାର ଉଦ୍ଦେଶ୍ୟ ତତ୍‌ସମ, ତଦ୍‌ଭବ ଓ ଦେଶଜ ମଧ୍ୟରେ ଥିବା ବୈଷମ୍ୟ କିଛି ଦୂର ହୋଇପାରିବ ବୋଲି ଆଶା ।

ପ୍ରଥମତଃ ବିଶେଷ୍ୟବାଚକ ଶବ୍ଦ 'ପଡ଼ି' ଶବ୍ଦ ଭରଣପୋଷଣାର୍ଥରେ ଦୈନିକ ଭତ୍ତା ଅର୍ଥରେ ବ୍ୟବହୃତ । ଆର୍ଯ୍ୟଭାଷା ପରିବାରର କେବଳ ଓଡ଼ିଆ ଭାଷାରେ ଏହି ଶବ୍ଦ ଉପରୋକ୍ତ ଅର୍ଥରେ ପ୍ରଯୁକ୍ତ । ମାତ୍ର ସମସ୍ତ ଦ୍ରାବିଡ଼ ବା ଦକ୍ଷିଣଭାରତୀୟ ଭାଷାମାନଙ୍କରେ ମଧ୍ୟ ସେହି ଭରଣପୋଷଣ ଅର୍ଥରେ ଏହି ଶବ୍ଦ ବ୍ୟବହୃତ । ଏଣୁ ସାଧାରଣତଃ ଶଙ୍କା ଜାତହୁଏ – ଏହି ଶବ୍ଦଟି ଦେଶଜ ନା ତଦ୍‌ଭବ ଏବଂ ଏହାର ମୂଳଉତ୍ସ ଆର୍ଯ୍ୟ ନା ଦ୍ରାବିଡ଼ ଭାଷା ? ଯଦି ଏହାକୁ ଆମେ ତଦ୍‌ଭବ ବୋଲି ଗ୍ରହଣ କରିବା, ତେବେ ଏହାର ମୂଳାଧାର କ'ଣ ହୋଇପାରେ ?

ଓଡ଼ିଆ ଅଭିଧାନକାରମାନେ ଏହି 'ପଡ଼ି' ଶବ୍ଦର ବ୍ୟୁତ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ କରିଛନ୍ତି । ପାଞ୍ଚଟି ମୁଖ୍ୟ ଅଭିଧାନକୁ ନେଇ ଏଠାରେ ଯୁକ୍ତି ଉପସ୍ଥାପିତ କରାଗଲା ।

ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ 'ପଡ଼ି' ଶବ୍ଦ ସଂସ୍କୃତ 'ପତ୍'


(ପଡ଼ିବା ଅର୍ଥରେ – ପତତି) ଧାତୁରୁ ଉଦ୍‌ଭବ ବୋଲି କୁହାଯାଇଛି । ଦ୍ୱିତୀୟରେ, ଓଡ଼ିଆ ଭାଷାକୋଷ (ଆର୍ଯ୍ୟ ପ୍ରକାଶନ, ଷଷ୍ଠଖଣ୍ଡ) ଏହା ସଂସ୍କୃତ 'ପଢ଼୍' ଧାତୁରୁ ଉଦ୍‌ଭୂତ ବୋଲି କୁହାଯାଇଛି । ତୃତୀୟରେ, ଶବ୍ଦସିନ୍ଧୁ (ସମ୍ପା- ନଟବର ଶତପଥୀ)ରେ ମଧ୍ୟ 'ପଡ଼ି' ଶବ୍ଦ 'ପଢ଼୍' ଧାତୁରୁ ନିଷ୍ପନ୍ନ ହୋଇଛି ବୋଲି ମତ ।

**ପଠ୍ ଧାତୁ**

ଏଠାରେ କହି ରଖିବା ଉଚିତ ହେବ ଯେ ସଂସ୍କୃତରେ 'ପଢ଼' ବୋଲି କୌଣସି ଧାତୁ ନାହିଁ । ସଂସ୍କୃତର 'ପଠ୍' ଧାତୁ ଥିବା ସର୍ବଜନବିଦିତ, ଯେଉଁଥିରୁ ଆମେ ପଠନ, ପାଠନ, ପାଠ, ପାଠ୍ୟ ଆଦି ଶବ୍ଦ ପାଇଥାଉ । ଯାହାର ଧାତୁରୂପ ପଠତି, ପଠତଃ, ପଠନ୍ତି । ଏହି 'ପଠ୍' ଶବ୍ଦର ଅପଭ୍ରଂଶ ରୂପ – ପଢ଼ ବା ପଢ଼ିବା, ଯାହା ଆଧୁନିକ ଆର୍ଯ୍ୟ ଭାଷାମାନଙ୍କରେ ବ୍ୟବହୃତ । ଯଥା: ପଢୁଛି, ପାଠପଢ଼ା, ପଢ଼ାପଢ଼ି (ଓଡ଼ିଆ), ପଢ଼ତା ହେଁ (ହିନ୍ଦୀ) ।

ଏଠାରେ 'ଠ' କାରର ଅପଭ୍ରଂଶ ରୂପ 'ଢ଼' କାର । ପ୍ରାକୃତ ଶବ୍ଦମହାର୍ଣ୍ଣବରେ ମଧ୍ୟ ଏହା ଉଲ୍ଲିଖିତ ।

ତା'ପରେ ବିଚାର କରିବାର ବିଷୟ ହେଲା, ଓଡ଼ିଆରେ 'ଢ଼' କାରର 'ଡ଼' କାର ରୂପ ହେବାର ଦୃଷ୍ଟାନ୍ତ ଉପଲବ୍ଧ ନୁହେଁ, ବରଂ 'ତ' କାରର 'ଡ଼' କାର ହେବାର ଦୃଷ୍ଟାନ୍ତ ବହୁଳ । ଯଥା: ସଂସ୍କୃତର 'ପତ୍' ଧାତୁ ଯାହାର ଧାତୁ ବା କ୍ରିୟାରୂପ ପତତି, ପତତଃ, ପତନ୍ତି ସେଥିରୁ ପଡ଼ିବା ଶବ୍ଦର ଉଦ୍‌ଭବ ।



* ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ *

A- A+

**ପଡ଼ି (Pardi)**

ଦେ. ବି. (ସଂ. ପଢ୍ ଧାତୁ)–

- ୧ । କୌଣସି ଲୋକର ଭରଣପୋଷଣାର୍ଥ ଦିଆଯିବା ଦୈନିକ ଖଞ୍ଜା ଧାନ୍ୟ ବା ଖାଦ୍ୟସାମଗ୍ରୀ–1. Daily quota of paddy or provisions supplied for the maintenance of a person; a dole; a daily ration.

  ୨ । ଗୀତର ଶେଷରେ ବୋଲାଯିବା ଅନ୍ୟ ରାଗାତ୍ମକ ପଦ– 2. The diverted refrain of a song.

  ୩ । ଏକ ଜଣର ଉପଯୁକ୍ତ ଖାଦ୍ୟ ତଣ୍ଡୁଳାଦି; ସଞ୍ଜା– 3. Victuals sufficient for one person. [ଉ–ତା ପଡ଼ି ତୋର କୋଟୁଁ ଦେଉ ଅକର୍ମ ଦାନୀ ତୁ ବୋଲାଉ ।– ଭୂପତି, ପ୍ରେମପଞ୍ଚାମୃତ ।]

ବୃକ୍ଷାତ୍ ପତ୍ରଂ ପତତି ।

ଗଛରୁ ପତ୍ର ପଡୁଛି ।

ସେହିପରି ଅବ୍ୟୟବାଚକ 'ପ୍ରତି' ଶବ୍ଦ ଓଡ଼ିଆରେ ଏବଂ ପ୍ରାକୃତରେ ପଡ଼୍ ବା ପଡ଼ି ଶବ୍ଦର ରୂପ ନେଇଛି । ଯଥା:

ସଂ – ପ୍ରତିପକ୍ଷ ପ୍ରା – ପଡ଼ିପକ୍ଖ

ସଂ – ପ୍ରତିବନ୍ଧ ପ୍ରା – ପଡ଼ିବନ୍ଧ

ସଂ – ପ୍ରତିବେଶିନ୍ ପ୍ରା – ପଡ଼ିଶା, ପଡ଼ୋଶୀ

ସଂ – ପ୍ରତିହାରୀ ପ୍ରା – ପଡ଼ିହାରୀ ।

ସେହିପରି 'ପଡ଼ି' ଶବ୍ଦଟି ଏକ ଦେଶଜ ଶବ୍ଦ ବୋଲି ଗୋପୀନାଥ ନନ୍ଦ (ଶବ୍ଦତତ୍ତ୍ୱବୋଧ ଅଭିଧାନ) ଓ ଖଗେଶ୍ୱର ମହାପାତ୍ର (କ୍ରମ ବିକଶିତ ଓଡ଼ିଆ ଶବ୍ଦସମ୍ଭାର) ସ୍ୱୀକାର କରିଛନ୍ତି । ମାତ୍ର ଉପରୋକ୍ତ ଉଦାହରଣଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଓଡ଼ିଆରେ ବ୍ୟବହୃତ 'ପଡ଼ି' ଶବ୍ଦ ଦେଶଜ ନ ହୋଇ ଏକ 'ତଦ୍‌ଭବ' ଶବ୍ଦ ଭାବରେ ଗ୍ରହଣୀୟ ଏବଂ ଏହାର ମୂଳ ସଂସ୍କୃତ ଶବ୍ଦ 'ପ୍ରତି' ଯାହା ଏକ ଅବ୍ୟୟପଦ । ତେବେ ପୁନଃ ପ୍ରଶ୍ନ ଉଠିପାରେ ଯେ ଯଦି 'ପଡ଼ି' ଶବ୍ଦଟି ସଂସ୍କୃତ 'ପ୍ରତି' ଶବ୍ଦରୁ ଉତ୍ପନ୍ନ ତେବେ ଏଥିରେ ଭରଣପୋଷଣାର୍ଥମୂଳକ ଦୈନିକ ଭତ୍ତା ଅର୍ଥରେ ପ୍ରଯୁକ୍ତ ହେବାର ଅବକାଶ ଆସିଲା କେଉଁଠୁ ? ଏହିଭଳି ଅର୍ଥରେ ସଂସ୍କୃତରେ ବ୍ୟବହାର ହୋଇଛି କି ? ଯଦି ହୋଇନାହିଁ ତେବେ ଅନ୍ୟ ପ୍ରାନ୍ତୀୟ ଭାଷାମାନଙ୍କରେ ବ୍ୟବହୃତ କି ? ଏହିସବୁ ପ୍ରଶ୍ନର ଉତ୍ତର ଖୋଜିଲେ ଆମେ ଏହି 'ପଡ଼ି' ଶବ୍ଦର ମୂଳ ଉତ୍ସକୁ ଯାଇପାରିବା ।

**ଦ୍ରାବିଡ ଭାଷାରେ ପଡ଼ି ଶବ୍ଦ**

ଦ୍ରାବିଡ଼ ଭାଷାମାନଙ୍କରେ 'ପଡ଼ି' ଶବ୍ଦ ଏହି ଭରଣପୋଷଣାର୍ଥରେ ବ୍ୟବହୃତ । ଯାହାର ଅନ୍ୟ ଏକ ଅର୍ଥ ଦୈନିକ ଭତ୍ତା । ଉଦାହରଣ –

ତାମିଲ – 'ପଡ଼ି' – ଏକ ମାପ (୧୦୦ ପଳମ୍) ଦୈନିକ ଖାଦ୍ୟର ଏକ ନିର୍ଦ୍ଦିଷ୍ଟ ମାପ ।

ମାଲୟାଲମ୍ – 'ପଡ଼ି' – ଏକ ମାପ, କପେ ଚାଉଳ ନିତ୍ୟନୈମିତ୍ତିକ ଦୈନିକ ଭତ୍ତା ।

କନ୍ନଡ଼ – 'ପଡ଼ି' – ଏକ ନିର୍ଦ୍ଧାରିତ ଓଜନର ମାପ ।

ତେଲୁଗୁ – 'ପଡ଼ି' – ଏକ ନିର୍ଦ୍ଦିଷ୍ଟ ମାପ ।

ତୁଳୁ – 'ପଡ଼ି' – ଦୈନିକ ଭତ୍ତା ବା ଖାଦ୍ୟର ପରିମାଣ ।

ଏଥିରୁ ଜଣାପଡ଼େ, ଓଡ଼ିଆ 'ପଡ଼ି' ଶବ୍ଦ ଦ୍ରାବିଡ଼ ଭାଷାରେ ବ୍ୟବହୃତ 'ପଡ଼ି' ଶବ୍ଦର ସମାନ ରୂପ ଏବଂ ସମାନ

ଅର୍ଥରେ ବ୍ୟବହୃତ । ଏହି ମତକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଆରେ 'ପଡ଼ି' ଶବ୍ଦକୁ ନେଇ ଅନ୍ୟ କେତେକ ପ୍ରୟୋଗ ଦେଖିବା, ଯାହା ତାମିଲ ଭାଷାରେ ଠିକ୍ ସେହି ଅର୍ଥରେ ବ୍ୟବହୃତ ହୋଇଥିବାର ଦେଖାଯାଏ ।

**ଓଡ଼ିଆ**

୧. ପଡ଼ିକାଟ - ଦୈନିକ ଭତ୍ତାରୁ କିଛି କମାଇବା ବା ଦିନକର ମଜୁରି ବନ୍ଦ କରିବା ।

୨. ପଡ଼ିଖିଆ - ଯେ ସର୍ବଦା ଅନ୍ୟର ଦାନ ଉପରେ ନିର୍ଭରକରେ ।

୩. ପଡ଼ିଦାତା - ଯେ ଦରିଦ୍ରକୁ ପ୍ରତିଦିନ କିଛି କିଛି ଦାନ କରେ ।

**ତାମିଲ**

୧. ପଡ଼ି କ୍କଟଲୈ - ଦୈନିକ ସେବା, ମନ୍ଦିରରେ ପ୍ରଦତ୍ତ ମାନସିକ ପଦାର୍ଥ ।

୨. ପଡ଼ିକ୍କାସୁ - ଦୈନିକ ଦେୟ ବା ପ୍ରାପ୍ୟ ଟଙ୍କା, ଯାହା ଭେଟି ଆକରରେ ଦିଆଯାଏ ।

୩. ପଡ଼ିକାରନ୍ - ଦାତା, ଯେ ଅସହାୟଙ୍କୁ କିଛି ପଦାର୍ଥ ଦୈନିକ ଭିତ୍ତିରେ ଦେଇଥାଏ ।

୪. ଦିନପ୍ପଡ଼ି - ଦୈନିକ ଭତ୍ତା ବା ଦିନକର ମଜୁରି ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ ତାମିଲରେ ବ୍ୟବହୃତ 'ଦିନପ୍ପଡ଼ି', ସଂସ୍କୃତର 'ଦିନଂ ପ୍ରତି' ସହ ସମାନ । ପ୍ରତିଦିନ ଯେଉଁ ପରିମାଣର ସେବା ବା ଦାନ ଦିଆଯାଏ, ତାହାକୁ ଦିନପ୍ପଡ଼ି ବୋଲି କୁହାଯାଏ । ସେହିପରି ମାସପ୍ପଡ଼ି, ବର୍ଷପ୍ପଡ଼ି ଶବ୍ଦର ବ୍ୟବହାର ଦୃଷ୍ଟିଗୋଚର ହୁଏ ।


**ଦିନପ୍ପଡ଼ି**

ଏଥିରୁ ଅନୁମାନ କରାଯାଇପାରେ ଯେ ପ୍ରଥମେ ମନ୍ଦିରମାନଙ୍କରେ ଏହି ଦିନପ୍ପଡ଼ିର ବ୍ୟବସ୍ଥା କରାଯାଇଥିଲା । ଏହାକୁ ପ୍ରତିଦିନର ସେବା ରୂପରେ ମଧ୍ୟ ଲୋକବ୍ୟବହାର ରହିଛି । ଏକ ନିର୍ଦ୍ଦିଷ୍ଟ ପରିମାଣର ସେବା ପ୍ରତିଦିନ ଦେବା ପାଇଁ ଭକ୍ତମାନେ ମାନସିକ କରିଥାଆନ୍ତି । ଏହା ଖାଦ୍ୟ, ବସ୍ତ୍ର, ଦୈନିକ ଶ୍ରମଦାନ ଭଳି ଯେକୌଣସି ସେବା ହୋଇପାରେ । କାଳକ୍ରମେ ଏହା ଏକ ସାମାଜିକ ବ୍ୟବସ୍ଥା ଭାବରେ ଗୃହୀତ । ଧୀରେ ଧୀରେ ଗରିବ ଲୋକମାନଙ୍କ ନିମିତ୍ତ 'ପଡ଼ି'ର ବ୍ୟବସ୍ଥା ସହ 'ପଡ଼ିକାର୍ଡ' ମଧ୍ୟ କରାଯିବାକୁ ଲାଗିଲା ।

ଏଥିରୁ ଜଣାପଡ଼େ, ଏହି 'ପଡ଼ି'ର ପ୍ରୟୋଗ ପ୍ରଥମେ ମନ୍ଦିରମାନଙ୍କରେ ଆରମ୍ଭ ହୋଇ ଧୀରେ ଧୀରେ ସାମାଜିକ ସ୍ଥିତିକୁ ଆସିଲା ଏବଂ ବର୍ତ୍ତମାନ ତାହା ରାଜନୈତିକ ସ୍ତରରେ ଲୋକପ୍ରିୟ ହେବାକୁ ବସିଲାଣି । ସାମାଜିକ ଅର୍ଥନୀତିର ଏକ ସ୍ୱତନ୍ତ୍ର ପରିଚୟ ଏହି 'ପଡ଼ି' ଶବ୍ଦ ବହନ କରେ ।

ଧାର୍ମିକ ବ୍ୟବସ୍ଥାରୁ କାଳକ୍ରମେ ସାମାଜିକ ବ୍ୟବସ୍ଥାରେ ପରିଗୃହୀତ 'ପଡ଼ି' ଶବ୍ଦ ଦ୍ରାବିଡ଼ ଭାଷାମାନଙ୍କରୁ ସାଂସ୍କୃତିକ ନୀତିନିୟମ ମଧ୍ୟ ଦେଇ ଓଡ଼ିଆ ଭାଷାକୁ ଆସିଅଛି ।

**ପଡ଼ିବା**




ପଡ଼ିବା ଏକ ନାନାର୍ଥକ କ୍ରିୟା ପଦ । ଏହା ସଂସ୍କୃତ 'ପତ୍' ଧାତୁରୁ ଉତ୍ପନ୍ନ । ଯଦିଓ ଏହାର ସଂସ୍କୃତ ମୂଳ ରୂପ ଗୋଟିଏ ମାତ୍ର ଏହି 'ପଡ଼ିବା' କ୍ରିୟା ପଦଟି ଅନେକ ଅର୍ଥରେ ଆମ ଭାଷାରେ ବ୍ୟବହୃତ । କୌତୂହଳର ବିଷୟ ହେଲା, ଏହି 'ପଡ଼ିବା' ଶବ୍ଦ ଓଡ଼ିଆରେ ଯେଉଁ ଯେଉଁ ଅର୍ଥରେ ବ୍ୟବହୃତ ତାମିଲ ଭାଷାରେ ମଧ୍ୟ ଠିକ୍ ସେହି ସେହି ଅର୍ଥରେ 'ପଡ଼ି' ଶବ୍ଦ ଭାବରେ ବ୍ୟବହୃତ । ଅବଶ୍ୟ କର୍ତ୍ତାକୁ ନେଇ କ୍ରିୟା ପରେ ପରିବର୍ତ୍ତନ ହୋଇଥାଏ । କିନ୍ତୁ ଏହାର ମୂଳ ପ୍ରକୃତି ବିଷୟରେ ଅଧିକ ଆଲୋଚନା ହୋଇପାରିନାହିଁ । ଏହାର ମୂଳଉତ୍ସ ସଂ-ପତ୍ ଧାତୁ ହିଁ ହୋଇପାରେ ।

ଓଡ଼ିଆ - ପତ୍ର ଉପରେ ଧୂଳି ପଡ଼ିଅଛି ।

ତାମିଲ - ଏଲୈ ମେଲେ ଦୂଷି ପଡ଼ି-ନ୍ଦୁ-କ୍କିରଦୁ ।

ଓଡ଼ିଆ - କ୍ଷୀରରେ ସର ପଡ଼ିଅଛି ।

ତାମିଲ୍ - ପାଲ୍ ଇଲ୍ ଏଡୁ ପଡ଼ିକ୍କିରଦୁ ।

ଓଡ଼ିଆ - ସେ ମୋ ଗୋଡ଼ତଳେ ପଡ଼ିଅଛି ।

ତାମିଲ୍ - ଅବନ ଏନ୍ କାଲିଲ୍ ତାଡ଼ିନ୍ଦ ଇରୁକ୍କିରାନ୍ ।

ମାତ୍ର ଏଠାରେ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ଯେ ତାମିଲ ଭାଷାରେ ପିଡ଼ିଦଲ କ୍ରିୟାପଦ ପଢ଼ିବା ଅର୍ଥରେ ବ୍ୟବହୃତ । ଏଥିରୁ ଜଣାପଡ଼େ ଯେ ତାମିଲ 'ପଡ଼ିଦଲ' କ୍ରିୟା

ଓଡ଼ିଆ ଓ ଅନ୍ୟାନ୍ୟ ପ୍ରାନ୍ତୀୟ ଅର୍ଥାତ୍ ଆର୍ଯ୍ୟ ଭାଷାମାନଙ୍କରେ ବ୍ୟବହୃତ 'ପଢ଼' ଧାତୁ ସହ ସମାନ, ଯାହାର ମୂଳ ସଂସ୍କୃତ 'ପଠ୍' ଧାତୁ ସହିତ ସମାନ ।

> **ଭାରତୀୟ ଅଭିଧାନକାରମାନେ ବହୁଳ ଭାବରେ ନିଜ ନିଜ ଅଭିଧାନରେ ଶବ୍ଦମାନଙ୍କର ଉତ୍ପତ୍ତି ଓ ତଦ୍‌ଭବ ରୂପ ଦର୍ଶାଇଛନ୍ତି ।**

ଓଡ଼ିଆ – ରାମ ପୁସ୍ତକ ପଢୁଅଛି ।

ହିନ୍ଦୀ – ରାମ ପୁସ୍ତକ ପଢ଼ତା ହୈ ।

ତାମିଲ – ଇରାମନ୍ ପୁସ୍ତକମ୍ ପଡ଼ିକ୍କିରାନ୍ ।

ଏହି ଦୁଇଟି ଶବ୍ଦରୁ ଜାଣିପାରିବା ଯେ ଭାରତୀୟ ଭାଷାମାନଙ୍କର ସଂସ୍କୃତ ଭାଷା ସହିତ କେତେ ଗଭୀର ସମ୍ପର୍କ ରହିଛି ଏବଂ ଏହା କେବଳ 'ତତ୍‌ସମ' ଓ 'ତଦ୍‌ଭବ' ଶବ୍ଦମାନଙ୍କର ବ୍ୟବହାରରୁ ଜଣାପଡ଼େ । ଅନ୍ୟ ଏକ ପ୍ରମାଣ ହେଉଛି, ଭାରତୀୟ ଅଭିଧାନକାରମାନେ ବହୁଳ ଭାବରେ ନିଜ ନିଜ ଅଭିଧାନରେ ଶବ୍ଦମାନଙ୍କର ଉତ୍ପତ୍ତି (ତତ୍‌ସମ ସଂ) ଏବଂ ତଦ୍‌ଭବ ରୂପ (ପ୍ରା) ବୋଲି ଦର୍ଶାଇଛନ୍ତି ।

**ପଡ଼ି – ପରି – ପ୍ରତି**

ଏହି ପଡ଼ି ଶବ୍ଦ ତାମିଲ ଭାଷାରେ ସାଦୃଶ୍ୟ ଅର୍ଥରେ ମଧ୍ୟ ବ୍ୟବହୃତ । ଯାହାର ମୂଳଉତ୍ସ ସଂସ୍କୃତର 'ପ୍ରତି' ଶବ୍ଦ ।

ଉଦାହରଣ – ତା'ପରି – ଅବନ୍ ପଡ଼ି / ଅଦୁ ପଡ଼ି

ଏଠାରେ 'ଅବନ୍' ଶବ୍ଦ ବ୍ୟକ୍ତିବାଚକ ଏବଂ 'ଅଦୁ' ଶବ୍ଦ ବସ୍ତୁବାଚକ ।

ସୀତା ପରି – ସୀତୈ ପଡ଼ି

ଏପରି – ଇପ୍ ପଡ଼ି

ସେପରି – ଅପ୍ ପଡ଼ି


କିପରି – ଏପ୍ ପଡ଼ି

ଏହିଭଳି ପ୍ରତି – ପରି – ପଡ଼ି ଶବ୍ଦର ପ୍ରୟୋଗ ।

ଏହି ପଡ଼ି (ପ୍ରତି) ପଢ଼ିବା (ପଠ୍) ଏବଂ ପଡ଼ି (ପ୍ରତି) ଶବ୍ଦଗୁଡ଼ିକର ପ୍ରୟୋଗ ଆମର ଗବେଷଣାର ଦିଗକୁ ଆଗେଇନେବ । ଏଥିମଧ୍ୟରୁ କେବଳ 'ପଡ଼ିବା' ଶବ୍ଦଟି – ଗଛରୁ ପତ୍ର ପଡ଼ିଲା, ପିଲାଟି ଖେଳୁଖେଳୁ ପଡ଼ିଲା, ଗାଧୁଆଘରେ ଶିଉଳି ପଡ଼ିଗଲାଣି, ସେଠାରେ ବହୁତ ଅଳିଆ ପଡ଼ିଛି, ଏବେ କାକର ପଡୁଛି, ପିଲାଟି ସେଠାରେ ଗଡ଼ିପଡ଼ିଲା ଭଳି ପ୍ରାୟ ୭୫ଟି ଅର୍ଥରେ ବ୍ୟବହୃତ (ପୂର୍ଣ୍ଣଚନ୍ଦ୍ର ଭାଷାକୋଷ) । ଏହିପରି ଭାବରେ ଦେଖିବାକୁ ଗଲେ, ଭାଷାଭଣ୍ଡାରରେ ଏମିତି ଅନେକ ଶବ୍ଦର ମୂଳରୂପ ବୁଝିବା ସହିତ ଏହି ଭାଷାର ସଂସ୍କୃତ ଓ ପ୍ରାକୃତ ଭାଷା ସହିତ ସମ୍ପର୍କ କେତେ ନିବିଡ଼ ତାହା ମଧ୍ୟ ବୁଝିହେବ ।

□□

ଲେଖକଙ୍କ ଇ-ମେଲ ଠିକଣା:
siniruddhad@gmail.com




**ପ୍ରକାଶ ପାଇଲା !**

**ଲୋପାମୁଦ୍ରା ମହାନ୍ତିଙ୍କ କଲମରେ, ତାଙ୍କର ପିତା, କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କର ଏକ ମର୍ମସ୍ପର୍ଶୀ ସ୍ମୃତିଚାରଣ**


# ଲୋକାପୁଅ ସୁରିଆ

**ଲେଖିକା: ଲୋପାମୁଦ୍ରା ମହାନ୍ତି**

ସମସ୍ତ ପୁସ୍ତକ ବିକ୍ରୟ କେନ୍ଦ୍ର ଓ ଆମାଜନରେ
ଉପଲବ୍ଧ । ମୂଲ୍ୟ: ଟ.୧୯୯

**ବି.କେ. କ୍ଲାସିକ୍ସ**

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**



# ଗଛ ଓ ଜୀବନ

ଗଳ୍ପ

**ଅଚ୍ୟୁତାନନ୍ଦ ପତି**

**ସେ** । ସେ ଥିଲେ, ଜଣେ ଜଣାଶୁଣା କାହାଣୀ କାରିଗର । ସେ ସମୟରେ 'ସେ' ଏବେର 'ସେ' ହୋଇନାହାନ୍ତି । ବୟସ ବଳିପଡ଼ିଲାଣି । ଆଜିର ପରିସ୍ଥିତି, ତାଙ୍କ ସ୍ଥିତିକୁ ବଡ଼ ଅସୁସ୍ଥ କରିପକାଇଛି ।

ତାଙ୍କର ଜଣେ ସମ୍ପାଦକ ବନ୍ଧୁ, ତାଙ୍କ ପତ୍ରିକା ପାଇଁ ଗୋଟେ କାହାଣୀ ଦେବାକୁ ଅନୁରୋଧ କରିଥିଲେ । ସେ ଅନୁରୋଧକୁ ବାଧ୍ୟତାର ଅବବୋଧ ଦେଇ, ମିତ୍ରତା ଖାତିରିରେ, ସେ ଗୋଟେ ନିଶ୍ଚୟର 'ହଁ' ମାରିଦେଲେ । କିନ୍ତୁ ତାଙ୍କ ଚିନ୍ତା ଚୈତନ୍ୟକୁ କାବୁକରି ତାଙ୍କୁ ନଚାଉଥିବା 'ନା'ର ନାବାଡ଼ ନାୟକ, ତାଙ୍କର ଏ ହଁକୁ କାଠିଆ ଚାପଡ଼ ଚମକାଇ ଘଉଡ଼ାଇ ଦେବ, ଏକଥା ସେ ମନକୁ ନେଇନଥିଲେ ।

**ଏ ଘୋଘୋ ଭିତରେ ଗପ ଲେଖିଲେ, ଗପର ଗଣିତରେ ଦୁଇଦୁନେ ଶୂନ ହେଇଯିବ ।**

ସେ କାହାଣୀ ଲେଖିବେ କ'ଣ ? ତାଙ୍କୁ କଲବଲ କରୁଥିବା ତାଙ୍କ କାହାଣୀ ତା' କହୁଣି ଢିଅ ହାଣି, ତାଙ୍କୁ ବଣା କରିପକାଉଛି । ଅଖାଡୁଆ, ଅନାଧୁନିଆ ଅସୁବିଧା କୁଦି ତାଙ୍କ ଉପରେ ଧାଏଁ ଧାଏଁ ବିଧା ବସାଉଛି, ବୋଝ ଉପରେ ନଳିତା ବିଡ଼ା ପରି । ରୋଗର ଉଗ୍ରମୂର୍ତ୍ତି, ପାଏଁ ପାଏଁ ପାଞ୍ଚଣର ପାହାର ବର୍ଷୁଛି । ପୁଣି ବଢ଼ି ବଢ଼ି ଯାଉଥିବା ବୟସ, ତାଙ୍କ ଉପରେ ଚଢ଼ିବସି, ତାଙ୍କୁ ସାବାଡ଼ କରି ତାଙ୍କ ଅବୟବ ଅବଶ କରିଚାଲିଛି । ସମୟ ଖସାଇ ନେବ ବୋଲି ଖଣ୍ଡିକାଶ ମାରୁଛି ।

ଆଉ ଗୋଟେ ଅସୁବିଧା । ଦିନବେଳେ ତାଙ୍କ ଲେଖାଲେଖି ଧନ୍ଦା ବନ୍ଦ । ଘରେ ପଲେ ପଲେ ପିଲାପିଲି । ଛୁଆଙ୍କ ମାଆ, ପ୍ରାକ୍ ଜନ୍ମ ନିୟନ୍ତ୍ରଣର ଜନନୀ । ସେ ଅମଳରେ ଯେଉଁ ନାରୀ ଯେତେ ଅଧିକା ଛୁଆ ଛାଡୁଥିଲା, ତା'ର କାଟ୍ତି ଓ ଟେକ ସେତେ ବଢୁଥିଲା । ପିଲାଏ ଖେଳିଲେ ପାଟି, କଳିକଲେ ଆଉଟିକେ ଜୋରରେ ପାଟି, ହସିଲେ ପାଟି, ବସିଲେ ପାଟି, ଆଉ ମାଆ ମୁରବି ଛୁଆଙ୍କୁ ଦାଣ୍ଡିବାକୁ ଫାଳିଆପାଟିରେ ଘର ପକାନ୍ତି ଉଠାନ୍ତି । ଘର ଯେମିତି ଏକ ପାର୍ଟିର ହାଟ । ଏ ଘୋଘୋ ଭିତରେ ଗପ ଲେଖିଲେ, ଗପର ଗଣିତରେ ଦୁଇଦୁନେ ଶୂନ ହେଇଯିବ ।

ରାତିରେ ଲେଖାଲେଖି କରିବାର ସୁବିଧା । ଛୁଆଏ ସଅଳ ଖାଇଦେଇ ବିଛଣା ଧରନ୍ତି । ଛୁଆଙ୍କ ମାଆ ଗୋଟିଏ ଛୋଟ ଛୁଆକୁ ନାନାବାୟା ଗାଇ ଶୋଇ ପକଉ ପକଉ ନିଜେ ଘୁଙ୍ଗୁଡ଼ି ମାରନ୍ତି ।

ରାତି ଆସିଗଲା । ଘରେ ରାଉରାଉ ସରିଗଲା । ସେ କଲମ ଧଇଲେ । ଅଝଟିଆ ମନକୁ ବହଲେଇଲେ । ଆଗେ ଭାବନା ଆଡ଼କୁ ମନଦେଲେ । ଭାବନା ହେଉଛି ଗପର ମୂଳ ପାହାଚ । ଭାବନାକୁ ଯେତେ ପଚରାଉଚରା କଲେ, ସେ ଖାଲି ହେଲା ଭଅଁ ଭଅଁ । ତା'ପରେ ସେ ଯୋଜନାକୁ ଜାକି ଆଣିଲେ, ସେଠି ବି ବାଜା ବାଜୁଛି । ସେ କିଛି ବଜବଜ ହେଲା । ସେଥିରୁ କିଛି ଖୋଜି, ଗପର ଜୁଅ ପକାଇବାକୁ ଭାବିଲେ । ଆରମ୍ଭଟା ହୋଇପାରୁନି । ଗଳ୍ପରେ ନୋବେଲ ପୁରସ୍କାର ପାଇଥିବା ଜଣେ ଗଳ୍ପପୁରୁଷ ଥରେ କହିଥିଲେ, ଗଳ୍ପର ଆରମ୍ଭଟା ସେ ସହଜରେ କରିପାରନ୍ତି ନାହିଁ । ଗୋଟେ ଗଳ୍ପର ଆରମ୍ଭ ପାଇଁ ତାଙ୍କୁ ଦିନ ଦିନ ଅପେକ୍ଷା କରିବାକୁ ହୁଏ ।


'ଆରମ୍ଭ' ତାଙ୍କ ବୋଲ ମାନୁନି । ସେ କେଉଁ କାଡୁଆ ପୁରୁଷ କି ? କାଗଜ କଲମଙ୍କୁ ଟିକିଏ ଶୋଇବାକୁ କହି, ନିଜେ ବିଛଣା ଉପରେ ଲମ୍ବହେଇ ପଡ଼ିଗଲେ । ନିଦ ସହିତ ଭଲ ପଡ଼େନା । ପିଲାବେଳେ ବୁଢ଼ୀ ମାଆ ତାଙ୍କୁ ନିଦରେ ଶୋଇ ପକାଉଥିଲେ । ବୁଢ଼ୀ ମାଆ 'ନିଦ' ମାଉସୀକୁ ଗୀତରେ ଗାଇ 'ନିଦ ମାଉସୀ'କୁ ଡାକୁଥିଲେ । ସେ ଆସି ତା' କାନମୂଳ ଆଉଁଶିଦେଇ ତାଙ୍କୁ ଶୋଇପକାଇବ ।

ବୁଢ଼ୀ ମାଆ ଗଲାଣି । ତା'ସହିତ ନିଦ ମାଉସୀ ବି ବିଦା ହେଲେଣି । ଅବିକା ଡାକ୍ତର ମଉସା ନିଦ ବଟିକା ଗିଳାଇ ଶୋଇ ପକାଉଛନ୍ତି ।

ନିଦ ଉପରେ ବହୁତ କଥା ଅଛି । ରାତି ପାହାନ୍ତିଆ ସପନ କାଳେ ସତ ହୁଏ । ମଲା ସପନ ଘରକୁ ଦେଖିଲେ ପରକୁ, ପରକୁ ଦେଖିଲେ ଘରକୁ ।

'ଫ୍ରଏଡ୍'ଙ୍କର ମତ କାଳେ ଧରାପଡ଼ିବ, ତେଣୁ ସପନ ବେଶ ବଦଳାଇ ଆସେ । କ'ଣ ସପନ ଦେଖିଲେ କ'ଣ ହୁଏ, ସ୍ୱପ୍ନ-ଶାସ୍ତ୍ରରେ ଅଛି । ଛାଡ଼ନ୍ତୁ । ଗପ କଥା ଭାବୁ ଭାବୁ ସେ ଶୋଇଥିଲେ, ସ୍ୱପ୍ନଟେ ଆସିଲା ।

ଗୋଟାଏ ପ୍ରକାଣ୍ଡ ବରଗଛ । ତା'ର ମୋଟା ମୋଟା ଡାଳ ଚାରିଆଡ଼କୁ ଲମ୍ବିଛି । ମୋଟା ଡାଳରୁ ଓହଳ ବାହାରି ମାଟିରେ ପୋତିହେଇ ଡାଳକୁ ଧରି ରଖିଛି । ସରୁ ଡାଳରେ ବାଉଁଶ ଠେକରା ଦିଆଯାଇଛି । ଗଛତଳରେ ଲମ୍ବା ଚଉଡ଼ା ଛାଇ, ପାକଲା ବରଫଳ ଖାଇବାକୁ ଗଛରେ କିଛି ଚଢ଼େଇଙ୍କ ଚିଇଁଚାଇଁଆ, କେଁ କଟର ଶବଦ । କେଇଟା ଚଢ଼େଇ ବସା ବି ବାନ୍ଧିଛନ୍ତି । ଖରାଦିନ ଖରା, ଗୁଳୁଗୁଳି । ଛାଇ ସାଙ୍ଗକୁ ସୁଲୁସୁଲିଆ ପବନ । ଦେହରେ ପ୍ରାଣ ପଶିଯାଉଛି ।



ଛାଇରେ ଗୋଟେ ଜାଗାରେ କେତେଜଣ ତାସ ବାଡ଼ାଉଛନ୍ତି । କେଉଁଠି ଭିକାରିଟିଏ ମାଗି ଆଣିବା ଚାଉଳରୁ ଗୋଡ଼ି ବାଛୁଚି । ଗୋଟିଏ ନିଛାଟିଆ ଜାଗାରେ କାଗଜ କଲମ ଧରି ଲୋକଟିଏ ବସିଛି । କ'ଣ ଭାବି ଭାବି କାଗଜରେ ଲେଖୁଛି । ଲେଖକଟିଏ ହେବପରା । ଗୋଟିଏ ଫାଙ୍କା ଜାଗାରେ ନିଶାପ ବସିଛି, ଯୁକ୍ତତର୍କ ଚାଲିଛି । ଆଉ କେଉଁଠି ମୃଦଙ୍ଗ ବାଡ଼େଇ କୀର୍ତ୍ତନ ଚାଲିଛି । ବୁଢ଼ୀ ମାଇପେ ଶୁଖିଲା ବରପତ୍ର ଖରକି ଠୁଳ କରୁଛନ୍ତି । ଜାଳିବେ ବୋଲି ବୋଧହୁଏ ।

ଆଉ କେଉଁଠି ରୋଗୀଟି ଶୋଇଛି । ତା' ଘରଲୋକ ତାକୁ ବିଞ୍ଚୁଛନ୍ତି । ତା'ର ଶ୍ୱାସ କଷ୍ଟ ହେଉଛି । ଗଛରୁ ଅମ୍ଳଜାନ ପାଇବ ବୋଲି ସେଠିକୁ ଆଣିଛନ୍ତି ।

ଜଣେ ମହିଳାଙ୍କ ଆଗମନ ହେଲା । ଧଳା ଖଦଡ଼ ଶାଢ଼ି ପିନ୍ଧିଛନ୍ତି । ବେକରେ ଶାନ୍ତି ନିକେତନ ବେଗ । ଆଖିରେ ସୁନା ଫ୍ରେମର ଚଷମା । କଥାବାର୍ତ୍ତାରୁ ଜଣାଗଲା, ସେ ମହାଶୟା ଜଣେ ମନ୍ତ୍ରୀ ସାହେବା । ସାଙ୍ଗରେ ତାଙ୍କର ଥିଲେ କେଇଜଣ କାଠୁରିଆ । ହାତରେ ମୋଟାମୋଟା କୁରାଢ଼ି । ମନ୍ତ୍ରୀ ମହୋଦୟା ଗଛଟିକୁ କାଟିବାକୁ ବରାଦ କରୁଛନ୍ତି, ଗଛଟାକୁ କାଟିଦେବାକୁ ହେବ । ଜାଗାଟାକୁ ତାଙ୍କ ନାଆଁରେ କରିସାରିଛନ୍ତି । ଗଛ ମୂଳରେ କୁରାଢ଼ି ଚୋଟ ପଡ଼ିଲା । ସେଠି ସେ ଘର ତୋଳିବେ । ସେ ତରତର ହେଉଛନ୍ତି । ଗୋଟାଏ ସଭା ତାଙ୍କୁ ଡାକିଛନ୍ତି । ସଭାଟା ହେଉଛି ବୃକ୍ଷରକ୍ଷଣ ସଭା । ମନ୍ତ୍ରୀଙ୍କ ହାତରୁ କାଗଜ ଖଣ୍ଡକ ଖସିପଡ଼ିଲା । ସେଇଟି ଗୋଟାଇ ଜଣେ କାଠୁରିଆ ହାତକୁ ଆଣି ବଢ଼ାଇଦେଲା, ସଭାରେ ଦେବାକୁ ଥିବା ଭାଷଣର ଟିପାଟିଏ । ମନ୍ତ୍ରୀ ମହୋଦୟା ହାତରେ ଧରିଥିବା କିଛି ଚାରାଗଛରୁ ଗୋଟେ ଗଛ ପଡ଼ିଗଲା । ଉଠେଇଲେ ନାହିଁ । ହଅ ପଡ଼ିଥାଉ । ବାଣ୍ଟିବେ ତ । ସେ ସଭାରେ ବାଣ୍ଟିବା ପାଇଁ ଆଣିଥିଲେ ।

ମନ୍ତ୍ରୀଙ୍କ ହାତରୁ ପଡ଼ିଯାଇଥିବା ଚାରା ଗଛଟିକୁ ଭିକାରିଟା ଉଠାଇନେଇ, ଖଣ୍ଡେ ବଡାରେ ଗାତ ଖୋଳି ଗଛଟିକୁ ପୋତିଦେଲା । ନିଜ ଭିକମଗା ପାତ୍ରରେ ପାଣିଆଣି ଗଛ ମୂଳରେ ଢାଳିଦେଲା । ଦୂରରୁ ମନ୍ତ୍ରୀଙ୍କ ଭାଷଣ ମାଇକ୍‌ରୁ ଶୁଣାଯାଉଥିଲା - 'ଗଛ ହେଉଛି ଜଗତର ଜୀବନ, ଗଛ ରକ୍ଷା ତ ମଣିଷର ରକ୍ଷା । ଗଛକୁ କାଟିବା ମାନେ ଜୀବନକୁ କାଟିବା ।' ପୁଣି କୁରାଢ଼ି ଚୋଟ ପଡ଼ିଲା ।

ତାଙ୍କର ଚାଉଁକରି ନିଦ ଭାଙ୍ଗିଗଲା । ଯାହାହେଉ, ଗପଟେ ମିଳିଗଲା । ଗପ ହେଉକି ଫପ ହେଉ । ଗାରେଇଦେଇ ବନ୍ଧୁଙ୍କୁ ଧରାଇଦେଲେ ପାର ପାଇଯିବେ ।

ସେ କିଛି ଭାବିକି କଲମ ଧଇଲା ବେଳକୁ ଭୁଲିଯାଉଛନ୍ତି । ସେ ଗପଟାକୁ ଠିକେ ଠିକେ ଲେଖି ପକାଇବାକୁ ଗଲେ ବାଲକୋନିକୁ ।

ଦେଖିଲେ ବାଲକୋନିରେ ଗୋଟିଏ ବନ୍‌ସାଇ ବରଗଛର କୁଣ୍ଡ । ସେହି ବାମନ ଗଛରୁ କୁନି ଫଳଟିଏ ପାଚିକି ପଡ଼ିଛି । ଟିକି ଚଢ଼େଇଟିଏ ଥଣ୍ଟମାରି ତାକୁ ଉଠାଇ ନେଉଛି ।

□□

ଲେଖକଙ୍କ ଇ-ମେଲ ଠିକଣା:
utpalpati@gmail.com



# ପ୍ରେମରେ ପୁରୁଷର ଦାତାପଣ ଓ ଆମ ସାହିତ୍ୟ

ପ୍ରବନ୍ଧ

ଆଦିକନ୍ଦ ସାହୁ

ଯେଉଁ ପ୍ରେମଚେତନାଟି ଯୁଗଯୁଗ ଧରି ଗଢ଼ିଉଠିଛି, ସତ କହିଲେ ଗୋଟେ ପୁରୁଷପ୍ରଧାନ ପ୍ରାଣ ହିଁ ତାକୁ ଗଢ଼ିଛି । ପୂର୍ବରେ ଯାହା ପଶ୍ଚିମରେ ବି ସେଇଆ । ଆଉ ପୁରୁଷ ଗଢ଼ା ସେଇ ଚେତନାର ଈଶ୍ୱରୀ ହେଉଛି ନାରୀ ।

କଳା କବିତାରେ ଆମେ ଯେଉଁ ପ୍ରେମର ସ୍ୱାକ୍ଷର ଦେଖୁ, ତାକୁ ପୁରୁଷପ୍ରାଣ ତିଆରିଛି ବୋଲି ତାହା ସେ ପାଇଁ ନାରୀକୈନ୍ଦ୍ରିକ ହୋଇଛି । ନାରୀକୁ ବାଦ୍‌ଦେଇ ବୋଧେ ଅସଲ ପ୍ରେମ ଭାବନା ପୃଥିବୀରେ ନାହିଁ । ଯଦିଓ ପ୍ଲେଟୋ ପ୍ରମୁଖ ଗ୍ରୀକ୍ ଦାର୍ଶନିକମାନେ ପ୍ରେମାନୁଭୂତି ତଥା ସୌନ୍ଦର୍ଯ୍ୟାବଧାରଣାରେ ସମଲିଙ୍ଗୀଙ୍କୁ ଅନ୍ତର୍ଭୁକ୍ତ କରିଛନ୍ତି । ସେ ଯାହାହେଉ, ପୁରୁଷପ୍ରାଣର ଗୋଟେ ଦାତାପଣ ଅଛି । ସେ ଦୃଷ୍ଟିରୁ ନାରୀ ପ୍ରାୟ ସବୁବେଳେ ଗ୍ରହୀତା ।

ହୃଦୟରେ ପ୍ରେମ ନଥିଲେ ବର୍ଷଣମୁଖର ନିଶିଥ ଆଉ ଜହ୍ନରାତି ସବୁ କ'ଣ ସେମିତି ଲାଗନ୍ତା ?

**ଗ୍ରହୀତା ଓ ଦାତା**

ଗ୍ରହୀତାଠାରୁ ଦାତାର ଉଦାହରଣ ବେଶି । ଏମିତି ପ୍ରେମ ବିଷୟକ ଚର୍ଚ୍ଚାରେ ନାରୀ ମୁକ୍ତ ଚିନ୍ତନ ଆଡ଼କୁ ଜମା ଆସିନି । ଅନ୍ୟପକ୍ଷରେ ପୁରୁଷ କର୍ତ୍ତୃକ ସମାଜରେ ନାରୀର ଉର୍ଦ୍ଧ୍ୱତନ ଭାବାବେଗକୁ ଏଯାବତ୍ ଉପଯୁକ୍ତ ସମର୍ଥନ ମିଳିନାହିଁ ।

ସେଇ ପୁରୁଷପ୍ରଧାନ ସମାଜରେ ଲାଳିତପାଳିତ ହୋଇଥିବା କବି ଓ ଲେଖକମାନେ କହନ୍ତି, ମନୁଷ୍ୟ ପକ୍ଷରେ ପ୍ରେମିକ ହେବାଠାରୁ ଆଉ ବଡ଼ ଆଶୀର୍ବାଦ କିଛି ନାହିଁ ।

ନାରୀର କ'ଣ ପ୍ରେମାନୁଭୂତି ନାହିଁ । କେବଳ ପୁରୁଷର ଅଛି ? ନାରୀ କିନ୍ତୁ ନିଜେ ତା'ର ପ୍ରେମାନୁଭୂତିକୁ ପ୍ରାୟ ପ୍ରକଟନ କରିନାହିଁ; ଯେପରି ପୁରୁଷ କରିଛି । ନାରୀର ସୁନିଷ୍ପ ପ୍ରେମ ଅଧିକରୁ ଅଧିକ ଅନୁଚ୍ଚାରିତ ହୋଇରହିଛି ।

ପ୍ରେମ ସହିତ ଯୋଡ଼ାହୋଇ ରହିଛି ସବୁବେଳେ ଆମର ସୌନ୍ଦର୍ଯ୍ୟ ଚେତନା । ପ୍ରେମର ଆବେଗକୁ ସୌନ୍ଦର୍ଯ୍ୟଚେତନା ଅନୁଭବ ବଢ଼ାଏ ଓ ପ୍ରେମକୁ ଅଧିକ ସୃଜନଶୀଳ ଓ ଦୀପ୍ତ କରାଏ ।

ପୃଥିବୀର ସେଇ ସୁନ୍ଦରତାକୁ ଦେଖିବା ପାଇଁ ଓ ପ୍ରେମକୁ ଅନୁଭବ କରିବା ପାଇଁ ଈଶ୍ୱର ମନୁଷ୍ୟକୁ ଜୀବନଦାନ କରିଛନ୍ତି । ମଣିଷ ଭିତରେ ସୌନ୍ଦର୍ଯ୍ୟବୋଧ ଏକ ନୈସର୍ଗିକ ସାତ୍ତ୍ୱିକ ଚେତନା । ତାହା ପ୍ରାଣରେ ପ୍ରେମ ବଢ଼ାଏ ଓ ପ୍ରେମ ଜୀବନର ସବୁ ଅନୁଭୂତିକୁ ନିବିଡ଼କରେ ।

ହୃଦୟରେ ପ୍ରେମ ନଥିଲେ ବର୍ଷଣମୁଖର ନିଶିଥ ଆଉ ଜହ୍ନରାତି ସବୁ କ'ଣ ସେମିତି ଲାଗନ୍ତା ?

ଆମର ପ୍ରେମପରି ଆମର ସୌନ୍ଦର୍ଯ୍ୟବୋଧ ଯାହାର ଅସ୍ତିତ୍ୱ ମାନବିକତା ବାହାରେ ନାହିଁ; ଆତ୍ମାର ଅଭିବୃଦ୍ଧିରେ ଯାହା ପୁଣି ସହାୟତା କରେ ।

**ଏସ୍‌ଥେଟିକ୍ ତୃଙ୍ଗିମା**

ନାରୀ ଚେତନାକୁ ଯେ ଗୋଟେ ଏସ୍‌ଥେଟିକ୍ ତୃଙ୍ଗିମା ଦେଇପାରନ୍ତିନି, ସେମାନେ ସବୁ ନିଜ ଭିତରୁ କବିତ୍ୱ ହରାନ୍ତି । ମହାକବି ଅଶ୍ୱଘୋଷ ପ୍ରଭା ପରି ଜଣେ କୁମାରୀ ନର୍ତ୍ତକୀ ପ୍ରେମରେ ଅତୁଳନୀୟ କବିତ୍ୱର ଅଧିକାରୀ ହୋଇପାରିଥିଲେ । ତାଙ୍କର ସେ ପ୍ରେମାନୁବନ୍ଧ କବିତ୍ୱ ଉର୍ବଶୀ ବିରହ ଆଉ ବୁଦ୍ଧ ଚରିତମ୍ ପରି ମହାନାଟକରେ ଅଭିଲିପିତ ହୋଇଛି ।

ସତରେ ଏକାନ୍ତ ଅତୁଳନୀୟ ପ୍ରଭାର ପ୍ରେମିକାପ୍ରାଣ । ମହାକବି ଅଶ୍ୱଘୋଷଙ୍କ ପ୍ରେମକୁ ସେ ଖାଲି ଗ୍ରହଣ କରିନି, ପ୍ରେମ ପାଇଁ ଜୀବନଦାନ କରିଦେଇଛି ।

ଏମିତି ଅଜସ୍ର ପ୍ରେମ ସଂଘଟିତ ହୋଇଛି ପୃଥିବୀରେ । ନାରୀପ୍ରେମ ସଂପର୍କରେ ପୁରୁଷପ୍ରାଣର ଉତ୍ସୁକତା ଗୋଟେ ଅଭିଜାତ ବିରହ ପର୍ବ ସୃଷ୍ଟିର କାରଣ ହୋଇଛି ।

ପୁରୁଷଟିଏ ଯଦିଓ ନାରୀ ପ୍ରେମ ପାଇଁ ଗୋଟେ ବୀଟ ପୁରୁଷ ଭଳି ଅଧୀର ହୁଏ, ତଥାପି ନାରୀଟିଏ ଏତେ ସହଜରେ ଗୋଟେ ଉଦାସପଣର ପ୍ରେମୀ ପୁରୁଷ ଆତ୍ମାକୁ

ବେଢ଼ିଦେଇ ପାରେନାହିଁ ।


ଅସଲ ପ୍ରେମ ଅସଲ ପ୍ରେମିକକୁ କବିଟିଏ କରିଦିଏ । ସମର୍ଥ ପ୍ରେମୀ ପୁରୁଷକୁ ନାରୀପ୍ରେମ ବୌଦ୍ଧିକ ଜୀବନ ପରିଚର୍ଯ୍ୟା ପାଇଁ ଖୋରାକ ଯୋଗାଏ ।

ଏହା ହେଉଛି ପ୍ରକୃତରେ ପ୍ରେମର ଲାଭ । ପ୍ରେମ କରିବା ଭିନ୍ନ ପ୍ରେମ ବୋଲି କିଛିନାହିଁ । ତାହା ଅଧିକରୁ ଅଧିକ ଏକ ଆତ୍ମନିଷ୍ଠ ବିଷୟ ।

ପ୍ରେମିକ ପ୍ରେମିକା କେବଳ ପ୍ରେମ ପାଆନ୍ତି ଓ ପ୍ରେମ ଦେଇପାରନ୍ତି । ପତି-ପତ୍ନୀ କେହି ପ୍ରେମ ପାଆନ୍ତିନି କି ଦେଇପାରନ୍ତିନି । ଅଯଥାରେ ଖାଲି ଚାପ ପ୍ରୟୋଗ କରନ୍ତି ଯା ।

ଗୋଟେ ଶୁଖିଲା ପଡ଼ିଥିବା ନଦୀଶଯ୍ୟା ଯାହା, କମ୍ ବେଶିରେ ଆମ ଦାମ୍ପତ୍ୟ ସବୁ ପ୍ରାୟ ସେଇଆ । ବଡ଼ ଅନାକର୍ଷିତ ଓ ପ୍ରବାହହୀନ ।

ଉଭୟ ପତି-ପତ୍ନୀ ପ୍ରେମର ସର୍ବନାଶ କରନ୍ତି ଓ ତା'ର ମୃତ୍ୟୁ ଘଟାନ୍ତି । ପ୍ରେମ ଯେଉଁ ଅମାପ ସ୍ୱାଧୀନତାର ଅପେକ୍ଷା ରଖେ, ପତି-ପତ୍ନୀ ସେଇ ସ୍ୱାଧୀନତାକୁ ସବୁବେଳେ ବିପନ୍ନ କରିବାରେ ଲାଗିଥାନ୍ତି ।



## ସ୍ୱାମୀ ଓ ସ୍ତ୍ରୀ

ସତ କହିଲେ, ସ୍ୱାମୀ ଲାଗିଥାଏ ସ୍ତ୍ରୀଟିକୁ ସବୁମତେ ଦାସୀ କରିଦେବା ପାଇଁ, ଆଉ ସ୍ତ୍ରୀ ବି ନିରବଚ୍ଛିନ୍ନ ଭାବେ ଉଦ୍ୟମକରେ ଆହା ବିଚରା ସ୍ୱାମୀଟିକୁ ପଟେ ମେଣ୍ଢା ବା ଗଧ କରିଦେବା ପାଇଁ । ପୁରୁଷକୁ ବଶକରି, ତା'କୁ ତା'ର ଅଧୀନକରି କାନିରେ ଗଣ୍ଠି ନ ପକେଇବା ପର୍ଯ୍ୟନ୍ତ ସେ କେବେ ନିଶ୍ଚେଷ୍ଟ ହୋଇ ବସେନାହିଁ ।

ସେମାନେ ସ୍ୱାମୀ-ସ୍ତ୍ରୀ ହୁଅନ୍ତୁ ବା ପ୍ରେମିକ-ପ୍ରେମିକା ହୁଅନ୍ତୁ, ଯଦି କେହି କାହାର ସ୍ୱାଧୀନତା ଅପହରଣ କରିବା ପାଇଁ ବାହାରନ୍ତି, ତା'ହେଲେ ସେ ପ୍ରକୃତରେ ପ୍ରେମଠାରୁ ଦୂରେଇ ଯାଆନ୍ତି ।

ଅମାପ ସ୍ୱାଧୀନତା ଭୋଗ କରୁଥିବା ପ୍ରେମିକାର ପ୍ରେମ ସିନା ସ୍ୱାଦ୍ୟ, ସ୍ୱାଧୀନତା ନଥିବା ଗୋଟେ ଦାସୀର ପ୍ରେମ ସ୍ୱାଦ୍ୟ କି ? ସେମିତି ସ୍ୱାଧୀନତା ନଥିବା ଜଣେ ପ୍ରେମୀ ଦାସପରି ଜିଏଁ; ତାର ଆଉ ନାଗରପଣ ରହେନି ।

ପ୍ରେମ ଗୋଟେ ସ୍ୱାଧୀନତା ପୋଷିତ ବିଷୟ ।

ସେ ପାଇଁ ତାହା ଚିତ୍ତ ପ୍ରବୋଧକ କବିତ୍ୱର ପ୍ରସ୍ରବଣ ।

ପ୍ରେମ ସହିତ କଳା କବିତାର ସମ୍ବନ୍ଧ, ପ୍ରଜ୍ଞାର ସମ୍ବନ୍ଧ, ସାଧୁତାର ସମ୍ବନ୍ଧକୁ ଅସ୍ୱୀକାର କରିହେବନି ।

ମଣିଷ ଜୀବନବୃତ୍ତରେ ପ୍ରେମ ସବୁଠାରୁ ଶକ୍ତିଶାଳୀ ଜୀବନପ୍ରବୃତ୍ତି; ଅଥଚ ପ୍ରେମ ପ୍ରତି ଆମର ପ୍ରଚଣ୍ଡ ଅନୁନାସିକତା ।

ଆମ ସଭିଁଙ୍କ ଭିତରେ ପ୍ରେମର ଅଙ୍କୁର ପୋତା ହୋଇଥିଲେ ବି ଆଉ ସ୍ଥାନ କାଳ ଦେଖି ତାହା ଅଙ୍କୁରିତ ହେଉଥିଲେ ବି ସେ ବିଷୟରେ ସତରେ ଆମର ଭାରି ଛଳନା । ଆମେ ତା'କୁ ଲୁଚାଇ ରଖୁ ।

ଜଣେ ଅସଲ ପ୍ରେମିକ ତା' ପ୍ରେମିକାକୁ ଜଣେ କଳାକାର ଭାବେ ଉପଭୋଗ କରେ । ଯେଉଁମାନେ ପଶୁତୁଲ୍ୟ ସେମାନେ ଦେହ ମିଳନରେ କେବଳ ସୀମିତହୋଇ ଥାଆନ୍ତି ।

ଗୋଟେ ଗଭୀର ପ୍ରେମର ମାର୍ମିକତା ଜୀବନକୁ କବିତା କରିଦିଏ । ରେଜିନା ଓ୍ୱଲସନ୍ ପରି ଗୋଟେ ବାଳିକାର ପ୍ରେମ କିରକେଗାର୍ଡଙ୍କ ପରି ଜଣେ ବିଷାଦଗ୍ରସ୍ତ ମଣିଷର ଜୀବନକୁ ଗୋଟେ ମଧୁର କବିତା କରିଦେଇଥିଲା ।

## ବେଦନା ବିଧୁର ଆତ୍ମା

ପୃଥିବୀର ଅନେକ ଗଭୀର ପ୍ରେମ ଏକପାଖିଆ ହୋଇଛି । ସେମିତି ପ୍ରେମ ସତରେ ଗୋଟେ ବେଦନା ବିଧୁର ଆତ୍ମା ତିଆରିକରେ ।

ପ୍ରେମର ଗଜଲ ସେ ହିଁ ଗାଇପାରେ ।

ଝୁରି ମରିବାର ପ୍ରେମୀଜୀବନ ହିଁ ସତରେ ଭାରି କାବ୍ୟିକ ଓ ସର୍ଜନଶୀଳ । ସେମିତି ବ୍ୟଥାତୁର ପ୍ରେମୀକୁ ଭାରି ଜୀବନ ଦେଇଥାଏ ଏହି କାବ୍ୟିକତା । କିରକେଗାର୍ଡଙ୍କ ଭଳି ଜଣେ ମସ୍ତ ପ୍ରେମୀ ମଣିଷ କେବଳ ବୀର ପରି ନିର୍ଭୀକ ଭାବରେ କହିପାରନ୍ତି: 'ଲଭିଙ୍ଗ୍ ଇଜ୍ ଦି ଓନ୍‌ଲି ଥିଙ୍ଗ୍, ଆଇ ଆମ୍ ଏକ୍ସପର୍ଟ


ଇନ୍’ । ଗୋପୀନାଥ ମହାନ୍ତିଙ୍କ ‘ମାଟିମଟାଳ’ର ରବି ଚରିତ୍ରରେ ଆମେ ପାଉ ପୁରୁଷର ଉତ୍ସର୍ଗୀକୃତ ଜୀବନ ଓ ବଳିଦାନର ପ୍ରମାଣ। ପାଠପଢ଼ା ସରିବା ପରେ ନିଜ ଜମିଦାରୀ ଜୀବନକୁ ତୁଚ୍ଛକରି ସେ ଦେଶ ସେବା ପାଇଁ ନିଜକୁ ଉତ୍ସର୍ଗ କରିଦେଇଛି। ସେହେତୁ ସେ ବିବାହଠାରୁ ମଧ୍ୟ ଦୂରେଇ ରହିଛି। ଏହା ପୁରୁଷର ପ୍ରଶସ୍ତ ମାନସିକତା ସୂଚାଇଦିଏ।

ସୁରେନ୍ଦ୍ର ମହାନ୍ତିଙ୍କ ‘ଅନ୍ଧ ଦିଗନ୍ତ’ରେ ନିଧି ଦାସ ଚରିତ୍ରଟିରେ ଆମେ ଦେଖୁ ଯେ ସ୍ୱାଧୀନତା ଆନ୍ଦୋଳନ ଓ ସମାଜ ପାଇଁ ତା’ର ଅବଦାନର ତୁଳନା ନାହିଁ।

ସେହିପରି ‘ତୁଣ୍ଡ ବାଇଦ’, ‘ଶାସ୍ତି’, ଓ ‘ଅଦେଖା ହାତ’ ଆଦି ଉପନ୍ୟାସଗୁଡ଼ିକରେ କାହ୍ନୁଚରଣ ଅଧିକରୁ ଅଧିକ ପ୍ରେମରେ ପୁରୁଷର ଦାତାପଣଟିକୁ ପ୍ରଦର୍ଶିତ କରିଛନ୍ତି। ବାରି ହେଲାଭଳି ପ୍ରେମିକର ପ୍ରେମିକପଣର ଚିତ୍ର ଆଙ୍କିଛନ୍ତି ସେ।

ବିଷାଦ ହେଉଛି ଅନୁଭବର ମଞ୍ଜି ।

ବିପ୍ରଲମ୍ଭର ମଞ୍ଜି ହେଉଛି ସେହିପରି ବିଷାଦ ।



**ପ୍ରେମର ଅନୁଭବ**

ବିଷାଦଗ୍ରସ୍ତ ନ ହେଲେ ପ୍ରେମର ଅନୁଭବ ସତରେ ଏତେ ପ୍ରଗାଢ଼ ହୁଏନି ।

ପ୍ରେମର ଅନୁଭବ, ସତ କହିଲେ, ଯେମିତି ପ୍ରଗାଢ଼ ସେମିତି ଅନ୍ତରୀଣ । ପ୍ରଗାଢ଼ ପ୍ରେମର ଅବସର ପରକୀୟାରେ ଅବଶ୍ୟ ବେଶି । କାରଣ, ସେଠି ବାଧା ନାହିଁ କି ବନ୍ଧନ ନାହିଁ।

ସେଠି ଅଳପ ମିଳନ, ବେଶି ଆତୁରତା ।

ସେ ଗୋପନ ପ୍ରେମର ପ୍ରତିଟି ରୋମାଞ୍ଚକୁ ସାତତାଳ ପଙ୍କ ତଳେ ସେମାନେ ସାଇତି ରଖନ୍ତି । ଅଜସ୍ର ବେପଥୁ ଅଜସ୍ର ମଧୁରିମା ପ୍ରେମରେ ।

ପ୍ରେମର ଆୟୁଷ ସେମିତି ବଡ଼ ଅନିଶ୍ଚିତ ।

ପ୍ରେମର ସ୍ଥାୟିତ୍ୱ ହେଉଛି ପ୍ରେମର ଗୌରବ ।

ହେଲେ ପ୍ରେମ ଗଢ଼ା ହେବା ଯେତେ ସତ୍ୟ, ତା’ଠାରୁ ଅଧିକ ସତ୍ୟ ହେଉଛି ପ୍ରେମ ଭାଙ୍ଗିଯିବା । ସେମିତି ଦେଖିଲେ, ମାତ୍ର ଗୋଟେ ମୁହୂର୍ତ୍ତ ବି ପ୍ରେମର ଆୟୁଷ ହୋଇପାରେ । ସେ ମୁହୂର୍ତ୍ତଟିଏ ହେଲେ ବି ସେ ଏକ ବିରଳ ଲଗ୍ନ; ଯାହାକୁ ଜମା ପାଶୋରି ହେବନି ।

ପ୍ରେମକୁ ବିପନ୍ନ କରିବା ପାଇଁ ଏତେ ଶତ୍ରୁତା ଅଛି ଏ ପୃଥିବୀରେ, ସତରେ ଗଣିହେବନି । ଅସଲରେ ସବୁକଥା ପାଇଁ ଏ ପୃଥିବୀରେ ଜାଗାଅଛି; ହେଲେ ପ୍ରେମ ପାଇଁ ଆଦୌ ଜାଗାନାହିଁ ।

ଯୁଗଯୁଗର ସାହିତ୍ୟ ପ୍ରେମର କଷ୍ଟକୁ ହିଁ ଲିପିବଦ୍ଧ କରିଛି । ସେ ହାମଲେଟ୍ ହେଉ କି ବିଲ୍ୱମଙ୍ଗଳ ହେଉ, ଏମିତି ଲକ୍ଷ ଲକ୍ଷ ନରନାରୀ ପ୍ରେମର କଷ୍ଟ ନିଭାଇଛନ୍ତି ।

ମଣିଷର ହୃଦୟ ହିଁ ପ୍ରେମର ସିଂହାସନ । ନିଭୃତ ନିଃଶ୍ୱାସର ବନ୍ଦାପନାରେ ପ୍ରେମ ଅଭିଷିକ୍ତ ହୁଏ, ପୁଣି ସେଇ ପ୍ରେମକୁ ସିଂହାସନଚ୍ୟୁତ କରିବାର ଘଟଣା ଏ ଜଗତରେ ଆଦୌ କମ୍ ନୁହେଁ ।

ପ୍ରେମ ଭାଙ୍ଗିଗଲେ ପୁରୁଷପ୍ରାଣ ହିଁ ବେଶି ଉଜୁଡ଼ିଯାଏ । ସାଧାରଣତଃ ସବୁଠି ସବୁକାଳରେ ପ୍ରେମର ବଞ୍ଚନା ପୁରୁଷକୁ ହିଁ ବେଶି ବ୍ୟଥିତକରେ ।

କାରଣ ପୁରୁଷ ହିଁ ପ୍ରେମ ନିବେଦନ କରେ ।

ସମ୍ଭବତଃ ପୁରୁଷ ଅପେକ୍ଷା ନାରୀ ପ୍ରେମକୁ ଏକ ବନ୍ଧନ କରିପକାଏ । ଯେଉଁଥିପାଇଁ ପ୍ରେମ ଅନାକର୍ଷିତ ହୋଇଯାଏ ।

ନାରୀ ପ୍ରେମକୁ ହାର୍ଦ୍ଦିକତାର ଗୋଟେ ବଡ଼ ଭଙ୍ଗିମା ଦେଇପାରେନାହିଁ । ପ୍ରେମର ଟ୍ରାଜେଡ଼ି ଓ ତା’ର ଅବିମିଶ୍ର ଦୁଃଖ ଓ ବିଷାଦକୁ ନାରୀ ସହଜରେ ତା’ର ଉପଲବ୍ଧିକୁ ନେଇପାରେନି ।

ସାର୍ତ୍ରଙ୍କ ପରି ଜଣେ ବିଶ୍ୱବିଖ୍ୟାତ ମନିଷୀ ଥରେ କହିଥିଲେ, ପ୍ରେମ ଅଭ୍ୟନ୍ତରରେ ଥିବା ବିଷାଦ ଓ ତଦ୍‌ଜନିତ ସୃଜନଶୀଳତା ସେତିକି ମୂଲ୍ୟ ଦେଇପାରିନଥିବା କାରଣରୁ

ନାରୀ, ପଶୁ ଆଉ ଈଶ୍ୱର ଏକାପରି ପ୍ରେମ କରନ୍ତି ।

**ପ୍ରେମରେ ଯୌବନ**

ପ୍ରଜନନ ତଥା ଗର୍ଭାଧାନକାରିଣୀ ହୋଇଥିବା କାରଣରୁ ନାରୀ ପ୍ରେମରେ ଯୌବନ ଖୋଜେ; ହେଲେ ପୁରୁଷ ପାଇଁ ଯୌବନରୁ ବାର୍ଦ୍ଧକ୍ୟ ଯାଏଁ ସବୁ ସମୟ ପ୍ରେମର ଋତୁ । ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର'ରେ କାଉଲ୍ ଏକ ଅତୁଳନୀୟ ଚରିତ୍ର। ପ୍ରେମିକାକୁ ଖୁସି କରିବା ପାଇଁ କାଉଲ୍ ତା' ଜୀବନର ସମସ୍ତ ସୁଖକୁ ଜଳାଞ୍ଜଳି ଦେଇଛି। କାଉଲର ତମାମ ଜୀବନ ସମର୍ପିତ ହୋଇଛି ପ୍ରେମିକାର ସୁଖ ପାଇଁ। ଶେଷରେ ନିଜର ହୋଟେଲ୍‌କୁ ବିକ୍ରିକରି ସେ ପ୍ରେମିକାର ଚିକିତ୍ସା ଖର୍ଚ୍ଚ ତୁଲାଇଛି। ଆମ ଉପନ୍ୟାସ ସାହିତ୍ୟରେ ଏହି ଭାବର ତୁଳନା ନାହିଁ।

ପୁରୁଷ ଅପେକ୍ଷା ନାରୀ ପ୍ରେମରୁ ବେଶି ସୁଖ ଖୋଜେ । ପୁରୁଷ ଯେମିତି ବିଷାଦଭରା ପ୍ରେମଗୀତ ସହଜରେ ଗାଇପାରେ, ସମ୍ଭବତଃ ନାରୀ ତାହା ପାରେନାହିଁ ।

ପ୍ରେମରେ ଦେହ ସହିତ ମନ ଓ ହୃଦୟ ମିଶିବା ଜରୁରି । ଆଗ ଆତ୍ମାର ସହବାସ, ତା'ପରେ ଦେହମିଳନ । ଏମିତି ପ୍ରେମ ହୁଏତ ପୃଥିବୀକୁ ସବୁମତେ ସୁନ୍ଦର କରିନେବ । ଜୀବନର ବିସ୍ମୟ ଓ ଚମତ୍କାରୀକୁ ସାମ୍ନା କରିବା ପାଇଁ ସେମିତି ମାନସିକତା ହୁଏତ ଆମକୁ ପ୍ରବୋଧିତ କରିବ ।

ଯୌନ ପ୍ରବୃତ୍ତିକୁ ସୌନ୍ଦର୍ଯ୍ୟ ପ୍ରୀତି ନିୟନ୍ତ୍ରଣ କରିବା ଉଚିତ । ଜୀବନତୃଷା ନହେଲେ ଅପରିଶୀଳିତ ଜାନ୍ତବତାରେ ଭରିଯିବ ।

ବିଷାଦ ଓ ବିପ୍ରଲମ୍ଭର ପ୍ରଗାଢ଼ତାକୁ ଉପଲବ୍ଧି ସ୍ତରକୁ ନେଇ ଉଚ୍ଚତର ସୃଜନ ଆବେଗର ଅଧିକାରିଣୀ ହୁଏତ ନାରୀ ହୋଇନପାରେ । ହେଲେ ଦାମ୍ପତ୍ୟ ନିଷ୍ଠା ପ୍ରଦର୍ଶନରେ ନାରୀ ଅପେକ୍ଷା ପୁରୁଷ ଅଧିକ କୃତିମତା ଆଚରଣକରେ ।

ନାରୀର ବହୁ ପୁରୁଷ ଇଚ୍ଛା (ପଲିଗେମୀ) ସମାଜ ଗଢ଼ା ବ୍ୟବସ୍ଥା ଦ୍ୱାରା ଯେତେ ଅଧିକ ବନ୍ଧାପଡ଼ିଛି, ପୁରୁଷର ବହୁ ନାରୀ ଇଚ୍ଛାର ନିବିଡ଼ତା ସେହି ଭାବରେ ବନ୍ଧକ ପଡ଼ିନାହିଁ ।

**ସୌନ୍ଦର୍ଯ୍ୟ ଓ ପ୍ରେମ**

ଆମ ସାହିତ୍ୟ ସଂସ୍କୃତି ଆରମ୍ଭରୁ ଆଜିଯାଏଁ ଯେତେ ଅଧିକ ସଂଖ୍ୟକ ପୁରୁଷ ସୌନ୍ଦର୍ଯ୍ୟ ଶାସ୍ତ୍ରୀ ବୋଲାଇଛନ୍ତି, ନାରୀର ଉପସ୍ଥାନ ସେଠି ବହୁତ କମ୍। ତା'ବାଦ୍ କେହି ଜଣେ ବିବାହିତ ବା ବିବାହିତା ଦାମ୍ପତ୍ୟ ସଂପର୍କରୁ ଅଭିଜ୍ଞତା ଅର୍ଜନକରି ସୌନ୍ଦର୍ଯ୍ୟ ଶାସ୍ତ୍ରୀ ବୋଲାଇନି ।

ଥରେ କିରକେଗାର୍ଡ ଅତି ଦୃଢ଼ତାର ସହିତ କହିଥିଲେ: 'କହତ ଦେଖି ପରକୀୟା ପ୍ରେମକୁ ବାଦ୍‌ଦେଇ କିଏ ଜଣେ ସୌନ୍ଦର୍ଯ୍ୟ ଶାସ୍ତ୍ରୀ ବୋଲାଇଛି ।' ପୁରୁଷମାନଙ୍କ ପକ୍ଷରେ ଦାମ୍ପତ୍ୟ ପ୍ରେମ ଅପେକ୍ଷା ନିଷିଦ୍ଧ ପ୍ରେମର ଆକର୍ଷଣ ବେଶି । ଆଉ ପତ୍ନୀମାନେ ସାଧାରଣତଃ ସ୍ୱାମୀମାନଙ୍କର ସ୍ୱାଭାବିକ ଶତ୍ରୁ; ବିଶେଷତଃ କଳାକାର ସ୍ୱାମୀମାନଙ୍କର ।

ନାରୀର ମନ ପତିପୁତ୍ର ସର୍ବସ୍ୱ ଗୋଟେ କ୍ଷୁଦ୍ର ମଣ୍ଡଳରେ ସୀମିତ ହୋଇଥାଏ । ସ୍ୱାମୀର ମନ ଖୋଲା ଆକାଶ ଅବା ମୁକ୍ତ ନଭୋମଣ୍ଡଳ ଭଳି । ପୃଥିବୀରେ ଯେଉଁ ପର୍ବତ ପ୍ରମାଣେ ସାହିତ୍ୟ ରଚିତ ହୋଇଛି ତା'ର ମୂଳ ବିଷୟପିଣ୍ଡ ହେଉଛି ପ୍ରେମ। ଟଲଷ୍ଟୟ 'ଆନ୍ନା କାରେନିନା'ରେ ସେହି ଗଭୀର ପ୍ରେମର ଚିତ୍ରଣ କରିନାହାନ୍ତି ତ ଆଉ କ'ଣ ? ବିଶ୍ୱକବି ରବିନ୍ଦ୍ରନାଥ ମଧ୍ୟ ସମସ୍ତ କବିତାରେ ତାଙ୍କର ଉଦାର ପୁରୁଷପଣ ଦେଇ ନାରୀକୁ ମହିମାମଣ୍ଡ କରିଛନ୍ତି। ଗୋଟିଏ ପୁରୁଷର ପ୍ରେମପଣ ନାରୀ ପାଇଁ କେତେ ସ୍ପନ୍ଦିତ ହୁଏ ତା'ର ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ ହେଉଛି 'ବିଲ୍ୱମଙ୍ଗଳ' ଉପାଖ୍ୟାନ। ବିଶ୍ୱସାହିତ୍ୟରେ ଏଭଳି ଚରିତ୍ର ନାହିଁ, ଯିଏ ନାରୀପ୍ରେମ ପାଇଁ ତାର ସର୍ବୋତ୍ତମ ନିଷ୍ଠାର ପ୍ରଦର୍ଶନ କରିପାରିଛି।

**ନାରୀର ମନ ପତିପୁତ୍ର ସର୍ବସ୍ୱ ଗୋଟେ କ୍ଷୁଦ୍ର ମଣ୍ଡଳରେ ସୀମିତ ହୋଇଥାଏ । ସ୍ୱାମୀର ମନ ଖୋଲା ଆକାଶ ।**

ପ୍ରେମରେ ପୁରୁଷ ତା'ର ଦାତାପଣ ଯୋଗୁଁ ଗୋଟେ ମସ୍ତ ତାଜାପଣ ଅନୁଭବ କରେ । ପିକାସୋ ସେମିତି କହିଥିଲେ, ପ୍ରେମଠାରୁ ଆଉକିଛି ତାଜାପଣ ଜୀବନରେ ଭରିଦିଏ ନାହିଁ ।

ତୁଳନାତ୍ମକ ଭାବେ ଦେଖିଲେ, ନାରୀଠାରୁ ପୁରୁଷ ବିଧିବିଧାନ ଭିତରେ ଆବଦ୍ଧ ନ ରହି, ଅଧିକରୁ ଅଧିକ ବେପରୱା ଜୀବନ ବଞ୍ଚେ । ତା'ଦ୍ୱାରା ସେ ପ୍ରେମର ସ୍ୱାଦ ପାଏ ।

□□

ଲେଖକଙ୍କ ଇ-ମେଲ ଠିକଣା:
adikandas64@gmaill.com



# ଏକ ଦୁଃସାହସିକ ଚିଲିକା ଯାତ୍ରା

ଅନୁଭୂତି

ସନ୍ତୋଷ କୁମାର ପଟ୍ଟନାୟକ

ଯେଉଁ ଘଟଣା ସମ୍ବନ୍ଧରେ ଲେଖିବାକୁ ଚେଷ୍ଟା କରୁଛି, ତାହା ପ୍ରାୟ ବିଂଶ ଶତାବ୍ଦୀର ସତୁରି ଦଶକର ମଧ୍ୟଭାଗର କଥା । ସେତେବେଳେ ଚିଲିକା ହ୍ରଦଟି ଜାତୀୟ ସ୍ତରରେ ବର୍ତ୍ତମାନ ପରି ଏତେ ଜଣାଶୁଣା ନଥିଲା, ଏପରିକି ପକ୍ଷୀ ଶିକାର ମଧ୍ୟ ବେଆଇନ ଘୋଷଣା ହୋଇନଥିଲା । କଟକରେ ମୋର ମାଟ୍ରିକ୍ ପରୀକ୍ଷା ପରେ ଖଲ୍ଲିକୋଟରେ ମୋର କଲେଜ ପଢ଼ା ସଂପନ୍ନ ହୋଇଥିଲା । କାରଣ, ବାପା ଜଣେ ସରକାରୀ କର୍ମଚାରୀ ଥିଲେ ଓ ତାଙ୍କର ଖଲ୍ଲିକୋଟକୁ ବଦଳି ହୋଇଥିଲା । ଖଲ୍ଲିକୋଟ ପାଖରେ ଚିଲିକା ହ୍ରଦ ଅଛି ବୋଲି ମୁଁ ଶୁଣି ଅତି ଉଲ୍ଲସିତ ହୋଇଥିଲି । କଟକରେ ମୁଁ ହାଇସ୍କୁଲର ଛାତ୍ର ଥିଲାବେଳେ ଉତ୍କଳମଣି ଗୋପବନ୍ଧୁଙ୍କର 'ରେଳ ଉପରେ ଚିଲିକା ଦର୍ଶନ' ପଦ୍ୟ ଆମର ସାହିତ୍ୟ ପାଠ୍ୟକ୍ରମରେ ଥିଲା । ଆମର ସାହିତ୍ୟ ଶିକ୍ଷକ ସୁଧାକର ସାର୍ ଏହି କବିତାର ପାଠ୍ୟକ୍ରମ ଆରମ୍ଭ ଆଗରୁ ଆମ ଶ୍ରେଣୀର କେତେଜଣ ଚିଲିକା ହ୍ରଦ ଦେଖିଛ ବୋଲି ପ୍ରଶ୍ନ କରିଥିଲେ । ଅଳ୍ପ କେତୋଟି ହାତ ଉପରକୁ ଉଠିଥିଲା । ସେ କହିଥିଲେ, 'ତମେ ସବୁ ଯଥାଶୀଘ୍ର ଚିଲିକା ଦର୍ଶନ କର । ଏହା ସମଗ୍ର ଭାରତରେ ବୃହତ୍ତମ ହ୍ରଦ । ରାଧାନାଥ ଓ ଗୋପବନ୍ଧୁଙ୍କ ପରି କବିମାନେ ଏହାର ସୌନ୍ଦର୍ଯ୍ୟର ବର୍ଣ୍ଣନା କରିଛନ୍ତି । ତୁମେସବୁ ଏହା ନିଜେ ଦେଖିଲେ ହିଁ ଅନୁଭବ କରିପାରିବ' ସେଦିନଠାରୁ ମୋ'ର ଚିଲିକା ଦେଖିବାକୁ ଅଦମ୍ୟ ଇଚ୍ଛା ଓ ଉତ୍ସାହ ଆସିଥିଲା ।

**ଆମର ସାହିତ୍ୟ ଶିକ୍ଷକ ସୁଧାକର ସାର୍ କହିଥିଲେ, "ତମେ ସବୁ ଯଥାଶୀଘ୍ର ଚିଲିକା ଦର୍ଶନ କର । ଏହା ସମଗ୍ର ଭାରତରେ ବୃହତ୍ତମ ହ୍ରଦ ।"**

ଖଲ୍ଲିକୋଟ ପହଞ୍ଚିବା ପରେ ସେଠାରେ କଲେଜରେ ବି.ଏ. ପର୍ଯ୍ୟନ୍ତ ପଢ଼ିଥିଲି । କଲେଜରେ ପଢ଼ିବାର ପ୍ରଥମବର୍ଷରେ ମୋ'ର ଅନେକ ସ୍ଥାନୀୟ ସହପାଠୀଙ୍କ ସହିତ ବନ୍ଧୁତ୍ୱ ହୋଇଥିଲା । ସେମାନଙ୍କ ମଧ୍ୟରୁ ସୁଶାନ୍ତ ଓ ବିଜୟ ସହିତ ମୋ'ର ବନ୍ଧୁତ୍ୱର ଗଭୀରତା ଟିକେ ଅଧିକ ଥିଲା । ଆଉଜଣେ ଭଲବନ୍ଧୁ ବିରଞ୍ଚି । ତାଙ୍କ ଘର କେଶପୁର (ଖଲ୍ଲିକୋଟର ରେଲୱେ ଷ୍ଟେସନ) ଚିଲିକା ତୀରରେ ଥିଲା । ଆମେ କେତେଜଣ ବନ୍ଧୁ ଖଲ୍ଲିକୋଟଠାରୁ ବ୍ରହ୍ମପୁରକୁ ସଂଯୁକ୍ତ କରୁଥିବା ରେଳଲାଇନ୍‌ରେ ଚାଲିଚାଲି ରମ୍ଭା ଷ୍ଟେସନ ପର୍ଯ୍ୟନ୍ତ ଯାଇଛୁ । ସେ ରେଳପଥ ପାହାଡ଼ ଓ ଜଙ୍ଗଲ ଦେଇ ଚିଲିକା ହ୍ରଦର କୂଳେ କୂଳେ ଯାଇଛି । ଅଧିକାଂଶ ପଥ ନିର୍ଜନ କିନ୍ତୁ ଆମେ ସେସବୁ ଆଦୌ ଭୟ କରୁନଥିଲୁ । ଅନ୍ୟ ସାଙ୍ଗମାନେ ଆମର ଏହି କାର୍ଯ୍ୟକଳାପରେ ଆଶ୍ଚର୍ଯ୍ୟ ହେଉଥିଲେ ।

### ଯିବା ଚିଲିକା

କଲେଜର ପ୍ରଥମବର୍ଷର ଖରାଛୁଟିରେ ଆମେ ସମସ୍ତେ ଖେଳପଡ଼ିଆରେ ଏକାଠିହୋଇ କଥାବାର୍ତ୍ତା କରୁକରୁ ସୁଶାନ୍ତ ହଠାତ୍ କହିଥିଲା, ଆମେ ଚିଲିକା ମଝିରେ ଥିବା ପାରିକୁଦକୁ ଯିବା । ସେଠାରୁ ସମୁଦ୍ର (ବଙ୍ଗୋପସାଗର) ଅଳ୍ପଦୂର । ଆମେ ପାରିକୁଦରେ ପହଞ୍ଚି ସେଠାରୁ ଚିଲିକା ସମୁଦ୍ରର ସଂଯୋଗ ସ୍ଥାନ ଝାଉଁବଣରେ ବଣଭୋଜି କରିବା । ସେତେବେଳେ କେଶପୁରରୁ ପାରିକୁଦକୁ ଗୋଟିଏ ସରକାରୀ ଡଙ୍ଗା, ଦିନକୁ ଥରେମାତ୍ର ଯିବାଆସିବା କରୁଥାଏ । ବିଜୟ କହିଲା, ପାରିକୁଦରେ ଆଉଜଣେ ବନ୍ଧୁ ନରେନ୍‌ର ପିଉସୀ ଘର । ସେଠାରେ ପହଞ୍ଚି ରାତିଟା ରହି ତା'ପରଦିନ ସମୁଦ୍ରକୂଳ ଝାଉଁବଣକୁ ଯାଇ ସେଠାରେ ଭୋଜି କରିବା । ଏସବୁ କଥା ଯଥା: ଚିଲିକା ଓ ସମୁଦ୍ର ମଧ୍ୟରେ ଥିବା ଝାଉଁବଣ ଓ ସେଠାରେ ବଣଭୋଜି ତଥା ସମୁଦ୍ରସ୍ନାନ କଥା ଭାବି ଆମେସବୁ ଏତେ ଖୁସି ହୋଇଥିଲୁ ଯେ ଆମର ଚିଲିକା ଯାତ୍ରାର ଅନ୍ୟାନ୍ୟ ସୁବିଧା ଓ ଅସୁବିଧା କଥା ଆଦୌ ଚିନ୍ତା କରିନଥିଲୁ ।

କଲେଜର ଖରାଛୁଟିରେ ଆମେ ଚିଲିକା ଯିବା ପାଇଁ ପ୍ରସ୍ତୁତ ହୋଇଗଲୁ । ଆମେ ଚିଲିକା, ପାରିକୁଦ ତତ୍‌ସଂଲଗ୍ନ ସମୁଦ୍ର ଓ ବଣଭୋଜି କଥା ଶୁଣି ଆଉ କେତେଜଣ ସହପାଠୀ ଆମ ସାଙ୍ଗରେ ଯିବାକୁ ବାହାରିଥିଲେ । ଆମେ ସର୍ବମୋଟ ଛଅଜଣ ବାହାରିଥିଲୁ । ମୁଁ, ସୁଶାନ୍ତ, ବିଜୟ, ନରେନ୍, ଜଗା ଓ ପ୍ରଶାନ୍ତ । ସମସ୍ତେ ଶନିବାର ଦିନ ଦଶଟା ସୁଦ୍ଧା ଖଲ୍ଲିକୋଟରୁ ବାହାରି କେଶପୁର ଯାଇ ଡଙ୍ଗାଘାଟରେ ପହଞ୍ଚି ଯାଇଥିଲୁ । ସାଙ୍ଗରେ ବଣଭୋଜିର ସାମଗ୍ରୀ କଡ଼େଇ, ଡେକ୍‌ଚି, ଗିଲାସ, ରୋଷେଇ ସାମାନ ତଥା ଗୋଟିଏ ବଡ଼ଦରି ମଧ୍ୟ ନେଇଥିଲୁ । ଏହାଛଡ଼ା ଗୋଟିଏ ତେଲଭରା ପେଟ୍ରୋମାକ୍ସ ମଧ୍ୟ ଧରିଥିଲୁ । ଜଗା ତା'ର ରେଡିଓ ଓ ସୁଶାନ୍ତ ତା'ର କ୍ୟାମେରା ଧରିଥିଲା । ଖରାଦିନ ହେତୁ ଚିଲିକା ପାରିକୁଦର ମୁଖ୍ୟ ସ୍ଥଳଭାଗଠାରୁ କେତେ କିଲୋମିଟର ପଛକୁ ଘୁଞ୍ଚି ଆସିଥିଲା, ତାହା ଆମେ ଜାଣିନଥିଲୁ । ଆଣିଥିବା ଦରି, ରୋଷେଇ ସାମଗ୍ରୀ ଓ ପେଟ୍ରୋମକ୍ସ ଇତ୍ୟାଦି ଧରି ପ୍ରାୟ ଚାରି କିଲୋମିଟର ଚାଲିବା ପରେ ଆମେ ପାରିକୁଦ ଗାଁରେ ପହଞ୍ଚିଲା ବେଳକୁ ସମସ୍ତେ ଝାଳରେ ଭିଜିଯାଇଥିଲୁ । ନରେନ୍‌ର ପଛେପଛେ ଯାଇ ଗାଁ ମଝିରେ ଥିବା ତା'ର ପିଉସୀଘରେ ପହଞ୍ଚିଲା ବେଳକୁ ଦେଖିଲୁ, ଦାଣ୍ଡଦୁଆରେ ଗୋଟିଏ ତାଲା ଝୁଲୁଛି । ସେମାନେ କୁଆଡ଼େ ଯାଇଛନ୍ତି ବୋଲି ନରେନ୍ ପଚାରିବାରେ ଜଣାପଡ଼ିଲା, ଚାରିଦିନ ହେବ ବ୍ରହ୍ମପୁର ଯାଇଛନ୍ତି । ଆମେ ସାମାନ୍ୟ ହତୋତ୍ସାହିତ ହୋଇ ଘର ପିଣ୍ଡାରେ ଧରିଥିବା ସାମଗ୍ରୀ ରଖି ଝାଳ ପୋଛିବାରେ ଲାଗିଲୁ । କିଛି ଗାଁ ଲୋକ ଆମକୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । କ'ଣ କରିବୁ ବୋଲି ଚିନ୍ତା କଲାବେଳେ ଜଣେ ପ୍ରୌଢ଼ବ୍ୟକ୍ତି ଆମ ପାଖରେ ପହଞ୍ଚି କଥାବାର୍ତ୍ତା କରିଥିଲେ । ଆମେସବୁ କିଏ, କ'ଣ ପାଇଁ ଆସିଛୁ ଜାଣିବା ପରେ ଟିକେ ସହାନୁଭୂତିଶୀଳ ହୋଇ କହିଥିଲେ, 'ଏଠି ଜାଗା ବିଷୟରେ ସର୍ବଶେଷ ବିବରଣୀ ସଂଗ୍ରହ ନ କରି କେବଳ ମ୍ୟାପ୍ ଦେଖି କେମିତି ଚାଲିଆସିଲ ? ତମେସବୁ ଯେଉଁ ଝାଉଁବଣ ତଥା ସମୁଦ୍ର କଥା କହୁଛ, ସେହି ଅଞ୍ଚଳ ନାଁ ହେଉଛି ଫତେପୁର । ତାହା ଏଠାରୁ ଦୂର । ଯଦି ଯିବାର ଅଛି, ତା'ହେଲେ ବର୍ତ୍ତମାନ ହିଁ ବାହାରିଯାଅ, କାରଣ ସଂଧ୍ୟାହେଲେ ବାଟ ପାଇବ ନାହିଁ । ସେଠି ଗୋଟିଏ ଫରେଷ୍ଟ ବିଟ୍ ଅଛି, କିନ୍ତୁ କେହି ରୁହନ୍ତି ନାହିଁ । ସରକାରଙ୍କ ତରଫରୁ ସେଠି ଗୋଟିଏ ଟ୍ୟୁବ୍‌ୱେଲ ମଧ୍ୟ ହୋଇଛି । ସେଠି ବଣଭୋଜି କଲେ କିଛି ଅସୁବିଧା ନାହିଁ । ତା'ପରେ ତମେସବୁ ଝାଉଁବଣ ଅତିକ୍ରମ କଲେ ସମୁଦ୍ର ଦେଖିପାରିବ । ସେତେବେଳକୁ ଆମକୁ ଭୋକ ଲାଗିଲାଣି । ଜଗା ପଚାରିଲା, 'ମଉସା, ଏଠି ହୋଟେଲ କି ଜଳଖିଆ ଦୋକାନ ଅଛି ? ସେ ଭଦ୍ରଲୋକ ହସିହସି କହିଥିଲେ, ନାଁ, ସେସବୁ ଏଠିନାହିଁ, ତେବେ ଗାଁ ମୁଣ୍ଡରେ ଗୋଟିଏ ଗୁଡ଼ିଆଘର ଅଛି । ସେଠି ଚା' ଓ ମୁଢ଼ି ମିଳିପାରିବ ।'

**ଅଙ୍କାବଙ୍କା ରାସ୍ତା**



ଆମେ ଆଉ ବିଳମ୍ବ ନକରି ସେହି ଗୁଡ଼ିଆ ଘରେ ପହଞ୍ଚି ସେଠାରେ ଗୁଡ଼ପକା ଚା' ଓ ମୁଢ଼ି, ଉଖୁଡ଼ା ଖାଇବାପରେ ଟିକେ ସତେଜ ଅନୁଭବ କରିଥିଲୁ । ସେ ଭଦ୍ରଲୋକ ଆମକୁ ଫତେପୁର ଯିବାକୁ ଗୋଟିଏ ପାଦଚଲା ରାସ୍ତା ଦେଖାଇ ଚାଲିଯାଇଥିଲେ । ଚାରିଆଡ଼େ ବିସ୍ତୀର୍ଣ୍ଣ ପ୍ରାନ୍ତର ମଝିରେ ଗୋଟିଏ ପାଦଚଲା ରାସ୍ତା ଅଙ୍କାବଙ୍କା ହୋଇ ଯାଇଛି । ସବୁଆଡ଼େ କଣ୍ଟାଯୁକ୍ତ ଘାସ, କିନ୍ତୁ ପାଦଚଲା ରାସ୍ତା ଅପେକ୍ଷାକୃତ ନିରାପଦ । କାନ୍ଧ ଉପରେ ବଣଭୋଜି ସାମଗ୍ରୀର ବୋଝ ବୋହି ଆମେ ଆଗେଇ ଚାଲିଥିଲୁ । କେତେ ସମୟ ପରେ ଦୂରରୁ ଝାଉଁବଣ ଗୋଟିଏ ଫିକା ସବୁଜ ସରଳରେଖା ପରି ଦୃଷ୍ଟିଗୋଚର ହୋଇଥିଲା । କିନ୍ତୁ ଯେତେ ଚାଲିଲେ ମଧ୍ୟ ତାହା ପାଖକୁ ଆସିଲାପରି ଲାଗୁନଥାଏ । ଯାହାହେଉ, ସଂଧ୍ୟା ସମୟରେ ସେ ଝାଉଁବଣ ଆରମ୍ଭରେ ପହଞ୍ଚି ଫରେଷ୍ଟ ବିଟ୍‌ଟି ପାଇଗଲୁ । ତା' ସାମ୍ନା ଟ୍ୟୁବୱେଲ୍‌ର ସଫା ମିଠାପାଣି ଓ ଶୁଖିଲା ଝାଉଁକାଠର ଗଦାଦେଖି ଆମର ମନ ଆଶ୍ୱସ୍ତିରେ ଭରିଯାଇଥିଲା । ରୋଷେଇ ଆରମ୍ଭ କରିଥିଲୁ । ଜଗା ଓ ବିଜୟ ଏଥିରେ ପାରଙ୍ଗମ ଥିଲେ । ଭାତ, ମୋଟାଡାଲି ଓ ଘାଣ୍ଟ ତରକାରୀ । ମୁଁ ଆଶ୍ଚର୍ଯ୍ୟ ହେଉଥିଲି ଯେ

ସ୍ୱାଦ ଅପୂର୍ବ ଥିଲା । ଦିନସାରା ଅର୍ଦ୍ଧାହାରରେ ରହି ଚାଲିବା ପରେ ଭୋକଟା ଟିକେ ଅଧିକ ଥିଲା । ସମସ୍ତେ ଟିକେ ବେଶି ଖାଇଦେଇଥିଲୁ । ଖାଇସାରିବା ପରେ ପଥକ୍ଲାନ୍ତିରେ ଆଖିପତା ଦୁଇଟି ଭାରିହୋଇ ଆସୁଥିଲା । ଆମକୁ ଲକ୍ଷ୍ୟକରି ସୁଶାନ୍ତ କହିଥିଲା, 'ଭାଇମାନେ, ଆମେ ଏ ଝାଉଁବଣଟି ଅତିକ୍ରମ କଲାପରେ ଆରପଟରେ ସମୁଦ୍ର । ରାତି ରାତି ସେଠାରେ ପହଞ୍ଚି ସମୁଦ୍ର ବାଲିରେ ଆରାମରେ ଶୋଇବା । ଭୋରୁ ମୁଁ ଉଠି ସୂର୍ଯ୍ୟୋଦୟର ଫଟୋ ନେବାକୁ ଏତେ ଦୂରରୁ କ୍ୟାମେରା ନେଇ ଆସିଛି । ଥକ୍କା ଲାଗୁଥିଲେ ବି ସୁଶାନ୍ତର ପ୍ରସ୍ତାବ ଲୋଭନୀୟ ଥିଲା ।' କିନ୍ତୁ ଝାଉଁବଣ ଭିତରେ କେତେ ରାସ୍ତା ଗଲାପରେ ସମୁଦ୍ର ପଡ଼ିବ ଆମେ ଜାଣିନଥିଲୁ । ତଥାପି ପେଟ୍ରୋମାକ୍ସକୁ ଲିଭାଇ ଜିନିଷପତ୍ର ଭାଗକରି କାନ୍ଧରେ ଉଠାଇ ସେ ଝାଉଁବଣ ଭିତରେ ଚାଲିବାକୁ ଲାଗିଲୁ । ଆକାଶର ତାରାଙ୍କୁ ଚାହିଁ ସୁଶାନ୍ତ ଆମକୁ ପୂର୍ବଦିଗକୁ ଯିବାକୁ ବାଟ କଢ଼ାଉଥାଏ । ଏପରି ଚାଲିଚାଲି ଶେଷକୁ ଆଗକୁ ବଢ଼ିବା କଷ୍ଟକର ହୋଇପଡ଼ିଲା । ତା'ପରେ ଆମେ ଧରିଥିବା ଜିନିଷପତ୍ରର ଓଜନ । ଅଳ୍ପ ସମୟ ଠିଆହୋଇ କ'ଣ କରିବୁ ଭାବୁଛୁ, ବିଜୟ କହିଲା, ଭାଇ ଶୁଣ ! 'ମତେ ସମୁଦ୍ର ଗର୍ଜନ ପରି ଲାଗୁଛି ।' ଆମେସବୁ କାନ ଡେରିଥିଲୁ, ମତେ ଖୁବ୍ ଦୂରରୁ ଏକ କ୍ଷୀଣ ଅଥଚ ଗମ୍ଭୀର ଶବ୍ଦ ଶୁଣାଗଲା ପରି ଲାଗିଲା । ଆମେମାନେ ଆଉ ନ ଅଟକି ଯଥାସମ୍ଭବ ଦ୍ରୁତଗତିରେ ଆଗେଇବାକୁ ଚେଷ୍ଟା କରିଥିଲୁ । ଶେଷକୁ ଝାଉଁବଣର ଚାନ୍ଦୁଆରୁ ବାହାରି ସମୁଦ୍ରକୂଳରେ ପହଞ୍ଚି ଯାଇଥିଲୁ ।

**ଲହରୀର ସଙ୍ଗୀତ**

ବଡ଼ ଆଶ୍ଚର୍ଯ୍ୟଜନକ ସେହି ଦୃଶ୍ୟ । ସେତେବେଳକୁ ବୋଧହୁଏ ରାତି ଦୁଇଟା ବାଜିଥିବ । ଆକାଶରେ ଝଟକୁଥିବା ତାରାମାନଙ୍କ ଆଲୋକରେ ଆମେ ଦେଖିପାରୁଥିଲୁ ସମୁଦ୍ର କୂଳର ଫିକା ଓ ବିସ୍ତୀର୍ଣ୍ଣ ବାଲୁକାଶଯ୍ୟା । ସଂପୂର୍ଣ୍ଣ ନିଖୁଣ ଓ କଳାତ୍ମକ । ତା'ସାଙ୍ଗକୁ ସମୁଦ୍ର ଲହରୀର ଗୁରୁଗମ୍ଭୀର ସଂଗୀତ । ମତେ ଲାଗୁଥିଲା, ଆମେସବୁ ପୃଥିବୀ ଛାଡ଼ି କେଉଁ ଅନ୍ୟ ଏକ ଗ୍ରହରେ ପହଞ୍ଚିଯାଇଛୁ । ସମୁଦ୍ରର ଥଣ୍ଡାପବନର କୋମଳ ସ୍ପର୍ଶରେ ଆମର ଆଖି ବୁଜିହୋଇ ଯାଉଥିଲା । ଜଗା ଓ ବିଜୟ ମିଶି ସେଠି ସମୁଦ୍ର ବାଲିରେ ଦରିଟା ଖୋଲି ବିଛାଇ ଦେଇଥିଲେ । ତାହା ଆମକୁ ବୋଧ ହେଉଥିଲା, ବାଲି ତ ନୁହେଁ, ଯେପରି ଟ୍ୟାଲକମ୍ ପାଉଡ଼ର ପରି ସ୍ନିଗ୍ଧ । ସେପରି କୋମଳ ଓ ଆରାମଦାୟକ ଶଯ୍ୟାର ସ୍ପର୍ଶ ମୁଁ ଆଜିପର୍ଯ୍ୟନ୍ତ ପାଇନାହିଁ । ଆଖି ବନ୍ଦକରି ଆମେ ଅନୁଭବ କରୁଥିଲୁ, ସମୁଦ୍ର ଲହରୀର ଗର୍ଜନ ଓ କୂଳକୁ ଫେରିଯାଉଥିବା ସମୟର ନିରବତା । ସୁଶାନ୍ତ ନିଦୁଆ ସ୍ୱରରେ ମତେ କହିଥିଲା, ଭୋର୍ ବେଳେ ଉଠାଇ ଦେବାକୁ, କାରଣ ସେ ସୂର୍ଯ୍ୟୋଦୟର ଫଟୋ ଉଠାଇବ । ଏହି ସମୟରେ ମତେ ଲାଗିଲା, ଆମର ମୁଣ୍ଡପଟରେ ଥିବା ଝାଉଁବଣ ଧାରରେ କିଛି ଗୋଟାଏ ଖସ୍‌ଖସ୍ ଶବ୍ଦ । ମୁଁ ବିଜୟଠାରୁ ତା'ର ଦୁଇସେଲିଆ ଏଭାରେଡି ଟର୍ଚ୍ଚଲାଇଟ୍‌ଟା ଆଣି ସେପଟକୁ ପକାଇ ଯାହା ଦେଖିଲି ଚମକି ପଡ଼ିଥିଲି । ଟର୍ଚ୍ଚର ସ୍ତିମିତ ଆଲୋକରେ ମୁଁ ଦେଖୁଥିଲି ଭୂମି ଉପରୁ ସମାନ୍ତରାଳ ଭାବରେ ଜୋଡ଼ାଜୋଡ଼ା ଚକ୍‌ଚକ୍ କରୁଥିବା ଆଖି । ମୋ'ର ପାଟିରେ ସମସ୍ତେ ଉଠିଯାଇଥିଲେ । ନରେନ୍ କହିଲା, ଏଇ ଆଖିଗୁଡ଼ିକ ବାଲିହରିଣର । ମୁଁ ପିଲାବେଳେ ପାରିକୁଦ ଆସିଲାବେଳେ ଏହି ପ୍ରକାରର ହରିଣ ଅନେକ ସଂଖ୍ୟାରେ ଥିଲେ, ବର୍ତ୍ତମାନ ତାହା କମିଯାଇଛି । ଆଉ କହିଥିଲା, 'ଏହି ପ୍ରକାରର ହରିଣଗୁଡ଼ିକ ସାଧାରଣ ହରିଣଙ୍କ ଅପେକ୍ଷା ଅଧିକ କ୍ଷୀପ୍ର ଓ ଦ୍ରୁତଗତିରେ ଦୌଡ଼ିପାରନ୍ତି । ଏମାନେ ନିରୀହପ୍ରାଣୀ ଓ ଏମାନଙ୍କଠାରୁ କୌଣସି ବିପଦ ନାହିଁ, ଶୋଇପଡ଼ ।'

**ଟର୍ଚ୍ଚର ସ୍ତିମିତ ଆଲୋକରେ ମୁଁ ଦେଖୁଥିଲି ଭୂମି ଉପରୁ ସମାନ୍ତରାଳ ଭାବରେ ଜୋଡ଼ାଜୋଡ଼ା ଚକ୍‌ଚକ୍ କରୁଥିବା ଆଖି ।**

ସମସ୍ତେ ପୁଣି ଶୋଇଯାଇଥିଲେ, କିନ୍ତୁ ମୁଁ ଏକଧ୍ୟାନରେ ସେ ହରିଣଗୁଡ଼ିକୁ ଚାହିଁଥିଲି । ମତେ ଲାଗୁଥିଲା, ସେମାନେ ଯେପରି ପଚାରୁଛନ୍ତି, 'ତମେ ସବୁ କିଏ ? ଏଠି ଆମ ଇଲାକାକୁ କାହିଁକି ଆସିଛ ? ଆମେ ତ ତମପରି ପ୍ରାଣୀକୁ ପ୍ରଥମଥର ପାଇଁ ଦେଖୁଛୁ ।' ମୁଁ ଦୁଇହାତ ପାପୁଲି ଉପରେ ମୁହଁ ରଖି ତାଙ୍କୁ ଦେଖୁଦେଖୁ ଗଭୀର ନିଦରେ ଅଚେତନ ହୋଇଯାଇଥିଲି । ହଠାତ ସୁଶାନ୍ତର ପାଟିରେ ମୋ'ର ନିଦ ଭାଙ୍ଗିଯାଇଥିଲା । ମୁହଁରେ ଟାଣଖରା । ସୁଶାନ୍ତ ବ୍ୟସ୍ତହୋଇ ପାଟି କରୁଥାଏ, ଆବେ ସବୁ ଶୋଇପଡ଼ିଲକିରେ ? ସକାଳୁ ଉଠିଥିଲେ ମୁଁ ସୂର୍ଯ୍ୟୋଦୟର ଫଟୋ ଉଠାଇଥାନ୍ତି ।

ସେତେବେଳକୁ ବୋଧହୁଏ ସକାଳ ଆଠଟା ହେବ । ଦିନବେଳା ସମୁଦ୍ରକୂଳକୁ ଭଲରେ ଦେଖିଲୁ । ଆମକୁ ଜଣାପଡୁଥିଲା ଯେପରି ଆମେ ପ୍ରଥମ ମନୁଷ୍ୟ ସେଠାରେ ପାଦ ପକାଇଥିଲୁ । ବିସ୍ତୀର୍ଣ୍ଣ ବାଲୁକା ବେଳାଭୂମିକୁ ଆଉ କେଉଁ ପ୍ରାଣୀର କେବେ ଆସିବାର ଚିହ୍ନବର୍ଣ୍ଣ ନାହିଁ ।

### ଫେରନ୍ତା ପର୍ବ

ସମୁଦ୍ରରେ ବେଶ୍ ଭଲଭାବରେ ଗାଧୋଇ ଶୁଖିଲା ଲୁଗା ପିନ୍ଧିଥିଲୁ । ଏଥର ଫେରନ୍ତା ପର୍ବ । ଆମେସବୁ କଥାବାର୍ତ୍ତା କରି ଠିକ୍‌କଲୁ ଯେ ସେଠାରୁ ସିଧା ପାରିକୁଦ ଡଙ୍ଗାଘାଟକୁ ଫେରିବୁ । ସବୁ ଜିନିଷଗୁଡ଼ିକୁ ଏକାଠିକରି ଭାଗକରି ବୋହି ଫେରିବା ଆରମ୍ଭ କରିଥିଲୁ । ଘଣ୍ଟାଏ ଚାଲିବା ପରେ ପଡ଼ିଆରେ ଗାଈ ଚରାଉଥିବା ବୁଢ଼ା ଲୋକଟିଏ ନଜରରେ ପଡ଼ିଥିଲା । ତାକୁ ପଚାରିଥିଲୁ, 'ଭାଇ, ପାରିକୁଦ ଡଙ୍ଗାଘାଟକୁ ରାସ୍ତା କୁଆଡ଼େ କହିପାରିବ ? ପ୍ରଥମେ ସେ ଆମକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା । ତା'ପରେ ଆମକୁ ସେହି ଦିଗକୁ ରାସ୍ତା ବତାଇଥିଲା ଓ ପଚାରିଥିଲା, କ'ଣ ଚାଲିକରି ଯିବ? ବଳଦଗାଡ଼ି କିମ୍ବା ସାଇକେଲ ନାହିଁ? ଆମେ କିଛି ଉତ୍ତର ନ ଦେଇ ଚାଲିବା ଆରମ୍ଭ କରିଥିଲୁ । ଉଦ୍ଦେଶ୍ୟ ସଂଧ୍ୟା ଆଗରୁ ଯେମିତି ହେଲେ ଡଙ୍ଗାଘାଟରେ ପହଞ୍ଚିବୁ । ସେତେବେଳକୁ ବୋଧହୁଏ ଦିନ ଦୁଇଟା ପାଖାପାଖି ହେବ । ଗତ ରାତିରେ ବଣଭୋଜିରେ ଯାହା ଖାଇଥିଲୁ । ବର୍ତ୍ତମାନ ଭୋକ ଓ ଶୋଷରେ ବଡ଼ ବ୍ୟତିବ୍ୟସ୍ତ ଲାଗୁଥାଏ । ଆମେ ସିଧାସଳଖ ଡଙ୍ଗାଘାଟ ରାସ୍ତାକୁ ଧରିବାରୁ ବାଟରେ କିଛି ଗାଁ କିମ୍ବା ବସ୍ତି ପଡ଼ିନଥିଲା । ଅପରାହ୍ନ ହୋଇସାରିଥିଲା । ବର୍ତ୍ତମାନ ଭୋକ ଅପେକ୍ଷା ଶୋଷର ପ୍ରାବଲ୍ୟ ବେଶି ଅନୁଭବ କରୁଥିଲୁ । ଭାଗ୍ୟବଶତଃ ରାସ୍ତାରେ ଗୋଟିଏ ବିରାଟ ବରଗଛ ତଳେ ଠାକୁରାଣୀଙ୍କର ଛୋଟ ମନ୍ଦିରଟିଏ ଦେଖିଲୁ । ପାଖରେ ଛୋଟ ଟ୍ୟୁବୱେଲଟିଏ ଦେଖି ଆମ ପିଣ୍ଡରେ ପ୍ରାଣ ପଶିଥିଲା । ପେଟେ ଲେଖାଏ ପାଣିପିଇ ଠାକୁରାଣୀଙ୍କୁ ମୁଣ୍ଡିଆମାରି ଡଙ୍ଗାଘାଟ ଆଡ଼େ ଅନୁମାନ କରି ଚାଲିବାକୁ ଲାଗିଲୁ । ଅନେକ ରାସ୍ତା ଚାଲି ସାରିଥିଲୁ, ଆହୁରି ଆଗକୁ ଯିବାକୁ ହେବ ବୋଲି ସମସ୍ତେ ଜାଣୁଥିଲୁ । ଆମେ ଧାଡ଼ିବାନ୍ଧି ଚାଲୁଥିଲୁ । ଏକ ଅପୂର୍ବ ନିରବତା, କାହା ସାଙ୍ଗରେ କେହି କିଛି କଥାବାର୍ତ୍ତା କରୁନଥିଲୁ । କାହାପ୍ରତି କାହାର କିଛି ଅଭିଯୋଗ ବା ବିରକ୍ତି ନଥିଲା । ପ୍ରାୟ ଚବିଶ ଘଣ୍ଟା ଆଗରୁ ଆମେ ଶେଷଥର ପାଇଁ ଖାଦ୍ୟ ଗ୍ରହଣ କରିଥିଲୁ । ବର୍ତ୍ତମାନ ଭୋକରେ ସମସ୍ତେ ଆଉଟୁପାଉଟୁ ହେଉଥିଲୁ । ତା'ଛଡ଼ା ଡଙ୍ଗାଘାଟ ଆଉ କେତେବାଟ ଆମେ ଜାଣିପାରୁ ନଥିଲୁ । ଜୀବନରେ ପ୍ରଥମଥର ପାଇଁ କ୍ଳାନ୍ତି ସାଙ୍ଗକୁ କ୍ଷୁଧା ଓ ଅନିଶ୍ଚିତତା କ'ଣ ମୁଁ ଅନୁଭବ କରିପାରୁଥିଲି । ହାଇସ୍କୁଲରେ ପଢ଼ିଥିବା ରବର୍ଟ ଫାଲକନ୍ ସ୍କଟ୍‌ଙ୍କର ଦକ୍ଷିଣମେରୁ ଅଭିଯାନ ମୋର ମନେ ପଡ଼ିଯାଉଥିଲା ।



କ୍ରମେ ଅପରାହ୍ନରୁ ସଂଧ୍ୟାହୋଇ ଆସୁଥିଲା । ଦୂରରେ ଥିବା ଏକ ବିରାଟ ତେନ୍ତୁଳି ଗଛକୁ ଚାହିଁ ନରେନ୍ କହିଥିଲା, ସେଇଟା ବୋଧହୁଏ ଡଙ୍ଗାଘାଟ । ଆମେ ଗଛମୂଳେ ପହଞ୍ଚିଲାବେଳକୁ ଅନ୍ଧାର । ସେ ଗଛରେ ବଙ୍କାତେଢ଼ା ହୋଇ ଲାଗିଥିବା କେତୋଟି ପଟା ଓ ଟିଣ ବୋର୍ଡ଼ରୁ ଜାଣିଲୁ ଯେ ଏହା ହେଉଛି ପାରିକୁଦରୁ କେଶପୁର ଫେରିବା ପାଇଁ ଡଙ୍ଗାଘାଟ । ଯେହେତୁ ଖରାଦିନ, ସେଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଚିଲିକାର ପାଣି ଚକ୍‌ଚକ୍ କରୁଥିଲା । ପାଣି ଧାରଠାରୁ କେତେଶହ ଫୁଟ ଦୂରରେ ଦୁଇ ତିନୋଟି ଡଙ୍ଗା କାତକୁ ଖୁଣ୍ଟିପରି ପୋତି ସେଥିରେ ଡଙ୍ଗାକୁ ବାନ୍ଧିଥିଲେ । କିନ୍ତୁ ସେଥିରେ ଲୋକ ଅଛନ୍ତି କି ନାହିଁ ଆମେ ଜାଣିପାରିନଥିଲୁ । କିଛି ସମୟ ପରେ ଆଶାର ଆଲୋକପରି ଗୋଟିଏ ଡଙ୍ଗାରେ ଲଣ୍ଠନଟିଏ ଜଳିଉଠିଥିଲା । ବର୍ତ୍ତମାନ ଆମ ସମସ୍ତଙ୍କର ଗୋଟିଏ ଚିନ୍ତା, କିଛିହେଲେ ଖାଇବାକୁ କେମିତି ମିଳିବ । ଆମେ ଜାଣୁଥିଲୁ, ତା'ପରଦିନ ଦଶଟା ଆଗରୁ ସେଠାରୁ କେଶପୁର ଯିବାକୁ ଡଙ୍ଗା ମିଳିବ ନାହିଁ । ଜଗା ଓ ବିଜୟ ତାଙ୍କ ଭିତରେ କଥାହୋଇ ସେ ଆଲୁଅ ଜଳୁଥିବା ଡଙ୍ଗା ପାଖକୁ ବାହାରିଲେ । ଉଦ୍ଦେଶ୍ୟ କାଳେ କିଛି ସେଠି ଖାଇବାକୁ ମିଳିବ । ମୁଁ ସେମାନଙ୍କ ସାଙ୍ଗରେ

ଚିଲିକା କୂଳ ପର୍ଯ୍ୟନ୍ତ ଗଲି । ସେ ଦୁଇଜଣ ଫୁଲ୍‌ପ୍ୟାଣ୍ଟକୁ ଆଣ୍ଠୁ ପର୍ଯ୍ୟନ୍ତ ଭାଙ୍ଗି ପାଣି ଭିତରେ ପଶି ସେ ଲଣ୍ଠନ ଜଳୁଥିବା ଡଙ୍ଗା ପର୍ଯ୍ୟନ୍ତ ଆଗପଛ ହୋଇଗଲେ । ସେମାନେ ଗଲାବେଳେ ପାଣି ଚବଚବ ଶବ୍ଦ ମୁଁ ସ୍ପଷ୍ଟ ଶୁଣିପାରୁଥାଏ । ଜଗା ସେ ଡଙ୍ଗା ଉପରେ ଥିବା ଲୋକଙ୍କୁ ଦେଖି, ମଉସା ଓ ମାଉସୀ ବୋଲି ଡାକି ଡଙ୍ଗା ଉପରକୁ ଗଲା । ସେ ଲୋକ ଲଣ୍ଠନ ଉଠାଇବା ବେଳେ ମୁଁ ଦେଖିଥିଲି ବୁଢ଼ା ଲୋକଟିଏ । ଜଗା ତା'ସାଙ୍ଗରେ କ'ଣ କଥାବାର୍ତ୍ତା କରିଥିଲା ମତେ ଆଉ ଶୁଭୁନଥିଲା । ସେଠି ଡଙ୍ଗାରେ କିଛି ଖାଇବା ପଦାର୍ଥ ଥିବ ବୋଲି ଆମେ ଆଶାବାଦୀ ଥିଲୁ । କିନ୍ତୁ ଅଳ୍ପ ସମୟ ପରେ ହଠାତ୍ ଗାଳି କରିବା ଶୁଣି ଆମେ ଆତଙ୍କିତ ହୋଇଉଠିଲୁ । ସେ ବୁଢ଼ା ନାଉରୀ କାତକୁ ଧରି ଡଙ୍ଗାଧାର ମାଡ଼କରି କହୁଥାଏ, 'ଶଳେ ଭିକାରି, କାଙ୍ଗାଳ କୋଉଠିକାର, ବାହାର ମୋ' ଡଙ୍ଗାରୁ ଶୀଘ୍ର : ନ ହେଲେ କାତରେ ମୁଣ୍ଡ ଫଟେଇଦେବି ।' ୟା'ପରେ ଆଗରେ ବିଜୟ ଓ ତା'ପଛରେ ଜଗା ଆସି କୂଳରେ ପହଞ୍ଚିଥିଲେ । ମୁଁ ବିଜୟକୁ ଆସ୍ତେ ପଚାରିଥିଲି, 'ଆରେ ସେ ବୁଢ଼ା ତ ଜଗାସାଙ୍ଗେ ଭଲ କଥାବାର୍ତ୍ତା କରୁଥିଲା, ହଠାତ୍ ଏମିତି ଉତ୍‌କ୍ଷିପ୍ତ ହୋଇ କାହିଁକି ଗାଳିଗୁଲଜ କଲା ?' ବିଜୟ କହିଥିଲା, 'ଆଉ ଗାଳି ଦେବନି କିରେ !' ଜଗା ସେ ଡଙ୍ଗାକୁ ଉଠି ଦେଖିଲା, 'ବୁଢ଼ା ରୋଷେଇ କରୁଛି, ମାନେ ପଖାଳ ବାଢ଼ି ଥୋଇକି ଆଳୁସିଝାଇ ବଘାରିବାକୁ ଗଲାବେଳେ ପଛପଟୁ ଜଗା ତା'ର ସିଝା ଆଳୁତକ ଖାଇଦେଇଛି ।' ବର୍ତ୍ତମାନ ସେ କଥା ମନେପଡ଼ିଲେ ବହୁତ ହସ ଲାଗିଲେ ବି ସେତେବେଳେ ଚୁପ୍‌ଚାପ୍ ରହିଯାଇଥିଲୁ । ଯାହାହେଉ ପରଦିନ ଡଙ୍ଗାରେ କେଶପୁର ଓ ତା'ପରେ ଘରେ ପହଞ୍ଚିବା ପରେ ସେଠି ଗୁଜବ ଛୁଟିଯାଇଥିଲା ଯେ ଆମେସବୁ ଚିଲିକାରେ ବୁଡ଼ି ମରିଯାଇଛୁ । ଏଣୁ ଘରେ ମଧ୍ୟ ବହୁତ ଗାଳି ଶୁଣିଥିଲୁ । ଅନେକଦିନ ବିତିଯାଇଥିଲେ ମଧ୍ୟ ଏହି ତିକ୍ତ ମଧୁର ତଥା ଅପୂର୍ବ ଅନୁଭୂତି ଆମ ମନରେ ଉଜ୍ଜୀବିତ ଅଛି ।

**ଘରେ ଗୁଜବ ଛୁଟିଯାଇଥିଲା ଯେ ଆମେସବୁ ଚିଲିକାରେ ବୁଡ଼ି ମରିଯାଇଛୁ । ଏଣୁ ଘରେ ମଧ୍ୟ ବହୁତ ଗାଳି ଶୁଣିଥିଲୁ ।**

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com

---

## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା'

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

**ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)**

Google Play Books

**ଗଳ୍ପ**

# ଦୀପତଳ



## ବନଜ ଦେବୀ

ଡାଇନିଂ ଟେବୁଲ୍‌ଟା ଖୁବ୍ ସୁନ୍ଦର ଭାବରେ ସଜାଯାଇଥିଲା । ଟେବୁଲ୍‌ରେ ପଡ଼ିଥିଲା ହାତ ତିଆରି ଏକ ସୁନ୍ଦର ଟେବୁଲ୍ କ୍ଲଥ୍ । କୃଶବୁଣା ଝାଲର ଚାରିପାଖରେ ଲାଗିଥିଲା । ସାମ୍ନା କାନ୍ଥରେ ନାଲିନେଳି କାଗଜର କଟିଂରେ ଲେଖାଯାଇଥିଲା 'ହାପି ବାର୍ଥ ଡେ, ବାପା' । ଏ ସଜାସଜି ଯେ ତାଙ୍କର ବାରବର୍ଷର ପୁଅ ରାଜା ଓ ଦଶବର୍ଷର ଝିଅ ମାନିର କାମ ଏକଥା ଭଲକରି ବୁଝିଯାଇଥିଲେ ବିବେକ । କିନ୍ତୁ ସେଇ 'ହାପି ବାର୍ଥ ଡେ' ପଛପଟରେ ଯେଉଁ ଲିଚୁଲାଇଟ୍ ଲାଗିଥିଲା, ତାକୁ ଯେ ରାଜାର ମାମୁଁ ଶରତ କରିଥିଲା ଏକଥା ବି ସେ ବୁଝିପାରିଲେ ।

ଟେବୁଲ୍‌ର ଦୁଇପାଖରେ କାଚର ଫୁଲଦାନିରେ ରଜନୀଗନ୍ଧାର ତୋଡ଼ା ସୁସଜ୍ଜିତ । ପାଖ ଡେକ୍‌ରେ ହାଲ୍‌କା ଭଲ୍ୟୁମ୍‌ରେ ବାଜୁଛି ଫିନାଜ ମସାନୀଙ୍କର ଦରଦୀ କଣ୍ଠର ଗଜଲ୍ । ଟେବୁଲରେ ସଜାହୋଇ ରହିଛି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ । ବିଦେଶୀ ଷ୍ଟାଇଲ୍‌ରେ ନୁହେଁ, ଓଡ଼ିଆ ଘରର ପାରମ୍ପରିକ ବିଭିନ୍ନ ପିଠା, ଖିରି, ମିଠା ଓ ଛେନା ତରକାରି ।

**କେମିତି ବୁଝାଇବେ ସେ ସ୍ୱପ୍ନାକୁ ? କେମିତି ବଖାଣିବେ ଯେ ସେ ଏକ ନର୍କ ଦେଖିଆସିଛନ୍ତି ?**

ଯେ ସବୁଥିଲା ବୋଉର ବରାଦ । ସ୍ୱପ୍ନା ବୋହୂହେଇ ଆସିବା ପରେ ବିବେକର ଜନ୍ମଦିନରେ କେକ୍ କାଟିବାର ବ୍ୟବସ୍ଥା କରିଥିଲା । ମହମବତୀ ଜଳାଇ, ତାକୁ ଫୁଙ୍କି ଲିଭାଇବାକୁ ଗଲାବେଳେ ବୋଉ ବାଧାଦେଲା । ପରମ୍ପରାକୁ ବଜାୟ ରଖିବା ଆମର କର୍ତ୍ତବ୍ୟ । ଆମର ମୁରବିମାନେ କହିଆସିଛନ୍ତି, ଜୀବନ ଏକ ଦୀପର ପ୍ରତୀକ । ଜୀବନ ଚାଲିଗଲେ ଦୀପ ଲିଭିଗଲା ବୋଲି ଆମେ କହୁ । ଜନ୍ମଦିନର ଉତ୍ସବରେ ମହମବତୀକୁ ଫୁଙ୍କି ଲିଭାଇବାର ଏହି ଅପସଂସ୍କୃତିକୁ ମୁଁ କଦାଚିତ୍ ବରଦାସ୍ତ କରିବିନାହିଁ । ମୁଁ ଜାଳିବି ଘିଅର ଅଖଣ୍ଡଦୀପ । ମୁଁ ନଥିଲେ ମଧ୍ୟ ତମେ ମୋ' କଥା ମାନିବ । ନଚେତ୍ ମୁଁ ସ୍ୱର୍ଗରେ ବି ଶାନ୍ତିରେ ରହିପାରିବିନାହିଁ ।

ଇଚ୍ଛାନଥିଲେ ମଧ୍ୟ ଏଇ କଥାକୁ ମାନିଆସିଛି ସ୍ୱପ୍ନା । ବୋଉ କରୁଥିବା ଛେନା ନଡ଼ିଆପୁର ଦିଆ ଘିଅ ପୁଚୁପୁଚୁ ପୁଳିପିଠା ସାତୋଟି, ଖିରି, ତିନି/ଚାରି ପ୍ରକାରର ମିଠା ଓ କଦଳୀ, ସେଓ ଷଠି ଦୁଶେଇଁଙ୍କ ପାଖେ ଭୋଗ ଲଗାଇଚି । ପାଖ ଶିବ ମନ୍ଦିରରେ ପାଣିଲାଗି କରି ଆସିଚି । ଠାକୁର ଘରେ ଜାଳିରଖିଛି ଅଖଣ୍ଡ ଦୀପ । ଶୁଭ ମନାସିଛି ବିବେକର ।

ଖାଇବା ଟେବୁଲ୍ ପାଖରେ ବସିଥିଲେ ବିବେକ । ସାମ୍ନାରେ ବଢ଼ାହୋଇ ରହିଛି ସୁସ୍ୱାଦୁ ଖାଦ୍ୟର ପସରା । ପିଠାର ସୁଗନ୍ଧରେ ମହକି ଯାଉଚି ଚଉପାଶ । ରଜନୀଗନ୍ଧାର ବାସ୍ନା ମଧ୍ୟ ଚଉପାଶକୁ ମହକିତ କରୁଛି । ଅଥଚ ବିବେକ ଯେମିତି ଏକ କିଟିକିଟି ଅନ୍ଧାରର ଦୁର୍ଗନ୍ଧ ଓ ଆବର୍ଜନା ଭରିଥିବା ଏକ ଗହ୍ୱରରେ ପଡ଼ିଯାଇଛନ୍ତି । ତାଙ୍କ ପଞ୍ଚପ୍ରାଣ, ସମଗ୍ର ମାନବ ଚେତନା ଯେମିତି ଶଢ଼ିଯାଉଛି ଏକ ଅସହ୍ୟ ଦୁର୍ଗନ୍ଧରେ । ସେ ଖାଇବେ କେମିତି ? ଖାଇପାରିବେ କି ?

ବିବେକ ବସି ରହିଥିଲା ସ୍ଥାଣୁ ହୋଇ ।

ସ୍ୱପ୍ନା କହୁଥିଲା, ଖାଉନ କାହିଁକି ? ଦେହ କ'ଣ ଭଲ ଲାଗୁନି ?

କୌଣସି ଉତ୍ତର ଦେଇପାରୁ ନଥିଲେ ବିବେକ ।

କେମିତି ବୁଝାଇବେ ସେ ସ୍ୱପ୍ନାକୁ ? କେମିତି ବଖାଣିବେ ଯେ ସେ ଏକ ନର୍କ ଦେଖିଆସିଛନ୍ତି । ଯେଉଁ ନର୍କ ଏ ମଣିଷ ତିଆରିଛି ଓ ନିଜେ ତହିଁରେ ପଡ଼ିଛି ।

ବିବେକଙ୍କ ଚାରିପାଖରେ ବିଛେଇହୋଇ ପଡ଼ିଥିଲା ସେଇ ଅନ୍ଧାର ରାତି । ସେଇ ନର୍କର ଛିଣ୍ଡାଛିଣ୍ଡା ଦୃଶ୍ୟ ।

ଆଜି ସକାଳେ ତାଙ୍କର ଜନ୍ମଦିନ ପାଇଁ ସ୍ୱପ୍ନା ପିଠା ତିଆରିକରି ଷଠି ଦୁଶେଇଁଙ୍କ ପାଖେ ଭୋଗ ଲଗାଇ ତାଙ୍କୁ ଖାଇବାକୁ ଦେବାକୁ ଗଲାବେଳେ ହିଁ କଲେକ୍ଟରଙ୍କର ଫୋନ୍

ଆସିଲା । "ଶୁଣୁଛି ତମ ବ୍ଲକ୍‌ରେ ଅନାହାର ମୃତ୍ୟୁ ଘଟିଛି । ତମେ ଶୀଘ୍ର ଗସ୍ତକରି ଦେଖ । ଆସେମ୍ବ୍ଲି ଚାଲିଛି, ପ୍ରଶ୍ନ ଉଠିପାରେ । ଶୀଘ୍ର ମତେ ରିପୋର୍ଟ ପଠାଅ ।"

ବିବେକଙ୍କ ମୁଣ୍ଡ ଘୂରିଗଲା । ତାଙ୍କ ବ୍ଲକ୍‌ରେ ଅନାହାର ମୃତ୍ୟୁ ? ସେ ଜାଣିପାରିଲେ ନାହିଁ । ବି.ଡି.ଓ. ଭାବେ କାମ କରିବା ପନ୍ଦରବର୍ଷ ହେଲାଣି, କୋରାପୁଟ ପରି ଆଦିବାସୀ ଇଲାକାରେ ଦଶବର୍ଷ କାଟିଛନ୍ତି । ତାଙ୍କ କାର୍ଯ୍ୟରେ କେବେ ତ୍ରୁଟି କେହି ଦେଖିନାହାନ୍ତି । ମୟୂରଭଞ୍ଜର ଏହି ବ୍ଲକରେ ମଧ ସେ ପାଞ୍ଚବର୍ଷ କଟେଇ ସାରିଲେଣି । ସେ ଖାଇବା ଛାଡ଼ି, ଯିବାକୁ ବାହାରି ପଡ଼ିଲେ । ସ୍ୱପ୍ନା କହିଲେ, ଖାଇକରି ଯାଅ । ବିବେକ ଉତ୍ତର ଦେଲେ, ଆଗ ରାଜକାର୍ଯ୍ୟ, ପରେ ପିତୃକାର୍ଯ୍ୟ ।

ଅଫିସ୍‌ରେ ପହଞ୍ଚି ସେ କିରାଣିଙ୍କଠାରୁ ବୁଝିଲେ ଯେ ସବୁ ପଞ୍ଚାୟତକୁ ସରକାରୀ ସାହାଯ୍ୟ ରୂପେ ଚାଉଳ ଯୋଗାଯାଇଛି । ଅଥଚ ଅନାହାର ମୃତ୍ୟୁ !

କିରାଣିବାବୁ କହିଲେ, ମୁଣ୍ଡପିଛା ପାଞ୍ଚକିଲୋ ଆଜ୍ଞା, ସେତିକିରେ କ'ଣ ଚଳିହୁଏ ? ତା'ଛଡ଼ା କିଛି ହେର୍‌ଫେର୍ ହେଉଥିବା ଅସମ୍ଭବ ନୁହେଁ ।

ଜିପ୍ ଧରି ବାହାରିଲେ ବିବେକ ସେଇ ସିନାପାଲି ଗାଁକୁ । ଆଦିବାସୀ ଅଧ୍ୟୁଷିତ ଗାଁ । ଲୋକେ ଚାଉଳକୁ ରାନ୍ଧି ତାକୁ ମଦକରି କୁଆଡ଼େ ଖାଆନ୍ତି । ତାକୁ 'ଚାଉଳିମଦ' କୁହାଯାଏ । ଗାଁରେ ପହଞ୍ଚି ସେ ଗାଁ ମୁଖିଆ ଶିବୁ ମାରାଣ୍ଡିଙ୍କୁ ପଚାରିଲେ, ଏଠି କାହାର ଅନାହାର ମୃତ୍ୟୁ ହୋଇଛି ?



ଶିବୁ କହିଲେ, ହେଇନି ଆଜ୍ଞା, ଏବେ ହେବା ନିଶ୍ଚିତ । କିନ୍ତୁ ଅନାହାର ନୁହେଁ, ଅପପୁଷ୍ଟିରେ ଓ ଅଜ୍ଞାନତାରେ । ସେଇ ରମୁ ଜାନିର ତିରିଲା ସୁଲ, ଦରମରା ହେଇପଡ଼ିଛି । ଧରମୁ ତ ବର୍ଷେ ହେଲାଣି ଦାଦନ ଖଟି ଯାଇଛି । ଏଠି ତ କାମଧନ୍ଦା ନାହିଁ । ସରକାରୀ ଚାଉଳ ଯେତିକି ମିଳୁଛି ତାକୁ ଭାତକରି ନଖାଇ, ଭାତକୁ ପଚାକରି ମଦକରି ଖାଉଛନ୍ତି । ଚାଉଳିମଦ ଆଜ୍ଞା, ଆଦିବାସୀମାନେ ନିଜ ସଂସ୍କୃତିକୁ ବଜାୟରଖି କେତେ ଖୁସିରେ ଥାଆନ୍ତି । ହେଲେ ଏହି ଅଞ୍ଚଳର ଆଦିବାସୀମାନେ ଜୀବନ କ'ଣ ଜାଣନ୍ତି ନାହିଁ । କେବଳ ମଦ ଆଉ ମଦ ତାହାହିଁ ତାଙ୍କ ଜୀବନଧାର ।

ଶିବୁ ମାରାଣ୍ଡି ବାଟ କଢ଼େଇନେଲା ଏକ ଅପରିଚ୍ଛନ୍ନ କୁଡ଼ିଆ ଘରକୁ ।

ଗାଁଟି ଛୋଟ । ପଡ଼ାଗାଁ । କେତୋଟି ଘର ଭଲରେ ଚଳନ୍ତି, ହେଲେ ଅନ୍ୟମାନେ ଅତି ନିକୁଛିଆରେ ବଞ୍ଚନ୍ତି । କୁଡ଼ିଆ ଘରର ତାଟି ଠେଲି ପଶିଲା ମାତ୍ରେ କୁଳାଏ ସରିକି ମଶା ଓ ମାଛି ଏକ ଅସହ୍ୟ ଦୁର୍ଗନ୍ଧ ସହ ବିବେକ ଓ ଅନ୍ୟମାନଙ୍କୁ ଘେରିଗଲେ । ଘର ସାରା କିଟିକିଟି ଅନ୍ଧାର । ଅନ୍ଧାର ଓ ଦୁର୍ଗନ୍ଧ ଛଡ଼ା ଆଉକିଛି ନାହିଁ । ବିବେକ ବ୍ୟାଗରୁ ଟର୍ଚ୍ଚ କାଢ଼ି ଜଳେଇଲେ । ସେଇ ଆଲୁଅରେ ଯାହା ଦେଖିଲେ ତାଙ୍କ ମୁଣ୍ଡ ଘୂରିଗଲା । ଏମିତି ବିଭତ୍ସ ଦୃଶ୍ୟ ସେ ଦେଖିଥିଲେ କେବେ ?

ଟର୍ଚ୍ଚ ଆଲୁଅରେ ଦେଖାଗଲା, ଗଣ୍ଡେ ଅଖା ଉପରେ ଶୋଇରହିଛି ପ୍ରାୟ ଉଲଗ୍ନ ଏକ ନାରୀ । ମୁଣ୍ଡର ବାଳ ଫିଟି ପଡ଼ିଛି ଏଣେତେଣେ । ମୁଣ୍ଡ ପାଖରେ ଅଛି ଏକ ହାଣ୍ଡି । ହାଣ୍ଡି ପାଖରେ ସରା । ତା' ବାମ ପାଖରେ ବିଛେଇ ପଡ଼ିଛି ନିକଟରେ ହୋଇଯାଇଥିବା ତା'ର ବାନ୍ତି, ଯେଉଁଠୁ ଆସୁଛି ପ୍ରବଳ ଦୁର୍ଗନ୍ଧ ।

ବିବେକ ଭାବିପାରିଲେ ନାହିଁ, ସେ ଅଛନ୍ତି କେଉଁଠି ? ସରକାରଙ୍କ ପ୍ରତିନିଧି ସେ । ରାଜ୍ୟସାରା ବିକଶିତ ରାଜ୍ୟର ଡିଣ୍ଡିମ ବାଜୁଛି । ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ବୈଷୟିକ ସାଧନର ବୃହତ୍ ବୃହତ୍ ଭବନ ନିର୍ମାଣ ହେଉଛି । ଅଥଚ କେଉଁ ଅପନ୍ତରା ଗାଁର କୁଡ଼ିଆଘରେ ନାରୀଟିଏ ପଡ଼ିରହିଛି ଅପପୁଷ୍ଟିରେ, ଶିକାର ହୋଇଚି ମଦ ରାକ୍ଷସର ।

ଶିବ ଡାକିଲା, ସୁଲ ! ଉଠ, ବିଡିଓବାବୁ ତୋ' ପାଇଁ ଲୁଗା, ଖାଇବା ଜିନିଷ ସବୁ ଆଣିଛନ୍ତି ।

ସୁଲ ଉଠିଲା, ହାଣ୍ଡିରୁ ପୁଣି ସରାଏ ପିଇ ଶୋଇପଡ଼ିଲା ।

ବିବେକ ତାଙ୍କ ଚାକିରି ଜୀବନରେ ଏମିତି ଦୃଶ୍ୟ ଦେଖିନଥିଲେ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କାମକରି ଆସିଛନ୍ତି ସେ । ମଣିଷ କୀଟପତଙ୍ଗ ପରି ନର୍ଦ୍ଦମାରେ ବଞ୍ଚେ । ଏ ଦୃଶ୍ୟ ତାଙ୍କ ଛାତିକୁ ସୋରା ସୋରା କରି ଚିରିଦଉଥିଲା ।

**ଦୃଢ଼ ସଂକଳ୍ପବଦ୍ଧ ବିବେକ ଅସହାୟ ହୋଇ ଠିଆ ହୋଇଥିଲେ । ତାଙ୍କୁ ଲାଗିଲା, ତାଙ୍କୁ କେହି ତାଚ୍ଛଲ୍ୟ କରୁଚି ।**

ଏମିତି ଦୃଶ୍ୟ ସେ କେବେ ଦେଖିନଥିଲେ । ପ୍ରାୟ ଉଲଗ୍ନ ନାରୀଟେ ତାଙ୍କ ସାମ୍ନାରେ ଅର୍ଦ୍ଧଚେତନ ଅବସ୍ଥାରେ ପଡ଼ିଛି । ସେ ବର୍ତ୍ତମାନ ବି.ଡି.ଓ. ନୁହଁ, ସେ ଜଣେ ମଣିଷ । ଜଣେ ମଣିଷର ଏଇ ଅଧଃପତନର ରୂପ ସେ କେମିତି ସହିବେ? ସେ ଆଣିଥିବା ଲୁଗାଟା ତା' ଦେହରେ ଘୋଡ଼ାଇଦେଲେ । ସୁଲର ପଡ଼ିଶାଘର ବୁଢ଼ୀ ମାଉସୀକୁ ଡାକି ସବୁ ଖାଇବା ଦ୍ରବ୍ୟ ଦେଇ, ସୁଲକୁ ଖୁଆଇବାକୁ ଅନୁରୋଧକରି ଫେରିଲେ ।

ପରଦିନ ତାଙ୍କୁ ଆମ୍ବୁଲାନ୍ସରେ ଆଣି ଡାକ୍ତରଖାନାରେ ଭର୍ତ୍ତିକଲେ । ପନ୍ଦରଦିନ ରହିଲେ ସେ ଠିକ୍ ହୋଇଯାଇପାରେ ।

ବିବେକ ନିଜ କାମ ନେଇ ବ୍ୟସ୍ତରହନ୍ତି । ଡାକ୍ତର ଫୋନ୍ କରନ୍ତି, ଆପଣଙ୍କ ପେସେଣ୍ଟ ବଡ଼ ହଇରାଣ କରୁଚି । ଶୃଙ୍ଖଳା ମାନୁନାହିଁ । ସାଲାଇନ ଦେଲାବେଳେ ତାକୁ ଭିଡ଼ିଓଟାରି ଦଉଚି । ଖଟିଆରେ ନ ରହି ଏଠିସେଠି ବୁଲୁଚି । ଯେଉଁଠି ପାରେ ସେଠି ପରିଶ୍ରା କରିଦେଉଛି । ତଥାପି ତାର ସ୍ୱାସ୍ଥ୍ୟ ପାଇଁ ଆମେ ସଚେତନ ଅଛୁ ।

ଷ୍ଟେନୋ କହିଲା, "ଆପଣ ସାଂକସନ୍ କରିଥିବା ଟଙ୍କା ନେଇ ସୁଲ ଘରକୁ ସଫାସୁତୁରା ଓ ସିମେଣ୍ଟ କରିଦିଆଯାଇଛି । ତା'ପାଇଁ କିଛି ଚାଉଳ, ରନ୍ଧନ ସାମଗ୍ରୀ ଆଦି ରଖାଯାଇଚି । ସୁଲ ଆଜି ଡାକ୍ତରକାନାରୁ ଡିସ୍‌ଚାର୍ଜ ହେଉଚି । ମୋର ଅନୁରୋଧ ରଖି ଆମ୍ବୁଲାନ୍ସରେ ତାକୁ ତା'ଘରେ ଛାଡ଼ିଆସିଛନ୍ତି ।"

ଷ୍ଟେନୋଠାରୁ ଏକଥା ଶୁଣି ବିବେକ ଆଶ୍ୱସ୍ତ ହେଲେ ।

ଏକ ସରକାରୀ କାର୍ଯ୍ୟରେ ଦିଲ୍ଲୀ ଚାଲିଯାଇଥିଲେ ବିବେକ । ତଥାପି ତାଙ୍କ ମନ ବ୍ୟସ୍ତଥାଏ ସୁଲ ପାଇଁ । ବିବେକ ନିଜ ଜୀବିକାକୁ ଜୀବନ ବୋଲି ଭାବନ୍ତି । ଯଦି ତାଙ୍କ ଦ୍ୱାରା କାହାର କିଛି ବି ଉନ୍ନତି ହୁଏ, ତେବେ ତାଙ୍କ ଜୀବନଧର୍ମ ସାର୍ଥକ ହେବ ବୋଲି ସେ ଭାବନ୍ତି । ସାଧାରଣ ମଣିଷଟିଏ ହୋଇ ବଞ୍ଚି ରହିବା ସଭିଙ୍କର ମୌଳିକ ଅଧିକାର । ଏହି ଅଧିକାରରୁ ବଂଚିତ ଥିବା ଲୋକଙ୍କ ପାଇଁ ତାଙ୍କ ପ୍ରାଣ କାନ୍ଦେ ।

ଦିଲ୍ଲୀରୁ ଫେରି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ ବିବେକ । ଏ ଭିତରେ ପ୍ରାୟ ମାସଟିଏ ଚାଲିଗଲାଣି । ଦିନେ ସେ କ'ଣ ଭାବି ଡ୍ରାଇଭରକୁ ଡାକି ଚାଲିଲେ ସୁଲର ଗାଁକୁ । ସୁଲ ଘରେ ପହଞ୍ଚି ସେ ଦେଖିଲେ ଘରଟି ବଦଳି ଯାଇଚି । ସଫା ଦିଶୁଚି । ମାଟିଘର ଚୁନ-ସିମେଣ୍ଟ ହେଇଚି । ସେ ଘର ଭିତର ଦେଇ ଦେଖିଲେ କେହି ନାହିଁ । ସେ ବାରିକୁ ଗଲେ । ବାରିଟା ମଧ୍ୟ ପଲସ୍ତରା ହେଇଯାଇଚି । ସୁଲ ବସିଚି ଦରମଇଳା ଶାଢ଼ିଟିଏ ପିନ୍ଧି । ବେଲଗଛରୁ ପତ୍ର ପଡୁଚି ତଳେ । ଗଛତଳେ ଅଛି ଏକ ରସ ଡେକଚି । ସେଥିରେ କ'ଣ ଅଛି କେଜାଣି, ସୁଲ ତାଟିଆ ବୁଡ଼ାଇ ସେଥିରୁ ପିଇଚାଲିଛି ।

ବିବେକଙ୍କ ପିଅନ ରାଗିଯାଇ କହିଲା, ତୋ' ପାଇଁ ସାର୍ ଆମର ଏତେ କାମ କଲେ, ହେଲେ ତୁ ସୁଧୁରିଲୁ ନାହିଁ । ପୁଣି ପିଉଚୁ? ଭାତକୁ ହାଣ୍ଡିଆକରି?

ସୁଲ କାନରେ ଏକଥା ପଶୁନଥିଲା । ସେ ଏକ ଅନ୍ୟ ରାଇଜରେ ଅବା ଥିଲା । ଡେକ୍‌ଚିରୁ ତାଟିଆଏ ଲେଖା ପିଇ ଚାଲିଥିଲା ।

ଦୃଢ଼ ସଂକଳ୍ପବଦ୍ଧ ବିବେକ ଅସହାୟ ହୋଇ ଠିଆ ହୋଇଥିଲେ । ତାଙ୍କୁ ଲାଗିଲା, ତାଙ୍କୁ କେହି ତାଚ୍ଛଲ୍ୟ କରୁଚି । ଖୁବ୍ ତାଚ୍ଛଲ୍ୟ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
banajadevi2012@gmail.com

ବର୍ତ୍ତମାନ ମିଳୁଛି

**ସାହିତ୍ୟ ଚର୍ଚ୍ଚା**

୨୦୨୫ ମସିହାରେ ପ୍ରକାଶିତ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ୧୨ଗୋଟି ସଂଖ୍ୟା ବନ୍ଧାଇ ହୋଇ ଏକତ୍ର ।

*ମୂଲ୍ୟ : ଟ. ୪୫୦/-*




ପ୍ରାପ୍ତି ସ୍ଥାନ:

**ମା' ନାରାୟଣୀ ବୁକ୍ ଷ୍ଟଲ୍
ପୁରୁଣା ବସ୍‌ଷ୍ଟାଣ୍ଡ,
ଭୁବନେଶ୍ୱର**

ଖୁବ୍ ସୀମିତ ସଂଖ୍ୟାକ କପି ଉପଲବ୍ଧ ।

ସାକ୍ଷାତକାର

# ପ୍ରବୀଣ ସାରସ୍ୱତ ସ୍ରଷ୍ଟା କୃପାସାଗର ସାହୁଙ୍କ ସହିତ ଏକ ଆଳାପ

ବରିଷ୍ଠ ସାହିତ୍ୟିକ **କୃପାସାଗର ସାହୁ** (ବୟସ: ୭୪ ବର୍ଷ) ଗଳ୍ପ, କବିତା, ଉପନ୍ୟାସ ଓ ଶିଶୁ ସାହିତ୍ୟ ଭଳି ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ୨୦୦୯ ମସିହାରେ ନିଜର ଉପନ୍ୟାସ 'ଶେଷ ଶରତ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିବା ଏହି ପ୍ରତିଭାଧର ଏବେ ମଧ୍ୟ ଅନବରତ ଭାବରେ ରଚନାପ୍ରବଣ। ଚାକିରି ଜୀବନରେ ଭାରତୀୟ ରେଳବାଇର ବିଭିନ୍ନ ଉଚ୍ଚ ପଦରେ ସେବା ପ୍ରଦାନ କରିବା ଉପରାନ୍ତେ ସେ ୨୦୧୨ ମସିହାରେ ଅବସର ଗ୍ରହଣ କରିଥିଲେ। ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ **ନିହାର ଶତପଥୀ**।



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସହିତ ଆଳାପ କରିବାକୁ ବସିଲେ, ଆମ ମନକୁ ଆସନ୍ତି ସ୍ୱର୍ଗତ ସାତକଡ଼ି ହୋତା। କେଜାଣି କାହିଁକି, ତାଙ୍କର ସାରସ୍ୱତ ଜୀବନ ଓ ଆପଣଙ୍କ ଲେଖକୀୟ ଯାତ୍ରା ଭିତରେ ଗୋଟିଏ ସମାନ୍ତରାଳତା ଦିଶିଯାଏ; ଏମିତିରେ ତ ବୃତ୍ତିଗତ ଦୃଷ୍ଟିରୁ ଆପଣ ଦୁହେଁ ଗୋଟିଏ ପଥର ଯାତ୍ରୀ। ସେ ଆପଣଙ୍କୁ ଜଣେ ଲେଖକ ଭାବରେ ଉଦ୍‌ବୁଦ୍ଧ କରିଛନ୍ତି କି ?

**କୃପା ସାଗର ସାହୁ:** କରିଛନ୍ତି; କାହିଁକି ନା ମୁଁ ଯେତେବେଳେ ଚକ୍ରଧରପୁରରେ ସିନିଅର ଡିଭିଜନାଲ୍ କମର୍ସିଆଲ ମ୍ୟାନେଜର ଭାବରେ ଅବସ୍ଥାପିତ ଥିଲି, ସେ ଥିଲେ ଚିଫ୍ କମର୍ସିଆଲ ମ୍ୟାନେଜର। ସେତେବେଳେ ତାଙ୍କର ପତ୍ରିକା, 'ଅମୃତାୟନ' ଆରମ୍ଭ ହୋଇଯାଇଥାଏ।

**ସାହିତ୍ୟ ଚର୍ଚ୍ଚା:** ସେହି ପତ୍ରିକା ପାଇଁ ଆପଣ କ'ଣ ଲେଖୁଥିଲେ ?

**କୃପା ସାଗର ସାହୁ:** ହଁ, ସେ ଲେଖା ମାଗିକରି ନେଉଥିଲେ। ସେତେବେଳର ମୋର ଅଧିକାଂଶ ଲେଖା ତା'ଙ୍କ ପତ୍ରିକାରେ ପ୍ରକାଶ ପାଇଛି।

**ସାହିତ୍ୟ ଚର୍ଚ୍ଚା:** ସେ ଯେ ଆପଣଙ୍କୁ ଲେଖା ମାଗୁଥିଲେ, ଏହା ଆପଣଙ୍କୁ ଆଦ୍ୟ ସାହିତ୍ୟିକ ଜୀବନରେ ଅଧିକ ରଚନାପ୍ରବଣ ହେବାପାଇଁ ଉତ୍ସାହିତ କରିଥିଲା କି ?

**କୃପା ସାଗର ସାହୁ:** ଅବଶ୍ୟ; କିନ୍ତୁ ତାହା ପୂର୍ବରୁ ମଧ୍ୟ ମୁଁ ଲେଖୁଥିଲି। ରେଭେନ୍‌ସା କଲେଜରେ ପଢ଼ିବା ବେଳେ ଚାରିବର୍ଷ ଲଗାତାର ମୋ'ର ଗଳ୍ପ ପାଇଁ ପୁରସ୍କୃତ ହୋଇଥିଲି। ସେତେବେଳର ସୁପରିଚିତ ଇଂରାଜୀ ପତ୍ରିକା 'ଇଲଷ୍ଟ୍ରେଟେଡ୍ ଉଇକଲି'ଠାରୁ ମଧ୍ୟ ପାଇଥିଲି ପୁରସ୍କାର। ତେଣୁ ଛାତ୍ର ଜୀବନରେ ମୋର ଲେଖାଲେଖି ବଢ଼ି ଚାଲିଥିଲା; କିନ୍ତୁ ତାହାପରେ ମଝିରେ ଏହା କିଛି ବର୍ଷ ପାଇଁ ବନ୍ଦ ହୋଇଯାଇଥିଲା। ସାତକଡ଼ି ସାର୍ ଲେଖା ମାଗିବା ପରେ ପୁଣି ତାହା ଚାଲୁ ହୋଇଗଲା।

**ସାହିତ୍ୟ ଚର୍ଚ୍ଚା:** ଶୁଣିଛୁ ଯେ ଅନ୍ୟ ଅନେକ

ସାହିତ୍ୟିକଙ୍କ ଭଳି, ପିଲାଦିନେ କବିତା ଲେଖିବାରୁ ହିଁ ଆରମ୍ଭ ହୋଇଛି ଆପଣଙ୍କ ସାହିତ୍ୟ ରଚନାର ଧାରା। ପିଲାଦିନେ ଆପଣଙ୍କୁ ଏମିତି କବିତା କାହିଁକି ଘାରିଲା !

**କୃପା ସାଗର ସାହୁ:** ଏଇଟା ସତ କଥା; ପ୍ରତ୍ୟେକ ଲେଖକ ଆରମ୍ଭ କରିଥା'ନ୍ତି କବିତାରୁ। ମୁଁ ଯେଉଁ ଗାଁ'ରେ ଜନ୍ମ ହୋଇଥିଲି, ତାହା ଏକ ବହୁତ ସୁନ୍ଦର ଗାଁ। ଏହା କବିତା ଲେଖିବାର ଏକ ପରିବେଶ ମୋ'ପାଇଁ ଆଣିଦେଇଥିଲା। ତା'ପରେ ମୋର ଜଣେ ଦାଦା ଥିଲେ; ସିଏ ଥିଲେ କବି। ତେଣୁ ତାଙ୍କଠାରୁ ପ୍ରେରଣା ମୁଁ ମୂଳରୁ ପାଇଛି। ତୃତୀୟ କି ଚତୁର୍ଥ ଶ୍ରେଣୀରୁ କବିତା ଲେଖିବା ଆରମ୍ଭ କଲି।

**ସାହିତ୍ୟ ଚର୍ଚ୍ଚା:** ତା'ପରେ ବୋଧହୁଏ କ୍ରମାଗତ ଲେଖିଚାଲିଲେ କଲେଜଜୀବନ ପର୍ଯ୍ୟନ୍ତ।

**କୃପା ସାଗର ସାହୁ:** ହଁ, ଲେଖିଚାଲିଲି। ମୋ'ର ଦୁଇଟି କବିତା ସଂକଳନ ପ୍ରକାଶ ପାଇଲା। ତା'ପରେ ସାଥୀମାନେ କହିଲେ, 'ତୁମର ଗଳ୍ପଗୁଡ଼ିକ ଭଲ ହେଉଛି, କବିତା ଅପେକ୍ଷା।' ତେଣୁ ମୁଁ ଗଳ୍ପରେ ଅଧିକ ମନୋନିବେଶ କଲି।

**ମୁଁ ନିଜକୁ ବେଶି ସ୍ୱଚ୍ଛନ୍ଦ ମନେକରେ ଗଳ୍ପରେ। ଏଣୁ ଦୁଇଶହରୁ ଅଧିକ ଗଳ୍ପ ଲେଖି ସାରିଲିଣି।**

**ସାହିତ୍ୟ ଚର୍ଚ୍ଚା:** କବିତା, ଗଳ୍ପ, ଉପନ୍ୟାସ ଓ ଶିଶୁସାହିତ୍ୟ - ଆମ ସାହିତ୍ୟର ଏହି ଚାରିଗୋଟି ବିଭାଗରେ ତ ଆପଣ ସିଦ୍ଧହସ୍ତ। ତେବେ ଏହି ଚାରିଟିରୁ କେଉଁଥିରେ ଜଣେ ଲେଖକ ଭାବରେ ଆପଣ ନିଜକୁ ଅଧିକ ସହଜ ମନେକରିଛନ୍ତି ?

**କୃପା ସାଗର ସାହୁ:** ମୁଁ ନିଜକୁ ବେଶି ସ୍ୱଚ୍ଛନ୍ଦ ମନେକରେ ଗଳ୍ପରେ। ଏଣୁ ଦୁଇଶହରୁ ଅଧିକ ଗଳ୍ପ ଲେଖି ସାରିଲିଣି। ସେହି ଗଳ୍ପର ପୁଣି ଭେରାଇଟି ଅଛି। ପ୍ରଥମେ ତ ମୁଁ ରେଳବାଇର ବିଭିନ୍ନ ଘଟଣା ଉପରେ ଅନେକ ଗଳ୍ପ ଲେଖିଛି ଷାଠିଏ କି ସତୁରିଟା। ତା'ପରେ ଗାଁ'ଉପରେ। କେତେଜଣ ସମାଲୋଚକ ତ କହନ୍ତି ଯେ ଗାଁ ଉପରେ ଆଧାରିତ ମୋ'ର ଗଳ୍ପଗୁଡ଼ିକ ସେମାନଙ୍କୁ ସବୁଠାରୁ ବେଶି ଛୁଏଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ କହିଲେ, ରେଳବାଇ ଓ ଗାଁ'ର କଥା; ଆଉ ଗୋଟିଏ ବର୍ଗର ଗଳ୍ପ ମଧ୍ୟ ଅଛି ଆପଣଙ୍କର ଯାହା ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ଉପରେ ଆଧାରିତ। ଏଣୁ ଆପଣଙ୍କର ଗଳ୍ପଗୁଡ଼ିକୁ ବାଣ୍ଟି ଦେଲେ ତିନି ଭାଗ ହୋଇଯିବ।

**କୃପା ସାଗର ସାହୁ:** (ହସି) ନା, ଚାରି ଭାଗ ହେବ।

**ସାହିତ୍ୟ ଚର୍ଚ୍ଚା:** ଆଉ ଗୋଟିଏ ଭାଗ କ'ଣ ?

**କୃପା ସାଗର ସାହୁ:** ପୁରାକଳ୍ପ ବା ମିଥ୍ ଉପରେ ଆଧାରିତ ଗଳ୍ପ। ମୋ'ର ଗୋଟିଏ ଗଳ୍ପ ସଂକଳନ ବାହାରିଛି, 'ଶ୍ରୀକୃଷ୍ଣ'; ଆଉ ଗୋଟିଏ ହେଲା 'ଶ୍ରୀରାମ'; ତା'ପରେ ଏବେ ସଦ୍ୟ ଗୋଟିଏ ବାହାରିଛି 'ଶ୍ରୀରାଧା'।

**ସାହିତ୍ୟ ଚର୍ଚ୍ଚା:** ଆପଣ ରେଳବାଇର ପରିବେଶ ଓ ଘଟଣାବଳୀକୁ ନେଇ ଅନେକ ଗଳ୍ପ ଲେଖିଛନ୍ତି। ଏହାର ଗୋଟିଏ ଉଦାହରଣ ହେଲା ଆପଣଙ୍କର 'ରେଳ ଗଳ୍ପ' ସଂକଳନ। ତେବେ ଆମର ଅନୁମାନ ଯେ ଯେହେତୁ ଆପଣ ରେଳବାଇ ଚାକିରିରେ ଥିଲେ, ତେଣୁ ଏଥିରେ ବାସ୍ତବ ଘଟଣାବଳୀର ମାତ୍ରା ଅଧିକ ଭାବରେ ଥିବ ଏବଂ କଳ୍ପନା କମ। ଏହା ଠିକ୍ କି ?

**କୃପା ସାଗର ସାହୁ:** ଏଇଟା ଠିକ୍ ଯେ ଏଥିରେ ବାସ୍ତବ ଘଟଣାର ମାତ୍ରା ବେଶି, କଳ୍ପନା କମ୍। କିନ୍ତୁ ଗଳ୍ପରେ କିଛି କଳ୍ପନାର ପୁଟ ନଥିଲେ ତାହା ସେତେ ରୋଚକ ହୋଇପାରିନଥାନ୍ତା।

**ସାହିତ୍ୟ ଚର୍ଚ୍ଚା:** ସେଥିମଧ୍ୟରେ ଗୋଟିଏ ଚର୍ଚ୍ଚିତ ଗଳ୍ପ ହେଲା, ରେଳ ଭିତରେ ଗୋଟିଏ ଶିଶୁ ଜନ୍ମ ହେବାର ବୃତ୍ତାନ୍ତ। ସେଇଟି ପଢ଼ିଲେ ମନେହୁଏ ଯେମିତି ଆପଣ ଗୋଟିଏ ବାସ୍ତବ ଘଟଣାକୁ ଅବିକଳ ଲେଖିପକାଇଛନ୍ତି। ଏଥିରେ କଳ୍ପନାର ପୁଟ ଦିଆଯାଇନାହିଁ ବୋଲି ଆମେ ଭାବୁ।

**କୃପା ସାଗର ସାହୁ:** ନାଇଁ, ଏଥିରେ ବି କିଛି କଳ୍ପନା ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଆଉ ଏକ ଲୋକପ୍ରିୟ ଗଳ୍ପ ହେଲା, 'ଅରଣ୍ୟର ଅଜଗର।' ଜୀବଜନ୍ତୁ ବା ମାନବେତର ଚରିତ୍ରକୁ ନେଇ ଲେଖାଯାଇଥିବା ଏହା ଏକ କ୍ଲାସିକ୍ ଗଳ୍ପ ବୋଲି ଆମର ମନେହୁଏ।

**କୃପା ସାଗର ସାହୁ:** ଏହାର ନାୟକ ହେଉଛି ସାତକୋଶିଆର ଏକ ଅଜଗର ସାପ। ସେ ଦିନେ ଥିଲା ସାତକୋଶିଆର ରାଜା। କିନ୍ତୁ ନିୟତି ତା' ପ୍ରତି ଦାଉ ସାଧିଛି।


**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ସଦ୍ୟତମ ପ୍ରକାଶ ପାଇଥିବା ଉପନ୍ୟାସଟି କ'ଣ ?

**କୃପା ସାଗର ସାହୁ:** ସେଇଟି ଏବେ ବାହାରିଲା, 'ଚମ୍ପାଫୁଲ'। ଏହା ଶିମିଳିପାଳର ପରିବେଶ ଉପରେ ଆଧାରିତ।

**ସାହିତ୍ୟ ଚର୍ଚ୍ଚା:** ଆମେ ତ ଭାବିକରି ଆସିଥିଲୁ ଯେ ଆପଣ ଗଳ୍ପ ଓ ଉପନ୍ୟାସ ଲେଖିବା କେବେଠାରୁ ବନ୍ଦ କଲେ, ସେ କଥା ପଚାରିବୁ। କିନ୍ତୁ ଏବେ ଜାଣୁଛୁ, ସେହି ପ୍ରଶ୍ନ ପଚାରିବାର କୌଣସି ଅବକାଶ ହିଁ ନାହିଁ।

**କୃପା ସାଗର ସାହୁ:** ମୋ'ର ପରବର୍ତ୍ତୀ ଉପନ୍ୟାସର ନାଁ'ଟି ମଧ୍ୟ କହିଦିଏ। ସେଇଟି ହେଲା 'ସାଧବ'। ମୁଁ ଏଥିପାଇଁ ଦକ୍ଷିଣ-ପୂର୍ବ ଏସିଆର କିଛି ଦେଶ ବୁଲି ତଥ୍ୟ ସଂଗ୍ରହ କରିଛି। ଉପନ୍ୟାସଟି ଉତ୍କଳର ନୌବାଣିଜ୍ୟ ଉପରେ ଆଧାରିତ ହେବ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଦୁଇଟି କବିତା ସଂକଳନର ନାମକରଣ ଦେଖିଲେ ଆମର ମନେହୁଏ ଯେ ଏଗୁଡ଼ିକ ହେଉଛି ପରସ୍ପରର ଆଣ୍ଟିଥେସିସ୍। ଗୋଟିଏ ହେଲା, 'ଉପରେ ଫର୍ଚ୍ଚା ଆକାଶ' ଓ ଅନ୍ୟଟି 'ତଳେ ବସୁମାତା'। ତେବେ ପ୍ରକୃତରେ ଏଗୁଡ଼ିକର ଥିମ୍‌ରେ ମଧ୍ୟ ଅଛି କି ଆକାଶ ଓ ପାତାଳର ଫରକ?




**କୃପା ସାଗର ସାହୁ:** ସେମିତି କିଛି ନୁହଁ। ମୁଁ ତ ଭାବୁଥିଲି ଏହି ଟ୍ରାୟୋଲୋଜିର ତୃତୀୟ କଡ଼ି ଭାବରେ ମୁଁ ଯେଉଁଟି ଲେଖିବି, ତାହାର ନାମ ହେବ 'ନୀଳ ସର୍ଜନା'।

**ସାହିତ୍ୟ ଚର୍ଚ୍ଚା:** ଆପଣ ୨୦୦୯ ମସିହାରେ ନିଜର ସାହିତ୍ୟକୃତି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାରରେ ସମ୍ମାନିତ ହୋଇଥିଲେ।

**କୃପା ସାଗର ସାହୁ:** ହଁ, 'ଶେଷ ଶରତ' ଉପନ୍ୟାସଟି ପାଇଁ ।

**ସାହିତ୍ୟ ଚର୍ଚ୍ଚା:** ସେତେବେଳେ ତ ଓଡ଼ିଶାରେ ସାହିତ୍ୟ ଏକାଡେମୀର ପୁରସ୍କାରଟା ବଞ୍ଚିରହିଥିଲା; ତେଣୁ ଆପଣ ସେଥିରେ ସମ୍ମାନିତ ହେବାର ସୌଭାଗ୍ୟ ପାଇଲେ। ଏବେ ଓଡ଼ିଶାର ଲେଖକମାନଙ୍କ ପାଇଁ ସେହି ସୁଯୋଗଟିକକ ଆଉ ନାହିଁ। ଗତ ନଅ ବର୍ଷ ହେଲା ବନ୍ଦ ହୋଇପଡ଼ିଛି ଆମ ରାଜ୍ୟର ସାହିତ୍ୟ ଏକାଡେମୀ ପୁରସ୍କାର। ଫଳରେ ଗତ କେଇଟି ପିଢ଼ିର ସାହିତ୍ୟିକମାନେ ଏହି ପୁରସ୍କାରରୁ ଯେଉଁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ବିଷୟରେ କ'ଣ କହିବେ?

**କୃପା ସାଗର ସାହୁ:** ସେମାନଙ୍କର ଉତ୍ସାହ ନିଶ୍ଚୟ ମରିଯିବ; ସେମାନେ ହତାଶ ହୋଇଯିବେ। ତା'ପରେ ଆମର ଏଠି ସାହିତ୍ୟ ପୁରସ୍କାର ନାମରେ ଯାହା ବା କିଛି ହେଉଛି, ସେସବୁ ତ ଫିକ୍‌ସିଂ ମାତ୍ର।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଆପଣଙ୍କ ବେଳେ କ'ଣ ଏହି ଫିକ୍‌ସିଂ ନ ଥିଲା?

**କୃପା ସାଗର ସାହୁ:** ବିଲ୍‌କୁଲ୍ ନ ଥିଲା। ମୁଁ ତ ଜାଣି ବି ନଥିଲି ଯେ ମୋ' ସମୟରେ କିଏ ସବୁ ଜୁରିରେ ଥିଲେ। ପୁରସ୍କାର ଘୋଷଣାର ପରଦିନ ଜଣେ ମୋତେ କହିଲେ, 'ମୁଁ ତୁମ ଜୁରିରେ ଥିଲି।'

**ସାହିତ୍ୟ ଚର୍ଚ୍ଚା:** ତେବେ ସେତେବେଳ ତୁଳନାରେ ଓଡ଼ିଶା ସାହିତ୍ୟ ଏକାଡେମୀର ଅବସ୍ଥାରେ କ'ଣ ଏବେ ଅଧୋପତନ ହୋଇଛି?

**କୃପା ସାଗର ସାହୁ:** ଧରନ୍ତୁ, ସେଇଆ ହୋଇଛି। ଗୋଟିଏ ସମୟ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଥିଲା। ତାହାପରେ ଅବସ୍ଥା ବିଗିଡ଼ିଗଲା।

**ସାହିତ୍ୟ ଚର୍ଚ୍ଚା:** ଆମେ ଗୋଟିଏ କଥା ଶୁଣିଛୁ ଯେ ଆପଣ ନିଜର ବ୍ୟକ୍ତିଗତ ଆୟରୁ କିଛି ଅଂଶ ଖର୍ଚ୍ଚକରି ପ୍ରତିବର୍ଷ ଜଣେ ଜଣେ ସାହିତ୍ୟିକଙ୍କୁ ପୁରସ୍କୃତ କରୁଛନ୍ତି। ଏହି ଭାବନା ଆପଣଙ୍କ ମନକୁ କେମିତି ଆସିଲା?

**କୃପା ସାଗର ସାହୁ:** ମନକୁ ଆସିଲା, କାରଣ ଓଡ଼ିଶାରେ ଅନେକ ଲେଖକଙ୍କୁ ଅଣଦେଖା କରାଯାଇଛି। ଆମେ ଯେଉଁମାନଙ୍କୁ ଏହି ପୁରସ୍କାର ଦେଇଛୁ ସେମାନଙ୍କୁ ଅନ୍ୟ କୌଣସି ପୁରସ୍କାର ବା ସମ୍ମାନ କେବେ ମିଳିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଏକଦା 'କୁସୁମିତା' ପତ୍ରିକାର ସମ୍ପାଦନା କରୁଥିଲେ। ଏହା ବହୁବର୍ଷ ଧରି ଚାଲିଥିଲା। ଏହାଛଡ଼ା ଆପଣ କଲିକତାରୁ ପ୍ରକାଶ ପାଉଥିବା ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ପ୍ରତିବେଶୀ'ର ସମ୍ପାଦକ ଭାବରେ ମଧ୍ୟ

ଦାୟିତ୍ୱ ତୁଲାଇଛନ୍ତି ।

**କୃପା ସାଗର ସାହୁ:** 'କୁସୁମିତା' ପୂର୍ବରୁ 'ପ୍ରତିବେଶୀ'ର ସମ୍ପାଦନା କରୁଥିଲି; ପରବର୍ତ୍ତୀ ସମୟରେ 'କୁସୁମିତା' ପ୍ରକାଶିତ ହେଲା ।

**ସାହିତ୍ୟ ଚର୍ଚ୍ଚା:** ପତ୍ରିକା ସମ୍ପାଦନା ମୋଟେ ସହଜସାଧ୍ୟ ନୁହେଁ । ତଥାପି ଆପଣ 'କୁସୁମିତା' ପତ୍ରିକାକୁ ୨୨ବର୍ଷ କାଳ ବଞ୍ଚାଇ ରଖିଥିଲେ । ନିଜର ଏହି ଅନୁଭୂତିକୁ ଦୃଷ୍ଟିରେ ରଖି ଆପଣ ଜଣେ ପତ୍ରିକା ସମ୍ପାଦକ ପାଇଁ ସବୁଠାରୁ କଠିନତମ ଚ୍ୟାଲେଞ୍ଜ କ'ଣ ବୋଲି ଭାବନ୍ତି ?

**କୃପା ସାଗର ସାହୁ:** ମୁଁ ତ ଭାବେ ଯେ ଜଣେ ପତ୍ରିକା ସମ୍ପାଦକର ସବୁଠୁ କାର୍ଯ୍ୟ କଷ୍ଟକର । ଏକରେ, ଲେଖା ସଂଗ୍ରହ । ଯେହେତୁ ମୁଁ କଲିକତାରେ ଥିଲି, ଓଡ଼ିଆ ଲେଖା ପାଇବା ମୋ' ପାଇଁ ଏକ କାଠିକର ସମସ୍ୟା ଥିଲା । ଆଜେବାଜେ ଲେଖାସବୁ ଆସୁଥାଏ । ତେଣୁ ମୁଁ ନିଜେ ଓଡ଼ିଶା ସାରା ବୁଲି ବୁଲି ଲେଖକମାନଙ୍କଠାରୁ ଲେଖା ସଂଗ୍ରହ କରୁଥିଲି । ଦୁଇରେ, ଡି.ଟି.ପି । ସେତେବେଳେ କଲିକତାରେ ଓଡ଼ିଆ ଭାଷାରେ ଡି.ଟି.ପି କରିପାରୁଥିବା ଜଣେ ମାତ୍ର ଥିଲେ । ତା'ଙ୍କୁ ଠିକ୍ ସମୟରେ ପାଇବା ମୁସ୍କିଲ୍ ଥିଲା । ତା'ଙ୍କ ସହିତ ବସି ପ୍ରୁଫ୍ ସଂଶୋଧନ କରିବା ଥିଲା ଏକ ସମସ୍ୟା । ତୃତୀୟରେ, ବିଜ୍ଞାପନ । ପତ୍ରିକା ପାଇଁ ବିଜ୍ଞାପନ ପାଇବାଟା ଅତି କଷ୍ଟକର ଥିଲା । ଓଡ଼ିଶାର ବିଭିନ୍ନ କମ୍ପାନୀମାନଙ୍କ ପାଖକୁ ଦଉଡ଼ି ଦଉଡ଼ି ମୋ'ର ଜୋତା ଛିଣ୍ଡିଯାଇଛି ।

**ସାହିତ୍ୟ ଚର୍ଚ୍ଚା:** ଏହା ସମ୍ପାଦକମାନଙ୍କ ପାଇଁ ଏକ ଅପମାନଜନକ ସ୍ଥିତି ନିଶ୍ଚୟ, ବିଶେଷତଃ ଯେତେବେଳେ ଅନେକ ବିଜ୍ଞାପନଦାତା ସାହିତ୍ୟର ମୂଲ୍ୟ ବୁଝନ୍ତି ନାହିଁ ।

**କୃପା ସାଗର ସାହୁ:** ମୁଁ ପୂରା ଏକମତ । ଓଡ଼ିଶାର କିଛି ବଡ଼ ବଡ଼ ସଂସ୍ଥା ଆମକୁ ବିଜ୍ଞାପନ ଦେଇଛନ୍ତି, କିନ୍ତୁ ତାହାର ପ୍ରାପ୍ୟ ଆମକୁ ଦେଇନାହାନ୍ତି । ମୁଁ ତ ସେମାନଙ୍କ ନାମ ମଧ୍ୟ କହିବାକୁ ପ୍ରସ୍ତୁତ; ଆପଣ ଲେଖିପାରନ୍ତି, 'ଓଡ଼ିଶା ଟୁରିଜମ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ' ୨୦ ହଜାର ଟଙ୍କାର ବିଜ୍ଞାପନ ଆମକୁ ଦେଇଥିଲେ, କିନ୍ତୁ ପ୍ରାପ୍ୟ ଦେଇନାହାନ୍ତି ।

**ସାହିତ୍ୟ ଚର୍ଚ୍ଚା:** ଏହା କେଉଁ ସମୟର କଥା ?

**କୃପା ସାଗର ସାହୁ:** ପ୍ରାୟ ୧୫ ବର୍ଷ ତଳର । ଆମକୁ କହିଲେ, ସାତଟି କପି ଦିଅ; ସେହି ଅନୁସାରେ ଆମେ ସାତଟି କପି ନେଇ ହାଜର କଲୁ । ତଥାପି ଦେଲେନାହିଁ । ମୁଁ ତ କଲିକତାରେ ରହୁଥିଲି; କେତେ ବା ଦଉଡ଼ିଥାଆନ୍ତି !

**ସାହିତ୍ୟ ଚର୍ଚ୍ଚା:** ସେମିତି ଅନୁଭୂତି ତ ସମସ୍ତ ପତ୍ରିକାଙ୍କର ଅଳ୍ପ ବହୁତେ ଅଛି । ବର୍ଷ ବର୍ଷ ବିତିଗଲେ ମଧ୍ୟ କେତେକ ସଂସ୍ଥାରୁ ବିଜ୍ଞାପନ ବାବଦ ପ୍ରାପ୍ୟ ମିଳେନାହିଁ ।

**କୃପା ସାଗର ସାହୁ:** ଆଉ ଚତୁର୍ଥ ସମସ୍ୟାଟିର କଥା କହୁଛି; ତା'ହେଲା ପତ୍ରିକାର ଡିଷ୍ଟ୍ରିବ୍ୟୁସନ୍ । 'ପ୍ରତିବେଶୀ'ର ସେତେବେଳେ ଯେତିକି କପି ଛପା ଯାଉଥିଲା ତାହା ବିକ୍ରି ହୋଇପାରୁନଥିଲା । ୩୦୦ରୁ ୪୦୦ ଜଣ ମେମ୍ବର ତ ପତ୍ରିକା ନେଇଯାଉଥିଲେ । ବାକି ବାହାରକୁ ମଧ୍ୟ ଆମେ ବହୁତ ସଂଖ୍ୟକ କପି ପଠାଉଥିଲୁ । କିନ୍ତୁ ବହୁତ ପଇସା ବାକି ରଖିଦେଲେ ଏଜେଣ୍ଟମାନେ । ମୋଟେ ଦେଲେ ନାହିଁ; ଆମର ସବୁ ପଇସା ବୁଡ଼ିଗଲା ।

**ମୁଁ ଗୋଟିଏ ସାକ୍ଷାତକାରରେ ଥରେ କହିଥିଲି ଯେ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ ବୋଧହୁଏ ଚାଲିଯାଇଛି ।**

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ସେତେବେଳର କଥା କହୁଛନ୍ତି । ଏବେ ତ ପରିସ୍ଥିତିରେ ଆହୁରି ଅବନତି ହୋଇଛି ।


**କୃପା ସାଗର ସାହୁ:** ସେତେବେଳେ କେବଳ ଗୋଟିଏ ଭଲ ସଂସ୍ଥା ଥିଲା ଭୁବନେଶ୍ୱର ବସଷ୍ଟାଣ୍ଡରେ ଥିବା 'ଏ.କେ.ନାୟକ' । ସେହି ଭଦ୍ରଲୋକ ଜଣକ ନିୟମିତ ଭାବରେ ଆମକୁ ବିକ୍ରି ହୋଇଥିବା ପତ୍ରିକାର ପ୍ରାପ୍ୟ ଦେଇଦିଅନ୍ତି । ସେ ଗତ କୋଭିଡ୍ ସମୟରେ ଚାଲିଗଲେ । ତା'ଙ୍କ ଭଳି ଆଉ କାହାରିକୁ ପାଇନାହୁଁ ।

**ସାହିତ୍ୟ ଚର୍ଚ୍ଚା:** ଶେଷକୁ ଆମେ ଆପଣଙ୍କୁ ପଚାରିବୁ ଯେ ଓଡ଼ିଆ ବହିର ପାଠକୀୟତା ଏବେ କମିଯାଉଛି; ଏଥିସହିତ ଆପଣ ଏକମତ କି ?

**କୃପା ସାଗର ସାହୁ:** ପୂରା ଏକମତ । ମୁଁ ତ ଏବେ କିଛିଦିନ ତଳେ ଗୋଟିଏ ସାକ୍ଷାତକାରରେ କହିଥିଲି, ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ ବୋଧହୁଏ ଚାଲିଯାଇଛି ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଆଲୋଚନାଟି ପାଇଁ ସମୟ ଦେଇଥିବାରୁ ଆପଣଙ୍କୁ ଅନେକ ଧନ୍ୟବାଦ ।

ଗଳ୍ପ




# ମାଳିନୀ

## ଅଧ୍ୟାପକ ବିଶ୍ୱରଂଜନ

ମନେପଡୁଛି, ପୁରୀର ବଡ଼ଶଙ୍ଖ ଉପରେ ବସି ମୁଁ ଦିନେ ଖୋଜୁଥିଲି ମାଳିନୀକୁ। ଏ ହେଉଛି ପିଲାଦିନର କଥା। ସ୍କୁଲରେ ପାଠ ପଢ଼ିବା ବେଳର କଥା।

ପୁରୀର ଡାକ୍ତରଖାନା ଛକ ଓ ଗୁଣ୍ଡିଚା ମନ୍ଦିର ମଝିରେ ପଡ଼େ ଏଇ ବଡ଼ଶଙ୍ଖ।

ଗୋଟିଏ ଶଙ୍ଖ ତା'ର ଅସ୍ତିତ୍ୱ ହରେଇ ବସିଥିଲା। ଆଉ ମାତ୍ର ଗୋଟିଏ ଶଙ୍ଖ ମାଳିନୀ ହଜିଯିବାର ସ୍ମାରକୀ ହୋଇ ଠିଆ ହୋଇଥିଲା। ସେଇ ଶଙ୍ଖର ଅନତି ଦୂରରେ ଥିଲା ଆମ ଘର। ନିଜ ଘର ନୁହେଁ, ଭଡ଼ାଘର। ରାତିର ବିଳମ୍ବିତ ପ୍ରହରଯାଏଁ ମୁଁ ଚୁପ୍‌ଚାପ୍ ଏକୁଟିଆ ସେଇ ଶଙ୍ଖ ଉପରେ ବସି ଆକାଶର ତାରା ଗଣୁଥିଲି। ମାଳିନୀର କଥା ମନେ ମନେ ଗୁଣି ହେଉଥିଲି।



ଇତିହାସର କେଉଁ ସମୟର ଏ କଥା ? କେଉଁ ରାଜା ଅମଳର ଏ କଥା ?

ମନେ ନାହିଁ। ମନେ ରଖିନାହିଁ। କିନ୍ତୁ ମନରେ ଅଛି। ମାଳିନୀ ଦିନେ ଏଇଠି ଥିଲା। ଏଇ ଶଙ୍ଖ ତଳେ। କୁଳୁକୁଳୁ ନାଦରେ ବହିଯାଉଥିଲା। ବର୍ଷକେ ଥରେ ଜଗନ୍ନାଥଙ୍କୁ ନିଜ ବୁକୁରେ ଆଶ୍ରୟ ଦେଇ ନେଇ ଯାଉଥିଲା ତାଙ୍କର ଜନ୍ମଭୂମି ଶ୍ରୀଗୁଣ୍ଡିଚା ମନ୍ଦିରକୁ। ସେତେବେଳେ ଛଅଟି ରଥ ତିଆରି ହେଉଥିଲା। ଭାଇଭଉଣୀଙ୍କ ସହ ଶ୍ରୀମନ୍ଦିରରୁ ବାହାରି ତିନିରଥରେ ଆସୁଥିଲେ ଜଗନ୍ନାଥ। ନଦୀ ପାରହୋଇ ଆରପଟକୁ ଗଲାବେଳେ ଆଉ ତିନିରଥ ପ୍ରସ୍ତୁତ ହୋଇ ରହିଥିଲା, ସେମାନଙ୍କୁ ନେଇଯିବା ପାଇଁ।

ଏକଦା ଚିଲିକା ଗର୍ଭରେ ତିନି ଠାକୁରଙ୍କ ନୌଯାତ୍ରା ଓ ଗୋପନବାସ। ପୁଣି ପ୍ରତିବର୍ଷ ରଥଯାତ୍ରା ବେଳେ ମାଳିନୀର ସ୍ପର୍ଶ।

ବଡ଼ ରହସ୍ୟମୟ ଶ୍ରୀକ୍ଷେତ୍ରର କାହାଣୀ।

ବଡ଼ ରୋମାଞ୍ଚକର ଶ୍ରୀଜଗନ୍ନାଥଙ୍କ ଜନ୍ମ ତଥା ଜୀବନର ସରଣୀ।

ସମୟ ଗଡ଼ି ଚାଲେ।

କେତେ କଥା ହଜିଯାଏ କଥାର ସ୍ରୋତରେ।

କେତେ କଥା ପୁଣି ରହିଯାଏ ଲୋକସ୍ମୃତିରେ। କାହାଣୀ ଓ କିଂବଦନ୍ତୀରେ।

କଥା ସରେନାହିଁ, ସ୍ମୃତି ମରେନାହିଁ।

କଥା ସରିଯାଉଥିଲେ କବିବନ୍ଧୁ ଜଣେ କାହିଁକି ମୋତେ ବହୁବର୍ଷ ପରେ ସେଇ 'ମାଳିନୀ'ର କଥା କହି ମୋତେ ନେଇଯାଉଥାନ୍ତେ ପିଲାଦିନର ସେଇ ବଡ଼ଶଙ୍ଖ ଉପରକୁ।

କାହିଁକି ପୁଣି ମୁଁ ଖୋଜି ହୁଅନ୍ତି ମାଳିନୀକୁ, ଯାହାକୁ କେବେ ଦେଖିନାହିଁ ଅବା ଯାହାର ସ୍ନେହଭିଜା, ଶୀତଳ ସ୍ପର୍ଶରେ ମୋର ଦେହ, ମନ କେବେ ଓଦା ହୋଇନାହିଁ।

କେବଳ ଶୁଣିଛି ମାଳିନୀର କଥା।

ସେଇ ଶୁଣାକଥାରେ ମାଳିନୀ ପ୍ରତି ମୋର ଏତେ ନିବିଡ଼ତା।

ମାଳିନୀ ତ ସବୁବେଳେ ରହିଛି ମୋ ସହିତ। ଅଛି ମୋ ସ୍ୱପ୍ନରେ, ସ୍ମୃତିରେ ଓ ସର୍ଜନାରେ। ଅବଶ୍ୟ ଭିନ୍ନ ଭିନ୍ନ ନାମରେ, ଭିନ୍ନ ଭିନ୍ନ ସ୍ଥିତିରେ, ସ୍ଥାନରେ ଓ ସ୍ୱରୂପରେ ମାଳିନୀ ହିଁ ମୋ ମନ-ମାନସକୁ ଆଚ୍ଛନ୍ନ କରି ରଖିଛି। ମୋତେ ଆହ୍ଲାଦିତ କରି ରଖିଛି।

ଆହ୍ଲାଦ ଭିତରେ ଅବସାଦ ବି ଆସିଛି ମାଳିନୀକୁ ପାଇ ହରେଇ ବସିବାର। ମାତ୍ର ଆହ୍ଲାଦ ହେଉ ବା ଅବସାଦ, ମାଳିନୀ

**ପୁରୀର ସେଇ ବଡ଼ଶଙ୍ଖ ତଳେ ହଜିଯାଇଥିବା ମାଳିନୀକୁ ଖୋଜୁ ଖୋଜୁ ମୁଁ ଭେଟିଛି ମଳୟମଞ୍ଜରୀକୁ।**

ତା'ର ଅସ୍ତିତ୍ୱ ଜାହିର କରି ବସିଛି ମୋ' ଭିତରେ। ମୁଁ ମାଳିନୀର ହୋଇପାରିଛି କି ନାହିଁ, କହିପାରିବି ନାହିଁ। ମାଳିନୀ କିନ୍ତୁ ମୋ'ର ହୋଇ ରହିଯାଇଛି, ମୋ' ଚେତନାର ଅଂଶବିଶେଷ ହୋଇ।

ପିଲାଦିନେ ପୁରୀର ସେଇ ବଡ଼ଶଙ୍ଖ ତଳେ ହଜିଯାଇଥିବା ମାଳିନୀକୁ ଖୋଜୁ ଖୋଜୁ ମୁଁ ଭେଟିଛି ମଳୟମଞ୍ଜରୀକୁ। ମଳୟର ମଧୁସ୍ପର୍ଶରେ ଆଖି ମୁଦି ନିଶ୍ଚିନ୍ତରେ କିଛି କ୍ଷଣ ସ୍ୱପ୍ନରେ ଭାସି ବୁଲିଲାବେଳେ ହଠାତ୍ ଦେଖେ ତ ସ୍ୱପ୍ନ ମିଳେଇ ଯାଉଛି ଧୂଆଁ ହୋଇ ପବନରେ। ଆଖି ଖୋଲିଲାବେଳେ ମଳୟର ଅନ୍ତର୍ଦ୍ଧାନର ଖବର ପାଉଛି।

ନିରବ ନିଶୀଥରେ ଆକାଶରେ ତାରା ଗଣିବା ହିଁ ସାର ହୋଇଛି।

ସେଇ ତାରାଙ୍କ ମେଳରୁ ଜଣକ ପରେ ଜଣେ ଆସୁଛନ୍ତି ଆକାଶର ନୀଳ ନିବିଡ଼ତା ନେଇ। ମଳୟ ପରେ ମନିକା, ମାନମୟୀ, ମନସ୍ୱିନୀ ଏବଂ ଶେଷରେ ମାନି ଓ ମାଳିନୀ।

ଫେରିଛି ଆକାଶ-ପହଁରାରୁ ମାଟି ଅଗଣାକୁ।

ଅଗଣାରେ ତୁଳସୀ ଚଉରା। ସେଠି ସକାଳେ, ସଞ୍ଜରେ ଧୂପଦୀପର ଅର୍ଚ୍ଚନା।

ମାନିର ପଣତକାନିରେ ମୋ'ସଂସାରର ଚାବିକାଠି। ହେଲେ ସେ ସଂସାରରେ ଧାପେ ବୋଲି ସମ୍ପତ୍ତି ନାହିଁ। ଅଛି ସିନ୍ଦୁକଟିଏ। ଭିତରେ ସିନ୍ଦୁକଭରା ଚିଠି।

ଚିଠିପେଡ଼ିକୁ ନେଇ ସଂସାର ଚାଲେନା।

ମାନିର କାନିରୁ ଚାବି ନେନ୍ଥାକ ଖସି ପଡୁଛି ଅଗଣାରେ।

ମୁଁ ମୋର ଗୁମୁଟରେ ବସି ଚିଠି ପଢୁଛି। ମାଳିନୀର ଅଦୃଶ୍ୟ ଅକ୍ଷରର ଚିଠିରୁ ଆରମ୍ଭ କରି ଲିଭିଯାଉଥିବା କାଳିର ରଂଗରେ ଅସ୍ୱଷ୍ଟ ଥାକ ଥାକ ମନିକା ଓ ଅନାମିକାର ଚିଠି।

ମାନି ମୋ' ପାଖରେ ଅଛି। ଚିଠି ଗଦା ଭିତରେ ନାହିଁ। ମୋ'ର ସମ୍ପତ୍ତି ନ ଥିବା ସଂସାରର ସାମ୍ରାଜ୍ଞୀ ହୋଇ ବସିଛି।

ମୁଁ ମାଳିନୀକୁ ଖୋଜୁଛି।

ମାଳିନୀ ଏକ ନଦୀର ନାଁ। ଏକ ନାରୀର ନାଁ, ଆକାଶ ବୁକୁରେ ଅସ୍ତିତ୍ୱ ନ ଥିବା ଏକ ନକ୍ଷତ୍ରର ନାଁ।

ଜାଣେନା, ମୁଁ କାହାକୁ ଖୋଜୁଛି ଏବଂ କେତେ କାଳ ଏମିତି ଖୋଜି ଚାଲିଥିବି।

□□

ଲେଖକଙ୍କ ଇ-ମେଲ ଠିକଣା:
prof.biswaranjan@gmail.com


PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com




ପ୍ରବନ୍ଧ

# କିଶୋରୀ ଚରଣଙ୍କ ତୁଣ୍ଡରେ ଗଳ୍ପର ଶିଳ୍ପକଳା

## ନଟବର ଶତପଥୀ

ଓଡ଼ିଆ କ୍ଷୁଦ୍ରଗଳ୍ପରେ କିଶୋରୀଚରଣ ଦାସ (୧ ମାର୍ଚ୍ଚ, ୧୯୨୪-୩ ଅଗଷ୍ଟ ୨୦୦୪) ଥିଲେ ଜଣେ ଅନନ୍ୟ ସ୍ରଷ୍ଟା । ଗଳ୍ପଶୈଳୀ ଆତ୍ମକାନ୍ତ ମନସ୍ତତ୍ତ୍ୱଧର୍ମୀ । ଗଳ୍ପ ସଂଖ୍ୟା ୨୨୦ ପ୍ରାୟ । ଆଉ ମଧ୍ୟ ସେ ଲେଖିଛନ୍ତି ସାତଗୋଟି ଉପନ୍ୟାସ । ଗଳ୍ପସଂକଳନ ସଂଖ୍ୟା ୧୭ । ତିରିଶ ବର୍ଷର ଗଳ୍ପ ଆଳାପ ସଂଖ୍ୟା ୫ । ପ୍ରତ୍ୟେକ ଗଳ୍ପ ସମ୍ବନ୍ଧରେ ତାଙ୍କର ମତାମତ ବା ଟିପ୍ପଣୀ ଏଥିରେ ସ୍ଥାନ ପାଇଛି । ଫଳରେ ପାଠକ ଗଳ୍ପର ରୀତି, ଚରିତ୍ରର ବିଚାର ବା ଦୃଷ୍ଟିକୋଣ ବିଷୟରେ ସଂକେତ ପାଇପାରନ୍ତି । ସେ ପ୍ରସ୍ତୁତ କରିଛନ୍ତି ଗଳ୍ପର କଳା ବିଷୟରେ - ଲେଖକ ସଂପର୍କରେ । ଏହି ସମ୍ବନ୍ଧୀୟ ବହି ହେଉଛି - ୧. ଲେଖକର ସଂସାର-୧୯୮୫, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୨. କଥା ସାହିତ୍ୟର କଳା ଓ କାରିଗରୀ - ୧୯୯୦, ଇଷ୍ଟର୍ଣ୍ଣ ମିଡିଆ ଲି., ଭୁବନେଶ୍ୱର, ୩. ମୋ ସମୟ ମୋ ସାହିତ୍ୟ -୨୦୦୦, ଓଡ଼ିଶା ବୁକ୍ଷ୍ଟୋର ।




### ଅନନ୍ୟ ପ୍ରତିଭାଧର

ପ୍ରଦତ୍ତ ହିସାବରୁ ସ୍ପଷ୍ଟ ହେବ, ଜଣେ ଗଳ୍ପସ୍ରଷ୍ଟା ଓ ଗଳ୍ପ ସମ୍ବନ୍ଧୀୟ ଆଲୋଚକ ଭାବରେ ସ୍ୱର୍ଗତ ଦାସ ବହୁ ପ୍ରଥିତ, ଓଡ଼ିଆ ସାହିତ୍ୟର ଅନନ୍ୟ ପ୍ରତିଭାଧର । ଛୋଟ ବଡ଼ ପୁରସ୍କାର ମିଶାଇ କୋଡ଼ିଏରୁ ଅଧିକ ପୁରସ୍କାର ବା ସମ୍ବର୍ଦ୍ଧନା (ତାଙ୍କ କାଳରେ ଏପରି ପୁରସ୍କାର ଆଜିପରି ପ୍ରତୁଳ ନଥିଲା) । ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ରସାହିତ୍ୟ ଏକାଡେମୀ ଓ ସାରଳା ପୁରସ୍କାର ଥିଲା ତାଙ୍କ ସୃଜନ ପ୍ରତିଭାକୁ ସ୍ୱୀକୃତି ଦେବାର ମାନଦଣ୍ଡ । ଭାଷା ସାହିତ୍ୟ ପ୍ରତି ଅନୁଦାର ଗୋଟିଏ ଜାତିର ପାଠକଙ୍କ ପାଖରେ କିଶୋରୀବାବୁ ସତରେ ଯେ ପରିଚିତ ସେ କଥା କହିହେଉନାହିଁ । ତାଙ୍କୁ ପଢ଼ି, ତାଙ୍କ କଳାକୃତିର ବିଚାର ବା ସମୀକ୍ଷା କରିବା ଓଡ଼ିଆ ସାହିତ୍ୟ ରସିକଙ୍କ ଦ୍ୱାରା କେତେ ସାର୍ଥକ ହୋଇଛି, ଏକଥା ଚିନ୍ତାକଲେ ହତାଶ ହେବାକୁ ହୁଏ ।

କିଶୋରୀବାବୁ, ଉପରେ ପ୍ରଦତ୍ତ ସୂଚନାରୁ ପାଠକଙ୍କ ପାଇଁ ଗଳ୍ପ ସାହିତ୍ୟର କଳାକୃତି ବିଷୟରେ ନିଜର ବିଚାର ପ୍ରସ୍ତୁତ କରିଥିବା ବିଷୟ ସଂକେତିତ । ତାଙ୍କ ଗଳ୍ପଗୁଡ଼ିକରେ ଅଙ୍କିତ ଚରିତ୍ରମାନେ ଉଚ୍ଚବର୍ଗର । ଲେଖକ ସେମାନଙ୍କ ଭିତରେ ପରସ୍ପରର ସଂଯୋଗ ଘଟାଇବାକୁ ହିଁ ଶିଳ୍ପକର୍ମ ବୋଲି ମନେକରିଛନ୍ତି । ଉଚ୍ଚବର୍ଗର ଚରିତ୍ରମାନେ ପରସ୍ପର ମଧ୍ୟରେ ନାନା ଭେଦ ନେଇ ଅହଂଗ୍ରସ୍ତ । ଏପରି ଅହଂ ବ୍ୟକ୍ତିଗତ ଚରିତ୍ରର ଏକ ଗୁଣ ହୋଇପାରେ, ମାତ୍ର ଚରିତ୍ରଟି ସେ ବିଷୟରେ ଅବଗତ ନୁହେଁ । ଅର୍ଥାତ ବ୍ୟକ୍ତି ଆପଣାର ଆଚରଣରେ ଖୁବ୍ ଘମଣ୍ଡ; ଏହାର ସଂକେତ ବର୍ଣ୍ଣନାର ପରିସରରେ ସରୁ ଧାରେ ଆଲୁଅପରି ହସିଉଠେ । ମନେ ହେବ, ଦୋଷ ଦର୍ଶାଇବା ଅପ୍ରତ୍ୟାଶିତ ଏକ ବ୍ୟାପାର ଅବା ତାଙ୍କ ଶୈଳୀର ଅଂଶବିଶେଷ ।

ଗାଳ୍ପିକ ଗଳ୍ପ ରଚନାର ଅନେକ ସିଦ୍ଧିଲାଭ ପରେ ତାଙ୍କର ପାଠକ / ଅଧ୍ୟାପକ / ସମାଲୋଚକଙ୍କୁ ବାରବାର ପ୍ରଶ୍ନ କରିଛନ୍ତି 'ଓଡ଼ିଆ ଗଳ୍ପରେ ତାଙ୍କର ସ୍ଥାନ କେଉଁଠି ?' ଜଣେ ସଚେତନ ଏବଂ ଏକ ନିର୍ଦ୍ଦିଷ୍ଟ ମନସ୍ତତ୍ତ୍ୱ ବା ଶୈଳୀର ଗ୍ରହୀତା ଭାବେ ପାଠକର ରୁଚି, ପସନ୍ଦ, ଅବବୋଧ, ଆବେଗକୁ ନିମ୍ନ ଦୃଷ୍ଟିରେ ଦେଖୁନଥିଲେ । ଗଳ୍ପକଳା ସଂପର୍କରେ ସେ ବହୁ ପ୍ରଭାବିତ ହୋଇଥିଲେ ଆମେରିକାର କଥାକାର ଉଇଲିୟମ ଫକ୍‌ନର (୧୮୯୭-୧୯୬୨)ଙ୍କ ଦ୍ୱାରା । ଫକ୍‌ନରଙ୍କୁ ଉଦ୍ଧାରକରି କହୁଥିଲେ, 'କ୍ଷୁଦ୍ରଗଳ୍ପରେ ଆବଶ୍ୟକ ଅନୁଭୂତି,

ନିରୀକ୍ଷଣ ଓ କଳ୍ପନା; ସେଥିରୁ ଗୋଟିକର ଏବଂ ସମୟ ସମୟରେ ଦୁଇଟିର ଅଭାବ ହେଲେ ମଧ୍ୟ ଚଳିବ, କାରଣ ବାକି ଯାହା ରହିଲା ତହିଁରୁ କ୍ଷତିପୂରଣକାରୀ ସାର ମିଳିବା ଉଚିତ । ପରିତାପର ବିଷୟ ଯେ ମୋ'ର ସୃଜନରେ ମଧ୍ୟ ଏଇ ଭାଗମାପ ସନ୍ତୁଳିତ ନୁହେଁ । ମୋର ମନେହୁଏ ଯେ ମୋ' କଳ୍ପନାକୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିଛି । କାରଣ ଅନ୍ୟ ଦିଓଟି, ବିଶେଷତଃ ପ୍ରଥମଟି ଅପେକ୍ଷାକୃତ ଦୁର୍ବଳ ।' (ଅକୁହା କାହାଣୀ - ଲେଖକର ଦୁଃଖ)

**କଳ୍ପନା ହିଁ ଅସ୍ତ୍ର**

ଏଇ କ୍ଷୋଭ - ଅନୁଭୂତିର ଅଭାବ କଥା ସ୍ୱୟଂ ଲେଖକ ଯାହା କହିଲେ ତାହା ଅନ୍ୟ ଭାବରେ ସତ୍ୟ ଯେ ସାଧାରଣ ସ୍ତରର ଜୀବନ ଓ ଜୀବନ ମାର୍ଗର ନାନା ଘାତପ୍ରତିଘାତ, ଅଭାବ, ଦୁଃଖ, ଶୋକ ନାନା ବିଡ଼ମ୍ବନାର ଅନୁଭୂତି ତାଙ୍କ ପାଇଁ ଅପହଞ୍ଚ । ସେ ମଧ୍ୟବିତ୍ତ ଏବଂ ସମଗ୍ର ଚାକିରିକାଳ ମଧ୍ୟବିତ୍ତଙ୍କ ଗହଣରେ କଟାଇଛନ୍ତି । ଏହି ହେତୁ ପ୍ରତ୍ୟକ୍ଷାନୁଭୂତିର ଦାରିଦ୍ର୍ୟ ତାଙ୍କୁ ଅନ୍ୟ ଦୁଇଟି ପ୍ରତି ଯତ୍ନବାନ ହେବାକୁ ଆହ୍ୱାନ ଦେଇଛି । କଳ୍ପନା ତାଙ୍କର ମୁଖ୍ୟ ଅସ୍ତ୍ର । ସ୍ୱାଭାବିକ ଭାବେ ଜୀବନ ଚଳଣିର, ଚିହ୍ନା ଅଚିହ୍ନା ପଦସ୍ଥ ବ୍ୟକ୍ତିମାନଙ୍କର ଆଦବ କାଇଦା କଟକଣା ଓ ମାପଚୁପ ବ୍ୟବହାର ଭିତର ଦେଇ ଗଳ୍ପର ନିର୍ଯ୍ୟାସ ପ୍ରସ୍ତୁତ କରନ୍ତି ।

 କିଶୋରୀଚରଣଙ୍କ ସଂପର୍କରେ ଓଡ଼ିଶାର ଅନ୍ୟତମ ପ୍ରାତଃସ୍ମରଣୀୟ କଥାକାର ପ୍ରଫେସର ଚନ୍ଦ୍ରଶେଖର ରଥ କଥୋପକଥନ ଆଳରେ କହିଛନ୍ତି, "ଢେର ପଢ଼ାପଢ଼ି କରିଛନ୍ତି, ଢେର ମିଂଜେଇଛନ୍ତି । ଗଳ୍ପରେ କେତେବେଳେ କେମିତି ସେ ଝଲକ ଦିଶିଯାଏ ଯେ ହେଲେ ଆପଣଙ୍କ ଗଳ୍ପର ଭେଳିକି ଭିତରେ ଆଖି ମଟମଟ କରି ନ ଚାହିଁଲେ ଦିଶେନାହିଁ । ସେ ପସରା ଆପଣ ସ୍ୱତନ୍ତ୍ର ଭାବରେ ମେଲିଛନ୍ତି, ଯେତେବେଳେ ଗଳ୍ପ ସଂକଳନମାନଙ୍କର ମୁଖବନ୍ଧରେ 'ନିଜକଥା' ଲେଖିଛନ୍ତି । ସେଗୁଡ଼ିକୁ କ'ଣ କହିବା ? ପାଦଟୀକା ? ଭାଷ୍ୟ ? ଆପଣଙ୍କ ଗଳ୍ପ ମଞ୍ଚରେ ପହଞ୍ଚିବା ପାଇଁ ପୁଷ୍ପପଥ ନା ଏକ ପ୍ରକାର ସତ୍ୟପାଠ, ବୟାନ ଅଥଚ କୈଫିୟତ; କଥା ପାଇଁ କଥାକାର ପାଇଁ, ସାଂପ୍ରତିକ ସବୁ ସାହିତ୍ୟ ସାଧକ ପାଇଁ ? କ୍ୟାମୁ, ସାର୍ତ୍ତ, ସେକ୍ସପିଅର, ହାଇଜେନବର୍ଗ, ଫେଡହଏଲ୍, ଆଇନ୍‌ଷ୍ଟାଇନ, ଆଲାନ ୱାଟ୍ସ ସାଙ୍ଗକୁ ହେରାକ୍ଲଟସ, ପ୍ଲାଟୋ ବା ହିରୋଡଟସ୍ କେତେବେଳେ ପ୍ରାଚ୍ୟ ପାଶ୍ଚାତ୍ୟର ମହାମନୀଷୀଙ୍କ ସହିତ ଆପଣଙ୍କ ଭାବଦୋସ୍ତି (ଲଘୁ ସଂହିତା, ପୃ-୩୦) । ଶ୍ରୀଯୁକ୍ତ ରଥ ଓ ଶ୍ରୀଯୁକ୍ତ ଦାସଙ୍କ ମଧ୍ୟରେ ଆଳାପ ଆଲୋଚନାକ୍ରମେ ରଥଙ୍କର ମନ୍ତବ୍ୟ ଓ ରସିକତା ଖୁବ୍ ଉପଭୋଗ୍ୟ ।" (ଦ୍ର. ଲଘୁସଂହିତା - ଡ. ରଥ)

**ଗାଳ୍ପିକଙ୍କର ଶିଳ୍ପକର୍ମ**

କ୍ଷୁଦ୍ରଗଳ୍ପ, ମଣିଷ (ଚରିତ୍ର)ର ଭାବ ଓ ଭାବନା ସକଳ ଭିତରେ ପରସ୍ପର ସଂଯୋଗ ଘଟାଇବା ଗାଳ୍ପିକଙ୍କର ଶିଳ୍ପକର୍ମ । ଏହି କାମଟି କରିପାରିଲେ ତାଙ୍କର ସାର୍ଥକତା । ଏଥିରେ ବ୍ୟକ୍ତିଗତ ଆବେଗର ସ୍ଥାନନାହିଁ । ସେପରି ଆବେଗରୁ ମୁକ୍ତି ହେବ ବାସ୍ତବତାର ପ୍ରତିଷ୍ଠା । ଜୀବନର ସତ୍ୟ ଉନ୍ମୋଚନ ତାଙ୍କର ଲକ୍ଷ୍ୟ । ଏହି ପ୍ରସଙ୍ଗରେ ନୀତିବାଣୀ ଓ ଆଦର୍ଶର ବ୍ୟାଖ୍ୟା ବା ବୟାନ ଶିଳ୍ପବିରୋଧୀ ବୋଲି ବିବେଚିତ ହେବ । କିଶୋରୀଚରଣ ଏହିପରି ଜଣେ କଥାକାର । ସେ ମନସ୍ତତ୍ତ୍ୱ ଶିଖାନ୍ତିନାହିଁ । ସେ ବି ନୁହନ୍ତି ସିଗମଣ୍ଡ୍ ଫ୍ରଏଡ୍, ମଧ୍ୟ ନୁହନ୍ତି ସମାଜ ସଂସ୍କାରକ । ମଣିଷର ଦୁରିତ ଅପନୋଦନ ତାଙ୍କର ଅଭିଳାଷ ନୁହେଁ । ସେ କେବଳ ଦେଖାଇପାରନ୍ତି ମଣିଷର ଅନ୍ତଃରୂପ । ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି ବହୁ କ୍ଷମତାଶାଳୀ, ଧନବାନ, ରୂପ ସୌନ୍ଦର୍ଯ୍ୟରେ ଅସାମାନ୍ୟ, ବିକାଶୀ ବ୍ୟକ୍ତି । ସେମାନଙ୍କ ରୂପଭେଦ ଆଚରଣ ଯାହା ବାହାରକୁ ଦିଶିଯାଏ, ଅବିକଳ ସେଇଆ ? ସେମାନଙ୍କ ଜୀବନର ଗହୀରକୁ ଯାଇ ଦେଖିଲେ ମନେହେବ, ଯେପରି ସେମାନଙ୍କ ଜୀବନକୁ ଘେରି ରହିଛି ଅଶାନ୍ତିର ଅରଣ୍ୟ । ମଧ୍ୟବିତ୍ତ ବା ଉଚ୍ଚବର୍ଗର ଜୀବନ କେତେ ସଂକଟ, ପରାଭବ ଓ ସନ୍ଦେହର ସନ୍ନିପାତରେ ବିକଟ ନୁହେଁ ! ଜୀବନଯାତ୍ରା କେତେ ସଂକଟ, ସନ୍ଦେହର ସନ୍ନିପାତରେ ଦୁଃସ୍ଥିତିମୟ ନୁହେଁ । ସ୍ୱାର୍ଥ, ହିଂସା, ଈର୍ଷା, ଭୀରୁତା, ପ୍ରତିଯୋଗିତାରେ ତାହା ପରିପୂର୍ଣ୍ଣ ନୁହେଁ ? ଉପରକୁ ସମୁଦ୍ରୋପମ । ତଳେ ବି କ୍ଷୁବ୍ଧ ବିକାର । ଆଶାପୂର୍ଣ୍ଣ ଓ ଆଶାଳଗ୍ନ ମନୋବିକାର; ପ୍ରେମ ଓ ପ୍ରୀତି ଯାଦୁପରି ବିବର୍ଣ୍ଣ, ଅଶାନ୍ତ । ସୁସ୍ଥତା ଆଶାତୀତ । ଦୁଃସ୍ଥତା ହିଁ ଏକମାତ୍ର

**କିଶୋରୀ ଚରଣ ମନସ୍ତତ୍ତ୍ୱ ଶିଖାନ୍ତିନାହିଁ । ସେ ବି ନୁହନ୍ତି ସିଗମଣ୍ଡ୍ ଫ୍ରଏଡ୍, ମଧ୍ୟ ନୁହନ୍ତି ସମାଜ ସଂସ୍କାରକ ।**

ଉଜ୍ଜ୍ୱଳ ବିଭବ । ବିଭଙ୍ଗବିକାର ମନୋଗ୍ରହ ନେଇ ଅମୃତର ସନ୍ତାନ ବିଷପିଇ ଚାଲିଛି । ନୀଚତା, ଚରିତ୍ରହୀନତା, ନିଷ୍ଠୁରତା ହେଉଛି ଭଦ୍ର ଜୀବନର କଳା ଓ କୌଶଳ । ମଣିଷର କଥା ଅଶେଷ, କାଳାନ୍ତରରେ ତାହା ଶେଷ ହେବାର ସମ୍ଭାବନା ନାହିଁ । ପ୍ରତି ଯୁଗରେ ବିଜ୍ଞାନ ବଦଳାଇ ଚାଲିଛି ବଞ୍ଚିବାର ଢଙ୍ଗ, ବିଚାରର ମାର୍ଗ । ବଦଳୁଛି ଉପକରଣ । ପରିବର୍ତ୍ତନ ହେଉଛି ସାଧନ ଓ ସିଦ୍ଧି । ଆସିଛି ନୂଆ ସାଜସରଞ୍ଜାମ, ନୂଆ ମାଧ୍ୟମ ଉପଭୋଗର । ବଦଳିଯାଉଛି ଜୀବନବୋଧ, ଆଦର୍ଶ, ନୀତିବୋଧ । ଏସବୁ ମଣିଷର କାହାଣୀ । ତାକୁ ରୂପ ଦେବା ପାଇଁ ଦରକାର ନୂଆ କୌଶଳ, ନୂଆ ସଂକେତ, ନୂଆ ଭାଷା ମଧ୍ୟ । ଓଡ଼ିଆ ଗଳ୍ପରେ ଏହାର ଚିତ୍ର ନଥିଲା । ପ୍ରଥମକରି 'ଭଙ୍ଗା ଖେଳଣା' ଆଣିଲା ପରିବର୍ତ୍ତନ । ନୂଆ ଦିଗଟିଏ କାଢ଼ିଦେଲା ମେକର ମୁଣିରୁ । ଦେଲା ନୂଆଭାଷା; ସାଂକେତିକତା ଏହାର ମୁଖ । ସଂକେତବନ୍ଧା ରୂପକଳ୍ପ, ପ୍ରତୀକ, ମେଟାଫର । ଆବେଗକୁ ଅନାସକ୍ତ କରି ମନନକୁ ଦେଲା ଯଥାସାଧ୍ୟ ପ୍ରତିଷ୍ଠା । ସେହିଠାରୁ କିଶୋରୀଚରଣ 'ଶେଷଗଳ୍ପ' ପର୍ଯ୍ୟନ୍ତ ଦୁଇ ଶହରୁ ଅଧିକ ଗଳ୍ପରେ ପରିବେଶ, ପରିସ୍ଥିତି, ଘଟଣା, ଚରିତ୍ରର ଅନ୍ୟୂନ ଆବଶ୍ୟକତାର ଚିତ୍ରଣ ମଧ୍ୟରେ ନୂଆ ସନ୍ଧାନ ଦେଇଛନ୍ତି ଓଡ଼ିଆ ଗଳ୍ପର । ସେ ଜୀବନ ସନ୍ଧାନୀ, ମନ ସନ୍ଧାନୀ । ଶିଳ୍ପରୀତିରେ ଭାଷାର ଯାଦୁକରୀ ପ୍ରଭାବର ସେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ।


**ଶିଳ୍ପରୀତିରେ ଭାଷାର ଯାଦୁକରୀ ପ୍ରଭାବର ସେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ।**

ତାଙ୍କ ଗଳ୍ପ ସମୂହରୁ ପାଠକ ନିମ୍ନୋକ୍ତ କେତୋଟି ଲକ୍ଷଣ ଅନୁଭବ କରିପାରିବେ ।

୧. ଗଳ୍ପ ଜୀବନ ପାଉଁରୁଟିର ଖଣ୍ଡେ ଟୁକୁଡ଼ା ଅଂଶ ନୁହେଁ, ଗୋଟିଏ ଗୋଲେଇ ପାଉଁରୁଟି ।
୨. ଏହାର ଅଛି ଏକ ମୁଖା ଭାବ ।
୩. ଲେଖ ଏପରି ଗଳ୍ପ, ଯେଉଁଥିରେ ଥିବ ସଂଗୀତର ସ୍ୱର ।
୪. ପଢ଼ିଲେ ସୁଖ ଲାଗିବ । ଚେତନାର ଉତ୍ତରଣ ଘଟିବ ।
୫. କାହାଣୀ ସତ ବା ମିଛ ହେଉ, ପାଠକକୁ ଲାଗିବ ସତ ବୋଲି ।
୬. ଗଳ୍ପ ପଢୁପଢୁ ଦୁର୍ଗ ଭିତରକୁ ପଶିବା ପାଇଁ ଦ୍ୱାର ଗୋଟିଏ ଗୋଟିଏ ଖୋଲିଯାଉଥିବ । ଅନ୍ୱେଷଣଧର୍ମିତା ଏହାର ଉଦ୍ଦେଶ୍ୟ ।
୭. ନୂଆ ଚିନ୍ତାଟି ଦେଇପାରିବ ଅନ୍ୟର ଭାବନାରେ ।
୮. ଗଳ୍ପରେ ପଦ୍ୟମୟତା, ଛନ୍ଦ ସାବଲୀଳତା, ଚିତ୍ରକଳ୍ପ ଥିବ; କିନ୍ତୁ ବକ୍ତବ୍ୟହୀନ ହୋଇ ପଦ୍ୟମୟତା ନଥିବ – ପଦ୍ୟର ମିଠାରେ ପାଟି ବାନ୍ଧି ଦେଉନଥିବ ।
୯. ଉପଯୋଗୀ ଶବ୍ଦଯୋଜନା, ଉପଯୋଗୀ ବାକ୍ୟ ରଚନା ଥିବ । ତେବେ ଗଳ୍ପ ଉତ୍ତୀର୍ଣ୍ଣ ହୋଇପାରିବ ।

□□

ଲେଖକଙ୍କ ଇ-ମେଲ ଠିକଣା:
prof.satapathy@gmail.com




Search **Sahitya Charcha** on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି ।

ଧାରାବାହିକ ବ୍ୟଙ୍ଗ

# ଡବଲ୍ ମିଥ୍ୟାବାଦୀ

ଅଜୟ କୁମାର ମିଶ୍ର



ଲୋକେ ଘଟାନ୍ତି, ସମାଜର ଦୋଷ ଦିଅନ୍ତି । କାଉ ଖାଏ ପଣସ, ବଗ ମୁଣ୍ଡରେ ଅଠା । ସମାଜ ଏମିତି କିଏ କି? ଗୋଟାଏ କିଏ ସମାଜ ଅଛି ନା ଥିଲା ? ଲୋକ ଲୋକ ମିଶିଲେ ତ ସମାଜ ନା । କୋଠା ହଉ ବା ଚାଳଘର କି କୁଡ଼ିଆ ହଉ, ମାଟି ଛାଡ଼ିଦେଲେ ଶୂନ୍ୟରେ ଝୁଲିବ କି ? ଲୋକଙ୍କୁ ଛାଡ଼ିଲେ ସମାଜ କେମିତି ହବ ଯେ ? ଲୋକେ ହେଲେ ସମାଜର ମାଟି, ଏହା ଉପରେ ତୋଳାଯାଏ ନାନା ଚଳଣିଘର । ଟାଣୁଆ ପଇସାବାଲା ହେଲେ ଚାଳଘର ଭାଙ୍ଗି କୋଠା ତୋଳାଏ । କୋଠା ତା' ଚଳଣିକୁ ବି ଅଦଳବଦଳ କରିଦିଏ । ଲୋକେ ମିଶିଲେ ସମାଜ, ସମାଜର ଚଳଣିକୁ ନେଇ ଲୋକଙ୍କ ଚଳଣି । ଯେ ଏ ଚଳଣି ଛାଡ଼େ, ସେ ସମାଜଛଡ଼ା ଷ୍ଟାମ୍ପ୍ ନିଏ । ଯେ ନୂଆ ଭିଆଣ କରେ ସେ ନିଜ ଖାତିର୍ ବଢ଼ାଇପାରେ । ଦଳେ ଲୋକ ଆଗପଛ ବିଚାର କରୁ କରୁ ନୂଆକୁ ନାକ ଟେକନ୍ତି, ଶଗଡ଼ଗୁଳାରେ ପଡ଼ିଗଲେ, ଛାଆଁକୁ ଚଳଣିରେ ମିଶିଯାନ୍ତି ।




ନୂଆ ନୂଆ ଯନ୍ତରପଟା ଆଇଲେ; ଥାଇତାପଣଥିବା ଲୋକେ ଆଗେ କିଣନ୍ତି, କାରବାର ବି କରନ୍ତି । ତା' ଦେଖାଦେଖି ଆଉମାନେ ଧାଆନ୍ତି । ଏଇ ଯେମିତି ଟେଲିଫୋନ୍ ନ ଥେଲା, କିନ୍ତୁ ଖବର ବି ଯାଉଥେଲା । ଟେଲିଫୋନ୍ କଦଳୀଗଛରେ ନୂଆ ଭଣ୍ଡା ପକାଇ ପାକିଟ୍ ଫୋନ୍ ଆଇଲା, ସେ ଭଣ୍ଡାରୁ ସ୍ମାର୍ଟଫୋନ୍ କଦଳୀ ଫଳିଲା, ପାଚିଲା, ବାସିଲା, ଅନେକଙ୍କୁ ସେ ବାସନା ସୁହାଇଲା, ଲୋକେ ମାତିଲେ । ଏମନ୍ତ ଫୋନ୍‌ରେ ସବୁ ସହଜ, ଶୁଣା ବି ଦେଖା ବି । ସବୁଆଡ଼େ ଆଦର, ପିଲାରୁ ବୁଢ଼ାଏ, ପିଲିରୁ ବୁଢ଼ୀଏ – ସମେତ ମାତାଲ୍ । କିଏ କିଏ କହିଲେ, ସ୍ମାର୍ଟଫୁନ୍ ଆଗରୁ ଦିନରାତି ହେଉ ନ ଥିଲା । ଏ ଫୁନ୍ ଗୁମଣି, ଗୁଡ ଡେଏ, ଗୁଡ ନୁନ୍, ଗୁଡ ଇଭିନି, ଗୁଡ ନାଇଟ- ସବୁଥିରେ ଗୁଡ୍ ମିଶାଇ କହିଲାବାଲା ଓ ଦେଖଣାହାରୀ – ସମତେ ଭେଜାରେ ଶର୍କରା ଫେଣ୍ଟିଦେଲେ । ଏ ଫୁନ୍ ଆଗରୁ ସକାଳ, ଦି'ପହର, ସଂଜ କି ରାତି ଯେମନ୍ତ ହେଉନଥିଲା । ଏ ଆଇବାରୁ ସୂରୁଜ ମାହାପ୍ରୁ ମୁହଁ ଦେଖେଇଲେ ଯେମିତି ।

**ଗୁଡ୍ ପରେ ଆଇଲା ହାପି**

ଗୁଡ୍ ପରେ ଆଇଲା ହାପି ଶବଦ । ଦୀପ ଲଗାଇ ପିଲାର ଜନମଦିନ ଉଚ୍ଛବ ପାଳିବା ଜୋର୍‌କରି ଛଡ଼େଇନେଲା ଏ ଫୁନ୍ । ଜନମଦିନକୁ ହାପି ବାର୍ଥ ଡେ କରାଇଲା । ଏ ହାପି ଦେଖାଇ ଏମନ୍ତ ହେଲା ଯେ ଲୋକେ ବି କାହାର ମରଣ ଭଳି ଦାରୁଣ ଦୁଃଖରେ ହାପି ଡେଥ୍ ଜଣାଇଲେ । ଏ ଫୁନ୍ ସବୁ ଗିଳିଦେଲା, ନିହାତି ବିଭୀଷଣିଆ ଖୋଇ ଏଟାର, ଘରକଥା ପଦାରେ ପକେଇବାରେ ଗୋଟାପଣେ ହଳପ ନେଇଚି ଯେମିତି । ଖାଇବା, ପିଇବା, ବସିବା, ଶୋଇବା ସହ ଲୁଗାପାଲଟିବା ଦୁରୁଶ ବି ଏଥିରେ ରହିଲା; ଏମନ୍ତ ଦୁରୁଶମାନ ଲୋକେ ବି ନିଜ ନିଜ ନିର୍ଲ୍ଲଜମାନଙ୍କୁ ପେଷିଲେ, ସାବାସୀ ବି ନେଲେ ।

ଫୋନ୍ ଆତୁରିଆଙ୍କ ଉତ୍ପାତରୁ ଘରର ଜିରା-ଶିରା ସବୁ ପଦାରେ । ଏମନ୍ତ ଫୋନ୍‌ରେ ପୁଣି ନାନା ନଥା, ନାନା କଥା । ବଥା ବା ହବ କାହାକୁ । ଯେ ବଥା ହେବା କଥା କହେ ସେ ଅଣମଣିଷା ଅମଣିଆ ଭାବେ ସମାଜରେ ଗଣା, ମଣିଷ ହେଲେ ବି ଅଣମଣିଷ ଦଳରେ ଥାନପତି । ଏ ଅତ୍ୟାଚାର ଆଉ ସହିହେଉନି, ଘଣ୍ଟୁ ଏକଥା ଭାବି ଭାବି ତ୍ରିଶଙ୍କୁ, ନା ପୁରୁଣା ଛାଡ଼ିପାରୁଚି ନା ନୂଆକୁ ଆଦରି ପାରୁଛି ।

ଏଇ ଚଳଣିଟା ଦାଢୁଆ କରତ, ଘୋଷରାରେ କାଟେ, ପୁଣି ଭିଡ଼ାରେ କାଟେ । ଗାଇ ମାଇଲେ ମଲି, ଗାଈକି ମାଇଲେ ମଲି, ପାଣିରେ କୁମ୍ଭୀର ଉପରେ ବାଘ । କୁଆଡ଼େ ଯାଉଚ ଯାଅ । ତେଣୁ ନିରସ୍ତକ ହେଇ ଘଣ୍ଟୁ ସଭାଭାଷଣିଆଙ୍କ ଶରଣ ପଶିଲା, ପ୍ରବଚନିଆଁମାନେ ମୁକତିବାଟ ଦେଖେଇବେ କାଳେ ।

ସହର ବଜାର, ଗାଁ ଗୋଠ - ସବୁଠି ସଭା, ସବୁଠି ଭାଷଣ । ଭାଷଣ ନ ହେଲେ ଜୀବନ ନାଇଁ । ଏଥିକି ଚାହିଁ ବହୁ ଭାଷଣିଆଁ । ସଂଜବେଳିଆ ପହରିକିଆ ବିଲୁଆଏ ମେଳ ହେଇ ନ ବୁଲିଲେ ତାଙ୍କ ଛାତି ଫାଟିଯାଏ । ସେମିତି ସମୟ ଅସମୟ ଦେଖି ସଭାରେ ମାଇକ୍‌ଫୁନ୍ ନ ଫୁଙ୍କିଲେ କେଇଜଣ ଛାତିଫାଟେ, ହୁରୁଦୟ ମକଚିମାକଚି ହେଇ ନୋଚା ପଡ଼ିଯାଏ । ଏମାନେ ଚିଲ ଶାଗୁଣାଙ୍କଠାରୁ ଆଉ ଗାଢ଼ା ଦୃଷ୍ଟିଆ । ଗାଆଁରେ ଭାଗବତ ପାଠ ହଉଥିଲା, ପୁରାଣ ପଢ଼ା ହେଉଥେଲା । ଏବେ ଭାଗତ ଫାଗତ ହେଲାଣି, ସଭା ନ ହେଲେ ଭାଗବତରୁ ଭାବ ଆଉ ଚୁପୁଡ଼ି ହଉନି । ଭାବତକ କୁଆଡ଼େ ଫେରାର, ବତରେ ଚାଲିଚି ଖେଳ । ଗାଆଁ ଭାଗବତରେ ଭାଗତ ପୂଜା, ଓ୍ୱାର୍ଡମେମ୍ବର ପୂଜା, ସହର ଭାଗତ ରୁମ୍‌ରେ ଅଛି ନିକୁଚ୍ଛରେ କର୍ପୋରେଟର ପୂଜା ନହେଲେ ଭାଗ ଗୋସେଇଁଙ୍କ ଅବସ୍ଥା ବେହାଲ ।

> **ପେଣ୍ଡାଲ ଦେଖି ଯାତ୍ରାବାଲା ନୂଆ ନାଟକ ଭେଇବା ଭଳିଆ ସଭାଭାଟୁଆ ବି ଠା' ଦେଖି ବଚନ ଉଗାଳନ୍ତି ।**

**ସବୁଠି ସଭା**

ଗାଆଁରୁ ସହର, ସବୁଠି ସଭା । ସବୁ ଉଛବରେ ସଭା । ପୁଣି ଉପରେ ନଡ଼ିଆ ନ ଥୋଇଲେ କଳସ ହବ କି ? ତେମନ୍ତ ପ୍ରକାରେ ସଭାରୂପକ ଘଟରେ ଭାଟ ରୂପ ନଡ଼ିଆ ନ ଚଢ଼ିଲେ ସେଟା ସଭା ହେବ କେମନ୍ତେ ? ସଭା ଚାଲେ, ଭାଟେ ବି ରେଡି । ମାର ତାଳି ଉଠା ଥାଳି ଏଠି ଚଳେନି, ତାଳି ପରସ୍ତ ପରସ୍ତ ହେଇ ଘନ ଘନ ହେଇ ଖୋଳପାଲଗା ପାଚିଲା ତେନ୍ତୁଳି ଭଳିଆ ଶବଦକରି ପଡ଼େ । ଆଜି ଯାତରାରେ ଯେ ରାଜା ପାର୍ଟ କରିଚି, କାଲି ଯାତ୍ରାରେ ସେ ରାଣୀ । 'ଭୋଦାମଣି, ଯିଏ ରାଜା ସିଏ ରାଣୀ' । ଏଣିକି କଥା ବକି ପାରିଲେ ହେଲା । ସଂଜବେଳେ ଖଞ୍ଜରେ ମଞ୍ଜକଥା ଛିଞ୍ଚାଛିଞ୍ଚି କଲେ ଭାଟପଣ ବଢ଼େ । ପେଣ୍ଡାଲ ଦେଖି ଯାତ୍ରାବାଲା ନୂଆ ନାଟକ ଭେଇବା ଭଳିଆ ଏମନ୍ତ ସଭାଭାଟୁଆ ବି ଠା' ଦେଖି ବଚନ ଉଗାଳନ୍ତି ।

ସଭାଘରର ଥାଟପଟାଳି ଭାଙ୍ଗୁଥାଏ । ଲୋକେ ହାଉଯାଉ । ଆରମ୍ଭ ହେଲା ସଭା । ସଭାନାଥ ଫୁନ୍ ଫୁଙ୍କି ସଭା ଆରମ୍ଭ ଘୋଷଣାକଲେ । ମୁଖ୍ୟ ଭାଟୁଆ, ସବ୍‌ଭାଟୁଆଏ ଉଠିଲେ । ପାଖ ଚଉକିରେ ଟେଣ୍ଟବାଲା ଜଗନ୍ନାଥକୁ ଆଣି ଥୁଆ କରେଇଥିଲେ । ମଞ୍ଚ-ପୁରୁଷମାନଙ୍କ ଭକତି ଉଛୁଳିଲା । ସମସ୍ତେ ଠିଆହେଇ ଜଗନ୍ନାଥଙ୍କୁ ଦୟାକଲେ, ବତୀ ଜଳାଇଲେ, ଫୁଲ ଫିଙ୍ଗିଲେ, ଧୂପ ଟେକିଲେ । ଜଗନ୍ନାଥେ ବି ରେଡି, ନିଦାବିଷ୍ଟୁ ସେ, ସବୁ ସଂଭାଳିନେଲେ, ଫଟୋଉଠାଣ ହେଲା ନାନାମତେ । ମୁଖିଆଭାଟାଦି ସଭାନାଥଙ୍କ ସହ ମଞ୍ଚ ଚଉକିରେ ପେଷ୍ଟ୍ ହେବା ଉତ୍ତାରେ ବହିଲା ଭାଷଣ ମଳୟ । ମୁଖ୍ୟଭାଟଙ୍କ କଥାକୁ ସମସ୍ତେ କାନେଇଁଥିଲେ । ସେ ଭାଷିଲେ ଆଜି ହେଉଛି ନିହାତି ଗୋଟାଏ ଶୁଭଦିନ । ଘଣ୍ଟୁଆ ଭାବୁଥିଲା ସତେ ଯେମିତି କାଲିଥିଲା କାନ୍ଦବେଳା, ପଞ୍ଚଗ୍ରହକୂଟ । ଆଗାମୀ କାଲି କି ଆଉ ଅଶୁଭ ଦିନ, ରାହୁସଂଚାର କେବଳ ଆଜିଟା ହିଁ ଶୁଭଦିନ ।

ଏମିତିଆ ଅତି ଶୁଭଦିନରେ ମୁଖ୍ୟ ଆରମ୍ଭିଲେ - ଆପଣମାନେ ଆଜି ଅତି ଆନନ୍ଦ ଗଦ ଗଦ ହେଇ ସଂସ୍କୃତି ଦିବସ ପାଳୁଛନ୍ତି । ସଂସ୍କୃତି ହେଲା ମୂଳକଥା । ସଂସ୍କୃତି ସହିତ ସଂସ୍କୃତ ଝଳେଇ ହେଇ ରହିଚି । ଆଗରୁ ସଂସ୍କୃତି ଥିଲା, ଆଜି ବି ଅଛି, ଆସନ୍ତାକାଲି ବି ରହିବ । ତେମନ୍ତ ପ୍ରକାରେ ଗାଇ ପଛୁଆ ବାଛୁରି ଭଳିଆ ସଂସ୍କୃତି ପଛରେ ସଂସ୍କୃତ । ଆମ ଦେଶ ଭାରତବର୍ଷ ସଂସ୍କୃତରେ ମଲ୍ଟିକୋଟିପତି । ତେଣୁ ସଂସ୍କୃତକୁ ଏଠି ଆଉ ଆଉ ପୂଜା । ଆପଣମାନେ ସଂସ୍କୃତିର ପୂଜାରୀ, ସଂସ୍କୃତି ପୂଜନ ନ ହେଲେ ଏ ରାଷ୍ଟ୍ର ହଠାତ୍ ରସାତଳକୁ ଚାଲିଯିବ । ତେଣୁ ଆଜିର ଦିନରେ ସମସ୍ତେ ସଂସ୍କୃତିର ସୁରକ୍ଷା କରିବା ପାଇଁ ଘଡ଼ଘଡିଆ ଶପଥ ନିଅନ୍ତୁ, ମାହାପ୍ରସାଦିଆ ହଳପ କରନ୍ତୁ, ନିର୍ମାଲିଆ ସତ୍ୟ କରନ୍ତୁ, ସଂସ୍କୃତ ପଢ଼ନ୍ତୁ, ସଂସ୍କୃତ ପଢ଼ାନ୍ତୁ, ରାଷ୍ଟ୍ରର ବିକାଶ କରାନ୍ତୁ ।

ମଞ୍ଚ ଏକ । ଭାବ ଅନେକ । ପୁଣି ଆରମ୍ଭହେଲା ଭାଷଣ । ଆମ ରାଇଜରେ ଭାଷଣ ମଞ୍ଚ ପାଇଁ ଶୁଣାଳି ଅଭାବ ହେଲେ, ଶୁଣାଳି ମହାସଂଘରୁ ଶୁଣାଳି ବଇନା ଦେଇ ଯୋଗାଡ଼ କରାଯିବା ନୂଆକଥା ନୁହେଁ । ସେମିତି ସଭା ନାଁ ଶୁଣିବାମାତ୍ରେ

ତୁଣ୍ଡଖିଆଙ୍କର ହାଜିରା ବି ଊଣା ନୁହେଁ । କେତେଜଣ ନିଷ୍ଠାପରୁଆ ଶୁଣାଳି ଭାଷଣକୁ କାନ ପତାନ୍ତି, ମନ ପତାନ୍ତିନି । ଆଉକେଇଟା ନୁଉଛୁଣା ଶୁଣାଳି କାନ ସହ ମନ ବି ଦେଇ ଶୁଣନ୍ତି । ଆଉ କେଇଜଣ ଅବାଗିଆ, ଯେ ବି ନିଜ କଥା କହି ପାଖ ଲୋକଙ୍କୁ ବରାବର ହରକତ କରନ୍ତି । ସଭାରେ ମଞ୍ଚୁଆଙ୍କ ଭାଷଣ, ତଳେ ଅବାଗିଆଙ୍କ ଚୁପୁଚୁପିଆ ଭାଷଣ । ପାଖ ଶୁଣାଳିରୁ କେହି କେହି ଖୁସି, କେହି କେହି ବିକଳ ଏମାନଙ୍କ ଅତ୍ୟାଚାରରେ । ଆବେଗିଆ ଶୁଣାଳି ବି ଅଛନ୍ତି, ମଞ୍ଚ ଭାଷଣରେ ନିଜ ଚଇତନକୁ ଫେବ୍ରିକଲିଆ ଅଠାରେ ଯୋଡ଼ ପକେଇଥାନ୍ତି । ମଞ୍ଚରେ ଗୋଟେ ଉଚ୍ଚାଟିଆ କଥା କହିଲେ, ଏ ଆବେଗିଆମାନେ ହାତ ପଛେ ଦରଜ ହେଉ, ତାଳି ପରେ ତାଳି କୁଟି ଦେଇଯାଆନ୍ତି । ପ୍ରବଚନିଆଁ ଭାଟେ – 'ସଂସାର ଅଳୀକ, ସବୁ ମାୟା, ଭକ୍ତିବଡ଼, ତ୍ୟାଗ ବଡ଼, ଆଜି ଜୀବନ କାଲିକି ନାଇଁ, ଝୁଣ୍ଟି ପଇଲେ ଉଠିପାରିବୁ ନାଇଁ, କେଇ ଦିନକୁ ଆଣ୍ଟ ବାନ୍ଧିଚୁରେ ମନୁଆଁ – ଏମିତିଆ କଥା ଶୁଣି ଭାବପାଣିରେ ଉବୁଟୁବୁ ହୁଅନ୍ତି, ନିଜ ଜୀବନକୁ ଅତି ତୁଚ୍ଛ ମଣନ୍ତି । ସୁମାରି ନେଲେ ଲକ୍ଷେ ଶୁଣାଳିରେ ଏମନ୍ତ ଜଣେ ଅଧେ ବାହାରନ୍ତି ।



**ମୁଖିଆଭାଟ**

ଦି' ହପ୍ତା ତଳୁ ଭାରତୀୟ ସଂସ୍କୃତି ଭାଷଣ ଗାଳୁଥିବା ଭାଟେ ଆଜି ସଭାର ମୁଖିଆଭାଟ । ଆଜି ବିଷୟ ଅଲଗା । ରାମାୟଣ ନାଟକରେ ରାମ ପାର୍ଟ କରୁଥିବା ନଟିଆ, ଟିମା ମହାଭାରତ ଯାତ୍ରାରେ ସେକେଣ୍ଡ ପାଣ୍ଡବ ଭୀମା ଓ ଥାର୍ଡ ପାଣ୍ଡବ ଅର୍ଜୁନା ଭଳିଆ ଆଜି ମୁଖିଆ ଭାଟ ବିଜ୍ଞାନ କଥା ଉଦ୍‌ଗାରିଲେ । ନିବାଟୁଳିଆ ତୁଣ୍ଡରେ ନାଚୁଥାନ୍ତି ଭାଷଣ । 'ଆଜ୍ଞାମାନେ! ଆଜିର ଯୁଗ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗ । ଏ ଯୁଗରେ ରାଷ୍ଟ୍ରର ଟୋଟାଲ୍ ପ୍ରଗତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଚକ୍ଷୁହୀନର ଆଶାବାଡ଼ି ପ୍ରକାରେ ଫୁଲ୍ ନିର୍ଭରଶୀଳ । ବିଜ୍ଞାନ ନ ଥିଲେ ପୃଥୀ ତ୍ରାହି ତ୍ରାହି ଡାକିବ, ରସା ନିଶ୍ଚୟ ଅତଳକୁ ଖସିବ । ପ୍ରଯୁକ୍ତି ନ ଥିଲେ ନିଯୁକ୍ତି ନାଇଁ, ଖାଲି ବିଯୁକ୍ତି । ଏଣୁ ଆଜିର ଯୁବସମାଜ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅମଳ କରିବାରେ ଓ ଓଷେଇତି ଓଷା କରିବା ଭଳିଆ, ବ୍ରତୀ ବରତ କରିବା ଭଳିଆ ହଲପ କରନ୍ତୁ । ଯୁବ ନ ଜାଗିଲେ ଦେଶ ଜାଗିବନି । ବିଜ୍ଞାନ ଜଗାଏ, ଉଡ଼ାଏ, ଛଡାଏ, ମଡାଏ, ତଡାଏ, ବଡାଏ । ପ୍ରଯୁକ୍ତିବିଦ୍ୟା ଓ ପ୍ରୟୋଗର କଥା । ଏଇଟା ଯୁଗର ଡାକରା । ତେଣୁ ନିବେଦନ, 'ଆପଣମାନେ ଏଥିପାଇଁ କମ୍ପ୍ଲିଟ୍ ସଜାଗ ହୁଅନ୍ତୁ ।'

ଭାଟେ ଓହ୍ଲେଇଲେ ଭାଡ଼ିରୁ । ଘେରିଲା ଘଣ୍ଟୁଆ । ନବେ ଡିଗ୍ରୀ ମାର୍କା ଦଣ୍ଡବତଟେ ନାଛିଦେଲା । ଭାଟେ ବୀରଭଙ୍ଗୀରେ ଗଡ଼ଜିତା ସୋଲଜର୍ ଭଳିଆ ଛାତି ଉଡ଼ା କଲେ, ବାହୁମୂଳକୁ ଉର୍ଦ୍ଧ୍ୱାୟିତ କଲେ । ଘଣ୍ଟୁ ସଭକ୍ତିରେ ଯୋଡ଼ହସ୍ତିଆ ମୁଦ୍ରାରେ ପ୍ରଶ୍ନିଲେ – "ମହାଭାଗ ! ମୋର ସଂଶୟ ମୋଚନ କରନ୍ତୁ । ଅହଂଦୃପ୍ତ ଭାଟେ ଅତି ଗଦ୍‌ଗଦିଆ ସୁରରେ ଉତ୍ତରିଲେ – ନିଃସଂଶୟରେ ପୁଚ୍ଛାକର ମହାଶୟ !" ଘଣ୍ଟୁ ପୁଚ୍ଛିଲେ – ଗତମାସ ୧୮ ତାରିଖ ସଂଜରେ ଆପଣ ଏଠିକି ମୁଖ୍ୟ ଭାଟ ଭାବେ ଆସିଥିଲେ ନା ଆଜ୍ଞା ?

ଉତ୍ତରିଲେ ମୁଖିଆ ଭାଟେ – "ବର୍ଷସାରା ବହୁ ସଭାସମିତିରେ ଲୋକେ ଦିଅଁ ମଙ୍ଗୁଳିବା ଭଳିଆ ମତେ ଲୋଡ଼ନ୍ତି । କାହାକୁ ନାସ୍ତି କରି ତାଙ୍କ ମନରେ ଦୁଃଖର ଜୁଆର ତ ସୃଷ୍ଟି କରିପାରେନି ମୁଁ । କାରଣ ଏ ରାଇଜର ଆଗଧାଡ଼ିର ପଞ୍ଜୀକୃତ ଭାଟଙ୍କ ଭିତରେ ମୁଁ ଦଶଜଣଙ୍କ ଭିତରେ ତ ଜଣେ ନା । ଆପଣ କହୁଥିବା ୧୮ ତାରିଖରେ ହୁଏତ ମୁଁ ଏଠାକୁ ଆସିଥିବି । ମନେପଡୁନି ମହାଶୟ । ଦିଅଁଙ୍କ ରେଗୁଲାର୍ ପୂଜାରେ ହୁଏତ ବିରାମ ଥାଇପାରେ, ଆମ ଭାଷଣରେ ବିରାମ କାହିଁ ଯେ ?

ଘଣ୍ଟୁ ଉବାଚ : ଆଜ୍ଞା ଆପଣ ସେଇ ଅଠର ତାରିଖରେ ଗୋଟାଏ ସୁନ୍ଦର ଭାଷଣ ଦେଲେ – ସଂସ୍କୃତିର ସୁରକ୍ଷା ପାଇଁ ସଂସ୍କୃତ ପଢ଼ିବା ଦରକାର । ବହୁତ ବଢ଼ିଆ ଲାଗିଲା । ମୋ' ପୁଅ ନଗଦା ନଗଦି ମାତୃକୁଳନାଶନ ହିଡ଼ ଟପିଥାଏ । ଆପଣଙ୍କ ଭାଷଣ ଶୁଣି ଆମ ଘରେ ସମତେ ଖୁସି । ସଂସ୍କୃତ ପଢ଼ିବା ପାଇଁ ପୁଅର ଇଚ୍ଛା ନ ଥିଲେ ମଧ ତାକୁ ନେଇ ପଣ୍ଡିତଙ୍କ ଗୋଡ଼ହାତ ଧରି ଟୋଲ୍‌ରେ ଭର୍ତ୍ତି କରିଦେଲି ।

ଭାଟ ଉବାଚ : ବହୁତ ଭଲକାମ କଲେ ଆପଣ । ପୁଅ ସଂସ୍କୃତ ଅଧ୍ୟୟନ କରୁ, ସଂସ୍କୃତିର ସୁରକ୍ଷା କରୁ । ଦେଶର ମଙ୍ଗଳ ହେବ ।

ଘଣ୍ଟୁ ଉବାଚ : ହଁ ଆଜ୍ଞା । ଆଜି ଭାଷଣରେ ଆପଣ କହିଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତିରେ ଦେଶର ଉନ୍ନତି ।

ଦେଶର ମଙ୍ଗଳ ଏହା ଉପରେ ନିର୍ଭରକରେ ।

ଭାଟ ଉବାଚ : ଠିକ୍ ତ କହିଲି, ଅସୁବିଧା କ'ଣ ହେଲା ?

ଘଣ୍ଟୁ ଉବାଚ : ସେଦିନ ଏକମାତ୍ର ବଳା ବିଶିକେଶନକୁ ସଂସ୍କୃତ ପଢ଼ାଇ ମୁଁ ବଡ଼ ଭୁଲ୍‌କଲି, ପିଲାଟା ବିଜ୍ଞାନ ପଢ଼ିଥିଲେ ଭଲ କରିଥାନ୍ତା । ଆପଣଙ୍କ ଭାଷଣ ମତେ ହରଡ଼ଘଣାରେ ପକାଇଦେଲା ।

ଭାଟ ଉବାଚ : ବର୍ଷାକୁ ଦେଖି ଛତା ନା, ସେଦିନର ଆୟୋଜକଙ୍କ କଥା ମାଫିକ୍ ତାଙ୍କ ପାଇଁ ଭାଷଣ, ଆଜିର ଆୟୋଜକଙ୍କ ପାଇଁ ଆଜିର ଭାଷଣ । ଷୋଳପଣେ ଚକିତ ହଉଚି – ଆପଣ ଭାଷଣ ଶୁଣୁଥିଲେ କାହିଁକି, ଶୁଣି ମନେ ରଖିଲେ କାହିଁକି, ମନେରଖିକି ତାକୁ କାମରେ ଲଗେଇଲେ କାହିଁକି ? ଏମିତି କିଏ କରନ୍ତି, ମୁଁ ଜାଣି ନ ଥିଲି ।

ଘଣ୍ଟୁ ଉବାଚ : ମୁଁ ଦୋ'ମୁଣ୍ଡିଆ ସାପ ଦେଖିଚି, ଆପଣଙ୍କ ଭଳି ଦୋ'ପାଟିଆ ଭାଟଙ୍କୁ ଭେଟୁଚି ।

ଭାଟ ଉବାଚ : ଭଗବାନ କାନ ଦିଇଟା ଦେଇଚନ୍ତି, ଏ କାନରେ ଶୁଣିବ, ଆର କାନରେ ବାହାର କରିଦେବ । ଯେ ଯେମିତି ବରାଦ ଦିଏ ଆମେ ସେମନ୍ତ ଭାଷଣ ନାଛୁ । ଆମ ଆଗରେ ଶୁଣାଳିମାନେ ଖାଲି ଜଳଖିଆ ଲୋଭରେ ବସି ଶୁଣୁଥିବା ଛଳନା କରନ୍ତି ବୋଲି ଆମେ ଜାଣୁ ।

**ଶୁଣାଳିମାନେ ଖାଲି ଜଳଖିଆ ଲୋଭରେ ବସି ଶୁଣୁଥିବାର ଛଳନା କରନ୍ତି ବୋଲି ଆମେ ଜାଣୁ ।**

ଘଣ୍ଟୁ ଉବାଚ : ଅତି ଭଲକଥା ଭାଟ ସାଆରେ ! ଆମ ମଞ୍ଚକୁ ଆପଣ ଭାଷଣ ଦେବାକୁ ଆସିବେ, ଆମେ ସପ୍ତପୁରୁଷେ ଉଦ୍ଧାର ପାଇବୁ । ଏଠିକା ସଭା ମେନଜରିଆଙ୍କ ପାଖରୁ ମୁଁ ସବୁକଥା ଟିକିନିଖି ବୁଝି ସାରଛି । ଆପଣଙ୍କ ରହିବା, ଖାଇବା, ଯା'ଆସ ଗାଡ଼ିଭଡ଼ା, ଭାଷଣ ପାଉଣା ଆମେ ଭରଣା କରିଦେବୁ । ସବୁ ଅଣଲାଇନ୍ ପେମେଣ୍ଟ୍ । ଘଣ୍ଟାଏ ଭାଷଣକୁ ଆମ ସଂସ୍ଥା ନିହାତି ଦଶ ସହସ୍ର ଟଙ୍କା ଅର୍ଥରାଶି ଆପଣଙ୍କୁ ପ୍ରଦାନ କରିବ ଉତ୍ତମ ଚଦର ସହିତ ବନ୍ଧେଇ ମାନପତ୍ର ବି ପ୍ରଦାନ କରି ଧନ୍ୟହେବ । ଦୟାକରି ସମ୍ମତି ପ୍ରଦାନ କଲେ ଆମେ କାର୍ଡ ଛାପା କରାଇ ବଣ୍ଟନ କରିବୁ ।

**ଡବଲ ହଁ**

ଭାଟେ ଆଶାତୀତ ଅର୍ଥରାଶି ପ୍ରାପ୍ତି ଆଶାରେ ଡବଲ ହଁ କହି ମନେ ମନେ ଖୁସିହେଲେ । ନିଜ ଭିଜିଟିଂ କାର୍ଡ ଧରାଇଦେଇ ଭୋଜନାଳୟ ଗମନ କଲେ ।

ନିର୍ଦ୍ଦିଷ୍ଟ ତାରିଖ, ଭାଷଣ ଥାନ, ଭାଷଣ ବିଷୟ, ନିର୍ଦ୍ଦିଷ୍ଟ ସମୟ ଦେଇ ଘଣ୍ଟୁ ଭାଟଙ୍କୁ ନିମନ୍ତ୍ରଣପତ୍ର ପେଷିଲେ । ବରାଦ ମାଫିକ ରୁଟ୍‌ଚାର୍ଟ ଦେଖି ଚତୁଷ୍ଚକ୍ର ଯାନ ଭଡ଼ା ନେଇ ଭାଟେ ଯଥା ଥାନରେ ଖୋଜିଲୋଡ଼ି ଉପସ୍ଥିତ । ଅନ୍ଧାର ଭିତରେ କାହାକୁ ନ ପାଇ ଘଣ୍ଟୁଙ୍କୁ ଫୋନ୍‌କଲେ, ଘଣ୍ଟୁଙ୍କ କଥାରେ ଆଉ ଆଠ କି.ମି ଯିବା ପରେ ପୁଣି ଫୋନ୍ କଲେ, ଘଣ୍ଟୁ ପୁଣି ଛଅ କି.ମି ବୁଲାଣି ବାଟ କହିଲେ । ଏଇ ବାଟେ ଆସିଲେ ଠିକଣା ଥାନରେ ଆମେ ଆପଣଙ୍କୁ ବାଜାବାଣ ଦେଇ ସ୍ୱାଗତ କରିବାକୁ ଅପେକ୍ଷା କରିଛୁ ବୋଇଲେ । ଏମନ୍ତ ପ୍ରକାରେ ଘେର ଖାଇ ଖାଇ ରାତି ନଅଟା ବେଳକୁ ଘଣ୍ଟୁ କଥିତ ଥାନରେ ଭାଟେ ପହଞ୍ଚି ଗାଡ଼ିରୁ ଉତୁରିଲେ । ଘଣ୍ଟୁ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ ହେଲା । ଅତି ରାଗ ଗରଗର ହେଇ କହିଲେ, ହଇୟେ, ତମେ ଏତେ ମିଥ୍ୟାବାଦୀ । ମତେ ବୁଲେଇ ବାଲେଇ ଏତେ କାଣ୍ଡକଲ । ଘଣ୍ଟୁ ଉତ୍ତରିଲେ – ଆପଣ ସଭାଗୁଡ଼ିକରେ କ'ଣ ସତ ବଚନ ଢାଳନ୍ତି ? ଆପଣ ମୋ କଥା ଶୁଣି ବିଶ୍ୱାସ କରୁଥିଲେ କିଆଁ । ବିଶ୍ୱାସ କଲେ କଲେ, ଆସୁଥିଲେ କିଆଁ ?

ହଉ ଆଜ୍ଞା ! ଆପଣଙ୍କୁ ବିଶ୍ୱାସ କରି ମୁଁ ମିଥ୍ୟାବାଦୀ ହେଲି । ମୋ' କଥାକୁ ବିଶ୍ୱାସ କରିଥିବାରୁ ଆପଣ ତ ଡବଲ୍ ମିଥ୍ୟାବାଦୀ ହେବେ ନା ନାଇଁ । ବିନା ପାରିତୋଷିକରେ ବହୁ ଭାଟ ଭାଷଣ ଥାନ ଦରାଣ୍ଡୁଛନ୍ତି, ଗୋଟେ ସଭା ପାଇଁ ଦଶହଜାର ଟଙ୍କା ପାଇବାକୁ ଆପଣ ଭାବିଲେ କେମିତି ?

ଘଣ୍ଟୁ କଥା ଶୁଣି ଭାଟେ ଚେତା ହରାଇବା ଅବସ୍ଥା । ଏଇ ସୁଯୋଗରେ ଘଣ୍ଟୁଙ୍କ ଅକସ୍ମାତିଆ ଉଭାନ ।

ଅଯଥାରେ ନିଜ ହାତରୁ ଗୁଡ଼ାଏ ଟଙ୍କା ଗାଡ଼ି ଭଡ଼ା ଦେଇ, ବାଟଶ୍ରମ କରି ଆସି ଏମିତି ଘାଟା ଖାଇଥିବାରୁ ଭାଟେ ନିଜ ମୁଣ୍ଡ ଉପରେ ରାଗି ରାଗି ବାଳ ଉପାଡ଼ିବା ଅବସ୍ଥାରେ ପୁଣି ଘଣ୍ଟୁଙ୍କୁ ଫୋନ୍ କରୁଥିଲେ । ଫୋନ୍ ଅପହଞ୍ଚ, ଭାଟଙ୍କ କାନମୁଣ୍ଡା ଆଉଁଶା ପରେ ନିରବ ପ୍ରସ୍ଥାନ । ଭାବୁଥିଲେ ନିଜେ ସତରେ ଜଣେ ସ୍କୋୟାର ଗାଲୁଆ, ଡବଲ୍ ମିଥ୍ୟାବାଦୀ ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

**ଗଳ୍ପ**

# ଲୁହର ଆତ୍ମକାହାଣୀ



## ଚୌଧୁରୀ ବରଦାପ୍ରସନ୍ନ ଦାସ

ମା' ବିଶାଖାପାଟଣା-ରାୟପୁର ପ୍ୟାସେଞ୍ଜର ଆଜି କେତେବେଳେ ଆସିବ? ଟେବୁଲ ଉପରୁ ମୁହଁ ଉଠାଇ ଚାହିଁଲେ ବୁକିଂ କ୍ଲର୍କ ମନୀଷା ଦେବୀ । ପ୍ରଶ୍ନକର୍ତ୍ତା ଥିଲେ ଜଣେ ପ୍ରୌଢ଼ ବ୍ୟକ୍ତି । ବସନ ମଳିନ । ଅଯତ୍ନ ବର୍ଦ୍ଧିତ ଶ୍ମଶ୍ରୁ । ଆଖିକୁ ଦେଖିଲେ ଲାଗିବ ଯେମିତି ପତାତଳେ ଲହଡ଼ି ଭାଙ୍ଗୁଛି ଗୋଟେ ଦୁଃଖ ଆଉ ଶୂନ୍ୟତାର ସାଗର । ଆଖିରୁ ପଢ଼ି ହୋଇଯାଉଛି ଅନ୍ତରର ବେଦନା । ଟିକିଏ ସମବେଦନାଭରା ଆଖିରେ ଚାହିଁ କହିଲେ, ଘଣ୍ଟାଏ ଲେଟ୍ ଅଛି । ମନେ ମନେ ଗୋଟାଏ ଦୀର୍ଘଶ୍ୱାସ ପକେଇ ଫେରିଗଲେ ସେଇ ପ୍ରଶ୍ନକର୍ତ୍ତା ।

ରେଳେଓ୍ୱ କାଉଣ୍ଟରକୁ କେତେ ଆସନ୍ତି, ଯାଆନ୍ତି ହେଲେ କେହି ମନେ ରଖନ୍ତିନି । ଏଇ ପ୍ରଶ୍ନକର୍ତ୍ତା ଫେରିଗଲା ପରେ ସବୁଥର ମନୀଷାଙ୍କର ଆଖିଟା ଯେମିତି ପହଁରିଯାଏ ତାଙ୍କ ପଛେ ପଛେ । ଅଦୂରରେ ଥିବା ସିମେଣ୍ଟ ବେଞ୍ଚ ଉପରେ ବସନ୍ତି ପୁଣି କିଛି ସମୟପରେ ଫେରି ଆସନ୍ତି କାଉଣ୍ଟର ପାଖକୁ । ପୁଣି ପଚାରନ୍ତି ସମାନ ପ୍ରଶ୍ନ । କଣ୍ଟାବାଞ୍ଜି ଏତେ ବଡ଼ ଷ୍ଟେସନ ନୁହେଁ । କିନ୍ତୁ ବହୁ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଏଇଠୁ ଗାଡ଼ି ଚଢ଼ନ୍ତି । ବିଶାଖାପାଟଣାରୁ ଯା'ଆସ କରୁଥିବା ଅପ ଓ ଡାଉନ ପାସେଞ୍ଜର୍ ଦିଇଟା, ଅନେକ ଶ୍ରମଜୀବୀଙ୍କ ଜୀବନରେଖା ବୋଲି ଲୋକେ କହନ୍ତି । ଏଇଥିରେ ଇଟା ଗଢ଼ିବାକୁ ଲୋକେ ପିଲାଛୁଆଧରି ଯାଆନ୍ତି ଆନ୍ଧ୍ର । କେବେ ପୁଣି ରାୟପୁରରେ ଗାଡ଼ି ବଦଳେଇ କାଶ୍ମୀରରେ କେଉଁ କଣ୍ଟ୍ରାକ୍ଟର ପାଖରେ କାମ କରିବାକୁ ବସ୍ତାପରି ଲଦିହୋଇ ଲୋକେ ଯାଆନ୍ତି । କେହି କେବେ ରିଜରଭେସନ୍ କରନ୍ତି ନାହିଁ । ରିଜରଭେସନ୍ କଲେ ଠିକଣା ଆଉ ଯିବାଆସିବା ସ୍ଥାନର ନାମ ରହିବ । ହେଲେ ସବୁ ପରିଚୟ ଲୁଚେଇ ଏମାନେ ଯାଆନ୍ତି । ପାଞ୍ଚଣ ଧରି ଗାଇଗୋଠକୁ ଅଡ଼େଇ ଅଡ଼େଇ ନେଲାପରି ଜଣେ ଜଣେ ବଳିଷ୍ଠ ଲୋକ ନିଅନ୍ତି । ରଢ଼ନିଆଁ ପରି ତାଙ୍କର ଆଖି । ଖବରକାଗଜରୁ ପଢ଼ିଥିଲେ ଏଇମାନଙ୍କୁ କହନ୍ତି ସର୍ଦ୍ଦାର ।


ଜ୍ୟୋତିବିହାରରୁ ପାଠ ସରୁ ସରୁ ପାଇଥିଲେ ଏଇ ଚାକିରି । ଆସିଲାବେଳେ ବାପା କହିଥିଲେ ମା', ଜଗିରଖି ଚଳିବୁ କେତେ ପ୍ରକାର ମଣିଷ ଅଛନ୍ତି । ସେଇ କଥା ମାନି ସେ କଣ୍ଟାବାଞ୍ଜିରେ କାହା ସାଥୀରେ ମିଶନ୍ତିନି କି ଅଧିକ କଥାପଦେ କହନ୍ତିନି । ହେଲେ ଏଇ ରହସ୍ୟମୟ ପ୍ରୌଢ଼ ବ୍ୟକ୍ତିଙ୍କ ସାଙ୍ଗରେ କେମିତି ଭାବଗତ ଭାବେ ଯୋଡ଼ି ହୋଇଯାଇଥିବା ପରି ଲାଗେ । ଆଶ୍ଚର୍ଯ୍ୟ ହୁଅନ୍ତି ସବୁଦିନ ଲୋକଟି ଷ୍ଟେସନ ଆସୁଛନ୍ତି, ଉଦ୍‌ବିଗ୍ନ ହୋଇ ଗାଡ଼ିକୁ ଅପେକ୍ଷା କରନ୍ତି । ପୁଣି ଫେରିଯାଆନ୍ତି । ଥରେ ଥରେ ସେଇ ଲୋକଜଣଙ୍କୁ ପ୍ଲାଟଫର୍ମ ଦାଢ଼ରେ ଠିଆହୋଇ ରେଳଧାରଣା ଉପରେ ଆଖି ପହଁରେଇ ଦିଗ୍‌ବଳୟ ଆଡ଼େ ଚାହିଁବାର ଦେଖିଛନ୍ତି ମନୀଷା । ସବୁଦିନେ ଆସିଆସି ଲୋକଟା ତାଙ୍କୁ ପରିଚିତ ପରିଚିତ ଲାଗୁଥିଲେ ବି ବାସ୍ତବରେ ଥିଲା ଅପରିଚିତ । ବେଳେବେଳେ ଲୋକଟି କିଛି ପଚାରିବା ଆଗରୁ ଅଜାଣତରେ ମୁରୁକି ହସଟିଏ ହସି ଗାଡ଼ିର ଖବର କହନ୍ତି । କେତେବେଳେ ଘଣ୍ଟା ପୁଣି କେତେବେଳେ ଦିଇଘଣ୍ଟା ।

**ଏଇ ରହସ୍ୟମୟ ପ୍ରୌଢ଼ ବ୍ୟକ୍ତିଙ୍କ ସାଙ୍ଗରେ କେମିତି ଭାବଗତ ଭାବେ ଯୋଡ଼ି ହୋଇଯାଇଥିବା ପରି ଲାଗେ ।**

ଥରେ ଲୋକଟାକୁ ଦେଖୁ ଦେଖୁ ମନୀଷାଙ୍କ ପାଟିରୁ ବାହାରିଗଲା, ମଉସା ଆଜି ଗାଡ଼ି କ୍ୟାନସେଲ । ଫେରିଯାଉଥିବା ଲୋକ ଆଡ଼େ ଚାହିଁ କାଉଣ୍ଟରରେ ଥିବା ଜଣେ ସ୍ଥାନୀୟ ଲୋକ କହିଲେ, ଏଇଟା ପାଗଳଟାଏ । ମୁହଁଟେକି ଚାହିଁଲେ ମନୀଷା । ସତେ ଯେମିତି ତାଙ୍କର କେହି ନିଜର ଲୋକଙ୍କୁ କିଏ ଆକ୍ଷେପ କରୁଛି । ପାଗଳ ଶବ୍ଦଟା କେମିତି ସେଇ ରହସ୍ୟମୟ ଲୋକ ଆଉ ତାଙ୍କ ଭିତରେ ସେତୁଟିଏ ପାଲଟିଗଲା । ଯେଉଁଦିନ

ଲୋକଟିକୁ ଦେଖୁଦେଖୁ ସେ କହିଲେ, ମଉସା କିଏ ଆସିବ ଆପଣଙ୍କର ? କିଛି ନ କହି କରୁଣ ଆଖିରେ ଚାହିଁ ଫେରିଗଲା ଲୋକଟି । ମନେମନେ ଟିକିଏ ପଛକୁ ଘୁଞ୍ଚିଗଲେ ମନୀଷା, ଲୋକଟି କାଳେ ଆହତ ହୋଇଥିବ ।

ଆହୁରି ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ଲୋକଟି କାଉଣ୍ଟରରେ ପହଞ୍ଚି କହିଲା, କିଏ ଆଉ ଆସିବ ? ଏ ଗାଡ଼ିଟା ମତେ ହେଲେ ନେଇଯାଆନ୍ତା । ସ୍ୱରଟା ଥିଲା, କରୁଣ ଆଉ ହତାଶାରେ ଭରପୂର । 'ମତେ ହେଲେ ନେଇଯାଆନ୍ତା' ଶବ୍ଦ କେତେଟା କଣ୍ଟାପରି ଲାଗିଲା ତାଙ୍କୁ । ତା' ପରଠୁ ସେଇ ଲୋକଟି ଗାଡ଼ିକୁ ଅପେକ୍ଷା କରିବାକୁ ଆସିବା ଅପେକ୍ଷା ଆହୁରି ଉତ୍କଣ୍ଠା ସହ ଲୋକଟିର ଆସିବାକୁ ଅପେକ୍ଷା କଲେ ମନୀଷା । ଉତ୍କଣ୍ଠା ଧୀରେ ଧୀରେ ଆବେଗରେ ପରିଣତ ହୋଇଗଲା । ଏଣିକି ଲୋକଟିକୁ ଦେଖିଲେ ମୁହଁଟା ଉଜ୍ଜ୍ୱଳି ଉଠିଲା । ଏଇ ରହସ୍ୟମୟ ଲୋକଟିର ଜୀବନର କାହାଣୀ ପେଡ଼ି ଖୋଲିବାକୁ ସେ ବ୍ୟଗ୍ରହୋଇ ଉଠିଲେ । ଜଣକ ପ୍ରତି ଆଉଜଣକ ବ୍ୟଗ୍ରତା କେବେ ଏକ ପାଖିଆ ନୁହେଁ ।



ତା'ପରଦିନ କାଉଣ୍ଟରକୁ ଆସି ଗାଡ଼ିକଥା ପଚାରିବା ଆଗରୁ ଗୋଟିଏ ଫାଇଲ କାଢ଼ି ଲୋକଟି ମନୀଷାଙ୍କ ହାତକୁ ବଢ଼େଇ ଦେଲା । ବାଇଶିବର୍ଷ ପରେ ହଜିଲା ପରିବାରକୁ ଫେରିପାଇଲା ସ୍ୱାମୀ, ଅନେକ ବର୍ଷପରେ ଘରକୁ ଫେରିଲା ହଜିଯାଇଥିବା ପୁଅ । ଭାଗ୍ୟ ଏମିତି ବି କରେ, ହଜେଇବାର ବହୁବର୍ଷ ପରେ ସ୍ୱାମୀ ଫେରିପାଇଲା ସ୍ତ୍ରୀ, ଝିଅ ସହ ଜ୍ୱାଇଁ ଆଉ ନାତିଟିଏକୁ । ଏଇପରି କିଛି ସଂବାଦର କଟିଂ ସାଇତା ହୋଇରହିଛି । ସଂବାଦଗୁଡ଼ିକ କରୁଣ କିନ୍ତୁ ମିଳନାତ୍ମକ । ଫାଇଲରୁ ମୁହଁଟେକି ଚାହିଁଲେ ମନୀଷା । ନିରବରେ ଲୋକଟିର ଆଖିରୁ ଲୁହ ଝରୁଛି । ଜ୍ୟୋତି ବିହାରର ସମାଜ ବିଜ୍ଞାନର ଛାତ୍ରୀ ମନୀଷା । ଲୋକଟିର ମନର ଭାବ ବୁଝିବାକୁ ଡେରି ଲାଗିଲା ନାହିଁ, ଏକଦା ବିଶ୍ୱବିଦ୍ୟାଳୟର ଏଇ ଦରଦୀ ସମାଜ ବିଜ୍ଞାନର ଛାତ୍ରୀଙ୍କୁ । ସମବେଦନାଭରା ଆଖିଲେ ଲୋକଟିକୁ ଚାହିଁଲାବେଳେ ଦେଖିଲେ ଭିତରପଟେ ବୁଲିଆସି ତାଙ୍କ ହାତରେ ବ୍ୟାଗଟିଏ ଧରେଇଦେଲା । ସେତିକିବେଳେ ଷ୍ଟେସନରୁ ମାଇକରେ ଘୋଷଣା ଶୁଭିଲା ବିଶାଖାପାଟଣା-ରାୟପୁର ପ୍ୟାସେଞ୍ଜର ତିନିନମ୍ବର ପ୍ଲାଟଫର୍ମରେ ଆସିଯାଇଅଛି ।

ବିଳମ୍ବ ନକରି ଷ୍ଟେସନ ଭିତରକୁ ଦୌଡ଼ିଗଲା ଲୋକଟି । ସନ୍ତର୍ପଣରେ ବ୍ୟାଗଟିକୁ ଖୋଲିଲେ ମନୀଷା । ସୁନ୍ଦର ସୁନ୍ଦର ଆମ୍ବରେ ଭରା, ତା' ତଳେ ଚକ୍‌ଚକ୍ କରୁଥିଲା କିଛି ଓଲିପିଆଜ । ସାଥୀରେ ପୁଣି ଗୋଟିଏ ଛୋଟ ପ୍ୟାକେଟରେ କିଛି ଦେଶୀ ଛୋଟ ପିଆଜ ଆଉ କାଗଜି ଲେମ୍ବୁ । ଥମ୍‌ଥମ୍ ହୋଇ ଚାହିଁଲାବେଳେ ଅଦୂରରେ ବସିଥିବା ସହକର୍ମୀ କହିଲେ, ନିଜ ବାଡ଼ିର ଫଳ, ପରିବା, ପିଆଜ ଆଦି ଏ ପାଗଳ ବାଣ୍ଟେ । ରଖନ୍ତୁ ସୁନ୍ଦର ଆମ୍ରପଲ୍ଲୀ ଆମ୍ବ । ସବୁ ଜୈବିକ । ସବୁ ଭିତରେ ପାଗଳ ଶବ୍ଦଟା ବିବ୍ରତ ଆଉ ବ୍ୟଗ୍ର କରୁଥିଲା ତାଙ୍କୁ । ଏଇ ସଂପର୍କ ଭିତରେ ରହସ୍ୟମୟ ଗୁମ୍ଫାର ଦ୍ୱାର ଖୋଲିଗଲା ।

ନିଆଁରେ ଗୋଟିଏ ପରେ ଗୋଟିଏ ପତଙ୍ଗ ପୋଡ଼ିହୋଇ ମରୁଥିବେ ଅଥଚ ସେଇ ନିଆଁ ପାଖରେ ପହଞ୍ଚିବା ପାଇଁ ପତଙ୍ଗଙ୍କର ଧାଡ଼ି ଲାଗିଥିବ । ବିଚିତ୍ର ଏଇ ଆକର୍ଷଣ । ଦାଦନ ସର୍ଦ୍ଦାରର ମିଠା କଥା ତଳେ ଥାଏ ହଳାହଳ ବିଷ । ଦାଦନ ଯାଇ ଅର୍ଥ ରୋଜଗାର କରିବାର ସ୍ୱପ୍ନ ଯେ ଗୋଟାଏ ମାୟାଜାଲ, ସେ କଥା ଜାଣି ବି ଦାଦନ ଯିବାକୁ ସରଳ ଶ୍ରମଜୀବୀମାନେ ଧାଡ଼ି ବାନ୍ଧନ୍ତି । ଅଗ୍ନିରେ ପଡୁଥିବା ପତଙ୍ଗ ପରି ଅନେକ ପୋଡ଼ିହୋଇ ମରନ୍ତି ଆଉ କେତେକ ପକ୍ଷହରା ହୋଇ ଫେରନ୍ତି । ସେଇପରି ଦିନେ ସ୍ୱପ୍ନ ଦେଖି 'ନୂଆଁଖାଇ' ବେଳେ ଆଗୁଆ ବଇନା ରଖିଥିଲା ଲୋକଟି । ଆନନ୍ଦରେ 'ନୂଆଁଖାଇ' ପାଳି ସ୍ତ୍ରୀକୁ ଦେଖାଇଥିଲା ସ୍ୱପ୍ନ । ଏଠି ମଜୁରି କମ୍ । ସେଠି ମାଟିରେ ସୁନା ଫଳୁଚି । ଆନ୍ଧ୍ର ଯାଇ ମୁଠାମୁଠା ଟଙ୍କା ଆଣିବ ବୋଲି କହିଥିଲା ସ୍ତ୍ରୀକୁ । ଛୋଟ ଝିଅଟାର ଅଲରା ବାଳକୁ ସାଉଁଳି ଦେଇ କହିଥିଲା, ତୁ ବହୁତ

ପାଠ ପଢ଼ିବୁ । ବଡ଼ହେଲେ ଡାକ୍ତର ହବୁ କି ଭୁବନେଶ୍ୱର ଯାଇ ବାବୁ ଚାକିରି କରିବୁ । ହସିହସି ଫାଟି ପଡ଼ିଥିଲେ ଏଇ ସରଳ ଦମ୍ପତି । ଖୁସିରେ 'ନୂଆଁଖାଇ ଜୁହାର' ହେବାକୁ ଡାକିଥିଲେ ସର୍ଦ୍ଦାର ମଉସାଙ୍କୁ । ମନଲାଖି କାକରା, ମଣ୍ଡା ତିଆରି କରିଥିଲା ସ୍ତ୍ରୀ ।

'ନୂଆଁଖାଇ'ରେ ଜୁହାର କରି ସ୍ତ୍ରୀଟି ସର୍ଦ୍ଦାର ମଉସାଙ୍କ ପାଦତଳେ ମୁଣ୍ଡ ଲଗେଇଲା ପରେ କୁବୁଦ୍ଧିର ପିତ ଚହଟିଗଲା ସେଇ ଅଧାବୟସର ମଣିଷଟି ମୁଣ୍ଡରେ । ଆଭୂମ ପ୍ରଣାମ କରୁଥିବା ସ୍ତ୍ରୀ ଲୋକଟିର ମଥାକୁ ବାପ ପରି ଆଉଁଶି ଦେଇକହିଲା, ଏ ପୁଅ, ବୋହୂଟା କାଇଁ ଛୁଆଟାକୁ ଧରି ଏକଲା କାଇଁକି ଏ ଖଣ୍ଡିଆ ଗାଆଁରେ ପଡ଼ିରହିବ, ସେ ବି ଚାଲୁ । ସ୍ୱାମୀ ସ୍ତ୍ରୀଙ୍କ ଆଖିରେ ଆନନ୍ଦ ଚହଟିଗଲା । ଖୁସିରେ ମୁହଁକୁ ମୁହଁ ଚାହିଁ ଅନେଇଲେ ସର୍ଦ୍ଦାର ମଉସାଙ୍କୁ । ଏକାଠି ବିଦେଶ ଯିବାର କଥା ଶୁଣି ହସିଦେଲା କୁନି ଝିଅଟା । ମଧୁର ସ୍ୱପ୍ନରେ ଝୁଲିଝୁଲି ଗାଆଁ ଛାଡ଼ିଲେ ଏଇ ପରିବାର । ସପନ ଦେଖୁଥିବା ଅନେକ ମଣିଷଙ୍କୁ ନେଇ ସେଦିନ କଣ୍ଟାବାଞ୍ଜି ଛାଡ଼ିଥିଲା ରାୟପୁର - ବିଶାଖାପାଟଣା ପ୍ୟାସେଞ୍ଜର । ସନ୍ନ୍ୟାସୀର ଛଦ୍ମବେଶରେ ଥିବା ରାକ୍ଷସ ପରି ସର୍ଦ୍ଦାର ବହୁ ମନଭୁଲା କଥା କହି ଚାଲିଥାଏ ସାଙ୍ଗରେ ।

**ବାପ କୋଳରେ ମୁହଁ ଗୁଞ୍ଜି କହିଲା ଟିକି ଝିଅଟି, 'ବୋଉ ନା ସବୁ ରାତିରେ କାନ୍ଦି କାନ୍ଦି ଫେରେ ।'**

ଲୋକଟିର ସ୍ତ୍ରୀ ଥିଲା ରୂପବତୀ । ଅନ୍ଧାର ଭିତରେ ଦୀପଶିଖାପରି ସେ ବାରିହୋଇ ପଡୁଥାଏ ଭିଡ଼ ଭିତରେ । ଖୁସିରେ ହସୁଥାଏ, ପୁଣି ଆଣିଥିବା ଚୁଡ଼ାଭଜା ମୁଢ଼ିରୁ ମୁଠାଏ ମୁଠାଏ ପକଉଥାଏ ପାଟିରେ । ସବୁ ଲୋକଙ୍କଠାରୁ ନିଆରା ହୋଇ ସର୍ଦ୍ଦାର ଚାରିକାତ ଲମ୍ବେଇ ଏକୁଟିଆ ଗଡୁଥାଏ ଗୋଟାଏ ବେଞ୍ଚରେ । ମଝିରେ ଟିକିଏ ଅଳସ ଭାଙ୍ଗିଲେ କିଏ ଗୋଡ଼ରେ ହାତ ମାରିଦେଉଥାଏ ତ କିଏ ପିଠିକୁ ଦାବି ଦେଉଥାଏ । ମନରେ ସବୁ ଲୋକଙ୍କୁ ଶୋଷିବା ପାଇଁ ଗୋଟିଏ ଗୋଟିଏ ଯୋଜନା, ହେଲେ ସମସ୍ତଙ୍କ ଆଖିରେ ସର୍ଦ୍ଦାର ଗୋଟାଏ ଦେବତା ।

ଖମାମର ଇଟାଭାଟିରେ ପହଞ୍ଚିବାପରେ ସ୍ୱାମୀକୁ ମିଳିଲା ଇଟାଗଢ଼ିବା କାମ । ଆଉ ସ୍ତ୍ରୀକୁ ମାଲିକ ଆଉ ସର୍ଦ୍ଦାରଙ୍କ କ୍ୟାମ୍ପରେ ରୋଷେଇକାମ । ଛୋଟିଆ ହେଲେବି ଘରଟିଏ ମିଳିଲା ରହିବା ପାଇଁ । କିଛିଦିନ ପରେ ସ୍ୱାମୀକୁ ବୁଝାଇ ପଠାଇଲେ ଆଉ ଗୋଟିଏ ଜାଗାକୁ କାମ କରିବାକୁ । ସପ୍ତାହେ ପରେ ଯେତେବେଳେ ସ୍ତ୍ରୀ ପିଲାଙ୍କୁ ଟିକିଏ ଦେଖି ଆସିବାକୁ ଯିବା କଥା କହିଲେ ସେଠିକା ମାଲିକ କହିଲେ ତୁ ଏଠି ବନ୍ଧା ପଡ଼ିଛୁ । ସର୍ଦ୍ଦାରକୁ ମୁଁ ମୋଟା ପଇସା ଦେଇଛି । ପ୍ରତିବାଦ କରିବାରୁ ଘର ଭିତରେ ବନ୍ଦକରି ବିଚିତ୍ର ପ୍ରକାର ଦଣ୍ଡ ଦେଲେ । ଚାରିପାଖରେ ଥିଲା କରୁଣ ଦୃଶ୍ୟ । ରାତିରେ କଠୋର ନିର୍ଯାତନା ଆଉ ଦିନରେ ଠେଙ୍ଗା ଦେଖେଇ କାମ ଆଦାୟ ।

କାହାଣୀକୁ ଶୁଣୁଥିଲେ ମନୀଷା ଦେବୀ । ଆଗକୁ ଆଉ ଶୁଣି ପାରିଲେନି । କାନରେ ହାତ ଦେଇଦେଲେ ଯେତେବେଳେ ଲୋକଟି କହିଲା, ଦିନେ ଟିକିଏ ସୁବିଧା ଉଣ୍ଡି ଖସି ଆସି ସ୍ତ୍ରୀ ଆଉ ଝିଅଙ୍କ ପାଖରେ ପହଞ୍ଚି ଯାହା ଶୁଣିଲା ଉପରେ ଆକାଶ ଛିଡ଼ିପଡ଼ିଲା । ସ୍ତ୍ରୀ ନିଖୋଜ ହୋଇଛନ୍ତି ବୋଲି ଶୁଣିଲାପରେ ବିଶ୍ୱାସ ଆସିଲାନି । ତା'ପୁଣି ଇଟାଭାଟିର ମାଲିକକୁ ପରିବାକଟା ଛୁରୀରେ ରକ୍ତାକ୍ତ କରି । ଶାନ୍ତ ସୁଧାର ସ୍ତ୍ରୀ ଏପରି କାମ କାହିଁକି କଲା, ସେକଥା ଭାବି ପାରିଲେନି ସେ । ବାପ କୋଳରେ ମୁହଁ ଗୁଞ୍ଜି କହିଲା ଟିକି ଝିଅଟି, ବୋଉ ନା ସବୁ ରାତିରେ କାନ୍ଦି କାନ୍ଦି ଫେରେ । ଦିନେ ରାତିରେ ସର୍ଦ୍ଦାର ଜେଜେ କବାଟ ବାଡ଼େଇ ତାକୁ ଡାକିନେଲେ । ଫେରିଲାବେଳେ ବୋଉ ବିକଳରେ କାନ୍ଦୁଥାଏ । କିଛି ବୁଝିପାରିନଥିବା ଝିଅଟି ବାପାକୁ ପଚାରିଲା, ବୋଉ କାଇଁ କାନ୍ଦୁଥାଏ ? ଜ୍ୟୋତିବିହାରରେ ସମାଜବିଜ୍ଞାନର ଛାତ୍ରୀ ହିସାବରେ ସେ ଦାଦନର ଦୁଃଖ ଉପରେ ଲେଖିଥିବା ନିବନ୍ଧଟି ଆଖି ଆଗରେ ଝଲସିଗଲା । "ଜୀବିକା ପାଇଁ ଯାଇ ଶବ ହୋଇ ଫେରୁଛନ୍ତି", "ମହିଳା ଶ୍ରମଜୀବୀ ଅସୁରକ୍ଷିତ, ବଢ଼ୁଛି ଯୌନ ନିର୍ଯାତନା" ଆଦି ଘଟଣା ସେଦିନ ଚକିତ କରିଥିଲା ତାଙ୍କୁ ।

ତା'ପରେ ସେଇ ଲୋକଟି ବୁଲିଲା ଲେବର ଅଫିସ୍, ଥାନା, ସେଠିକାର ନେତାଙ୍କ ଦରବାର ହେଲେ ସବୁଠି ତାଚ୍ଛଲ୍ୟ ଆଉ ଅପମାନ । ସବୁଆଡୁ ନିରାଶ ହେଲାପରେ ଥଳକୂଳ ନପାଇ ଫେରି ଆସିଲେ କଣ୍ଟାବାଞ୍ଜି । ପୁଣି ବୁଲିଲେ ଏ ଅଫିସ୍‌ରୁ ସେ ଅଫିସ୍ ଅବା ନେତାଙ୍କ ଦରବାର । ସମସ୍ତେ କହିଲେ,

ପାଗଳ । ଆନ୍ଧ୍ର ଇଟାଭାଟିରୁ ଫେରିଥିବା କିଛି ସାଥୀଶ୍ରମିକ କହିଲେ, ମାଲିକ ଆଉ ସର୍ଦ୍ଦାରଙ୍କର ନିର୍ଯାତନା ଯେ ଆମର ଭାଗ୍ୟ ସେ କଥା ବୁଝିପାରିନଥିଲା ବୋହୂଟି । ଥରେ ତାଙ୍କ ଅର୍ଗଳିରେ ମୁଣ୍ଡ ଦେଖେଇଲେ ତମର ସବୁ ସେ ଲୁଟିନେବା ନିଶ୍ଚିତ । ସବୁ ଅମଲା, ହାକିମ ନେତା ତ ତାଙ୍କ ପକେଟରେ । ଲୋକଟି ଲୁହଭରା ଆଖିରେ କହିଲା, ଏଇଟା ସତକଥା । ତା'ପରେ ବହୁତ ଖୋଜିଛି ଆନ୍ଧ୍ରର ବହୁସ୍ଥାନରେ ତଥାପି ପାଇନି ତା'ର ସନ୍ଧାନ । ଓଡ଼ିଶାରେ ସମସ୍ତଙ୍କ ପାଖରେ ବୁଲିବୁଲି ନେହୁରା ହେଲେଣି, ହେଲେ ସବୁଠି ନିରାଶ । ତଥାପି ମା' ଏଠୁ ଗାଡ଼ିରେ ଭରା ହୋଇ ଲୋକେ ଯାଉଛନ୍ତି ।

ହେଲେ ମା' ମୁଁ ଗାଆଁରେ ଏବେ ଚାଷ କରୁଛି । ଅଳପଜମି ହେଲେ ବି ବର୍ଷକୁ ତିନି ଫସଲ କରୁଛି । ଘରେ ଘରେ ଛତୁ ଚାଷ, ମାଛଚାଷ, ଗାଇପାଳନ କରି ବର୍ଷସାରା ରୋଜଗାର ବଢ଼ାଇଛି । ପଡ଼ିଆ ଜମିରେ ଆଜି ଭଳିକି ଭଳି ଆମ୍ବ ଓହଳିଛି । ମା' ଏ ବସୁଧାରେ ଅମୃତ ଅଛି । ମାଆର ଥନ କାଟିଦେଇ ଆମେ ରକ୍ତ ପିଇପିଇ ଏ ମାଟି ଛାଡୁଛୁ । ମୋ ଦେଖାଦେଖି ଆଜି ଖୁସିବାହାଲ ଗାଆଁରୁ କେହି ବି ଦାଦନ ଗାଡ଼ି ଚଢୁନାହାନ୍ତି । କଥାଟାକୁ ଟିକିଏ ସରସ କରି ମନୀଷା କହିଲେ, ଆପଣ ସେଇଥିପାଇଁ ବିଲ ଫସଲ, ବାଡ଼ିର ଆମ୍ବ


**"ଯଦି ମୋ' ସ୍ତ୍ରୀକୁ ଯମ ନେଇଯାଇଥିବ ଭଲ, ନହେଲେ ଏ ଜିଅନ୍ତା ଯମମାନେ ଯଦି ତାକୁ ନିତି ନିତି ଝୁଣୁଥିବେ, କ'ଣ କରୁଥିବ ସେ ?'"**

ବାଣ୍ଟି ଦେଉଛନ୍ତି ନିଶ୍ଚୟ । ବିକଳହୋଇ ରହିଁ ଲୋକଟି କହିଲା, "ମାଆ ପାଞ୍ଚତୁଣ୍ଡରେ ହରି"। ମଣିଷ ମୋ' ଦୁଃଖ ଶୁଣିଲାନି, କାଳେ ଅଦୃଷ୍ଟ ଶୁଣିବ ।

ମୁହଁଟା କରୁଣ ଦେଖାଗଲା ଲୋକଟିର । ଆଉ ଭୋ ଭୋ ହୋଇ କାନ୍ଦି ଉଠିଲା ସେ । ମା' ଯଦି ମୋ' ସ୍ତ୍ରୀ କି ଯମ ନେଇଯାଇଥିବ ଭଲ, ନହେଲେ ଏ ଜିଅନ୍ତା ଯମମାନେ ଯଦି ତାକୁ ନିତି ନିତି ଝୁଣୁଥିବେ, କ'ଣ କରୁଥିବ ସେ? ବିଶ୍ୱାସ ସେ ନିଶ୍ଚୟ କେବେ ଫେରିଆସିବ । ପୁଣି ଥରେ ଫାଇଲରୁ ଖବରକାଗଜର କଟିଂ ଦେଖେଇଲେ । କେତେଲୋକ ଫେରିଛନ୍ତି ସେମିତି ସିଏ ଫେରିବ । ଯେଉଁ କଣ୍ଟାବାଞ୍ଜି ରେଲୱେ ଷ୍ଟେସନରୁ ଯେମିତି ଯାଇଥିଲା ସେମିତି ଫେରିବ ନୂଆ ଏକ ଖୁସିବାହାଲ ଗାଆଁକୁ । ଆମ ଝୁଅ ମୁଣ୍ଡରେ ଦୂବ ଚାଉଳ ପଡ଼ିବ, ତା' ହାତରେ ଚାଉଳ, ଗୁଆ ଥୋଇ ଘରୁ ବିଦା କରିବ । ମନୀଷା ଭାବୁଥିଲେ, ସତରେ ଆଶାରେ ମଣିଷ ବଞ୍ଚେ । ଆଶା ମରିଗଲେ ମଣିଷ ମରିଯିବ । ଝରି ଆସୁଥିଲା ଲୁହର ଆତ୍ମକାହାଣୀ । ମନୀଷା ଭାବୁଥିଲେ ନିଆଁରେ ପୋଡ଼ିହେବା ଜାଣି ଏ ପତଙ୍ଗମାନେ ନିଆଁ ପାଖକୁ ଯାଆନ୍ତି କାହିଁକି ?

□□

ଲେଖକଙ୍କ ଇ-ମେଲ ଠିକଣା:
barada.das@gmail.com





# ଏ ସଂଖ୍ୟାର ମଲାଟ ଚିତ୍ର

ଏଥର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି ଆମେରିକାରେ ନିବାସ କରୁଥିବା ବିଶିଷ୍ଟ ଓଡ଼ିଆ ସାହିତ୍ୟପ୍ରେମୀ ତଥା 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟ ଶ୍ରୀ ଧୀରେନ୍ଦ୍ର କର ।

ନର୍ଥ କ୍ୟାରୋଲିନା ରାଜ୍ୟରେ ଥିବା ବେଟ୍‌ଜ ନାମକ ହ୍ରଦରେ ନିଜର ପ୍ରାତଃଭ୍ରମଣ କାଳରେ 'ଗ୍ରେଟ୍ ବ୍ଲୁ ହେରୋନ୍' (ନୀଳ ବଗୁଲା) ନାମକ ପକ୍ଷୀଟିଏ ବସିଥିବାର ଦେଖି ସେ ନିଜର ଆଇ-ଫୋନ୍‌ରେ ଏହି ଫଟୋ ଉଠାଇଥିଲେ । ଏଥିରେ ପ୍ରକୃତି ଓ ପକ୍ଷୀ ମଧ୍ୟରେ ଥିବା ସମ୍ବେଦନଶୀଳ ସଂପର୍କର ଚିତ୍ର ଦିଶିଯାଏ । ଏହି ସଂପର୍କ ସର୍ବକାଳୀନ ।


ପ୍ରବନ୍ଧ

# ମନୋଜ ଦାସଙ୍କ 'ଆରଣ୍ୟକ' ଓ 'ଏ ଟ୍ରିପ୍': ଏକ ତୁଳନା



ଶରତ ଚନ୍ଦ୍ର ଶତପଥୀ

ମନୋଜ ଦାସଙ୍କର ଏକ ଗଳ୍ପ ସଂକଳନ ପ୍ରକାଶ ପାଇଥିଲା ୧୯୬୦ ମସିହାରେ 'ଆରଣ୍ୟକ' ନାମରେ। ଏଥିରେ ଅନ୍ତର୍ଭୁକ୍ତ ଥିଲା ଏହି ଶୀର୍ଷକ ବହନ କରିଥିବା ତାଙ୍କର ଗଳ୍ପଟିଏ ମଧ୍ୟ, ଯାହା ପ୍ରଥମେ ତତ୍‌କାଳୀନ ମାସିକ ଓଡ଼ିଆ ପତ୍ରିକା 'ଦିଗନ୍ତ'ରେ ୧୯୫୯ ମସିହାରେ ପ୍ରକାଶ ପାଇଥିଲା। ଏବେ ଖୁବ୍ କମ୍ ସଂଖ୍ୟକ ପାଠକ ହୁଏତ ଜାଣିଥିବେ ଏ ବିଷୟରେ। ମନୋଜ ବାବୁ କିନ୍ତୁ କୌତୁହଳପ୍ରଦ ଭାବେ ଅରୱେଲିଆନ୍ ସ୍ମୃତି-ଛିଦ୍ର (ମେମୋରି ହୋଲ୍)ର ପନ୍ଥା ଅନୁସରଣ କରି ସେହି ଗଳ୍ପଟିକୁ ପରବର୍ତ୍ତୀ ସମୟରେ ପ୍ରକାଶ ପାଇଥିବା ତାଙ୍କର ଏକ ପୃଥୁଳକାୟ ଗ୍ରନ୍ଥ 'ମନୋଜ ଦାସଙ୍କ କଥା ଓ କାହାଣୀ'ରୁ ବାଦଦେଇଛନ୍ତି। ଏହା ପରିବର୍ତ୍ତେ 'ଆରଣ୍ୟକ' ନାମରେ ଯେଉଁ ଗଳ୍ପଟି ଏଥିରେ ପ୍ରକାଶ ପାଇଛି ତାହା ୧୯୭୪ ମସିହାରେ ଖୁସୱନ୍ତ ସିଂଙ୍କ ଦ୍ୱାରା ସମ୍ପାଦିତ 'ଷ୍ଟୋରୀଜ୍ ଫ୍ରମ୍ ଇଣ୍ଡିଆ'ରେ ସ୍ଥାନ ପାଇଥିବା 'ଏ ଟ୍ରିପ୍ ଇଣ୍ଟୁ ଦି ଜଙ୍ଗଲ୍'ର ଓଡ଼ିଆ ଅନୁବାଦ ମାତ୍ର। ଏଣୁ ଏହି ଉଭୟ ଗଳ୍ପ ମଧ୍ୟରେ ଆମେ ଦେଖିଥାଉ କିଛି ପ୍ରଭେଦ; ଯେମିତି,




୧. 'ଏ ଟ୍ରିପ୍' ହେଉଛି ଏକ ବୃହତ୍ତର ଗଳ୍ପ, ଯାହାକୁ ମଝିରେ ମଝିରେ ବିରତି ଦେଇ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି।

୨. ଏହାର ପ୍ରାରମ୍ଭ ମଧ୍ୟ ଭିନ୍ନ ପ୍ରକାରରେ ହୋଇଛି। ଶେଷରୁ ଆରମ୍ଭ ହୋଇଛି କେତେକ ଘଟଣାକ୍ରମ ଏବଂ ନାଟକୀୟ ଭାବରେ ସେହି ଶେଷରୁ ହିଁ ନିଜ ବର୍ଣ୍ଣନାର ଖିଅ ଆଗକୁ ବଢ଼ାଇଛନ୍ତି ଲେଖକ।

୩. ସେହେତୁ ତାଙ୍କୁ ସ୍ଥଳବିଶେଷରେ ପୂର୍ବ ଘଟଣାକ୍ରମର କିଛି ସଂକ୍ଷିପ୍ତ ସୂଚନା ଦେବାକୁ ହୋଇଛି।

୪. 'ଏ ଟ୍ରିପ୍'ରେ ରାଜା ସାହେବ ନାମକ ଜଣେ ଅତିରିକ୍ତ ଚରିତ୍ରକୁ ସ୍ଥାନ ଦେଇଛନ୍ତି ଲେଖକ।

୫. ଏଥିରେ ଭୂତ ଇତ୍ୟାଦି ପ୍ରସଙ୍ଗ ଆଣି ପରିବେଶକୁ ଟିକିଏ ଅଲୌକିକ ରଙ୍ଗ ଦିଆଯାଇଛି।

୬. ଉଭୟ ଗଳ୍ପର ଉପସଂହାରରେ ମଧ୍ୟ ଭିନ୍ନତା ଅଛି।

୭. 'ଏ ଟ୍ରିପ୍'ରେ କାହାଣୀଟିର ସ୍ୱରୂପ ଦୀର୍ଘ କଥୋପକଥନ ଉପରେ ନିର୍ଭର କରିଛି। 'କ'ଣ ଘଟିଥିଲା?' ଅପେକ୍ଷା 'କ'ଣ ଘଟିପାରିଥାନ୍ତା?' ଉପରେ ପ୍ରାଧାନ୍ୟ ଦିଆଯାଇଛି।

୮. ଏ ଦୁଇଟିର ଶବ୍ଦ ବିନ୍ୟାସରେ ମଧ୍ୟ ପାର୍ଥକ୍ୟ ଅଛି, ଯଦିଓ ଉଭୟର ଭାବ, ପରିବେଷଣ ଶୈଳୀ ଓ ଚିତ୍ର ସଂରଚନାରେ ଅଛି ସାମଞ୍ଜସ୍ୟ।

ମନୋଜ ଦାସ କିନ୍ତୁ 'ଏ ଟ୍ରିପ୍'ରେ ହୋଇଥିବା ପରିବର୍ତ୍ତନଗୁଡ଼ିକର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ଥରେ କହିଥିଲେ ଯେ,

୧. 'ଏ ଟ୍ରିପ୍' ପୂର୍ବ ପ୍ରକାଶିତ 'ଆରଣ୍ୟକ' ଗଳ୍ପଟି ଦ୍ୱାରା ଅନୁପ୍ରାଣିତ ମାତ୍ର ହୋଇଛି।

୨. 'ଏ ଟ୍ରିପ୍'କୁ ଏକ ନୂତନ ଗଳ୍ପ ବୋଲି କୁହାଯାଇପାରେ।

୩. ଦ୍ୱିତୀୟ ଗଳ୍ପଟି ଲେଖିବା ବେଳେ ସେ ଏକ ନୂତନ ଭାବତରଙ୍ଗ ଦ୍ୱାରା ଆବିଷ୍ଟ ହୋଇଥିଲେ।

୪. ପୂର୍ବର 'ଆରଣ୍ୟକ' ଗଳ୍ପଟି ତାଙ୍କୁ ଏକ ଅତ୍ୟନ୍ତ ଖୋଲା ଓ ସିଧା ପରିପ୍ରକାଶ ଭଳି ଲାଗିଥିଲା।

୫. ସେ ଭାବିଲେ ଯେ ଏହି ଗଳ୍ପଟିର କେତୋଟି ପରିସ୍ଥିତି ବା ପ୍ରକରଣକୁ ଏମିତି ଖୋଲାଖୋଲି ଭାବରେ ନ ଲେଖି, ତାହାକୁ ଟିକିଏ କୁହେଳିକାମୟ କରିବାର ଆବଶ୍ୟକତା ଥିଲା।

ମୋଟାମୋଟି ଭାବରେ ମନୋଜ ଦାସ ପାଠକମାନଙ୍କର

ଏହି ମତଟିକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ ଯେ ପୂର୍ବର 'ଆରଣ୍ୟକ' ଗଳ୍ପଟି 'ଏ ଟ୍ରିପ୍' ଅପେକ୍ଷା କାହିଁ ଅଧିକ ପ୍ରଭାବଶାଳୀ ଥିଲା। ଅବଶ୍ୟ ଆମେ ତାଙ୍କର ଆଭିମୁଖ୍ୟ ଓ ସଂବେଦନଶୀଳତାରେ ଘଟିଥିବା ପରିବର୍ତ୍ତନ ବିଷୟରେ କିଛି କହିପାରିବା ନାହିଁ। କାରଣ ଲେଖକୀୟ ଆବେଗ ବା ଚିନ୍ତନ ସର୍ବଦା ସ୍ଥିର ହୋଇ ରହିନଥାଏ। କିନ୍ତୁ ପାଠକୀୟ ମତାମତ ସହିତ ତାଙ୍କର ମତପାର୍ଥକ୍ୟ ଗଭୀର ଅଧ୍ୟୟନର ଅପେକ୍ଷା ରଖେ।

## ଅନୁପ୍ରେରକର ଭୂମିକା

'ଆରଣ୍ୟକ' ଗଳ୍ପଟି ଯେ 'ଏ ଟ୍ରିପ୍' ପାଇଁ କେବଳ ଗୋଟିଏ ଅନୁପ୍ରେରକର ଭୂମିକା ନେଇଥିଲା, ତାଙ୍କର ଏହି ସ୍ପଷ୍ଟୀକରଣଟି ଯଥାର୍ଥ ମନେହୁଏ ନାହିଁ। ପରବର୍ତ୍ତୀ ଗଳ୍ପଟି ଯେ ପ୍ରଥମେ ଇଂରାଜୀରେ ଲେଖାଯାଇ, ପରେ ଓଡ଼ିଆକୁ ଅନୂଦିତ ହୋଇଥିଲା ଏହାର ବିଶେଷ ପ୍ରାସଙ୍ଗିକତା ନାହିଁ। ଜଣେ ଅନୁଧ୍ୟାନଶୀଳ ପାଠକ ପାଇଁ 'ଏ ଟ୍ରିପ୍' ହେଉଛି 'ଆରଣ୍ୟକ'କୁ ପୁନର୍ଲିଖନ କରିବାର ଏକ ପ୍ରୟାସ। 'ଆରଣ୍ୟକ'କୁ 'ଏ ଟ୍ରିପ୍'ର ଛାଞ୍ଚରେ ଢାଳିବା ବେଳେ ଆୟାସସାଧ୍ୟ ପୁନର୍ଗଠନ ଓ ପୂର୍ବାଗ୍ରହପୂର୍ଣ୍ଣ ନବଚିନ୍ତନର ଏକ ସ୍ପଷ୍ଟ ଭୂମିକା ଆମକୁ ଦିଶିଯାଏ। ତେଣୁ ଲେଖକଙ୍କର ସ୍ପଷ୍ଟୀକରଣ ଯେ ସେ ଦ୍ୱିତୀୟ ଗଳ୍ପଟି ଲେଖିବା ବେଳେ କେବଳ ଏକ ନୂତନ ଭାବତରଙ୍ଗ ଦ୍ୱାରା ଆବିଷ୍ଟ ହୋଇଥିଲେ - କଥାଟି ଆମକୁ ସନ୍ତୁଷ୍ଟ କରିପାରେ ନାହିଁ; ବରଂ ଯେମିତି ମନେହୁଏ, ତାଙ୍କର ଚେତନାକୁ ସେ ସର୍ଜନଶୀଳତାର ଆବଶ୍ୟକତା ସାମନାରେ ସମର୍ପଣ କରିଦେଇଛନ୍ତି। କିନ୍ତୁ ଏହାକୁ ବାଟ କଢ଼ାଇଛି 'ଆରଣ୍ୟକ' ଏବଂ 'ଏ ଟ୍ରିପ୍'ରେ ଗୋଟିଏ ଉନ୍ନତତର କଥାଶିଳ୍ପକୁ ରୂପ ଦେବାପାଇଁ ଲେଖକ ଯତ୍ନଶୀଳ ହୋଇଛନ୍ତି।

**ମନୋଜ ଦାସ ନିଜର ଚେତନାକୁ ସର୍ଜନଶୀଳତାର ଆବଶ୍ୟକତା ସାମନାରେ ସମର୍ପଣ କରିଦେଇଛନ୍ତି।**

'ଆରଣ୍ୟକ'ରେ ଆମେ ଏକ ସରଳରୈଖିକ ବର୍ଣ୍ଣନା ଶୈଳୀ ପାଉ; ଯେଉଁଥିରେ ଚରିତ୍ରଗୁଡ଼ିକର ଉପସ୍ଥାପନ ଓ ଭାବବସ୍ତୁର ଉନ୍ମୋଚନ ଧନୁରୁ ତୀର ଛାଡ଼ିବା ଭଳି ଏବଂ ତୀବ୍ର ଗତିରେ ହୋଇଥାଏ। ଏହାର ସଫଳତା ନିର୍ଭର କରେ ଏହାର ସଳଖ ଓ ଖୋଲାପଣ ଉପରେ। ଏହା ପ୍ରଭାବଶାଳୀ ହୋଇଥାଏ ଏହାର ଗଢ଼ଣଗତ ଢାଞ୍ଚା ଓ ଭାଷାଗତ ତୀକ୍ଷ୍ଣତା ହେତୁ। 'ଆରଣ୍ୟକ'ର ଥିମ୍‌ରେ ଏହା ଭିନ୍ନ କୌଣସି ବିଳାସ ପାଇଁ ସ୍ଥାନନାହିଁ। ଜଣେ ରାଜା ସାହେବଙ୍କ ଉପସ୍ଥିତି ଏଥିରେ ଅନାବଶ୍ୟକ ଓ ଅପ୍ରାସଙ୍ଗିକ। କୌଣସି ପ୍ରକାର ଆଳଙ୍କାରିକତା ପାଇଁ ଏଥିରେ ସ୍ଥାନ ନାହିଁ। ଚରିତ୍ରଗୁଡ଼ିକ ମନୁଷ୍ୟପ୍ରତିମ ମଧ୍ୟ ନୁହନ୍ତି, ଯାହା ସେମାନଙ୍କର ନାମକରଣରୁ ହିଁ ଜଣାପଡ଼େ। 'ମିଟି' ମନେହୁଏ ଯେମିତି ମିଟ୍ (ମାଂସ)ରେ ଗଢ଼ା; 'ଚାକୋଡ଼ି'ର ମଧ୍ୟ ସେମିତି କେବଳ ନାମଟି ହିଁ ମଣିଷ ପ୍ରତିମ। ସମୁଦାୟ ଗଳ୍ପଟିରେ ମନେହୁଏ, କେବଳ ଶ୍ୟାମଳ ହିଁ ମଣିଷ, ରୂପ-ରଙ୍ଗ ଓ ନୀତି-ନୈତିକତା, ଉଭୟରେ। ତା'ର ମନୋରମ ନାମଟି ମଧ୍ୟ ବେଶ୍ ମେଟାଫରିକାଲ୍। ଏ ଦୃଷ୍ଟିରୁ ସେ ଜଙ୍ଗଲି ଚରିତ୍ରମାନଙ୍କ ଦ୍ୱାରା ଉତ୍ପୀଡ଼ିତ ଏକମାତ୍ର ବ୍ୟକ୍ତି। ତା'କୁ ଘେରି ରହିଥିବା ଅନ୍ୟମାନେ ନା ବୌଦ୍ଧିକ, ନା ଦାର୍ଶନିକ, ନା ତତ୍ତ୍ୱସଙ୍ଗତ। ସେମାନେ କୌଣସି ଚିନ୍ତାଶୀଳତାର ପ୍ରତିନିଧିତ୍ୱ କରନ୍ତି ନାହିଁ। ସେମାନେ ଜଙ୍ଗଲ ଭିତରକୁ କୌଣସି ଆଧ୍ୟାତ୍ମିକତାର ସନ୍ଧାନରେ ଯାଇନଥାନ୍ତି। ତେଣୁ ବସ୍ତୁସ୍ଥିତିଟିକୁ କୁହେଳିକାମୟ କରିବାର ଆବଶ୍ୟକତା ବା କ'ଣ? 'ଏ ଟ୍ରିପ୍'ରେ ଏହା କ'ଣ ବା ଉଦ୍ଦେଶ୍ୟ ସାଧନ କରିବ? ସେମାନେ ଆଉ କ'ଣ କରିପାରିଥାଆନ୍ତେ, ସେହି ସମ୍ଭାବନା ଦିଗକୁ ଯିବାର ଆବଶ୍ୟକତା ବା କ'ଣ ଥିଲା? ସେମାନଙ୍କୁ ଜଗାଇବାର ଆବଶ୍ୟକତା ବି କ'ଣ ଥିଲା? ବିଡମ୍ବନା ହେଲା।, 'ଏ ଟ୍ରିପ୍'ରେ ରାଜାସାହେବ ଲେଖକଙ୍କ ଚେତନା-ଜାଗରଣର ତତ୍ତ୍ୱକୁ ଖାରଜ କରିବା ପାଇଁ ଶେଷକୁ କହିଛନ୍ତି, 'ସେ ବାଂଲୋରେ ଅନେକ ଭୂତପ୍ରେତ ଅଛନ୍ତି ବୋଲି ଶୁଣାଯାଏ। ସେମାନେ ଅନେକ କିସମର ବିଭ୍ରାଟ କରନ୍ତି। ହୁଏତ ସେଇମାନେ ଆମ କଳ୍ପନାକୁ ନେଇ ଖେଳ ଖେଳି ଆମକୁ ଗଧ ବନାଇ ଛାଡ଼ିଲେ।' ସାରା ବିଭ୍ରାଟର ଏକ ଚମତ୍କାର ଉପସ୍ଥାପନା ଘଟିଛି ଏଠାରେ। ସେମାନେ ଯେମିତି ଭିତରକୁ ଆସିଛନ୍ତି ସେମିତି ବାହାରକୁ ଚାଲିଯାଇଛନ୍ତି। କିନ୍ତୁ ପୂର୍ବର 'ଆରଣ୍ୟକ' ଗଳ୍ପରେ ସେମାନେ କବାଟ ଖୋଲି ଭିତରକୁ ଆସିଛନ୍ତି ଏବଂ ବାରହାକୁ ସେହିଠାରେ ସେମିତି ହିଁ ପାଇଛନ୍ତି, ଯେମିତି ସେମାନେ ତାକୁ ଛାଡ଼ିଯାଇଥିଲେ। ସେମାନେ ପୂର୍ବ ରାତିରେ ଶ୍ୟାମଳକୁ ମାରି ଖାଇ ଦେଇଥିବାର ସମ୍ଭାବନାଟି ସତ୍ୟ ହୋଇଥିବା ଜାଣି ପାଠକ ଏକ ଦୁଃସହ ଧକ୍କା ପାଏ । ଚରିତ୍ରମାନେ ନିଜ କୃତକର୍ମର ଦର୍ପଣରେ ନିଜ ନିଜକୁ

ଦେଖନ୍ତି, ଯେଉଁଠାରେ 'କ'ଣ ହୋଇଯାଇଛି' ତାହାହିଁ ମୁଖ୍ୟ, 'କ'ଣ ହୋଇପାରିଥାନ୍ତା' ଅପେକ୍ଷା। ସେମାନଙ୍କ ସଂବିତ୍‌ରେ ସୃଷ୍ଟି ହୋଇଛି ଅନୈତିକତାର କ୍ଷତ, ଯାହାର ଉପଶମ ହୁଏତ ତାହାଠାରୁ ଅଧିକ ଯନ୍ତ୍ରଣାପ୍ରଦ। ସେମାନଙ୍କର ବ୍ୟାଧି ଅଜସ୍ର ଉପଦେଶ କି ପ୍ରବଚନରେ ମଧ୍ୟ ଉଣା ହୋଇପାରିବ ନାହିଁ। 'ଆରଣ୍ୟକ'ର ଉପସଂହାରରେ ଅଛି ଏହି ସ୍ପଷ୍ଟ ବାର୍ତ୍ତା।

ଗୋଟିଏ ଦୃଷ୍ଟିରୁ ଦେଖିଲେ 'ଏ ଟ୍ରିପ୍'ର କଳେବର 'ଆରଣ୍ୟକ'ର ତୀକ୍ଷ୍ଣତା ଓ ସୂକ୍ଷ୍ମତାରୁ ବଞ୍ଚିତ ହୋଇଛି। ପରିଣାମରେ ଗଳ୍ପଟିର ପରିମାର୍ଜନ କରିବାକୁ ଯାଇ ତାହାର ବିକୃତିକରଣ କରିବା ହିଁ ସାର ହୋଇଛି। ତେଣୁ ମନୋଜ ଦାସ ପାଠକମାନଙ୍କର ଗ୍ରହଣୀୟତାକୁ ଦୃଷ୍ଟିରେ ରଖି 'ଏ ଟ୍ରିପ୍'ର ଏକ ଓଡ଼ିଆ ଅନୁବାଦ ପ୍ରସ୍ତୁତ କରିବା ଅପେକ୍ଷା ବରଂ ମୂଳ 'ଆରଣ୍ୟକ'ଟି ପୁନଃପ୍ରକାଶ କରିବାର ଆବଶ୍ୟକତା ଥିଲା।

'ଆରଣ୍ୟକ' ହେଉଛି ଓଡ଼ିଆ କଥାସାହିତ୍ୟର ମହାନ ସମ୍ପଦ। ସ୍ୱୟଂ ମନୋଜ ଦାସ ଏହାକୁ ସ୍ୱୀକାର ନ କରିବାଟା ଏକ ବିଡ଼ମ୍ବନା ଭଳି ମନେହୁଏ।

***ମନୋଜ ଦାସଙ୍କଠାରୁ ଏହି ଲେଖକ ପାଇଥିବା ଗୋଟିଏ ଚିଠି***

ପଣ୍ଡିଚେରୀ

ଫେବ୍ରୁଆରି ୧୩, ୧୯୭୯

ପ୍ରିୟ ଶ୍ରୀ ଶତପଥୀ,

ଆପଣଙ୍କର ୭ ଫେବ୍ରୁଆରୀ,୧୯୭୯ର ଚିଠି ପାଇଁ ଧନ୍ୟବାଦ ଜଣାଉଛି। ଆପଣଙ୍କର ସର୍ଜନାତ୍ମକ ଅନୁସନ୍ଧିତ୍ସା କଥା ଜାଣିପାରି ମୁଁ ଆନନ୍ଦିତ।

'ଆରଣ୍ୟକ' ଗଳ୍ପଟି ତାହାର ମୂଳ ରୂପରେ ୧୯୫୯ ମସିହାରେ ଲେଖା ହୋଇଥିଲା। ୧୯୭୧ରେ ମୁଁ ଏହାର ଇଂରାଜୀ ଅନୁବାଦ କଲି। ଯଦିଓ ମୂଳଗପଟିର ଥିମ୍ ଏହାର ପ୍ରେରଣାଉତ୍ସ ଥିଲା, ମୁଁ ମୂଳ ଗଳ୍ପଟିକୁ ଯଥାବତ୍ ଇଂରାଜୀରେ ଅନୁବାଦ କରିନଥିଲି, ବରଂ ନୂତନ ଗଳ୍ପଟିଏ ଲେଖିଥିଲି। କଥା ହେଲା 'ଆରଣ୍ୟକ' ଏବେ ଓଡ଼ିଆରେ ଯେଉଁ ରୂପରେ ଉପଲବ୍ଧ, ତାହାକୁ ୧୯୭୧ରେ ଲିଖିତ ଇଂରାଜୀ ଗଳ୍ପ, 'ଏ ଟ୍ରିପ୍ ଇଣ୍ଟୁ ଦି ଜଙ୍ଗଲ୍'ର ଓଡ଼ିଆ ଅନୁବାଦ ବୋଲି କୁହାଯାଇ ପାରିବ।

ଏମିତି ନୁହଁ ଯେ ୧୯୭୧ରେ ଏହି ଗଳ୍ପ ଲେଖିବା ବେଳେ ମୁଁ ମୂଳ ଗଳ୍ପଟିକୁ ବିସ୍ମରଣ କରିଛି। କିନ୍ତୁ ଗୋଟିଏ ନୂଆ ଭାବତରଙ୍ଗ ମୋତେ ଗୋଟିଏ ଭିନ୍ନ ଦିଗକୁ ବାଟ କଢ଼ାଇନେଇଛି। ମୋର ମନେହେଲା ଯେ ମୂଳ ଗଳ୍ପର ଉପସଂହାର ଅଧିକ ସିଧାସଳଖ ଥିଲା। ଅବଶ୍ୟ ସେମାନେ ନିଶ୍ଚିତ ଭାବେ ବାର୍‌ହା ପରିବର୍ତ୍ତେ ନରମାଂସ ଭକ୍ଷଣ କରିଥିଲେ। କିନ୍ତୁ ୧୯୭୧ରେ ମୋ'ର ମନେହେଲା ଯେ ଏହାକୁ ଅସ୍ପଷ୍ଟ ରଖିବା ଉଚିତ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ସେମାନେ କ'ଣ କରିବାର ସମ୍ଭାବନା ଥିଲା ଏବଂ ଏକ ଆଦିମ ପାଶବିକତାର ବଶବର୍ତ୍ତୀ ହେବା ଫଳରେ ସେମାନଙ୍କ ମନରେ ଘୋଟିଯାଇଥିଲା ଆତଙ୍କ। ସେମାନେ ସେହି କାଣ୍ଡଟି କରିଥିଲେ କି ନାହିଁ ତାହା ଏକ ଭିନ୍ନ ପ୍ରଶ୍ନ। ଏଣୁ କେବଳ ଗୋଟିଏ ଇଙ୍ଗିତ ଦିଆଯାଇଛି ଯେ ବୋଧହୁଏ ସେମାନେ ତାହା କରିନଥିଲେ।

> **"ମୁଁ ମୂଳ ଗଳ୍ପଟିକୁ ଯଥାବତ୍ ଇଂରାଜୀରେ ଅନୁବାଦ କରିନଥିଲି, ବରଂ ନୂତନ ଗଳ୍ପଟିଏ ଲେଖିଥିଲି।"**
> **- ମନୋଜ ଦାସ**

ବୋଧହୁଏ ଉଭୟ ଗଳ୍ପ ମଧ୍ୟରେ ଥିବା ଫରକ ଗୋଟିଏ ଦୃଷ୍ଟିରୁ ମୋର ମନୋଦୃଷ୍ଟି ଓ ସମ୍ବେଦନାରେ ପରିବର୍ତ୍ତନର ସୂଚକ। ତେବେ ଅନେକ ପାଠକ ଏବେ ବି ଭାବନ୍ତି ଯେ ମୂଳ ଗଳ୍ପଟି ଅଧିକ ପ୍ରଭାବଶାଳୀ ଥିଲା। କିନ୍ତୁ ମୋର ନିଜ ମତଟି ଭିନ୍ନ।

ମୂଳ ଗଳ୍ପଟି ୧୯୫୯ରେ 'ଦିଗନ୍ତ' ପତ୍ରିକାରେ ପ୍ରକାଶିତ ହୋଇଥିଲା। 'ଆରଣ୍ୟକ' ଶୀର୍ଷକ ବହିଟି ବଜାରରୁ ସରିଗଲାଣି। ମୁଁ ଜାଣିବାକୁ ପାଇଥିଲି ଯେ ଏହା ଏମ୍.ଏ. ଶ୍ରେଣୀର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି। କେତେକ ଲାଇବ୍ରେରୀରେ ଏହାର କପି ଥିବ। ଆପଣ ଏହା ପାଇବାକୁ ଚେଷ୍ଟା କରନ୍ତୁ। ଯଦି ନ ପାଆନ୍ତି, ତେବେ ମୁଁ କିଛି ଦିନ ମଧ୍ୟରେ ଏହା ଖୋଜି ପଠାଇବାକୁ ଚେଷ୍ଟା କରିବି।

ଶୁଭକାମନା ସହ,

ମନୋଜ

(ମୂଳ ଇଂରାଜୀ ଚିଠିର ଓଡ଼ିଆ ଅନୁବାଦ।)

□□

ଲେଖକଙ୍କ ଇ-ମେଲ ଠିକଣା:
scsatapathy@hotmail.com



କବିତା

# ଉଷାର ଅଙ୍ଗୀକାର

ଅନସୂୟା ପଣ୍ଡା

ସବୁ ଅଭିମାନକୁ ପଛରେ ପକେଇ
ଉଷା ଫେରିଆସେ ଅଲିଅଳି ମନ ନେଇ
ଘନ କଳା ତମିସ୍ରାକୁ
ସ୍ମୃତିର ପେଡିରେ ସଜେଇ
ନୂଆ ସକାଳର ଉନ୍ମାଦନା
ଓଠରେ ମଲ୍ଲୀଫୁଲିଆ ହସକୁ ସଜେଇ।

ଅବନୀରୁ ହରିନିଏ
ଅନ୍ଧାର ଚଳୁ କରି
ମୃଦୁ ମଧୁର ସ୍ପର୍ଶରେ
ଶିହରିତ ପ୍ରାଣ ଓ ପ୍ରକୃତି
ନୂତନ ସକାଳକୁ
ଉତ୍‌ଫୁଲିତ କରେ
ଆଶାରେ ଜବା ରଙ୍ଗ ବୋଳି।



ସମୟକୁ ସାମିଆନା କରିବାର
ସକଳ ପ୍ରଚେଷ୍ଟାରେ
ସମାନତାରେ ଇଡିଦିଏ
ଶାଶ୍ୱତ ପ୍ରେମକୁ ତା'ର
କୋଣେ ଅନୁକୋଣେ।

ଲେସିଦିଏ ସମୁଜ୍ଜ୍ୱଳ ଅରୁଣିମା
ଅନିନ୍ଦ୍ୟ ଉପମା ରାଗ ଅନୁରାଗେ
ମାଆର ଉଦାର ପଣତ ପରି
ଜୀବଠାରୁ ଜଡଯାଏ ସବୁରି ଉପରେ।

ସମର୍ପଣ ଭାବରେ ଅନସୂୟା ଉଷା
ସମୟର ପୃଷ୍ଠାକୁ ଦିଏ ଅନୁଦାର
ଅନନ୍ତ ନୂତନ ଦିଗନ୍ତ
କିଛି ସ୍ୱର୍ଣ୍ଣିମ କିଛି ରୁଗ୍ଣ ଇତିହାସ।



କିଛି କାଳଜୟୀ ତ
କିଛି ବିଦୀର୍ଣ୍ଣ ମଣିଷ ପଣ
କିଛି ଉଲ୍ଲସିତ ତ
କିଛି ରକ୍ତରେ ମୁମୂର୍ଷୁ।


ଉଷା ସବୁକୁ ସାଉଣ୍ଟିନିଏ ପଣତରେ
ଅସ୍ତାଚଳ ବୟସର ପାହାଚ ଚଢୁଚଢୁ
ସେ ସିଦ୍ଧହସ୍ତ ବସୁନ୍ଧରା ପରି
ସବୁ ପରିସ୍ଥିତିରେ ଲଢିପାରେ
ଅଣ୍ଟିରେ ଅଣ୍ଟିଏ ଦୁଃଖ ଦୁର୍ବିପାକକୁ
ତୃଷ୍ଣାକୁ ବିତୃଷ୍ଣାକୁ ଲୁଚେଇ।

ରୋଜ ଘନ ଅନ୍ଧାର ପାରିକରେ
ମନରେ ନୂତନ ଆଶାର ବୀଜମନ୍ତ୍ର ଧରି
ଉଷା ସମ୍ମୋହନ ନବ ଦିନାଙ୍କର
ଭରିଦିଏ ଜାଗରଣ
ହରିନିଏ ସବୁରି ମନରୁ ଭ୍ରମ।

ଅନ୍ଧାର ପରେ ଆଲୋକର ପଦାର୍ପଣ
ଜୀବନର ଅନ୍ଧାରକୁ ପରାହତ
କରି ଆଗକୁ ଆଗକୁ ବଢିବା
ଶିଖାଏ ଏ ଉଷାର ଅଙ୍ଗୀକାର।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
anasuyapanda1971@gmail.com



**ଅନୁବାଦ**

# ଫୁଲଓ୍ୱା

**ମୂଳ ମରାଠୀ: ପୁ. ଭା. ଭାବେ ଅନୁବାଦ: କମଳା ଶତପଥୀ**



'ଶାରୀରିକ ଭୋକ' ନାମକ ଶବ୍ଦକୁ ତ ଆପଣ ନିଶ୍ଚୟ ଶୁଣିଥିବେ ? ଏ ଯୁଗର ଏକ ବହୁପ୍ରଚଳିତ ଆଉ ଲୋକପ୍ରିୟ ଶବ୍ଦ । 'ଶାରୀରିକ ଭୋକ'ର ତାତ୍ପର୍ଯ୍ୟ ଯଦି ଆପଣ 'ପେଟର ଭୋକ' ଭାବେ ନେଉଛନ୍ତି, ତାହାହେଲେ ଆପଣ ଭୁଲ କରୁଛନ୍ତି। ଏଥିରୁ ଜଣାପଡ଼ିଯାଉଛି ଯେ ଆଧୁନିକ ସାହିତ୍ୟ ସହିତ ଆପଣଙ୍କର କୌଣସି ସଂପର୍କ ନାହିଁ, ତା' ସହିତ ନାଗପୁରର ହାଟବଜାର ବିଷୟରେ ବି ଆପଣ ପରିଚିତ ନୁହନ୍ତି ।

ନାଗପୁରର ହାଟରେ ଚାଉଳ-ଡାଲି, ପରିବାପତ୍ର, ଫଳମୂଳ, ସବୁକିଛି ମିଳିଥାଏ। କମଳାର ଋତୁରେ ପ୍ରଚୁର କମଳା ବି ମିଳିଥାଏ । ଶାରୀରିକ ଭୋକକୁ ମେଣ୍ଟେଇବାକୁ ହିଁ ଏସବୁ ଜିନିଷ । କିନ୍ତୁ ଏସବୁ ଜିନିଷ କିଣିଲା ବେଳେ ଆପଣଙ୍କୁ କ'ଣ କେହି ବୁଲିବୁଲି ଚାହିଁବ ? ନାହିଁ । ଆପଣଙ୍କ ବିଷୟରେ କାହାରି ଭଲମନ୍ଦ ଧାରଣା ହେବାର ବି ପ୍ରଶ୍ନ ଉଠୁନି। ହେଲେ ନାଗପୁର ହାଟରେ ଛତିଶଗଡ଼ର ମହିଳାମାନେ ଟୋକେଇରେ ଜିନିଷପତ୍ର ରଖି ଯତ୍ର-ତତ୍ର-ସର୍ବତ୍ର ଦେଖାଯାନ୍ତି। ଏହି ମହିଳାମାନଙ୍କ ଶରୀରରେ ଏକ ବିଶେଷ ପ୍ରକାରର ଆଭା ଥାଏ । ତାଙ୍କ ସ୍ପର୍ଶରେ ଏକ ବିଶେଷ ପୁଲକ ଥାଏ । ପୋଷାକପତ୍ରରେ ବି କିଛି ନବୀନତା ଥାଏ । ବ୍ଲାଉଜ ପିନ୍ଧିବାରେ ଏମାନେ ବିଶ୍ୱାସ କରନ୍ତିନି। ଉଚ୍ଚତା ଆଉ ସ୍ୱାସ୍ଥ୍ୟ, ଉଭୟ ଏମାନଙ୍କର ଠିକ୍‌ଠାକ୍ ଥାଏ ।

> **ଏବେ ସେମାନେ ଭଲ ଭାବରେ ଜାଣିଗଲେଣି ଯେ 'ଶାରୀରିକ ଭୋକ' ମାନେ କେବଳ 'ପେଟର ଭୋକ' ନୁହେଁ ।**

ଏମାନଙ୍କ ଭିତରେ ଥିବା ଯୁବତୀମାନେ ବହୁତ ଚାଲାକ ଚତୁର ହେଇଥାଆନ୍ତି । କେହିକେହି ତ ବହୁତ ସୁନ୍ଦର ଥାଆନ୍ତି । ଆପଣ ଯାହା କିଛି କିଣିବେ ତାକୁ ଆପଣଙ୍କ ଘରେ ପହଞ୍ଚେଇ ଦବାକୁ ସେମାନେ ଟୋକେଇ ଧରି ଆପଣଙ୍କ ପାଖେପାଖେ ଠିଆହୋଇ ରୁହନ୍ତି । ଏବେ ସେମାନେ ଭଲ ଭାବରେ ଜାଣିଗଲେଣି ଯେ 'ଶାରୀରିକ ଭୋକ' ମାନେ କେବଳ 'ପେଟର ଭୋକ' ନୁହେଁ । ପେଟ ପୋଷିବା ପାଇଁ ସେମାନେ କାମ କରୁଥିବା ବେଳେ, ଆପଣମାନେ ସେମାନଙ୍କଠାରୁ କିଛି ଅଧିକା ଆଶା କରନ୍ତି ।


ଏସବୁ ବିଷୟରେ ମୁଁ ଭଲଭାବରେ ପରିଚିତ । ସେଥିପାଇଁ ଏହି ରାସ୍ତାରେ କେବେ ଚାଲିବାର ସାହସ କରିପାରେନି । ଅବିବାହିତ ହେଇଥିବା ସତ୍ତ୍ୱେ ବି ଏପରି କୌଣସି ସୁଯୋଗ ଭଗବାନଙ୍କ ଦୟାରୁ ମୋ' ଉପରେ ଆଜିପର୍ଯ୍ୟନ୍ତ ଆସିନାହିଁ । ଆମ ସୋସାଇଟିର ସୁନ୍ଦରୀମାନଙ୍କୁ ସେଥିପାଇଁ ଧନ୍ୟବାଦ । ମୋ' ଘରକୁ ଆସୁଥିବା ମିସ ରୋଜାଙ୍କୁ ଧନ୍ୟବାଦ । ମିସ ଶିରଗାଓଁକରଙ୍କୁ ଧନ୍ୟବାଦ । କମ୍ରେଡ୍ କମଲୀଙ୍କୁ ଧନ୍ୟବାଦ ।

ଆହୁରି ଏମିତି କେତେକେତେ ସୁନ୍ଦରୀଙ୍କୁ ହାର୍ଦ୍ଦିକ ଧନ୍ୟବାଦ । ଏଇମାନଙ୍କ କାରଣରୁ ହି କୋଶଳକନ୍ୟାଙ୍କ ଛାଇରୁ ମୁଁ ଦୂରକୁ ରହିପାରିଛି । ପରିଣାମ ସ୍ୱରୂପ ଡାଲି ଚାଉଳର ମାରଓ୍ୱାଡି ଦୋକାନବାଲା, ପରିବାବାଲା ଅବା ଲୁଙ୍ଗିପିନ୍ଧା ଅଣ୍ଡାବାଲାଙ୍କୁ ମୋତେ ନେଇ ଟୀକ୍କାଟିପ୍ପଣୀ କରିବାର କେବେ କୌଣସି ସୁଯୋଗ ମିଳିନାହିଁ । ପ୍ରଥମତଃ ମୁଁ ଅବିବାହିତ, ତା' ସାଙ୍ଗକୁ ପୁଣି କଳାକାର । ସେଥିପାଇଁ ସମାଜର ଉଚ୍ଚବର୍ଗର ମହିଳାମାନେ ମୋ ଆଡକୁ ଆକୃଷ୍ଟ ହେଉଥିଲେ । ସମାଜ ଦୃଷ୍ଟିରେ ମୋ' ପ୍ରତି କ୍ଷମାଥିଲା, ଈର୍ଷା ଥିଲା ଆଉ କିଛିକିଛି ଆଦର ବି । ମହିଳାମାନଙ୍କ ସହିତ ମିଶିବା, କଥାବାର୍ତ୍ତା କରିବା ଆଉ ଶେଷରେ ସେମାନଙ୍କୁ ବଶ କରିପାରିବାରେ ମୋର ପଟୁତାକୁ ନେଇ ମୁଁ ସମସ୍ତଙ୍କ ପ୍ରଶଂସାର ପାତ୍ର ଥିଲି । ମୃଗୟା କଳାର ଆନନ୍ଦରେ ସର୍ବଦା ମଗ୍ନ ରହୁଥିଲି । କେବେ କୌଣସି ପ୍ରକାରର ନିମ୍ନ ସ୍ତରର ବ୍ୟବହାର କରିନଥିଲି ମୁଁ । ନର୍ସ ରୋଜା, ମିସ୍ ଶିରଗାଓଁକର ଅବା କମ୍ରେଡ୍

କମଳୀ ହିଁ ମୋ' ସ୍ତରର ପ୍ରତୀକ ଥିଲେ ।

ହାଟବଜାରର ସେଇ କୋଶଳକନ୍ୟାମାନଙ୍କୁ ମୁଁ କେବେ ଖରାପ ଦୃଷ୍ଟିରେ ଦେଖି ହିଁ ନଥିଲି । ରସିକପଣର ସାଂସ୍କୃତିକ ସ୍ତରକୁ ବଜାୟ ରଖିବାରେ ଆଜିପର୍ଯ୍ୟନ୍ତ ବେଶ୍ ସତର୍କ ଥିଲି । କିନ୍ତୁ ଆଜି ଦିନଟା ବଡ଼ ଅଶୁଭ ଥିଲା ।

ପାପର 'ସାଂସ୍କୃତିକ' ସ୍ତର ନିର୍ଦ୍ଧାରିତ କରିବା ଭଳି ଅବସ୍ଥାରେ ଆଜି ମୁଁ ନଥିଲି । ମୋହନତାରାର ପ୍ରତୀକ୍ଷାରେ ବ୍ୟାକୁଳ ଥିଲି । କଥା ଦେଇକି ବି ସେ ଆସିଲାନି । ସେଥିପାଇଁ ଅସହ୍ୟ କାମନାର ବଶବର୍ତ୍ତୀ ହୋଇ ମୁଁ ହାଟ ଆଡ଼କୁ ଆଗେଇ ଚାଲିଥିଲି । 'କ୍ଲବ'କୁ ନଯାଇ, ମୁଁ ହାଟ ଆଡ଼କୁ କାହିଁକି ଯାଉଥିଲି, ତାହାର କୌଣସି ଉତ୍ତର ମୋ' ପାଖରେ ନଥିଲା। ପେଟର ଭୋକ ମେଣ୍ଟେଇବା ପାଇଁ କୌଣସି ଜିନିଷ କିଣିବାର ଉଦ୍ଦେଶ୍ୟ ମୋର ଆଦୌ ନଥିଲା । ମୁଁ ବିଷୟ ବାସନାର ଶିକାର ହୋଇଯାଇଥିଲି । ହାଟରେ ଠିଆ ହୋଇଥିବା କୋଶଳକନ୍ୟାଙ୍କ ପ୍ରତି ମନରେ କୌଣସି ବିଶେଷ ଭାବ ରଖି ବି ମୁଁ ସେଠିକୁ ଯାଉନଥିଲି । ମୋହନତାରା ନ ଆସିବା କାରଣରୁ ହି ମୋ' ପାଶବିକ ପ୍ରବୃତ୍ତି ଅଧିକ ପ୍ରବଳ ହୋଇଉଠିଥିଲା । ମୁଁ ସ୍ତ୍ରୀସଙ୍ଗ ପାଇଁ ବ୍ୟାକୁଳ ହେଇଉଠୁଥିଲି ଆଉ ତାହା ମତେ ମିଳୁନଥିଲା । ମୋର ସମଗ୍ର ଅସ୍ତିତ୍ୱ ଯେପରି ଅସ୍ଥିର ହେଇଉଠୁଥିଲା ଆଉ ବାସନାର ଜ୍ୱାଳାରେ ମୁଁ ଜଳିଯାଉଥିଲି।



'ବାବୁଜୀ, ବୋଝ ?' ମୋ' ପାଖକୁ ଯୁବତୀଟିଏ ଆସି ପଚାରିଲା । ଚମକିପଡ଼ି ତାକୁ ମୁଁ ଚାହିଁଲି । ଦୃଶ୍ୟରେ ସେମିତି କିଛି ନୂତନତା ନଥିଲା । ଚତୁର୍ଦ୍ଦିଗରେ ଡାଲି ଚାଉଳ, ପରିବାପତ୍ର, ଲଙ୍କା, ଲୁଣ ଗଦା ହୋଇଥିଲା ।

ଗୋଟିଏ ଚଉତରା ଉପରେ ଚାରି /ଛଅଜଣ କନ୍ୟା ଗ୍ରାହକଙ୍କ ଅପେକ୍ଷାରେ ନିଜନିଜର ଟୋକେଇ ଧରି ବସିରହିଥିଲେ । ତନ୍ମଧ୍ୟରୁ କିଛି ବୃଦ୍ଧା ଥିଲେ ତ କିଛି ଥିଲେ ଅଧବୟସୀ ଏବଂ ଆଉ କିଛି ଥିଲେ ଯୁବତୀ । ମତେ ପ୍ରଶ୍ନ କରୁଥିବା ଯୁବତୀ ସତେ ଯେପରି ମତେ ବାନ୍ଧି ପକେଇଥିଲା। ସେ ବହୁତ ସୁନ୍ଦର ଥିଲା । ତା' ଚେହେରାରେ ପନ୍ଦର ଷୋହଳବର୍ଷ ଛୁଆର ଅବୋଧ ସରଳତା ଥିଲା । କଳାକଳା ଆଖି, ଧନୁପରି ଭ୍ରୂଲତା, ଧବଳ ଦନ୍ତପଂକ୍ତି ଆଉ ଲୋଭନୀୟ କାୟା । ହସିଲା ବେଳେ ତା' ଗାଲରେ ଭଉଁରି ଖେଳି ବୁଲୁଥିଲା। ମୋଟାମୋଟି କହିବାକୁ ଗଲେ ପ୍ରଥମ ଦୃଷ୍ଟିରେ ସେ କାହାକୁ ବି ନିଜ ଆଡ଼କୁ ଆକୃଷ୍ଟ କରିନେଇପାରିବ । ଉତ୍ଫୁଲ୍ଲିତ ଆଉ ପରିପୁଷ୍ଟ ଶରୀର ତା'ର ତୁରନ୍ତ ହିଁ କାହା ଉପରେ ପ୍ରଭାବ ପକେଇ ଦେଇପାରିବ । ତା' ପାଇଁ ନର୍ସ ରୋଜାର ନଖରା, ମିସ୍ ଶିରଗାଉଁକରର ମାଂସଳ ଯୌବନ ଆଉ କମ୍ରେଡ୍ କମଳୀର କୃତ୍ରିମ ସାଜସଜ୍ଜାକୁ ଖୁସିରେ ତ୍ୟାଗ କରାଯାଇ ହେବ । ଧୂଳିଧୂସରିତ ପାଦ ଆଉ କଠିନ ପରିଶ୍ରମ ଦ୍ୱାରା ଟାଣୁଆ ଦିଶୁଥିବା ତା'ର ହାତକୁ ଯଦି ସାମାନ୍ୟ ଯତ୍ନ କରାଯାଆନ୍ତା, ତା' ସହିତ ରୁଚିପୂର୍ଣ୍ଣ ପୋଷାକ ପିନ୍ଧେଇ ଦିଆଯାଆନ୍ତା, ତେବେ କୌଣସି ମହାବିଦ୍ୟାଳୟ ଅବା ମହିଳା ସମାଜରେ ତା'ର ପ୍ରତିଦ୍ୱନ୍ଦିତା କେହି କରିପାରନ୍ତେନି । ଆଉ ସେ ହିଁ ଆସି ମତେ ପଚାରୁଥିଲା, 'ବାବୁଜୀ ବୋଝ ?'

'ହଁ', ସ୍ୱୀକାରୋକ୍ତିରେ ମୁଣ୍ଡ ହଲେଇଦେଲି ଆଉ କହିଲି, 'ଚାଲ ମୋ' ସାଥିରେ ।' ଶୁଣୁଶୁଣୁ ଗୋଟିଏ କନାରେ ତା' ଟୋକେଇଟିକୁ ଝାଡ଼ିଝୁଡ଼ି ମୁଣ୍ଡ ଉପରେ ରଖିନେଲା । ତା' ସାଙ୍ଗମାନେ ତାକୁ କହୁଣି ମାରି ଠରାଠରି ହେଲେ ଆଉ ଜୋରରେ ହସିଉଠିଲେ । ତେଜରାତି ଦୋକାନୀର ଆଖିରେ ଆଶ୍ଚର୍ଯ୍ୟର ଭାବଥିଲା ।

ସତେ ଯେମିତି ମୁଁ ଆଉ ମୋ' ଆୟତ୍ତରେ ନଥିଲି ! ତା'ର ସେଇ ଭରପୂର ଯୌବନକୁ ଦେଖି ମୋର ସଂକୋଚ ଆଉ ଲଜ୍ଜାଭାବ ସବୁ କୁଆଡ଼େ ଅଦୃଶ୍ୟ ହେଇଯାଇଥିଲା । କଞ୍ଚା ମୂଳା, ସତେଜ ଶିମ୍ବ ଅବା ବଡ଼ କୋବିର ଉପମା ତାକୁ ଦେବାକୁ ସମୀଚୀନ ଲାଗୁଥିଲା । ଅସହନୀୟ କ୍ଷୁଧା କାରଣରୁ ମୁଁ ଛଟପଟ ହେଉଥିଲି । ବତକ ସମ ଝୁଲିଝୁଲି ସେ ମୋ' ପଛେପଛେ ଆସୁଥିଲା । ଶୀଘ୍ରାତିଶୀଘ୍ର ଘରେ ପହଞ୍ଚିଯାଇ ମୋର କ୍ଷୁଧା ଆଉ ତୃଷ୍ଣାକୁ ମେଣ୍ଟେଇବାକୁ ମୁଁ ବ୍ୟାକୁଳ ଥିଲି ।

କାମଚଳା ଭାବରେ କିଛି ଶୁଖିଲାଫଳ କିଣି ତା' ଟୋକେଇରେ ରଖିଦେଲି । କିଛି କଦଳୀ ଆଉ କମଳା ବି କିଣିଲି ।

'ପରିବାପତ୍ର ନେବନି ବାବୁଜୀ ?' ତା' ପ୍ରଶ୍ନ ଶୁଣି ଅଳ୍ପ କିଛି ଆଳୁ ନେଇନେଲି । ଯା'ଠାରୁ ଅଧିକ କିଛି କିଣିବା ପାଇଁ ନା ସମୟ ଥିଲା ନା ଥିଲା ଧୈର୍ଯ୍ୟ । ତଥାପି ଗୋଟିଏ ଡାଳ, ବେଲଣା ପେଡ଼ି ଆଉ କାଠି କିଣି ତା' ଟୋକେଇରେ ରଖିଦେଇ କହିଲି, 'ହେଇଗଲା, ଏଥର ଘରକୁ ଚାଲ ।'

ପ୍ରତି ମୁହୂର୍ତ୍ତରେ ରୋମାଞ୍ଚିତ ହୋଇଉଠୁଥିଲି ମୁଁ । ମନ ମୋର ନିୟନ୍ତ୍ରଣର ବାହାରକୁ ଚାଲିଯାଉଥିଲା । କିଛି କଥାବାର୍ତ୍ତା କରିବା ଉଦ୍ଦେଶ୍ୟରେ ଚାଲୁଚାଲୁ ମୁଁ ତାକୁ ପଚାରିଦେଲି, 'ତୋ' ନାଁ କ'ଣ ?'

'ଫୁଲଓ୍ୱା ।' ସେ ଉତ୍ତର ଦେଲା ।

'ନାଗପୁରରେ କେତେ ବର୍ଷ ହେଲା ଅଛୁ ?'

'ତିନି ଚାରି ବର୍ଷରୁ ।'

'ତୋ' ବୟସ କେତେ ?'

'ଜଣାନାହିଁ ବାବୁଜୀ । କୋଡ଼ିଏ ବାଇଶ ହେବ ।'

'ମିଛ, ଷୋହଳ କି ସତର ହେବ ।'

'ହେଇଥିବ ତା' ହେଲେ ।' କୌତୂହଳହୀନ ସ୍ୱରରେ ସେ କହିଲା ।

'ବାହା ହେଇଛୁ ନା ନାହିଁ ?'

'ହଁ ।'

'ତା' ହେଲେ ତୋ' ସ୍ୱାମୀ କାହିଁ ?'

'ମରିଯାଇଛି ।'

'ଆରେ ... ରେ ... !' ସହାନୁଭୂତି ଦର୍ଶେଇ ମୁଁ କହିଲି । ମୋର ପାଠପଢୁଆ ବନ୍ଧୁମାନେ ଏପରି ସହାନୁଭୂତିରେ ବହୁତ ଖୁସି ହେଇଥାଆନ୍ତି । କିନ୍ତୁ ଫୁଲଓ୍ୱା ଉପରେ ଏହା କୌଣସି ପ୍ରଭାବ ପକେଇଲା ନାହିଁ ।

'ଏସବୁ ତ ଚାଲୁଥାଏ ନା ବାବୁଜୀ !' ନିଜ ବୟସ ତୁଳନାରେ ଅଧିକ ନିରାଶଭରା ସ୍ୱରରେ ସେ କହିଲା ।

'କେତେ ରୋଜଗାର କରିଥାଉ ?'

ମୋ' ଆଡ଼କୁ ଥରେ ଚାହିଁଦେଇ କହିଲା, 'କି ରୋଜଗାର ବାବୁଜୀ ? ଗଣ୍ଡିଏ ଚାଉଳ ମିଳେନା କି ପେଟ ବି ଭରେନା ।'

'ଚାରି /ଛଅଟଙ୍କା ତ ମିଳି ହିଁ ଯାଉଥିବ ?'

'କୋଉ ଚାରି /ଛଅଟଙ୍କା ବାବୁଜୀ ? ଯୁଦ୍ଧ ସମୟରେ ମିଳିଯାଉଥିଲା । ଏବେ ଟଙ୍କାଏ କି ବାରଣା ବି ମିଳେନା । କେବେକେବେ ଆପଣଙ୍କ ଭଳି କେହି ଦେବଦୂତ ମିଳିଗଲା ତ କଥା ଅଲଗା ।'

ଏମିତି କଥା ହେଉହେଉ ଆମେ ଘରେ ପହଞ୍ଚିଗଲା ପରେ ଫୁଲଓ୍ୱା ଘର ଭିତରକୁ ଚାଲିଆସିଲା । ମୁଁ ତା' ସହିତ କଥା ତ ହେଉଥିଲି, ହେଲେ ମୋର ଦୃଷ୍ଟି ତା' ମାଂସଳ ଯୌବନ ଉପରେ କେନ୍ଦ୍ରୀଭୂତ ଥିଲା । ମୋର ମୁଗ୍ଧଦୃଷ୍ଟିକୁ ସେ ଜାଣି ତ ଯାଇଥିଲା କିନ୍ତୁ ସେ ଆଡ଼କୁ କିଛି ଧ୍ୟାନ ଦେଉନଥିଲା । ସେ ପୂରାପୂରି ଶାନ୍ତ ଥିଲା ଆଉ ସାମାନ୍ୟ ଶିଥିଳ ବି ।

'ଜିନିଷ ରଖିଦେବି ବାବୁଜୀ ?'

'ଆଗ ଟୋକେଇଟା ତଳେ ରଖିଦେ ।' କହିଦେଇ ତା' ପିଠିରେ ମୁଁ ଏମିତି ହିଁ ହାତ ବୁଲେଇ ଆଣିଲି । ଏହା ମୋର ବିଶେଷ ପଦ୍ଧତି ଥିଲା । କଥାରେ କଥାରେ କୌଣସି ଝିଅ ପିଠିରେ ହାତ ବୁଲେଇ ଆଣିବା ଅବା ହାତ ଉପରେ ସରୁ ଚଟକଣିଟିଏ ମାରିଦବା – ଏବେ ମୋର ଅଭ୍ୟାସରେ ପରିଣତ ହେଇଗଲାଣି । ମୋ'ର ସୁରକ୍ଷିତ ବାନ୍ଧବୀମାନେ ଏହା ଉପରେ ସାର୍ଥକ ଆଉ ଦର୍ଶନୀୟ ପ୍ରତିକ୍ରିୟା ବ୍ୟକ୍ତ କରନ୍ତି, ମାନେ କେହିକେହି ଅସମଞ୍ଜସରେ ପଡ଼ିଯାଆନ୍ତି ତ ଆଉ କେହିକେହି ଲାଜେଇ ଯାଆନ୍ତି । କେହି ଫୁଲେଇ ହୁଅନ୍ତି ତ କେହିକେହି ପ୍ରତ୍ୟୁତ୍ତରରେ ମତେ ସରୁ ଚଟକଣିଟିଏ ମାରିଦିଅନ୍ତି । ମୃଗୟାର ଏହା ମୋର ନିଜସ୍ୱ ପଦ୍ଧତି । ମତେ କିନ୍ତୁ ଲାଗିଲା ଫୁଲଓ୍ୱାକୁ ମୋର ଏହି ବିଶେଷ ସ୍ପର୍ଶର କୌଣସି ଅନୁଭବ ହେଲା ହିଁ ନାହିଁ । ନା ସିଏ ରାଗକଲା, ନା ରାଗରେ ମୋ' ହାତକୁ ଦୂରକୁ ଛାଟିଦେଲା, ନା ବି ପ୍ରେମରେ ମୋ' ହାତକୁ ତା' ହାତ ଭିତରେ ଜାକିନେଲା । ସେ ଅନୁତ୍ତେଜିତ ରହିଲା, ଯେପରିକି ତା' ପିଠିରେ ମୁଁ ହାତ ରଖି ହିଁ ନାହିଁ । ତା'ର ସେହି ଜଡ଼ପିଠି ଉପରୁ ହାତ ହଟେଇନେଇ ଚଟ୍‌କରି ଦରଜାରେ କୁଣ୍ଡି ଲଗେଇଦେଲି ।

**କୌଣସି ଝିଅ ପିଠିରେ ହାତ ବୁଲେଇ ଆଣିବା ଅବା ହାତ ଉପରେ ସରୁ ଚଟକଣିଟିଏ ମାରିଦବା – ଏବେ ମୋର ଅଭ୍ୟାସରେ ପରିଣତ ହେଇଗଲାଣି ।**

‘ଫୁଲଓ୍ୱା, ତତେ କ’ଣ ଡର ଲାଗୁନି ?’

‘ଡର କ’ଣ ପାଇଁ ବାବୁଜୀ ?’

‘ମୁଁ କବାଟଟା ବନ୍ଦ କରିଦେଲି ଯେ !’

‘ବନ୍ଦ କବାଟ କ’ଣ କେବେ ଖୋଲେନି କି ?’



ତା’ ମୁହଁରୁ ଏପରି ଉତ୍ତର ଶୁଣି ମୁଁ ହତଚକିତ ରହିଗଲି। ମହିଳାଙ୍କ ସହିତ ଏକାନ୍ତରେ ମିଳିତ ହେବା ସମୟରେ ଏମିତି ଚଟ୍‌କରି ଦରଜା ବନ୍ଦ କରିଦବା ପରେ ସେମାନଙ୍କ ମାନସିକତାରେ ଯେଉଁ ପରିବର୍ତ୍ତନ ହୋଇଥାଏ, ତାହା ଅନୁମାନ କରିପାରିବାର ଅନୁଭବ ମୋ’ର ଥିଲା । କବାଟ ବନ୍ଦ ହୋଇଯିବାର ଦେଖିଲେ ଉଚ୍ଚବର୍ଗୀୟ ମହିଳାମାନେ ହଡ଼ବଡ଼େଇ ଯିବା ଭଳି ଲାଗନ୍ତି, ଡରି ବି ଯାଆନ୍ତି ଅଥବା ମନର ଭୟକୁ ବ୍ୟକ୍ତ କରିଦେଇ ଦରଜା ଖୋଲିଦେବାକୁ ମତେ ଅନୁରୋଧ କରିଥାନ୍ତି । ନାହିଁ ନାହିଁ କରି, ନବବଧୂର ସଲ୍ଲଜ ଭାବ ନେଇ ମୋ’ ମନରେ କ’ଣ ଅଛି ବୋଲି ମତେ ପ୍ରଶ୍ନ ବି କରିଥାନ୍ତି । କିନ୍ତୁ ଫୁଲଓ୍ୱା ସେପରି କିଛି ବି କଲାନାହିଁ । ନା ସେ ଲାଜେଇଲା, ନା ହଡ଼ବଡ଼େଇଲା । ମତେ ଭାରି ରାଗ ମାଡ଼ିଲା । ବିରକ୍ତ ହୋଇଉଠି ମୁଁ ତା’ ହାତକୁ ଧରିପକେଇଲି। ମୋ’ ସ୍ପର୍ଶର ସାମାନ୍ୟ ପ୍ରଭାବ ବି ତା’ ଶରୀର ଉପରେ ଦେଖାଗଲାନି । ମୋ’ର ଆବେଗ ତାକୁ ଟିକିଏ ବି ଉତ୍ତେଜିତ କରିପାରିଲାନି । କାମାସକ୍ତ ଦୃଷ୍ଟିରେ ମୁଁ ତା’ ମୁଖ, ଭ୍ରୂଲତା ଆଉ ପରିପୁଷ୍ଟ ଯୌବନକୁ ଅପଲକ ଦେଖିଚାଲିଥିଲି, ହେଲେ ସେ ବୁଭୁକ୍ଷୁ ନଜରରେ ସେଠି ଥୁଆଯାଇଥିବା ଫଳମୂଳକୁ ଦେଖିଚାଲିଥିଲା । ତା’ ହାତକୁ ମୁଁ ଧରି ସାରିଥିଲି, କିନ୍ତୁ ତା’ର ଧ୍ୟାନ ସେଆଡ଼କୁ ନଥିଲା । ସତେ ଯେପରି ସେ କୋଠରି ଭିତରେ ମୁଁ ଜମାରୁ ଉପସ୍ଥିତ ହିଁ ନାହିଁ। ସେଠି କେବଳ କଦଳୀ କମଳା ହି ଉପସ୍ଥିତ ଥିଲେ । ତା’ ପାଇଁ ମୋର ଉପସ୍ଥିତି ନିହାତି ନଗଣ୍ୟ ଥିଲା । ଏସବୁ ମୋ’ର ପୁରୁଷୋଚିତ ସ୍ୱାଭିମାନକୁ ଧକ୍କାଦେଲା । ନିଜକୁ ମୁଁ ଅପମାନିତ ମନେକଲି। ତା’ ହାତକୁ ଧରିପକେଇ ଜୋରରେ ହଲେଇଦେଇ କଠୋର ସ୍ୱରରେ ଡାକିଲି, ‘ଫୁଲଓ୍ୱା !’

‘ଜିନିଷ କୋଉଠି ରଖିବି ବାବୁଜୀ ?’ ହଡ଼ବଡ଼େଇ ଯାଇ ସେ ପଚାରିଦେଲା ।

‘ଫଳମୂଳ ସବୁ ସେ ଆଲମାରିରେ ରଖିଦେ, ଆଉ ତା’ ଭିତରେ ରଖାଯାଇଥିବା କାଚ ବୋତଲ ସବୁ ମଇଳା ହେଇଯାଇଛି, ତାକୁ ପୋଛି ସଫା କରିଦେ । ମୁଁ ପୋଷାକ ବଦଳେଇକି ଆସୁଛି ।’

ପୋଷାକ ବଦଳେଇବାର ଆବଶ୍ୟକତା ନିହାତି ଥିଲା। ପାଖ କୋଠରିରେ ଜୋତା କାଢ଼ି ଟାଇ ଖୋଲି ପାଇଜାମା ପିନ୍ଧୁପିନ୍ଧୁ ମୋର ଧୈର୍ଯ୍ୟ ଆଉ ବ୍ୟାକୁଳତା ଚରମ ସୀମାରେ ପହଞ୍ଚି ଯିବାକୁ ଲାଗିଲା । ପ୍ରକୃତରେ ଫୁଲଓ୍ୱା ବହୁତ ଅଧିକ ସୁନ୍ଦର ଥିଲା । ସୁସ୍ଥ ଆଉ ନୀରୋଗ ବି ଥିଲା । ମାତ୍ର କିଛି ସମୟ ଭିତରେ ତାକୁ ମୁଁ ନିଜ ହାତମୁଠା ଭିତରକୁ କରି ପକେଇବି ଭାବି ଉଲ୍ଲସିତ ହୋଇଉଠୁଥିଲି, ରୋମାଞ୍ଚିତ ହେଇଉଠୁଥିଲି । ସେହି ରୋମାଞ୍ଚିତ ଆଶା ଉପରୁ ପରଦା ହଟେଇଦେଇ ପାଖ କୋଠରିରେ ମୁଁ ପ୍ରବେଶ କରିଲି । କିନ୍ତୁ ଚମକି ପଡ଼ି ଠିଆ ହେଇଗଲି । ରୋମାଞ୍ଚବାଦର ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟରେ ଫୁଲଓ୍ୱା ମଗ୍ନ ଥିଲା । ମୋ’ ଆଡ଼କୁ ତା’ର ପିଠି ଥିଲା ଆଉ ବୋତଲରେ ରହିଥିବା ବର୍ଫିକୁ ଶୀଘ୍ରଶୀଘ୍ର ସେ ଖାଇ ଚାଲିଥିଲା ।

‘ଫୁଲଓ୍ୱା !’ ଚିତ୍କାର କରିଉଠିଲି ମୁଁ।

‘ଗୋଡ଼ ତଳେ ପଡୁଛି ବାବୁଜୀ ! କାଲିଠୁ କିଛି ଖାଇବାକୁ ମିଳିନି । ଆଜି ବି ମିଳିନାହିଁ । କେବଳ ଚା’ କପ୍‌ଟିଏ ପିଇଛି, ବାସ୍ ।’

‘ସେଥିପାଇଁ ତୁ କ’ଣ ଚୋରି କରିବୁ ?’

‘କ୍ଷମା କରିଦିଅ ମାଲିକେ ।’ ଲଇଁପଡି ମୋ’ ପାଦ ଧରିପକେଇଲା । ସେତିକିବେଳେ ତା’ର ଓଢ଼ଣିଟା ପୂରା ତଳକୁ ଝୁଲି ପଡ଼ିଥିଲା ।

‘ଉଠିଯା !’ ତା’ ହାତଧରି ମୁଁ ତାକୁ ଉଠେଇଦେଲି । ତା’ ସୁନ୍ଦର କୋମଳ ଦେହ ତୁଳନାରେ ତା’ର ହାତ ଖୁବ୍

ଟାଣ ଲାଗୁଥିଲା । ବରଂ ମୋ' ହାତ ତା' ହାତଠାରୁ ଅଧିକ କୋମଳ ଲାଗୁଥିଲା । ତା' ଓଢ଼ଣିକୁ ନିଜ ହାତରେ ମୁଁ ଠିକ୍ କରିଦେଲା ବେଳେ ତା'ର ବକ୍ଷଦେଶକୁ ମୋ' ହାତ ଧୀରେ ସ୍ପର୍ଶ କରିଗଲା । ଏହାର ବି କୌଣସି ପ୍ରଭାବ ତା' ଉପରେ ପଡ଼ିଲାନି । କିନ୍ତୁ ମୋ' ତନୁମନରେ ସତେ ଯେପରି ନିଆଁ ଲାଗିଗଲା । ହେଲେ ତା'ର ସେହି ତଟସ୍ଥ, ମୃତପ୍ରାୟ ପ୍ରତିକ୍ରିୟାହୀନ ବ୍ୟବହାରକୁ ଦେଖି ସେହି ନିଆଁ ବରଫର ଝରଣା ଭିତରେ ସତେ ଯେମିତି କୁଆଡ଼େ ହଜିଗଲା ।

'ଫୁଲଓ୍ୱା !' ଦୁଃଖିତ ସ୍ୱରରେ ମୁଁ କହିଲି, 'ବର୍ଫିଟାକୁ ଆଗ ପୂରା ଖାଇଦେ ।'

'ନାଇଁ ବାବୁଜୀ ।'

'ତା' ହେଲେ ତୋ' ଅଇଁଠା ବର୍ଫି ଏଇଲେ କିଏ ଖାଇବ?' ଏ କଥାଟା ଫୁଲଓ୍ୱାକୁ ବହୁତ ପସନ୍ଦ ଆସିଲା । ମତେ ଫୁଲଓ୍ୱା ତ ଚଳିବ, କିନ୍ତୁ ତା'ର ଅଇଁଠା ବର୍ଫି ନୁହେଁ । ଫୁଲଓ୍ୱାକୁ ବି ଏ ତର୍କଟା ଠିକ୍ ଲାଗୁଥିଲା । ସଙ୍କୋଚରେ ଛେପ ଢୋକିନେଇ ଆଉଥରେ ପଚାରିଲା, 'ସତରେ ବର୍ଫି ସବୁ ଖାଇଦେବି?'

'ହଁ, ଖାଇଦେ । ବର୍ଫି ହାଲୁଆ ଆଉ ସେ ଫଳମୂଳ ବି ।' ସେସବୁ ଜିନିଷକୁ ତା' ଆଗରେ ଥୋଇଦେଇ କହିଲି, 'ନେ, ଏଥର ଆରମ୍ଭ କର ।'

ଚକାପକେଇ ନିଶ୍ଚିନ୍ତରେ ବସିପଡ଼ିଲା ସେ । ତା'ପରେ ମନଧ୍ୟାନ ଲଗେଇ ଖାଇବାରେ ଲାଗିଗଲା । ପୁଲିସ ଫୁଲିସ ସବୁକିଛି ସେ ଭୁଲି ଯାଇଥିଲା । ମୋ ଅସ୍ତିତ୍ୱ, ସ୍ଥାନ କାଳ ପାତ୍ର ସବୁକିଛି ଭୁଲି ପୂରା ଏକାଗ୍ରଚିତ୍ତ ହୋଇ ସେ ଖାଇ ଚାଲିଥିଲା । ଏତେ ପ୍ରକାରର ଜିନିଷ ଥିଲା ଯେ କୋଉ କ୍ରମରେ ସେସବୁ ଖିଆଯାଇ ହେବ, ସେକଥା ସେ ସ୍ଥିର କରିପାରୁନଥିଲା । ମୁଁ ତା'ର ଯୌବନୋତ୍‌ଫୁଲ୍ଲିତ ରୂପକୁ ଦେଖିଚାଲିଥିଲି । ଆଉ ଦେଖୁଦେଖୁ ନିୟନ୍ତ୍ରଣହୀନ ହୋଇଉଠୁଥିଲି । ମୋ' ଶିରାରେ ଶିରାରେ ଦାବାନଳ ପ୍ରଜ୍ୱଳିତ ହେଇଉଠୁଥିଲା । ତା' ଦେହକୁ ଲାଗିକି ବସି ତା' କାନ୍ଧ ଉପରେ ନିଜର ଗରମ ଗରମ ହାତକୁ ମାରିଚାଲିଥିଲି । ସେ ଖାଇଚାଲିଥିଲା ଆଉ ମୁଁ ତାକୁ ଆଉଁଶି ଚାଲିଥିଲି । ସେ ଖାଉଥିଲା, ଆଉ ଜଣେ ପରିପକ୍ୱ ଖେଳାଳି ଭଳି ମୁଁ ତା' ଦେହ ସହିତ ଖେଳିବା ଆରମ୍ଭ କରିଦେଇଥିଲି । ସେ ତଥାପି ଖାଇ ଚାଲିଥିଲା, ସମ୍ପୂର୍ଣ୍ଣ ଏକାଗ୍ରତାର ସହ ।

କେତେ ସୁନ୍ଦର ସତେ ଏ ଝିଅଟା ! ପ୍ରୀତିଯୁକ୍ତ, ବିଷୟାସକ୍ତ ପ୍ରେମର ଚେଷ୍ଟା ଯଦି କରାଯାଇପାରିବ, ତେବେ ତା'ର ନିଶାଟା ଆହୁରି ଅଧିକ ବଢ଼ିପାରିବ! କିନ୍ତୁ ସେଥିକୁ ତା'ର ନା ଆଗ୍ରହ ଥିଲା, ନା ଥିଲା ଗତି । ଆମ ଦୁଇଜଣଙ୍କର ଭୋକ ପରସ୍ପରର ସଂପୂର୍ଣ୍ଣ ବିପରୀତ ଥିଲା । ତା' ପେଟର ଭୋକ ତାକୁ ବୁଡ଼େଇ ରଖିଥିଲା, ଯାହାଫଳରେ ପ୍ରେମ ପ୍ରୀତି ସହିତ ତା'ର ନା କେବଳ ସଂପର୍କ ତୁଟି ଯାଇଥିଲା, ବରଂ ତା'ର ପ୍ରାରମ୍ଭିକ ପ୍ରଣୟ ଚେଷ୍ଟାର କ୍ଷୁଧା ବି ମୋର ସାମାନ୍ୟ ସ୍ପର୍ଶରେ ଶାନ୍ତ ହୋଇଯାଇଥିଲା । ପୁରୁଷସ୍ପର୍ଶ ତା' ପାଇଁ କୋଉ ନୂଆ ଥିଲା କି!

କଳାତ୍ମକ ପ୍ରେମ ପ୍ରତି ବି ସେ ସଂପୂର୍ଣ୍ଣ ଉଦାସୀନ ଥିଲା। ପ୍ରଣୟୋନ୍ମାଦର ନିଶାରେ ଚୁର୍ ହେଇଯାଇ ମୋର ବାସନା ଚରମୋତ୍କର୍ଷରେ ପହଞ୍ଚି ସାରିଥିଲା । କିନ୍ତୁ ସେଥିରେ ତା'ର ସାମାନ୍ୟ ସହଯୋଗ ବି ମୁଁ ସ୍ଥାପନ କରିପାରିଲିନି । ଏମିତି ତ କେତେ ପୁରୁଷ ଆସୁଥିବେ, କିନ୍ତୁ ମିଠା? ମିଠା ସହିତ କ'ଣ ସବୁଦିନ ସମ୍ବନ୍ଧ ଜୁଟିବ ତା'ର?

**ମୁଁ ନିୟନ୍ତ୍ରଣହୀନ ହୋଇଉଠୁଥିଲି । ମୋ' ଶିରାରେ ଶିରାରେ ଦାବାନଳ ପ୍ରଜ୍ୱଳିତ ହେଇଉଠୁଥିଲା ।**

ସେଥିପାଇଁ ସେ କେବଳ ପେଟର ଅଗ୍ନିକୁ ଏଇଲେ ଶାନ୍ତ କରୁଥିଲା । ଯୋଉ ଜିନିଷସବୁ ମୋ' ପାଇଁ ସପ୍ତାହେ ପର୍ଯ୍ୟନ୍ତ ଯଥେଷ୍ଟ ଥିଲା, ତାକୁ ସେ ଦଶ କୋଡ଼ିଏ ମିନିଟ ଭିତରେ ଶେଷ କରିସାରିଥିଲା ! ତା' ମାନେ ତା' ସହିତ କରୁଥିବା ପ୍ରେମଚେଷ୍ଟା କେବଳ ଏକପାଖିଆ ଥିଲା!!

ଏପରି ଏକ ମୃତପ୍ରାୟ ଶରୀର ସହିତ ପ୍ରେମ କରିବାର ଅଭ୍ୟାସ ମୋ'ର ନଥିଲା । ମୁଁ ଫୁଲଓ୍ୱାଠାରୁ ଦୂରେଇଗଲି । ପ୍ରତୀକ୍ଷାର ସୀମା ଶେଷ ହେଇଯାଇଥିଲା । ମୋ' ଭୋକ ବି ଏହି ଭିତରେ ସମାପ୍ତ ହୋଇସାରିଥିଲା । ସାକ୍ଷାତ ପରୀ ସଦୃଶ, କ୍ରୀଡ଼ା କରିବା ଯୋଗ୍ୟ ତା'ର ଏ ଶରୀରଟାକୁ ଏମିତି ଖାଇବାରେ ବ୍ୟସ୍ତ ରହିବାର ଦେଖି, ମୁଁ ସତେ ଯେମିତି ପରାଜିତ ହୋଇଗଲି । ମନେମନେ କ୍ଲାନ୍ତଶ୍ରାନ୍ତ ହୋଇ ଚାଲିଲି ଆଉ ଗୋଟିଏ ବିନ୍ଦୁରେ ଆସି ପ୍ରତୀକ୍ଷାର ସୀମା ସମାପ୍ତ ହୋଇଯିବା

ପରେ ମୁଁ ତା'ଠାରୁ ଦୂରେଇଗଲି । କିନ୍ତୁ ସେ ମୋ' ପ୍ରତି ଏତେ ଉଦାସୀନ ଥିଲା ଯେ ମୋ'ର ଏପରି ଦୂରେଇଯିବାଟା ବି ତା' ଉପରେ କିଛି ପ୍ରଭାବ ପକେଇଲାନି । ସବୁ ଖାଇବା ଜିନିଷକୁ ସେ ଶେଷ କଲା, ଆଉ ସୁରେଇରେ ନିଜ ମୁହଁକୁ ଲଗେଇ ପାଣି ପିଇଲା, ତା' ପରେ ବଡ଼ ହେଉଡ଼ିଟିଏ ମାରିଲା। ସେଠୁ ଯାଇ ତା'ର ହୋସ ଆସିଲା । ସଙ୍ଗେସଙ୍ଗେ କହିଲା, 'ବାବୁଜୀ, ବଡ଼ ଭୁଲ ହେଇଗଲା।'

**ସେ ଏବେ ଦେହଦାନ କରିବାକୁ ପ୍ରସ୍ତୁତ ଥିଲା – ଶବଟିଏ ପରି ଥଣ୍ଡା ଆଉ ନିଷ୍ପ୍ରାଣ ଶିଥିଳ ଦେହ ।**

'ଫୁଲୱା, ତୁ ଏବେ ଯାଇପାରୁ ।'

'ନାହିଁ ବାବୁଜୀ, ଏମିତି କ'ଣ କେବେ ହୁଏ କି?' କହୁକହୁ ସେ ମୋ' ପାଖକୁ ଦଉଡ଼ିକି ଚାଲିଆସିଲା । ଅସ୍ତବ୍ୟସ୍ତ ହୋଇଉଠିଥିବା ତା' ଓଢ଼ଣିକୁ ସେମିତି ରହିବାକୁ ଦେଲା । ମୁଁ ତାକୁ ଖାଇବାକୁ ଦେଇଥିଲି, ତେଣୁ ସେ ଏବେ ଦେହଦାନ କରିବାକୁ ପ୍ରସ୍ତୁତ ଥିଲା – ଶବଟିଏ ପରି ଥଣ୍ଡା ଆଉ ନିଷ୍ପ୍ରାଣ ଶିଥିଳ ଦେହ । ପ୍ରତିଦିନର ନିଜର ସେହି ସାଧାରଣ ଶୈଳୀରେ... ।


ମତେ ବହୁତ ରାଗ ମାଡୁଥିଲା । ତା'ର ସେହି ବିରକ୍ତକାରକ ସ୍ପର୍ଶଟା ଭାରି ଘୃଣା ଲାଗୁଥିଲା । ମତେ ତ ନିଜ ଉପରେ ବି ରାଗ ଆସୁଥିଲା । କ୍ଲାନ୍ତି ଆଉ ବିରକ୍ତିର ମିଶାମିଶି ଉଦ୍‌ଗୀରଣ ସହିତ ରାଗରେ ମୁଁ ପାଟି କରିଉଠି କହିଲି, 'ଉଠା ତୋ' ଟୋକେଇ, ଆଉ ପଳା ଏଠୁ।' 'ତା' ଆଡ଼କୁ ଟଙ୍କାଟେ ଉଠେଇ ଫୋପାଡ଼ିଦେଲି ।

ଫୁଲୱା ଅଟକିଗଲା । ଏଇ କିଛି କ୍ଷଣ ପୂର୍ବରୁ ଯେଉଁ ଲୋଭାତୁର ଦୃଷ୍ଟିରେ ଫଳମୂଳ ଆଡ଼କୁ ସେ ଚାହିଁ ରହିଥିଲା, ସେହି ଲୋଭାତୁର ଦୃଷ୍ଟିରେ ସେ ଏଇଲେ ଟଙ୍କାକୁ ଚାହିଁଲା । ଡରିଡରି ଆଗକୁ ବଢ଼ିଲା । ଚଟ୍‌କରି ଟଙ୍କାକୁ ଅଣ୍ଟିରେ ପୂରେଇ ଫୂର୍ତ୍ତିରେ ସେଠାରୁ ବାହାରିଗଲା । ସତେ ଯେମିତି ସେଠି ସେ ଆଉ କ୍ଷଣେ ରହିଗଲେ ତା' ଟଙ୍କାଟାକୁ ମୁଁ ଛଡ଼େଇନେବି ।

ମୁଁ ଦୀର୍ଘଶ୍ୱାସ ପକେଇଲି ଆଉ ଧମ୍‌କରି ଚଉକିଟା ଉପରେ ବସିପଡ଼ିଲି । କମ୍ ସେ କମ୍ ଆଜିକ ପାଇଁ ମୋର ଭୋକ ମରିସାରିଥିଲା ।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kamala.satpathy@gmail.com




*ପ୍ରକାଶ ପାଇଛି*

**ଅନ୍ତରଙ୍ଗ ଆଳାପ**

**ପରିବର୍ଦ୍ଧିତ ସଂସ୍କରଣ**

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ**
**୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ।**

**ପ୍ରବନ୍ଧ**

# ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ସାହିତ୍ୟରେ ପିତୃତ୍ୱର ଅସହାୟତା



**ସ୍ୱାଧୀନ ଚନ୍ଦ୍ର ପଧାନ**

ସଂପ୍ରତି ସମାଜର ଏକ ଜୀବନ୍ତ ପ୍ରତିଚ୍ଛବି ହେଉଛି ସାହିତ୍ୟ। ଆମ ଚତୁଃପାର୍ଶ୍ୱରେ ଘଟୁଥିବା ଯାବତୀୟ ଘଟଣାବଳୀ ସଂପର୍କରେ ବର୍ତ୍ତମାନର ଗଳ୍ପ ସାହିତ୍ୟ ଅଧିକ ନିର୍ଭରଯୋଗ୍ୟ ହୋଇପଡ଼ିଛି। ଏବର ଗପରେ ନାନାଦି ମନୋରଞ୍ଜନ ବିଷୟର ଉଲ୍ଲେଖ ସହ ବହୁତ ସମସ୍ୟାଗୁଡ଼ିକର ଅବତାରଣା ଗଳ୍ପ ସାହିତ୍ୟକୁ କରିଛି ବହୁଗୁଣିତ। ତେବେ ବର୍ତ୍ତମାନ ବହୁତ ସମସ୍ୟା ମଧ୍ୟରେ ପିତୃତ୍ୱର ଅସହାୟତା ବିଷୟଟି ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଣତ ହୋଇଛି। ସାମ୍ପ୍ରତିକ କାଳର କଥାକାର ସମାଜର ପ୍ରତ୍ୟେକ କ୍ଷେତ୍ରରେ ବୃଦ୍ଧ ବାପା-ମା' କିପରି ଭାବରେ ପରିବାର ଲୋକଙ୍କଠାରୁ ଉପେକ୍ଷିତ ଓ ଅବହେଳିତ ହେଉଛନ୍ତି ତାର ଚିତ୍ର ଆଙ୍କିଛି । କେବଳ ପରିବାରଠାରୁ ନୁହେଁ ବରଂ ସେମାନେ ସମାଜର ଯୁବଗୋଷ୍ଠୀଙ୍କଠାରୁ ମଧ୍ୟ କମ୍ ଅବହେଳିତ ହେଉ ନାହାନ୍ତି। ଏହାର ଚିତ୍ର ମଧ୍ୟ ସୁନ୍ଦର ଢଙ୍ଗରେ ଦର୍ଶାଇଛି।

**ବାପା ମା' ବୟସର ସାୟାହ୍ନରେ ଉପନୀତ ହେଲାପରେ ପରିବାର ଲୋକଙ୍କଠାରେ ବୋଝ ପାଲଟି ଯାଉଛନ୍ତି।**

### ପରିବାର ପ୍ରତି ବୋଝ

ଆଜିର ସାମାଜିକ ପରିବେଶକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡ଼େ ଯେ ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ମଣିଷ ନିଜର ସୁବିଧା ଓ ସୁଯୋଗ ଉପରେ ନିର୍ଭର କରୁଥିବା ଲକ୍ଷ୍ୟ ହେଉଛି। ତେବେ ବାପା ମା' ବୟସର ସାୟାହ୍ନରେ ଉପନୀତ ହେଲାପରେ ପରିବାର ଲୋକଙ୍କଠାରେ ବୋଝ ପାଲଟି ଯାଉଛନ୍ତି। କାରଣ ସେମାନେ ଆଜି ଉପାର୍ଜନ କ୍ଷମତା ହରାଇ ସାରିଛନ୍ତି। ଏହି ବିଷୟକୁ କେନ୍ଦ୍ରକରି ଆଜି ଅନେକ ଗଳ୍ପ ରଚିତ। ସାମ୍ପ୍ରତିକ ଓଡ଼ିଆ ଗଳ୍ପରେ କଥାଶିଳ୍ପୀ ବିଷ୍ଣୁ ସାହୁ ଜଣେ ଚର୍ଚ୍ଚିତ ଗଳ୍ପକାର। ବିଶେଷତଃ ଆମେ ବଞ୍ଚୁଥିବା ପୃଥିବୀର ସୁସ୍ଥ ସୁନ୍ଦରତାର ପରିକଳ୍ପନା ସହ ବହୁ ସାମାଜିକ ସମସ୍ୟାର ଉତ୍ଥାପନ ଗଳ୍ପରେ ସେ କରିଛନ୍ତି। ଅସହାୟ ବାପା ମା'ଙ୍କ କଥା ଚିତ୍ରଣ କରିବାରେ ସେ ବେଶ୍ ଧୁରନ୍ଧର। ଆମ ସାମାଜିକ ଜୀବନରେ ଗୋଟିଏ ପିତାର କଷ୍ଟ ଓ ତା'ର ଅସହାୟପଣକୁ ସେ ଅତି ପାଖରୁ ନିରୀକ୍ଷଣ କରିଛନ୍ତି। ତାଙ୍କ 'ଚମ୍ପାବଣ' ସଙ୍କଳନର 'ପୁଅ' ଶୀର୍ଷକ ଗଳ୍ପରେ ପିତୃ ହୃଦୟର ଅଭିବ୍ୟକ୍ତି ବାସ୍ତବଧର୍ମୀ ଓ ଜୀବନ୍ତ। ଆଜିର ପରିସ୍ଥିତିରେ ଘଟୁଥିବା ନିତିଦିନିଆ ଘଟଣାକୁ ଗଳ୍ପକାର ବର୍ଣ୍ଣନା କରିଛନ୍ତି। ନିଜ ପୁଅର ଚାକିରି ପାଇଁ ବାପା ବ୍ୟସ୍ତ। ସେପଟେ ବଢ଼ିଲା ଝିଅକୁ ବାହା କରେଇବା ପାଇଁ ମଧ୍ୟ ଚିନ୍ତା ଘାରୁଛି। ଶେଷରେ ପୁଅ ଚାକିରି ପାଇଛି, କିନ୍ତୁ ବାପା କହୁଛନ୍ତି- "ମୁଁ ଠିକ୍ କରିଛି, ଏ ଘର ପାଇଁ ଆଉ ଚାକିରି ଦରକାର ନାହିଁରେ ଜିତୁ; ମିତାର ବାହାଘର ପାଇଁ ଏ ଘରେ ଚାକିରି ଅପେକ୍ଷା ଗୋଟିଏ ପୁଅର ଆବଶ୍ୟକତା ଢେର୍ ବେଶି।" (ପୃଷ୍ଠା-୧୯) ଏ ମନ୍ତବ୍ୟରେ ଗୋଟିଏ ବାପା ନିଜ ଝିଅର ବୟସ ଗଡ଼ିଯାଉଥିବା ବେଳେ ବାହାଘର ଠିକ୍ ହୋଇପାରୁ ନଥିବା କଥା ତାଙ୍କୁ ଚିନ୍ତିତ କରିଦେଇଛି। ସେହିପରି ଗାଳ୍ପିକ ଶ୍ରୀ ସାହୁଙ୍କ 'ଦୁଃଖର ଚାରିକାନ୍ଥ' ଶୀର୍ଷକ ଗଳ୍ପରେ ଅଭୟ ସାର୍ କିପରି ତାଙ୍କ ପୁଅମାନଙ୍କ କଟୁ ମନ୍ତବ୍ୟର ଶିକାର ହୋଇ ପାଗଳୀ ସ୍ତ୍ରୀ ସହିତ ଜୀବନ ବଞ୍ଚୁଥିଲେ, ତାହା ତାଙ୍କ ଅସହାୟତାକୁ ଦର୍ଶାଇଦିଏ। ଅନ୍ୟ ଏକ ଗଳ୍ପ 'ଦାୟାଦ'ରେ ମଙ୍ଗୁ ମହାପାତ୍ର ଜଣେ ସ୍ୱାଧିନତା ସଂଗ୍ରାମୀ। ତାଙ୍କ ପୁତ୍ର ସ୍ୱାଧୀନ ହୀନ ରାଜନୀତି କରି ମୁଣ୍ଡ ଫାଟିବାର ଅଭିନୟ କରି ଲୋକଙ୍କୁ ଭୁଆଁ ବୁଲାଉଥିଲେ। ତେଣୁ ସେଦିନ ଡାକ୍ତରଖାନାକୁ ଆସି ମଙ୍ଗୁବାବୁ ଦୃଢ଼ କଣ୍ଠରେ କହି ଉଠିଲେ- "ତୁ ଗୋଟିଏ ମିଥ୍ୟାବାଦୀ, ମଙ୍ଗୁ ମହାପାତ୍ର କୌଣସି ମିଥ୍ୟାବାଦୀର ବାପା ନୁହେଁ।" (ପୃଷ୍ଠା-୧୨୭) ଜଣେ ଆଦର୍ଶବାଦୀ ପିତାର ଅସହାୟତା ଓ ତାଙ୍କ ବ୍ୟକ୍ତିତ୍ୱରେ ପୁଅର ଛଳନାର ରୂପ ଏଠି

ସୁନ୍ଦର ଭାବେ ବର୍ଣ୍ଣିତ।

ସାମ୍ପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟର ଜଣେ ପ୍ରଥିତଯଶା ଗାଳ୍ପିକ ଭାବେ ରବି ପଣ୍ଡା ବେଶ୍ ପରିଚିତ। ସେ ଆମ ସମାଜର ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ରକରି ମଣିଷର ସ୍ଥିତାବସ୍ଥା ଚିତ୍ରଣ କରିବାରେ ଧୁରନ୍ଧର। ତାଙ୍କ କେତେକ ଗଳ୍ପରେ ପିତୃତ୍ୱର ଅସହାୟ ଭାବ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବେ ଅଭିବ୍ୟଞ୍ଜିତ। ତାଙ୍କ 'ପାହାଡ଼ର ଛାଇ' ଶୀର୍ଷକ ଗଳ୍ପରେ ଗରିବ ଅଭାବୀ ଚାଷୀ ଅଙ୍ଗଦ ସେଦିନ ତା ଝିଅକୁ ଡାକ୍ତରଖାନା ନେଇଥିଲା। କିନ୍ତୁ ଟଙ୍କା ଅଭାବରୁ ସେଠାରୁ ଫେରାଇ ଆଣିଥିଲା। ଘୋର ଅନ୍ଧାର ରାତିରେ ଉପାୟଶୂନ୍ୟ ହୋଇ ସ୍ତ୍ରୀ ଚିରେଇକୁ ଜମି ମଝିକୁ ନେଇ ଯାଇ ଦୃଢ଼ କଣ୍ଠରେ କହିଉଠିଛି- "ବିଷ ମୁଁ ପିଇ ସାରିଛି...। ଏବେ ତୋ ନିଷ୍ପତ୍ତି । ଚିରୁ... ଝିଅର ଅପରେସନ ଦରକାର। ପଇସା ନାଇଁ ସେ ମରିଯିବ। ମୁଁ ତାକୁ ଛାଡ଼ି ଲୁଚି ପଳେଇଆସିଛି ଡାକ୍ତରଖାନାରେ। ଜମିରେ ଫସଲ ନାଇଁ, ସାହୁକାର ଧମକ ଦେଇଛି ନାଲିସ୍ କରିବ, ଜମି ଛଡ଼ାଇ ନେବ। ଘରେ ଖୁଦ କଣାଟେ ନାଇଁ, ଘର ଛପରକୁ ନଡ଼ା ଗୋଛାଏ ବି ନାଇଁ। ଏତେ ନାଇଁ ନାଇଁ ଭିତରେ ମୁଁ କେମିତି ବଞ୍ଚିବି ଚିରୁ ?" (ପୃଷ୍ଠା-୨୫) ଏ ମନ୍ତବ୍ୟରେ ଜଣେ ଅଭାବମୟ ପିତାର କାରୁଣ୍ୟ ଚିତ୍ରିତ।

**"ଏତେ ନାଇଁ ନାଇଁ ଭିତରେ ମୁଁ କେମିତି ବଞ୍ଚିବି ଚିରୁ ?" ଏ ମନ୍ତବ୍ୟରେ ଜଣେ ଅଭାବମୟ ପିତାର କାରୁଣ୍ୟ ଚିତ୍ରିତ।**

**ବାପା-ମା'ଙ୍କୁ ଅଣଦେଖା**

ଚଳନ୍ତି ସମୟରେ ଅନ୍ୟତମ ଜଣେ ପ୍ରସିଦ୍ଧ ଗଳ୍ପକାର ଭାବେ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ସିଦ୍ଧି ଓ ସାଧନା ବେଶ୍ ପ୍ରଶଂସନୀୟ। ତାଙ୍କ ମିନିଗଳ୍ପ 'ମତଲବ'ରେ ବାପା ମା'ଙ୍କୁ ଅଣଦେଖା ଓ ଉପେକ୍ଷା କରିବା ପ୍ରସଙ୍ଗ ସୁନ୍ଦର ଢଙ୍ଗରେ ଅଙ୍କିତ। ଗଳ୍ପରେ ପୁଅର ଚାରିତ୍ରିକ ପରିବର୍ତ୍ତନର ଅଭିଯୋଗ ନେଇ ସେଦିନ ବୃଦ୍ଧ ପିତା ବୋର୍ଡ ଅଫିସକୁ ଯାଇ ସେକ୍ରେଟାରୀ ମହୋଦୟଙ୍କୁ କହିଥିଲେ- "ଆମ ପୁଅର ମାଟ୍ରିକ ସାର୍ଟିଫିକେଟରେ ବାପାର ନାମଟି ଲିଭେଇ ଦେବା ପାଇଁ। XXX ଆମର ଏକମାତ୍ର ପୁଅ ବିବାହ କଲାପରେ ଆମକୁ ଆଉ ପଚାରୁନାହିଁ। ଗାଁରେ ଆମ ଭଙ୍ଗାଘରେ, କର୍ମକୁ ଆଦରି ଭୋକ ଉପାସରେ ପଡ଼ିଛୁ। ସିଏ ତ ଚାକିରି ଜାଗାରେ ବୋହୂକୁ ଧରି ସୁଖରେ ଅଛି। XXX ତା' ପାଖକୁ ଯାଇ ଆମେ ଆମର ଦୁଃଖ ଜଣାଇବାରୁ କହିଲା: ତମଠି ମୋର ଆଉ କୌଣସି ମତଲବ ନାହିଁ।" (ମତଲବ, ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ, ପୃଷ୍ଠା-୧୦୫)। ଏ ମନ୍ତବ୍ୟରୁ ସ୍ପଷ୍ଟ ଜଣାପଡ଼େ ବୃଦ୍ଧ ବୟସରେ ପିତାମାତା ଚାକିରିଆ ପୁଅଠାରୁ କିପରି ନିର୍ଯାତିତ ଓ ଅବହେଳିତ ହେଉଛନ୍ତି। ଯେଉଁ ବାପା ମା' ଦିନେ ନଖାଇ ନପିଇ ପୁଅର ଭବିଷ୍ୟତ ତିଆରିଥିଲେ, ସେ ଆଜି ବଡ଼ଲୋକ ହୋଇଗଲା ପରେ ବାପା ମା'ଠାରୁ ସମ୍ପର୍କ ତୁଟାଇ ତାଙ୍କୁ ହତାଦର କରି ଦେଉଛି। ଏହା ଆମର ବିଡ଼ମ୍ବନା।


ଗାଳ୍ପିକା ଗାୟତ୍ରୀ ସରାଫଙ୍କ 'ବାପା ଭଲ ଅଛନ୍ତି' ଶୀର୍ଷକ ଗଳ୍ପଟିରେ ସୁନୟନା ନିଜର ଶ୍ୱଶୁର ପ୍ରତି ଯେଉଁ ଅକଥନୀୟ ଅତ୍ୟାଚାର ଚଳାଇଛନ୍ତି, ତାହା ସାମ୍ପ୍ରତିକ ସମାଜର ବାସ୍ତବ ଛବିକୁ ବ୍ୟକ୍ତ କରେ। ନିଜ ନଣନ୍ଦ ମାଧୁରୀ ସମ୍ମୁଖରେ ବାପାଙ୍କର ସେବାଯତ୍ନ କରିବାର ଅଭିନୟ କରି ତାଙ୍କଠାରୁ ବେଶ୍ କିଛି ଟଙ୍କା, ସୁନା, ଦାମୀ ଉପହାରମାନ ହାତେଇଛନ୍ତି। ଏ ସବୁ ଦେଖି ମଧ୍ୟ ପୁଅ ଜୟନ୍ତ କୌଣସି ପ୍ରତିବାଦ କରି ନ ଥିଲେ। ବୃଦ୍ଧ ବାପାଙ୍କୁ ନିଜ ସ୍ତ୍ରୀ ସଉଦା କାମଠାରୁ ଆରମ୍ଭ କରି ଘରର ଯାବତୀୟ କାମ କରାଉଥିଲେ। ଜୟନ୍ତଙ୍କ ଅନ୍ୟତ୍ର ବଦଳି ହୋଇଗଲାପରେ ବାପାଙ୍କୁ ବିଶ୍ରାମ ଘରକୁ ପଠାଇ ଦିଆଯାଇଛି। ଗୋଟିଏ ପିତୃତୁଲ୍ୟ ମଣିଷକୁ ହତାଦର କରିବା ସହ ବୃଦ୍ଧ ମଣିଷକୁ ମାନସିକ ଯନ୍ତ୍ରଣା ଦେବାକଥା ଏଥିରେ ବର୍ଣ୍ଣିତ। ବୃଦ୍ଧ ବାପାଟିଏ ବୋହୂଦ୍ୱାରା ଉପେକ୍ଷିତ ହୋଇ କିପରି ଅସହାୟ ଜୀବନ ବଞ୍ଚୁଥିଲେ ସେ ପ୍ରସଙ୍ଗ ଏଠି ବର୍ଣ୍ଣିତ।

ସାମ୍ପ୍ରତିକ କାଳର ଜଣେ ଯଶସ୍ୱୀ କଥାକାର ହେଉଛନ୍ତି କାର୍ତ୍ତିକ ଚନ୍ଦ୍ର ବାରିକ। ତାଙ୍କର ଅନେକ ଗଳ୍ପରେ ବୃଦ୍ଧ ମାନସିକତାର ସଫଳ ମୂଲ୍ୟାଙ୍କନ କରାଯାଇଛି। ତାଙ୍କ 'ଅପରାହ୍ନର ସ୍ୱର' ଶୀର୍ଷକ ଗଳ୍ପରେ ଆଦିକନ୍ଦ ବାବୁ ଓ ଅପର୍ଣ୍ଣା ସ୍ୱାମୀ ସ୍ତ୍ରୀ। ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସାଂସାରିକ ଜୀବନ। ଚାକିରିରୁ ଅବସର ନେବାପରେ ତାଙ୍କ ନିଃସଙ୍ଗ ଓ ଅସହାୟ ଜୀବନ ଆରମ୍ଭ ହୋଇଯାଇଥିଲା। ସେଦିନ ଆଦିକନ୍ଦ ବାବୁ ଯୁକ୍ତି ବାଢ଼ିଥିଲେ- "ବାର୍ଦ୍ଧକ୍ୟରେ ମଣିଷ ହୋଇଯାଏ ଆଖୋଜା ଅଲୋଡ଼ା। ସେ ହୋଇଥାଏ

କ୍ଷମତା ରହିତ। ଉତ୍ତାପହୀନ ମନରେ ନଥାଏ ଭୋଗର ଲିପ୍ସା। ନ ଥାଏ ତା'ପାଖରେ ପର୍ଯ୍ୟାପ୍ତ ଅର୍ଥ ନିକଟ ଆତ୍ମୀୟଙ୍କ ଆବଶ୍ୟକତା ପୂରଣ ପାଇଁ। ନିଜସ୍ୱ କହିଲେ କେବଳ ମନରେ ମେଘଖଣ୍ଡ ପରି ଭାସି ଆସୁଥିବା ସ୍ମୃତି ଓ ହାତରେ ଥିବା ଯଷ୍ଟି, ଯାହାକୁ ଧରି ବାଟ ଚାଲିବାକୁ ହୁଏ।" (ପୃଷ୍ଠା-୨୦୭) ପରିପକ୍ୱ ଓ ଜୀବନର ସାୟାହ୍ନରେ ଉପନୀତ ହେଲା ପରେ ଗୋଟିଏ ବୃଦ୍ଧ ମଣିଷର ଅସହାୟପଣ ଏଠାରେ ମାର୍ମିକ ଢଙ୍ଗରେ ଉପସ୍ଥାପିତ।

**ପିତାର ଅସହାୟପଣ**

ସାମ୍ପ୍ରତିକ ସମୟରେ କଥାକାର ରାମଚନ୍ଦ୍ର ବେହେରାଙ୍କ ଆବିର୍ଭାବ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ଜଗତକୁ ଅଧିକ ଭାବରେ ଋଦ୍ଧିମନ୍ତ କରିଛି। ତାଙ୍କ 'ଗୋପପୁର' ଗଳ୍ପରେ ଗୋଟିଏ ପିତାର ଅସହାୟପଣ ଓ ଦାୟିତ୍ୱକତା ସୁନ୍ଦର ଢଙ୍ଗରେ ପରିପ୍ରକାଶିତ। ସେଦିନ ଜ୍ୱରଗ୍ରସ୍ତ ପୁଅକୁ ନିରାକାର ଡାକ୍ତରଖାନାକୁ ନେବାକୁ ବାହାରିଲା ବେଳେ ନଈରେ ନାଉରିଆ ନ ଥିଲା। ତେଣୁ ସେ ନିଜେ କାତ ଧରି ନୌକା ଚାଳନା କରିଛି। ଜୀବନରେ କେବେ ଡଙ୍ଗାର କାତ ନ ଧରିଥିବା ନିରାକାର ଓ ତା' ସ୍ତ୍ରୀ ସୁମିତ୍ରା ପୁଅର ଜୀବନ ବଞ୍ଚାଇବା ପାଇଁ ନିଜେ ସାଜିଛନ୍ତି ନାଉରିଆ। ସେ କହିଉଠିଛି- "ଯିବି ଚାଲି ଚାଲି, ତୁ ଥିବୁ ମୋ' ପାଖରେ। ମୁଣ୍ଡ ଉପରକୁ ଟେକି ଧରିଥିବି ଛୁଆକୁ। ତାପରେ ଦେଖିବୁ, କ'ଣ ହେଉଚି। ଏ ନଈ ବାଟ ଛାଡ଼ିଦେବ, ଛିଣ୍ଡିଯିବ, ଶୁଖିଯିବ ସୁଅ, ଆମେ ଯେଉଁଠି ପାଦ ପକାଇବା। ତା'ପରେ ଗୋପପୁର। ଆଜି କେବଳ ବାସୁଦେବ ଯିବେ ନାଇଁ, ତା ସହିତ ଦେବକୀ। ଚାଲ।" (ଗୋପପୁର, ପୃଷ୍ଠା-୯) ଏଠାରେ ଜଣେ ପିତାର ପୁଅକୁ ବଞ୍ଚାଇବା ପାଇଁ ଦୃଢ଼ ପ୍ରତିଜ୍ଞା ମଧ୍ୟରେ ତାର ସମସ୍ୟା ଓ ଅସହାୟପଣ ଏ ଗଳ୍ପକୁ ଜୀବନ୍ତ କରିଛି। ସେହିପରି "ଦ୍ୱିତୀୟ ଶ୍ମଶାନ" ଶୀର୍ଷକ ଗଳ୍ପରେ ଗୋଟିଏ ପିତୃ ହୃଦୟର କାରୁଣ୍ୟ ନିଃସଙ୍ଗତା ଓ ପ୍ରଚଣ୍ଡ ଯନ୍ତ୍ରଣାବୋଧ ଅନୁରଣିତ ହୋଇଛି। କୁମର ଦାଦାର ପୁଅ ଗୋଲକ ଓ ଝିଅ ମଞ୍ଜୁର ମୃତ୍ୟୁ ତାଙ୍କୁ





ବେଶ୍ ଯନ୍ତ୍ରଣା ଦେଇଛି। ଦୁଇ ଦୁଇଟି ସନ୍ତାନକୁ କାନ୍ଧରେ ବୋହି ଶ୍ମଶାନକୁ ନେବା ଗୋଟିଏ ବାପା ପକ୍ଷରେ କେତେ କଷ୍ଟଦାୟକ ତାହା ଏ ଗଳ୍ପରେ ପ୍ରଦତ୍ତ।

ଏ କାଳର ଜଣେ ଆଲୋଚ୍ୟ ଯୁବ ଗାଳ୍ପିକ ଭାବେ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ନାମ ସ୍ମରଣୀୟ। ତାଙ୍କ କେତେକ କ୍ଷୁଦ୍ରଗଳ୍ପରେ ପିତୃତ୍ୱର ଅସହାୟପଣ ଅତ୍ୟନ୍ତ ସ୍ପର୍ଶକାତର ଢଙ୍ଗରେ ପରିପ୍ରକାଶିତ। ଏହି କ୍ରମରେ 'ପ୍ରଥମ ବ୍ୟକ୍ତି' ମିନିଗଳ୍ପଟିରେ ସେଦିନ ନାତିଟି ଜେଜେଙ୍କ ସମ୍ମୁଖରେ ବଡ଼ ପାଟିରେ ଘୋଷୁଥିଲା ପ୍ରଥମ ମହାକାଶଚାରୀ, ପ୍ରଥମ ଏଭରେଷ୍ଟ ଆରୋହଣକାରୀ, ପ୍ରଥମ ପାଇଲଟ୍‌ଙ୍କ ନାମ। ପ୍ରତ୍ୟୁତ୍ତରରେ ଜେଜେ ତାକୁ ପ୍ରଶ୍ନ କଲେ- "ଏଥିରେ ସବୁ ପ୍ରଥମ ବ୍ୟକ୍ତିଙ୍କ ନାଁ ଅଛି, ଦେଖିଲୁ ବିଶ୍ୱର ପ୍ରଥମେ କିଏ ସେ ପ୍ରଥମ ପୁଅ ଯିଏ ତା' ବାପାକୁ ନେଇ ବୃଦ୍ଧାଶ୍ରମରେ ଛାଡ଼ିଥିଲା। ମୁଁ ତାକୁ ଥରେ ପଚାରିବି, ସେଦିନ ରାତିରେ ସେ ଶାନ୍ତିରେ ଶୋଇପାରିଥିଲା କି ନାହିଁ।" (ପୃଷ୍ଠା-୦୧) ପାଖ ଘରେ ପୁଅ ବିଜୟ ବୃଦ୍ଧାଶ୍ରମର ଫର୍ମ ପୂରଣ କରୁଥିଲା। ବାପାଙ୍କର ଏଭଳି ଉକ୍ତି ଶୁଣି ଫର୍ମଟିକୁ ପକେଟ୍‌ରେ ରଖିଦେଲା। ସାମ୍ପ୍ରତିକ ସମୟର ଏକ ଜ୍ୱଳନ୍ତ ଛବି ଏଠି ପ୍ରକଟିତ। ବାପା ମା'ମାନେ ବୃଦ୍ଧ ଅବସ୍ଥାରେ ଉପନୀତ ହେଲାପରେ କିପରି ପାରିବାରିକ ସଦସ୍ୟମାନଙ୍କ ନିକଟରେ ବୋଝ ପାଲଟି ଯାଉଛନ୍ତି ଏବଂ ପୁଅ-ବୋହୂଙ୍କ ଦ୍ୱାରା ବୃଦ୍ଧାଶ୍ରମକୁ ପ୍ରେରିତ ହେଉଛନ୍ତି- ସେ ବିଷୟଟି ଏଠି ପ୍ରଦତ୍ତ।

ନଭେମ୍ବର ୨୦୧୫ 'କଥା' ପତ୍ରିକାରେ ପ୍ରକାଶିତ ପରମେଶ୍ୱର ଓଝାଙ୍କ 'ସ୍ୱାର୍ଥ' ଗଳ୍ପରେ ସାମ୍ପ୍ରତିକ କାଳର ପୁଅମାନଙ୍କ ସ୍ୱାର୍ଥପର ମନୋବୃତ୍ତି ଚିତ୍ରିତ। ଦୁଇପୁଅ ବିଦେଶରେ ଥିଲେ ଓ ପାଞ୍ଚ ଛଅ ମାସରେ ଥରେ ପୁଅ-ବୋହୂ ଘରକୁ ଆସୁଥିଲେ। ଏଥିରେ ବାପା-ବୋଉ ଖୁସିରେ ଥିଲେ। କିନ୍ତୁ ବାପା ନିଜ ଅପାରଗତା ପ୍ରକାଶ କରି ଯେଉଁଦିନ ଦୁଇଭାଇ ମଧ୍ୟରେ ସମ୍ପତ୍ତି ଭାଗ କରିଦେଲେ, ସେହି ବର୍ଷଠୁ ଚାରିବର୍ଷ ବିତିଗଲାଣି ପୁଅ ବୋହୂଙ୍କ ଦେଖାଦର୍ଶନ ନାହିଁ। ଗଳ୍ପଟିରେ

ପୁଅମାନଙ୍କ ସ୍ୱାର୍ଥ ହାସଲ ହେଲାପରେ କିପରି ବୃଦ୍ଧ ବାପା ମା'ଙ୍କ ପ୍ରତି ଉଦାସୀନ ହୋଇପଡୁଛନ୍ତି- ତାହା ଏଠାରେ ବର୍ଣ୍ଣିତ। ସେହିପରି ଏହି ସଂଖ୍ୟାରେ ପ୍ରକାଶିତ ସୁନିତା ସାହୁଙ୍କ 'ବାପା' ଶୀର୍ଷକ ଗଳ୍ପରେ ସାମ୍ପ୍ରତିକ ସମାଜରେ ପୁଅମାନଙ୍କ ସମ୍ପତ୍ତି ଲୋଭ ଓ ବୃଦ୍ଧ ବାପାଙ୍କୁ ଅବହେଳା ପ୍ରଦର୍ଶନ କଥା ସୂଚିତ। ବଡ଼ପୁଅ ବୋହୂ ଗାଁରେ ଶିକ୍ଷକତା କରି ବାପାଙ୍କୁ ଦେଖାଶୁଣା କରୁଥିଲେ। ଆଉ ଦୁଇ ପୁଅ ସହରରେ ରହୁଥିଲେ। ସେଦିନ ବଡ଼ଭାଇ ଫୋନ କଲେ ଜମିବାଡ଼ି, ସୁନାଗହଣା ଭାଗବଣ୍ଟା ହେବ ବୋଲି, ଏକଥା ଶୁଣି ସେମାନେ ସକାଳ ପହରରୁ ପହଞ୍ଚି ସାରିଥିଲେ। କିନ୍ତୁ ପୂର୍ବରୁ ବାପା ମା'ଙ୍କ ଦେହ ଖରାପ କଥା କହିଲେ କୌଣସି ଆଳ ଦେଖାଇ ଆସୁନଥିଲେ ଭାଇ ଦ୍ୱୟ। ଏ ଗଳ୍ପରେ ପୁଅମାନେ ଆଜି ନିଜର ସୁଖ-ସୁବିଧାକୁ ଗୁରୁତ୍ୱ ଦେଇ କିପରି ବାପା ମା'ଙ୍କୁ ବୃଦ୍ଧାବସ୍ଥାରେ ଅବହେଳା ପ୍ରଦର୍ଶନ କରୁଛନ୍ତି ତାହା ଚିତ୍ରିତ। ଯାହା ଫଳରେ ବୃଦ୍ଧ ପିତା-ମାତା ଘୋର ଦୁର୍ଦ୍ଦିନର ଶିକାର ହୋଇ ଅସହାୟ ଭାବେ ଜୀବନ ବଞ୍ଚୁଛନ୍ତି।




**ବାପାଙ୍କ ଉଦାରଭାବ**

କଥାକାର ଗୌରହରି ଦାସଙ୍କ 'ବାପା' ଶୀର୍ଷକ ଗଳ୍ପଟିରେ ବାପାଟି କ୍ୟାନ୍ସର ରୋଗରେ ସଂଘର୍ଷ କରୁଥିଲେ। ପୁଅ ସଞ୍ଜୟ ମନେ କରିଛି ଯଦି ଚାକିରିକାଳ ମଧ୍ୟରେ ବାପାଙ୍କ ମୃତ୍ୟୁ ଘଟେ ସେ ଚାକିରିଟି ନିଜେ ପାଇବ। ଘରର ଅଭାବ ଅନଟନକୁ ଏପର୍ଯ୍ୟନ୍ତ ମୁଣ୍ଡପାତି ସହ୍ୟ କରିଥିବା ବାପାଙ୍କ ସଙ୍କୋଚତା ଓ ଉଦାରଭାବ ଆଗରେ ସଞ୍ଜୟ ନଇଁପଡିଛି। ସେ ଯୋଜନାବଦ୍ଧ ଭାବେ ଡାକ୍ତରଖାନାରେ ବାପାଙ୍କ ମୃତ୍ୟୁ କଥା ଭାବୁଥିବାବେଳେ, ବାପାଙ୍କ ସ୍ନେହ ସଦିଚ୍ଛା ସେ ସବୁକୁ ଫିକା କରିଦେଇଛି। ସେ ଦୃଢ଼ପ୍ରତିଜ୍ଞ ହୋଇ ଭାବୁଥିଲା- "ନା, ସେ ତା' ବାପାଙ୍କୁ ବଞ୍ଚାଇବା ଲାଗି ଲଢ଼େଇ କରିବ। ଯେତିକି ଦିନ ସେ ବଞ୍ଚିବେ, ସମସ୍ତଙ୍କର ସ୍ନେହ ଆଦର ନେଇ ସେ ବଞ୍ଚିବେ। ତା'ର ଚାକିରି ନ ହେଲେ, ନ ହେଉ ପଛେ।" (ପୃଷ୍ଠା-୧୮) ଗୋଟିଏ ପଟେ ପୁଅର ଚାକିରି ପାଇବା ଆଶା, ଅନ୍ୟପଟରେ ବାପାଟିଏର ଜୀବନସାରା ପରିବାର ପ୍ରତି କରିଥିବା କାର୍ଯ୍ୟ ସମୂହ ଗଳ୍ପ ପାଠକଙ୍କ ପ୍ରତି ଆବେଗ ପ୍ରକାଶ କରିଥାଏ। ସେହିପରି ରଜନୀକାନ୍ତ ମହାନ୍ତିଙ୍କ 'ଅନ୍ୟ ଲୁହ' ଶୀର୍ଷକ ଗଳ୍ପରେ ଶରତ ସାର୍ ଓ ଅଦିତିଙ୍କ ପୁତ୍ର ସମ୍ବିତ ବାଙ୍ଗାଲୋରରେ ଏକ ଘର ତିଆରି କରି ପ୍ରତିଷ୍ଠା କରୁଥିବା ବେଳେ, ବୃଦ୍ଧ ବାପାଙ୍କୁ ନିମନ୍ତ୍ରଣ କରିଥିଲେ। ନିଜ ପୁଅର ପାରିବା ପଣରେ ଖୁସି ହୋଇ ଏମାନେ ଧାଇଁ ଯାଇଥିଲେ। ସେଠାରେ ପହଞ୍ଚି ଏମାନଙ୍କ ଆଖିରେ ଲୁହ ଭର୍ତ୍ତି ହୋଇଯାଇଥିଲା। ପୁଅ ଉଦ୍ଦେଶ୍ୟରେ ସେମାନେ କହୁଥିଲେ- "ତୋ' ପୁଅ ଯଦି କେବେ କେଉଁଠି ତା' ପାରିବାପଣିଆରେ ନିଜ ଘର କରି ରହେ, ସେତେବେଳେ ହିଁ ତୁ ଅନୁଭବ କରିବୁ ଆମର ଏ ଲୁହକୁ ତୋ' ଆଖିର ଲୁହରେ... ପରଖିନେବୁ।" (ପୃଷ୍ଠା-୧୦୧) ଗଳ୍ପଟିରେ ବୃଦ୍ଧ ବୟସରେ ବାପା ମା' ଆଶ୍ରୟ ଲୋଡୁଥିବା ବେଳେ ପୁଅଟି ସପରିବାର ସହରର ଚାକଚକ୍ୟ ପରିବେଷ୍ଟନୀ ମଧ୍ୟରେ ନିଜର ଘର ସଂସାରରେ ଆବଦ୍ଧ ହୋଇପଡ଼େ। ଫଳରେ ବୃଦ୍ଧ ବାପା ମା'ଙ୍କ ଅସହାୟତା ବଢ଼ି ଯାଇଥାଏ।

ସାମ୍ପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟରେ ତରୁଣ କୁମାର ସାହୁ ଏକ ଚର୍ଚ୍ଚିତ ଗଳ୍ପକାର। ବିଶେଷତଃ ଆମ ସାମାଜିକ ଜୀବନର ବାସ୍ତବ ସ୍ଥିତାବସ୍ଥା ଓ ଚଳଣିକୁ ଦେଖି ଦେଖାଇବାର ପ୍ରଚେଷ୍ଟା ତାଙ୍କ କ୍ଷୁଦ୍ରଗଳ୍ପରେ ଅନୁଭୂତ ହୁଏ। ତାଙ୍କ 'ଜେଜେ' ଶୀର୍ଷକ ଗଳ୍ପରେ ଅଜା ଓ ନାତିଙ୍କ ଅତୁଟ ସମ୍ପର୍କ କଥା ବର୍ଣ୍ଣିତ। ଅନ୍ୟପଟରେ ବୋହୂମାନେ ନିଜ ଶ୍ୱଶୁରଙ୍କୁ, ନାତି ନାତୁଣୀଙ୍କୁ ଅଧିକ ସ୍ନେହ ପ୍ରଦାନ କରି କିପରି ବିଗାଡ଼ି ଦେଉଛନ୍ତି ବୋଲି ଆରୋପ କରିଛନ୍ତି। ସେଦିନ ଜେଜେ ବଜ୍ରବାହୁ ନିଜ ନାତି ପାଇଁ ନୂଆ ବ୍ୟାଟ ଓ ବଲ୍ ଆଣିବାରୁ ସେ ପାଠପଢ଼ା ପ୍ରତି ଧ୍ୟାନ କମିଯିବ ବୋଲି ମା'ଟି ବିରକ୍ତ ହେଉଥିଲେ। ତେଣୁ ଜେଜେ ନିଜ ଗାଁକୁ ଚାଲିଗଲେ। କିନ୍ତୁ ନାତି ଟୋକାର ଅସୁସ୍ଥ ଖବର ପାଇ ପୁଣି ଫେରିଥିଲେ। ଏଠାରେ ବୃଦ୍ଧ ଜେଜେଙ୍କର ନାତିନାତୁଣୀଙ୍କ ପ୍ରତି ଅଯାଚିତ ସ୍ନେହ ସଦିଚ୍ଛାକୁ ପରିବାର

ଲୋକେ ଭୁଲ ବୁଝିବା ପ୍ରସଙ୍ଗ ବର୍ଣ୍ଣିତ ।

ବସ୍ତୁତଃ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ସାମ୍ପ୍ରତିକ କାଳର ଓଡ଼ିଆ କ୍ଷୁଦ୍ରଗଳ୍ପରେ ବହୁ ପରିମାଣରେ ପିତୃତ୍ୱର ଅସହାୟତା ବର୍ଣ୍ଣିତ । ଏହି ସମୟର ଗାଳ୍ପିକ ପିତାର ଅଭାବ, ଅସୁବିଧା ତଥା ତାଙ୍କ ଅସହାୟପଣକୁ ଅତି ସୁନ୍ଦର ଢଙ୍ଗରେ ବର୍ଣ୍ଣନା କରିଛି । ପରିବାର ମଧ୍ୟରେ ଭୋଗୁଥିବା ନାନାଦି ସମସ୍ୟା ସହ ପିତୃପ୍ରତିମ ଲୋକଟିକୁ କିପରି ଅବହେଳା କରାଯାଉଛି, ସେ ପ୍ରସଙ୍ଗ ଅତି ଜୀବନ୍ତ ଢଙ୍ଗରେ ଗଳ୍ପରେ ଅଙ୍କିତ ହୋଇଛି । ସାମାଜିକ ପରିବେଷ୍ଟନୀ ମଧ୍ୟରେ ସମୟ ଅତିବାହିତ କରୁଥିବା ବୃଦ୍ଧ ପିତାଟି ତା'ର ସାରା ଜୀବନ ପରିବାରର ଉନ୍ନତି କଳ୍ପେ ଜଳାଞ୍ଜଳି ଦେଇଥାଏ । ମାତ୍ର ସେ ଅକର୍ମଣ୍ୟ, ରୋଜଗାରହୀନ ହେଲା ପରେ କିପରି ଅସହାୟ ହୋଇପଡ଼େ, ଖାଇବାପିଇବାଠାରୁ ଆରମ୍ଭକରି ତାର ଚଳଣିରେ ଆସିଯାଏ ବିରାଟ ପରିବର୍ତ୍ତନ । ପରିବାରର ମେରୁଦଣ୍ଡ କୁହାଯାଉଥିବା ପିତାର ଅସ୍ତିତ୍ୱ ହୋଇଯାଏ ଅବଲୁପ୍ତିତ । ତଥାପି ଅନେକ ସଂଘର୍ଷ, ଯାତନା ସତ୍ତ୍ୱେ ଏହି ପିତୃତୁଲ୍ୟ ମଣିଷଟି ପରିବାରର ହିତାକାଂକ୍ଷୀ ସାଜି ଏକ ବୃହତ୍ ବୃକ୍ଷପରି ମାଟିକୁ ଜାବୁଡ଼ି ପଡ଼ି ରହିଥାଏ । ଏହି ଅସହାୟପଣର ବାସ୍ତବ ଚିତ୍ର ଏ ସମୟର ଗାଳ୍ପିକ ଗଳ୍ପ ମଧ୍ୟରେ ଉତ୍ତୋଳନ କରି, ଆମ ସାମାଜିକ ଜୀବନର ନୈତିକ ଅଧୋପତନକୁ ଦେଖାଇ ଶିକ୍ଷିତ ସମାଜ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

□□

ଲେଖକଙ୍କ ଇ-ମେଲ ଠିକଣା:
swadhinchandrap@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ । କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ । ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ । ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି ।

୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୭. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ । ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୮. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୯. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୧୦. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୧୧. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି । ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ ।

୧୨. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ ।

୧୩. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୧୪. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି ।



ଗଳ୍ପ

# ମଞ୍ଜୁଆତି

ଆରତୀ ସାହୁ

**ସ**ବୁ ତ ଠିକ୍ ଚାଲିଥିଲା । ମାଆ ତାକୁ କୋଳରେ ପୂରେଇ ଧୋ ବାଇଆ ଗାଉଥିଲା । ବାପା କୋଉଠୁ କାଇଞ୍ଚ କୋଉଠୁ ବଇଞ୍ଚ, କୋଉଠୁ କୋରା କୋଉଠୁ ବରା ଆଣି ଦେଉଥିଲେ । ଜେଜେମା ବୁଢ଼ୀ ଅସୁରୁଣୀ ଗପ, ରଜାଝିଅ କଟୁଆଳ ପୁଅ ଗପ ଶୁଣଉଥିଲା ।

ଛାଁ କରି କେମିତି ସବୁ ଓଲଟପାଲଟ ହେଇଗଲା ? ଏଇ ଭାଇଛୁଆଟା ଆସିଲା ପରଠାରୁ ସେ କ'ଣ ଅଛୁଆଁ, ଅଲୋଡ଼ା ଅଖୋଜା ହେଇଗଲା ?

ଗେହ୍ଲି ବୁଝିପାରେ ନାହିଁ ଆଉ । ୟା' ଆଗୁରୁ ଗୋଟେ ଛୁଆଭାଇ ଆଇଥିଲା । ଗେହ୍ଲି ଚାରି ଖେପାରେ ଯାଇ ସାଇ ସାଇ ବୁଲି ଖବରଟା ଦେଇ ଆସିଥିଲା କେଡ଼େ ଖୁସିରେ । ସାଇରୁ ଆସି ଘରକୁ ପଶୁ ପଶୁ ଶୁଣିଲା କାନ୍ଦବୋବାଳି । ଭାଇଛୁଆଟା ମରିଯାଇଥିଲା । ମାଆ ଗେହ୍ଲିକୁ ଆହୁରି ଗେହ୍ଲା କଲା । ବାପା ତାକୁ ନ ଦେଖିଲେ ବିଲକୁ ଯାଉନଥିଲେ । ଜେଜେମା' ତାକୁ କୋଳରେ ଆହୁରି ଭିଡ଼ିଧରିଲା । ତା' ପୂର୍ବରୁ ଆଉଗୋଟେ ଭାଇଛୁଆ ଆଇଥିଲା ବୋଲି ମାଆ କୁହେ, ଜେଜେମା କୁହେ । ବାପା ହେଲେ ସେକଥା କହନ୍ତି ନାହିଁ । ଜେଜେମା କହିଲା ବେଳେ ମୁହଁ ବୁଲେଇ ଦିଅନ୍ତି ।

ଜେଜେମା କୁହେ, ଆଗର ଛୁଆଭାଇ ବି ମରିଗଲା ଠକ୍ କିନା । ସେଇନାଗି ଗେହ୍ଲି ତା' ବାପାର ଏଡ଼େ ଗେହ୍ଲା, ତା' ମାଆର ନୟନତାରା, ତା' ଜେଜେମାର ଦୁଃଖ ପାଶୋରା ।

ଆଉ ଏଇ ଭାଇଛୁଆଟା ଆସିଲା ପରଠାରୁ ଯେମିତି ସବୁ ବଦଳିଗଲା । କାଇଁ, ମାଆ ଆଉ ତାକୁ ଧରି ଜହ୍ନମାମୁଁ ଦେଖାଉନାଇଁ । ବାପା କୋଳି ମାଳି କିଛି ଆଣୁନାହାନ୍ତି । ଜେଜେମା କୋଡ଼ଟା ଖାଲି ରହୁନାହିଁ । ମରିଯାଆନ୍ତା ହେଲେ ଏଇ ଭାଇଛୁଆଟା ବି ।

**ଜେଜେମା କୋଡ଼ଟା ଖାଲି ରହୁନାହିଁ । ମରିଯାଆନ୍ତା ହେଲେ ଏଇ ଭାଇଛୁଆଟା ବି ।**

ଗେହ୍ଲିର ମନ ହୁଏ ଯାଇ କାଠଫାଳିଆରେ ଧଡ଼ାସ୍ କିନା ପିଟି ଭାଇମୁଣ୍ଡ ଛତୁକରି ଦେବାକୁ, କି ପନିକିରେ ତା' ବେକରେ ଚୋଟେ ପକେଇବାକୁ କି ଶିଳପୁଆରେ କୁଟି ଦେବାକୁ ।

କାଠ ଫାଳିଆ ଧରିଲା ଥରେ ଯେ ଆଁଶଟାଏ ପଶି ଭସ୍ ଭସ୍ ରକ୍ତ ବାହାରିଲା ବିଶି ଆଙ୍ଗୁଳିରୁ । ମାଆ ଖାଲି ପାଣିକନାଟାଏ ବାନ୍ଧିଦେଲା ଯାହା । ଗେଲ ତ କଲା ନାଇଁ କାଇଁ, ଭାଇଟା ଦାଉ ସାଧିଲା ଏତିକି ବେଳକୁ । କାନ୍ଦିକି ଘରଦ୍ୱାର ଫଟେଇଲା । ଗେହ୍ଲିର ଆଖିରୁ ବି ଧାରଧାର ଲୁହ ବୋହିଗଲା ।

ଆଉ ଥରେ ପନିକି ଧରି ଚୁପକିନା ଚାଲି ଆଇଲା ଭାଇ ପାଖକୁ । ଇଆଡ଼େ ସିଆଡ଼େ ତରକି ଉଞ୍ଚେଇଲା ପନିକି । କୁଆଡ଼େ ଥିଲା ଶଙ୍କି ବିଲେଇଟା ଗୋଡ଼ତଳେ ପଶି ମ୍ୟାଉଁ ମ୍ୟାଉଁ ହେଲା । କୁତୁକୁତୁ ନାଗିଲା । ପନିକି ଥୋଇ ଶଙ୍କି ସାଙ୍ଗରେ ମାତିଗଲା ଖେଳରେ । ଶଙ୍କିଟା ଭଲ । ତା'ର ପାତରଅନ୍ତର ନାଇଁ । ଛୁଆଭାଇ ସାଙ୍ଗରେ ଘସି ନେସି ହୁଏ । ଗେହ୍ଲି ସହିତ ବି ନୁଙ୍ଗୁରୁ ନୁଙ୍ଗୁରୁ ହେଇ ଗେଲହୁଏ । ଆଉ କେହି ଭଲ ନୁହନ୍ତି । ବାପା, ମାଆ, ଜେଜେମା ସମସ୍ତେ ଖରାପ, ସବୁ ଗନ୍ଧିଆ ।

ଆଉ ଶିଳପୁଆ ଉଠେଇବାକୁ ଗଲାନାହିଁ । କୋଉ ଟେକିପାରିବ ? ବିରିବଟା ମସ୍ତବଡ଼ ଶିଳପୁଆ ।

ସେ କୋଉ ମାଆ ହେଇଛି ?

ଛାଁକୁ ମରିଯାଆନ୍ତା କି ଭାଇଛୁଆଟା ।

ଥରେ ଛୁଆଭାଇ ଛିଙ୍କିଲା, ଛିଙ୍କିଲା ଖାଲି ଛିଙ୍କିଲା । ମାଆ କାନ୍ଦିଲା ଆଉ କାନ୍ଦିଲା । ଜେଜେମା ଲୁହ ପୋଛି ପୋଛି ଚଉରାମୂଳେ ବସିଲା ଯେ ଉଠିଲା ନାଇଁ । ବାପା ଏ ଗାଁ ସେ ଗାଁ ଓଷଦ, ଚେରମୂଳି, ବଟିକା ପାଇଁ ଧାଇଁ ଧାଇଁ ପାଦରେ ଛେଲା ପଡ଼ିଗଲା ।

ସେ ଖୁସି ହେଲା ।

– ଭାଇଟା ମରିଯିବ କି ?

ଜେଜେମାଙ୍କୁ ପଚାରିଲା । ସେ ପାଚିଗଲା ଏକାବେଳକେ।

– ଯାଲୋ, କାଳତୁଣ୍ଡିଆଣୀ, ଛତରଖାଇ, ନିଆଁନଗା କଥାଗୁଡ଼ା ବକୁଛୁ ଯେ ? କୋଟି ପରମାୟୁ ହେଉ ତୋ' ଭାଇର। ଷଠିଦୁଛି ମାଆ ଘଣ୍ଟ ଘୋଡ଼େଇ ରଖନ୍ତୁ।

ଭାଇ ମଲା ନାହିଁ। ବଡ଼ ହେଇଗଲା। ଗେଲ, ସରାଗରେ ତ ଭାଗ ବସେଇଥିଲା, ଏବେ ଭାଗ ବସେଇଲା କାଇଞ୍ଚରେ, ବଇଞ୍ଚରେ, କୋରାରେ, ବରାରେ । ତା' ବି ବଡ଼ଭାଗ। ଭାଇ ଖାଇବ କ୍ଷୀର ରୁଟି, ସେ ଖାଇବ ଚିନିପାଣି ରୁଟି। ଭାଇ ଥାଳିରେ ଦୁଧଭାତ। ଗେହ୍ଲି କଂସାରେ ବାସି ପଖାଳ। ଗେହ୍ଲିର ହିଂସାଟା ଏବେ ନିଶା ପାଲଟୁଥିଲା। ଦିହେଇ ଯାଇଥିଲା। ଚରିଯାଇଥିଲା ଶିରା ପ୍ରଶିରାରେ। ଅପା ଡାକରେ ଭଲି ଗଲାଣି। ଦୁଧସର ଥିଲେ ଗେହ୍ଲି ଥିରିକିନା ଦେଇଦିଏ ଭାଇ ପାଟିରେ। ଜିଲାପି ଆଣିଲେ ରସରସିଆ ସବୁ ଶୋଷିବାକୁ ଦେଇଦିଏ ଭାଇକୁ। ସେ ଖାଏ ତୁଚ୍ଛା ଅସ୍ଥି ପଞ୍ଜରା। ଭାଇକୁ ଦିଏ ମାଛମୁଣ୍ଡ, ସେ ଖାଏ ଲାଙ୍ଗୁଡ଼। ଏଇଟା ଏକ ଅଭ୍ୟାସ। ଆଉ ତାକୁ ଲାଗେନାହିଁ କିଛି। ସେ ବଡ଼ ହେଲାଣି। ନଅବର୍ଷର। ଆଉ ଅବିକା ମାଆପରି ମନ ହେଇଗଲାଣି। ସେ ଭାଇର ମାଆ ପାଲଟି ଗଲାଣି।



ସବୁଦିନ ସମାନ ନାଇଁ। ଖରା ଛାଇର ଖେଳ। ବର୍ଷା ଆସେ, ତହୁଁ ପାଣି ଶୁଖେଇବାକୁ ଖରା ଆସେ। ଶୀତ ଆସେ, ପୁଣି ଉଷୁମ ବାଣ୍ଟି ବାଣ୍ଟି ସୂର୍ଯ୍ୟ ହସେ। ସୁଖ ଆସେ, ସୁଖ ଖାଇବାକୁ ଦୁଃଖ ବି ଆସେ।

ଭାଇକୁ ହେଲା ଭୀଷଣ ଜର। ଖଇ ଫୁଟିଲା ତାତିରେ। ବାଉଳିଚାଉଳି ହେଲା। ହାତଗୋଡ଼ ବଙ୍କା ହେଇଗଲା ଜ୍ୱର ପ୍ରକୋପରେ। ବୈଦ୍ୟ ଆସିଲେ, କବିରାଜ ଆସିଲେ। ହେମିପାଥି ଡାକ୍ତର ଆସିଲେ। ଚେରିମୂଳି ଚିକିତ୍ସା, ପାଣି ଚିକିତ୍ସା, ଦୁଧ ଚିକିତ୍ସା କୋଉଥିରେ ଭଲ ହେବାର ନାଇଁ। ମାଆ ଗଡ଼ିଲା, ଜେଜେମା କୁନ୍ଥେଇଲା, ବାପା ମୁଣ୍ଡରେ ହାତ ଦେଲେ।

ଗେହ୍ଲି ଭାବିଲା,

ଏଇଥର ସତରେ ମରିଯିବ କି ?

ଛାତି ଭିତର କୋରି ହେଇଗଲା।

ଦାଉଁ ଦାଉଁ ପଡ଼ିଲା ଉଠିଲା।

ନାଇଁ ନାଇଁ । ମୋ' ଭାଇଟା ବଞ୍ଚିଯାଉ।

ଆଜି ଜିତୁଅଷ୍ଟମୀ। ଆଜିଠାରୁ ସବୁ ଝିଅମାନେ ମଞ୍ଜୁଆତି ଲଗେଇବେ, ହାତ ନଖ ପଚେଇବେ। ଭାଇର ମଙ୍ଗଳ ମନାସି ଷୋଳପୂଜା ଯାଏଁ ନିଇତି ଲଗେଇବେ।

ଚେମି କହିଲା,

ଯାହାର ହାତ ଯେତେ ପାଚିବ ତା' ଭାଇ ସେତେ ଉନ୍ନତି କରିବ। ଗେହ୍ଲି ବି ତ ଲଗାଏ ଫି ବର୍ଷ।

ଏସନ ତ ମାଆ ମୁଣ୍ଡ କୋଡୁଛି ଭାଇ ପାଖରେ, ଜେଜେମା ଅଧିଆ ପଡ଼ିଲା ପରି ପଡ଼ିଛି ମଠ ବାଡ଼ି ଠାକୁର ପିଣ୍ଡାରେ। ମଞ୍ଜୁଆତି ବାଟି ଦେବ କିଏ ସେ ? ନାଇକ ଘର ଗଛରୁ ଅଣ୍ଟେ ମଞ୍ଜୁଆତିପତ୍ର ଧରି ଧାଇଁଲା କୁମୁ ଆଇ ପାଖକୁ। ଆଜି କୁମୁଆଇ, କାଲି ବିନ ଅପା, ପରଦିନ ମୁକୁନ୍ଦାମାଆ। ଏମିତି ଏମିତି ଷୋଳଦିନ ହେଇଗଲା। ଗେହ୍ଲିର ନଖ ପାଚି କଳା ହେଇଗଲା। ତା' ଭାଇ କିନ୍ତୁ ଭଲ ହେଲାନାଇଁ। ସେ ବି କଳାକାଠ ପଡ଼ିଗଲାଣି।

ଚେମି କହିଲା,

ଏଇ ପଚାନଖ ଯଦି ମକର ସଂକରାନ୍ତି ଯାଏ ରହିବ ତ ଭାଇମାନଙ୍କର ଆଇଷ ବଢ଼ିବ।

ଗେହ୍ଲି ଦିନ ଗଣିଲା।

ବାପା ଭାଇର ହାଡ଼ ପଞ୍ଜରା ଗଣିଲେ।

ମାଆ ଖଡ଼ିଗାର ଟାଣି ଗଣିଲା

ଆଉ ଜେଜେମା ନିଜର ଆଇଷ ଗଣିଲା ଭାଇକୁ ଦେବାକୁ। ହେଲେ ଭାଇ ଭଲ ହେଲା ନାଇଁ।

ଅଣିଣ ଯାଇ କାର୍ତ୍ତିକ ହେଲା। ମଗୁଶିର ଗଲା, ପଉଷ ବି ଗଲା। ଆଇଲା ମାଘର ଶୀତ ବାଘ। ଗେହ୍ଲି ଡରରେ ନଖ କାଟେ ନାହିଁ। ନିଇତି ନଖକୁ ନିହାରେ। ନଖ ବଢ଼ିଯାଉଛି । ପଚାରଙ୍ଗ ଛିଡ଼ି ଯାଉଛି। ନଖରୁ ମଞ୍ଜୁଆତି ରଙ୍ଗ ଉଭେଇଲେ

> **ନଖରୁ ମଞ୍ଜୁଆତି ରଙ୍ଗ ଉଭେଇଲେ ତା' ଭାଇ ଉଭେଇ ଯିବ । ତା' ଭାଇ ମରିଯିବ।**

ତା' ଭାଇ ଉଭେଇ ଯିବ । ତା' ଭାଇ ମରିଯିବ। ଗେହ୍ଲି ନଖକୁ ଆଉଥରେ ମାଂସ ଭିତରକୁ ପେଲିବାକୁ ଚେଷ୍ଟା କରେ।

ଭାଇର ଦେହ ଆଉରି ଖରାପ ହେଲା। ଖାଇବା ଛାଡ଼ିଲା। ଖଟରେ ନାଗିଗଲା। ବାପା କହିଲେ ଆସପାତାଲ୍ ନେବା। ଡାକ୍ତର କହୁଛି ଅପରସନ ହବ। ଭାଇ ଭଲ ହେଇ ଯିବ। ମାଆ କାନ୍ଦି କାନ୍ଦି ଗଡ଼ିଲା। ଜେଜେମାର କୋରଡ଼ିଆ , ପରଳିଆ ଆଖି ଡବ ଡବ ଦିଶିଲା।

ଭାଇ ଆସପାତାଲ୍ ଗଲା । ମାଆ ଗଲା ବାପା ଗଲେ। ଭାଇ ବାଉଳି ହେଉଥିଲା, ଅପା ଅପା।

ଜେଜେମା ଗେହ୍ଲିକୁ ଭିଡ଼ି ଜାବୁଡ଼ି ଧରିଥିଲା।

ଦଶଦିନ ହେଲାଣି। ଜଣା ନାହିଁ ଭାଇର କ'ଣ ହେଲା।

ଆଜି ମକର ସଂକ୍ରାନ୍ତି। ଭୋରରୁ ମକର ବୁଡ ଦେଇ କଅଁଳିଆ ଖରାରେ ଗେହ୍ଲି ନିହିରେଇ ଦେଖୁଛି ନଖକୁ।


କାଣି ଆଙ୍ଗୁଠି ଅଗରେ ଟିକେ ନାକୁରୁ ମଞ୍ଜୁଆତି ରଙ୍ଗ ଲାଗିଛି ଆଜି ବି।

ଗେହ୍ଲି ସଂକ୍ରାନ୍ତିଆ ବାଳସୂର୍ଯ୍ୟଙ୍କୁ ନମ କରୁଥିଲା ମାଆ ପରି ମୁଣ୍ଡରେ ଦୁଇହାତ ଯୋଡ଼ି।

□□

ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com

---


**ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ**

**ଧାରା ଶ୍ରୀରାଧା**

**କବି – ମଙ୍ଗଳାପ୍ରସାଦ ପ୍ରଧାନ**

DHARA SHREE RADHA TRUST
Regd. No.: 4108170538
Bhubaneswar, Odisha

*Greetings from:*

DAWS
Design Advertisement Web Solution
Print Media Consultation

**Design & Advertisement**

**We Deal in :** Vinyl, Flex, Inkjet, Oneway, Translite & Offset Printing

**Contact us :**
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

ଗଳ୍ପ

# ଦୁଇଟି ଅଣୁଗପ

ଲୋପାମୁଦ୍ରା ପରିଡା



## ପ୍ରଶ୍ନ

ନଈ ବନ୍ଧରେ ବସି ପାଦ ଘସୁଥିଲା ବୋହୂ। ପଥର ତାକୁ ଚାହିଁଥିଲା ଅପଲକ। ହଠାତ୍ ବୋହୂ ଶୁଣିଲା ପଥର କଥା କହୁଛି। ପଚାରୁଛି, 'ତୁ କ'ଣ ଏ ଗାଁରେ ନୂଆ ? ..... ଆହୁରି ହଜାରେ ଭାବ ଦିଆନିଆ ପରକୁ ଘଣିମିତ ହେଇ ସାରିଥାନ୍ତି ଦିହେଁ। ନିଇତି ଦେଖା।

କଥାରେ ଲଥା ଯୋଡିବା ପଥରର ଖୋଇ। ବୋହୂ କିନ୍ତୁ ହାରେନି। ଦିନେ ପଥର ପଚାରିଲା ତୋର କୋଉ କଥାକୁ ଭାରି ଡର ଲୋ ବୋହୂ ?

ଏଇ, ସଭିଙ୍କ ମନ ନେଇ ଚଲୁ ଚଲୁ କାହା ମନ ଭାଙ୍ଗି ନ ଯାଉ ....... !'

ଘଡ଼ିଏ ନୀରବ ଥିଲା ପଥର।

ଆଉ ତୋର ? ପଚାରିଲା ବୋହୂ ।

'ସେଇ ଏକା, କାହାରି ଗୋଡ଼ ନ ଖସୁ କି ମୋ' ନାଁ ନ ପଡୁ ।'

ଦୁହିଁଙ୍କ ଆଖିରୁ ଯେମିତି ସରିନଥିଲା କଥା ।

## ଅଭିଯୋଗ

ପିଲାଦିନେ ମୁଁ ଦିଅଁଙ୍କ ପାଖରେ ମନାସୁଥିଲି ଆଉ ଅଭିଯୋଗ କରୁଥିଲି 'କାଇଁ ମତେ ଏତେ ଡେଙ୍ଗା କଲ ଯେ ଦିଅଁ ? ସବୁ କଥାରେ ଶେଷ ଧାଡ଼ିକୁ ପେଲି ଦେଉଛନ୍ତି ଗୁରୁମାଆ ? ଶ୍ରେଣୀରେ ଶେଷ ବେଞ୍ଚ। ପ୍ୟାରେଡ଼ରେ ଶେଷ ମୁଣ୍ଡରେ ଠିଆ। ଗେଡ୍ଡୁଟେ କରିଥିଲେ ତମର କଣ ଭାସି ଯାଇଥାନ୍ତା ?'

ଏବେ ବି ଅଭିଯୋଗ ତାଲିକା ସରିନି।

ସେଇ ଦିଅଁଙ୍କୁ ଅନେଇ କହୁଛି ' କାଇଁ ? ମତେ କଣ ଖାଲି ପାଇଲ ଏମିତି ନାକରା ଆଉ ସମସ୍ତଙ୍କଠୁ ଛୋଟ ହୀନ କରି ଏ ସଂସାରେ ଗଡ଼େଇଦବାକୁ। କାଇଁ ମୁଁ ଟିକିଏ ବଡ଼, ଉଚ୍ଚ,ଧନୀ ହେଇଥିଲେ ତମର କଣ ସରିଯାଇଥାନ୍ତା ଶୁଣେ ।'

ମୁଣ୍ଡରେ ହାତ ଦେଇ ଦିଅଁ ଭାବୁଥିଲେ,' ହାଏରେ ! ମଣିଷ।'

□□

ଲେଖିକାଙ୍କ ଇ-ମେଲ ଠିକଣା:
lopamudra.p2007@gmail.com





# ସାଙ୍ଗ ହେବ ତ ଏମିତି

ଶିଶୁ ଗଳ୍ପ

**କୁଞ୍ଜ ବିହାରୀ ସାହୁ**

ଟୁକୁନାର ବାପା ବଜାରରୁ ନାଲି, ନେଳି, ଶାଗୁଆ ରଙ୍ଗର ଅବିର କିଣିଆଣିଲେ । କହିଲେ- ପୁଅରେ କାଲି ସକାଳୁ ସକାଳୁ ନିତ୍ୟକର୍ମ ସାରିଦେଇ ସାଙ୍ଗସାଥୀଙ୍କ ସହ ହୋଲି ଖେଳିବୁ । ମିଳିମିଶି ରଙ୍ଗ ବୋଳାବୋଳି ହୋଇ ସାହି ସାହି ବୁଲିବୁ । ଗୁରୁଜନମାନଙ୍କର ପାଦରେ ରଙ୍ଗ ଦେଇ ଆଶୀର୍ବାଦ ନେବୁ । ହୋଲି ଖେଳ ଆମର ପରମ୍ପରା । ହଁ'ରେ ପୁଅ, କେବେବି ବାର୍ଣ୍ଣିସ୍ ରଙ୍ଗ ବୋଳିହେବୁନି କି କାହା ମୁହଁରେ ବୋଳିଦେବୁନି ।

ଟୁକୁନା ଖୁସିରେ ହଁ କହିଲା । ଘରର ପୋଷା କୁକୁର 'ଲିଓ' କାନ ଡେରି ଶୁଣୁଥିଲା । ପେଟ ଦେଖେଇ ଗେଲହେଲା ।



- ଆ'ରେ ପୁଅ ଆ, ଖାଇବୁ ଆ' । ଭୋକରେ ତୋ' ପେଟ ପଶିଗଲାଣି ପରା !

ଟୁକୁନା କହିଲା- ହଁ ବୋଉ ଯାଉଛି ।

ଘରର ପୋଷାକୁକୁର 'ଲିଓ'କୁ ରୁଟି ଖୁଆଇଦେଲା ଟୁକୁନା । ତା' ପରେ ସଭିଏଁ ମିଳିମିଶି ଖାଇ ବିଶ୍ରାମ ନେଲେ ।

ସକାଳ ହେଲା । ଟୁକୁନା ବେଗି ବେଗି ଶେଯରୁ ଉଠିପଡ଼ିଲା । ନିତ୍ୟକର୍ମ ସାରିଦେଲା ।

ଟୁକୁନାର ମା' ଗାଧୁଆଘରେ ଲୁଗା ସଫା କରୁଥିଲେ । 'ଲିଓ' ସେତେବେଳକୁ ବାହାରୁ ବୁଲି ଆସି ଦହିପାଣି ପିଉଥିଲା । ଲିଓ ପାଟିଶୁଣି ଅଧା ଆଉଜା କବାଟଟିକୁ ଖୋଲିଦେଲା । ସେ ଦୌଡ଼ିଆସି ଟୁକୁନାର ଗୋଡ଼ପାଖରେ ନସରପସର ହେଲା । ଭୋ...ଭୋ...କରି କଅଣ ଗୁଡ଼ାଏ କହିଦେଲା । ଟୁକୁନାର ହାତଧରି ଗାଧୁଆଘରଆଡ଼େ ନେଇଗଲା । ଟୁକୁନାର ବୋଉ ପଡ଼ିଯାଇଛନ୍ତି । ଟୁକୁନା ତା' ବୋଉକୁ ଦେଖି ଡରିଗଲା । ଡାକ ପକେଇଲା- ବାପା... ବାପା... ଶୀଘ୍ର ଆସ, ବୋଉ ବାଥରୁମରେ ପଡ଼ିଯାଇଛି ।

ଟୁକୁନାର ବାପା ଦାଣ୍ଡଘରୁ ଦୌଡ଼ି ଆସିଲେ । ଟୁକୁନା ଓ ତା' ବାପା ବ୍ୟସ୍ତ ହେଇଗଲେ । ଦୁହେଁ ଟୁକୁନାର ବୋଉକୁ ଉଠେଇ ଆଣି ଖଟରେ ଶୁଆଇଦେଲେ । ଗୋଡ଼ ଦରଜ ହୋଇଯାଇଛି । ଆଙ୍ଗୁଠିରେ ଆଘାତ ଲାଗିଛି । ଲିଓ ଚଟାପଟ ଆଙ୍ଗୁଠିକୁ ଚାଟି ପକେଇଲା । କାରଣ କୁକୁର ନିଜ ଖଣ୍ଡିଆ କି ଦରଜ ଜାଗାକୁ ଚାଟିଚାଟି ଭଲ କରିଦିଏ, ଏଇଟା ତା' ସ୍ୱଭାବ ।

ଟୁକୁନାର ବାପା ଘରେ ଥିବା ବିନ୍ଧାବଟିକା ଖୁଆଇଦେଲେ । ମଲମ ଲଗେଇଦେଲେ । ଟିକେ ଭଲ ଲାଗିଲା ।

ମନଦୁଃଖରେ ଟୁକୁନା ତା' ବୋଉ ପାଖରେ ବସିରହିଲା । ଲିଓ ମଧ୍ୟ ମୁହଁ ଶୁଖେଇ ବସିଲା । ଏତିକିବେଳେ ଟୁକୁନାର ସାଙ୍ଗମାନେ କବାଟ ଠକ୍ ଠକ୍ କରି ଟୁକୁନାକୁ ଡାକିଲେ ।

ଟୁକୁନା କବାଟ ଖୋଲି ଦେଖିଲା, ଟୁନା, ମୁନା, ରୁନା ତିନି ସାଙ୍ଗ ହୋଲିରଙ୍ଗ ଧରି ଠିଆହୋଇଛନ୍ତି । ଖିଲିଖିଲି ହସୁଛନ୍ତି । ମଜାରେ କହୁଛନ୍ତି – ଆ' ଟୁକୁନା ବାହାରକୁ ଆ', ମୁହଁ ଶୁଖେଇ ଘରେ କିଆଁ ରହିଛୁ । ହୋଲି ଖେଳିବାକୁ ଇଛା ହଉନି କି । ଆହୁରି କେତେ ସାଙ୍ଗ ସାହିମୁଣ୍ଡରେ ତୋତେ ଅପେକ୍ଷା କରିଛନ୍ତି । ଆଜିଭଳି ଦିନରେ ହୋଲି ରଙ୍ଗ ବୋଳିହେଲେ ସିନା ମଜା ଲାଗିବ, ରଙ୍ଗରଙ୍ଗିଆ ଦିଶିବୁ । ତୁ ଆମ ଶ୍ରେଣୀରେ ଭଲ ପଢୁଛୁ ବୋଲି ସାଙ୍ଗସାଥୀମାନେ ଆସିଛନ୍ତି । ତୋ' ବାପା-ମା' ମନା କରିଛନ୍ତି କି ! ଚାଲୁନୁ ସେମାନଙ୍କୁ ବୁଝେଇ କହିଦେବୁ । ପିଲାଙ୍କର ପାଟି ଶୁଣି ଲିଓ ଦୌଡ଼ିଆସିଲା,

ଭୋ...ଭୋ...କଲା । ଟୁକୁନାକୁ ଗେଲ କରିଦେଲା । ପିଲାମାନେ ଡରିଗଲେ। ଟୁକୁନା କହିଲା- ନା...ରେ ସାଙ୍ଗମାନେ, ୟେ'ଆମ ଘରର ପୋଷାକୁକୁର, ଡାକ ନାଁ 'ଲିଓ', ବହୁତ ଗେଲବସର । ତୁମର କିଛି କରିବନି ।

ଟୁକୁନାର ବାପା ଆସିଲେ । ସାଙ୍ଗମାନଙ୍କ ହାତରେ ରଙ୍ଗ ଜରି ଦେଖି କହିଲେ- ତୁମେମାନେ ହୋଲି ଖେଳିବାକୁ ଡାକି ଆସିଛ । ହଁ, ଆଜି ହେଉଛି ରଙ୍ଗର ପର୍ବ ହୋଲି । ପିଲାମାନେ, ଟୁକୁନାର ମା' ସକାଳେ ଗାଧୁଆଘରେ ପଡ଼ିଗଲେ। ଗୋଡ଼ ଦରଜ ହେଇଯାଇଛି । ତେଣୁ ଏମିତିକା ଖୁସି ଦିନରେ ଟୁକୁନାର ମନ ଭଲନାହିଁ । ସେ ତା' ମା' ପାଖରେ ଜଗିବସିଛି । ଆସ ପିଲାଏ ଘର ଭିତରକୁ ଆସ । ବାହାରେ କାହିଁକି ଠିଆହୋଇଛ । ମିଠା ଖାଇବ ।

ତିନି ସାଙ୍ଗ ଘର ଭିତରକୁ ଗଲେ । ଟୁକୁନା ମା'ଙ୍କୁ ନମସ୍କାର କଲେ । କଷ୍ଟ ହେଉଥିଲେ ବି ଟୁକୁନାର ମା' କହିଲେ- ପିଲାଏ, ମୋ' ଗୋଡ଼ ଦରଜ ହେଇଯାଇଛି। ମଲମ ଲଗେଇଛି, ଔଷଧ ଖାଇଛି । ଟୁକୁନାକୁ ଡାକି ଆସିଛ, ଭଲ ହେଲା । ତା' ବାପା କାଲି କେତେପ୍ରକାର ରଙ୍ଗ ଆଣିଛନ୍ତି । ତୁମେ ଆସିଲେ ସାଥୀହୋଇ ହୋଲି ଖେଳିବ ବୋଲି କହୁଥିଲା। ମୋ' ଗୋଡ଼ ଆଙ୍ଗୁଠିରେ ଆଘାତ ଲାଗିଛି ବୋଲି ସେ ମୁହଁ ଶୁଖେଇ ଏଇଠି ବସିଥିଲା । ଦେଖୁନ ପିଲାଏ, ଆମ ଗେହ୍ଲା କୁକୁରଛୁଆଟା କେମିତି ମୋ' ପାଦକୁ ଚାଟିପକଉଛି !



ମା' କହିଲେ- ଟୁକୁନା ଯାଉନୁ ଯା, ତୋ' ସାଙ୍ଗମାନେ ଡାକି ଆସିଛନ୍ତି । ଆଜିପରା ହୋଲି ଖେଳ । ଦେହ ମୁହଁରେ ରଙ୍ଗ ବୋଳିହେଲେ ତୋ' ମନ ଭଲ ଲାଗିବ। ତୁ ମୋ' ପାଇଁ ବ୍ୟସ୍ତ ହୁଅନା, ମୁଁ ଭଲ ହେଇଯିବି। ଟୁକୁନାର ସାଙ୍ଗ ଟୁନା ଚଟାପଟ କହିଦେଲା- ମାଉସୀ ବ୍ୟସ୍ତ ହୁଅନି । ମୁଁ ମୋ' ବାପାଙ୍କୁ ଫୋନକରି କହିଦେଉଛି । ସେ ତୁମପାଇଁ ଔଷଧ ଧରି ଆସିବେ । ଟିକେ ଭଲ ଲାଗିଲେ ସଞ୍ଜବେଳେ ବାପାଙ୍କ କ୍ଲିନିକ୍ ଆସି ପରୀକ୍ଷା କରିଦେବେ । ଟୁକୁନାର ମା' ଟୁନାର ପିଠିକୁ ହାତ ଆପୁଡ଼ାଇଦେଲେ । ସତରେ ପୁଅ, ତୋ' କଥା ଶୁଣି ମୋ' ଗୋଡ଼ର ଦରଜ ଅଧା ଭଲ ହେଇଗଲା ! ଯାଆରେ ପୁଅ, ସାଙ୍ଗମାନଙ୍କ ସହ ରଙ୍ଗ ଖେଳିବୁ ।

ଟୁକୁନା ସାଥିପିଲାଙ୍କ ସହ ବାହାରକୁ ଗଲା । ଦେଖିଲା ଲୋକମାନେ ବାଜା ବଜେଇ କୀର୍ତ୍ତନ କରୁଛନ୍ତି । କେତେଜଣ ଟୋପି-ଚଷମା ପିନ୍ଧି ଜୋକର ପରି ଦିଶୁଛନ୍ତି । ଟୁକୁନା ସ୍କୁଲର ସାଙ୍ଗମାନଙ୍କୁ ଭେଟିଲା । ସଭିଏଁ ଖୁସି ହେଇଗଲେ । ରୁନା ସବୁକଥା କହିଦେଲା ।

ସାଙ୍ଗମାନେ କହିଲେ- ତାହାହେଲେ ଟୁକୁନାକୁ କାହିଁକି ଡାକି ଆଣିଲ ?

ମୁନା ଆଗତୁରା କହିଦେଲା - ଆମେ ଟୁକୁନାର ମା' ପାଖକୁ ଯାଇଥିଲୁ । ମାଉସୀଙ୍କ ସହ କଥାହେଲୁ । ଟିକେ ଭଲ ଲାଗୁଛି କହି ଟୁକୁନାକୁ ଆମ ସାଥିରେ ପଠେଇଲେ।

ହଉ ଭଲହେଲା । ଟୁକୁନା ତା' ମା'ର ସେବା କରୁଛି। ମା'ଙ୍କର ସେବା ସବୁଠୁ ପୁଣ୍ୟକାମ । ସଭିଏଁ ସାଥୀହୋଇ ମନଖୁସିରେ ରଙ୍ଗ ବୋଳାବୋଳି ହେଲେ ।

ଖେଳ ସାରିଦେଇ ସଭିଏ ଟୁକୁନା ଘରେ ପହଞ୍ଚିଲେ ।

ସାଙ୍ଗମାନେ ଟୁକୁନାର ମା' ପାଖରେ ବସିଲେ । ସେତେବେଳକୁ ଟୁନାର ବାପା ପାଖରେ ଥିଲେ । ଇଞ୍ଜେକସନ୍ ଦେଉଥିଲେ । କହିଲେ- ଟୁକୁନା ମା'ର ବେଶି କିଛି ହେଇନି। କ୍ଲିନିକ ନେବା ଦରକାର ନାହିଁ । ଭଲ ହେଇଯିବେ। ଯାହାହେଉ ପ୍ରଭୁ ରାଧାକୃଷ୍ଣଙ୍କ ଆଶୀର୍ବାଦରୁ ଅଳ୍ପରେ ରକ୍ଷାପାଇଗଲେ ।

ଟୁନାର ବାପା ମାଉସୀଙ୍କୁ ପ୍ରଣାମ ଜଣେଇ ଫେରିଲେ । ମାଉସୀ କହୁଥିଲେ- ତୁମେମାନେ ମୋ' ପୁଅ-ଝିଅ ପରି । ତୁମେ ଭଲ ମଣିଷ ହୁଅରେ ପିଲେ ।

□□

ଗାଳ୍ପିକଙ୍କ ଇ-ମେଲ ଠିକଣା:
kunjasahu63@gmail.com




**ପୁସ୍ତକ ସମୀକ୍ଷା**

# ମଧୁରମ୍ ମଧୁରାଧିପତି

ଲେଖକ : ବଳଦେବ ମହାରଥୀ

ପ୍ରକାଶକ: ମହାବୀର ପ୍ରକାଶନ, ଭୁବନେଶ୍ୱର

ପୃଷ୍ଠା: ୧୬୬, ମୂଲ୍ୟ: ଟ. ୨୫୦/-

ବିଶିଷ୍ଟ ଶ୍ରୀଜଗନ୍ନାଥ ଗବେଷକ ପୀତବାସ ରାଉତରାୟଙ୍କ ସମ୍ପାଦନାରେ ପ୍ରତିବର୍ଷ ଧାରାବାହିକ ଭାବରେ ପ୍ରକାଶିତ ହୋଇଆସୁଥିବା ଶ୍ରୀଜଗନ୍ନାଥଙ୍କର ଦିବ୍ୟ ଅନୁଭୂତି ସମ୍ପର୍କିତ ଗ୍ରନ୍ଥଗୁଡ଼ିକର ଅଧିକାଂଶ ପ୍ରଚ୍ଛଦପଟ ରୂପନେଇଛି ଚିତ୍ରଦେବ ବଳଦେବ ମହାରଥୀଙ୍କ ଭାବସମୃଦ୍ଧ ତୂଳୀର ସ୍ପର୍ଶରେ। ୨୦୦୮ ମସିହାରୁ ନେଇ ଆଜି ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ବର୍ଷ ତାଙ୍କ ଦ୍ୱାରା ଅଙ୍କିତ ପ୍ରଚ୍ଛଦପଟ ଚିତ୍ର ଏହି ପୁସ୍ତକମାନଙ୍କରେ ପ୍ରତିଫଳିତ ଜଗନ୍ନାଥ ମହାପ୍ରଭୁଙ୍କ ଗରିମାକୁ ଏକ ଉଚ୍ଚସ୍ତରକୁ ନେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଚିତ୍ରଗୁଡ଼ିକର ଅଙ୍କନ ସମୟରେ ଶ୍ରୀ ମହାରଥୀ ଅନୁଭବ କରିଥିବା ଶ୍ରୀଜଗନ୍ନାଥଙ୍କର ପରମ ଅନ୍ତରଙ୍ଗତାକୁ ବର୍ଣ୍ଣନା କରି ସେହି ପୁସ୍ତକଗୁଡ଼ିକରେ ସ୍ଥାନିତ ହୋଇଥିବା ଆଲେଖ୍ୟ ମଧ୍ୟ ବହୁ ଭବରେ ହୃଦୟସ୍ପର୍ଶୀ। ଏହି ସାହିତ୍ୟିକ ମୂଲ୍ୟ ସମ୍ପନ୍ନ ନିଆରା ରଚନାଗୁଡ଼ିକର ଏକ ଅନୁପମ ସଂଗ୍ରହ ହେଉଛି 'ମଧୁରମ୍ ମଧୁରାଧିପତି' ପୁସ୍ତକ।

ପୁସ୍ତକଟିର ପ୍ରାରମ୍ଭରେ ଏହି ପୁସ୍ତକ ପ୍ରକାଶନର ଭୂମିକା ସମ୍ପର୍କରେ ସୂଚାଇବାକୁ ଯାଇ ସଂକଳକ ପୀତବାସ ରାଉତରାୟ ତିନୋଟି ମୂଲ୍ୟବାନ ଶବ୍ଦରେ ରେଖାଙ୍କିତ କରିଛନ୍ତି ଏହି ରଚନାବଳୀକୁ: 'ଦାରୁବ୍ରହ୍ମଙ୍କ ଚିତ୍ରବ୍ରହ୍ମରୁ ଶବ୍ଦବ୍ରହ୍ମ'। ପ୍ରକୃତରେ ଏହି ସଂକଳନର ପ୍ରତ୍ୟେକ ଲେଖାରେ ଯେମିତି ଶ୍ରୀ ମହାରଥୀଙ୍କ ତୂଳୀରେ ପ୍ରକଟିତ ଚିତ୍ରବ୍ରହ୍ମ ତାଙ୍କର କଲମ ମୁନକୁ ସଂଚରିଯାଇ ରୂପାନ୍ତରିତ ହୋଇଛି ଶବ୍ଦବ୍ରହ୍ମରେ। ଶିଳ୍ପୀଙ୍କ ଭାଷାରେ, 'ଭାବାବେଶର ସୂକ୍ଷ୍ମଭୂମିରେ ଠିଆହୋଇ ମୋ' ଦ୍ୱାରା ଯେଉଁ ସର୍ଜନ କାର୍ଯ୍ୟ ସଂପାଦିତ ହୋଇଥାଏ, ସେସବୁ କେବଳ ବ୍ରହ୍ମପୁରୁଷଙ୍କ ଅସୀମ ସହାନୁଭୂତି ଏବଂ ଅନୁରାଗ ବ୍ୟତୀତ ଆଉ କିଛି ନୁହେଁ; ଯେଉଁଠି ଶିଳ୍ପୀ ସମର୍ପିତ, ସେଠାରେ ବିଧାତା ହିଁ ପରମ ସ୍ରଷ୍ଟା।'

ଶ୍ରୀଜଗନ୍ନାଥଙ୍କ ଅନୁଭୂତିମାଳାକୁ ବହନ କରିଥିବା ପୀତବାସ ରାଉତରାୟଙ୍କ ଦ୍ୱାରା ସମ୍ପାଦିତ ପ୍ରତ୍ୟେକଟି ସଂକଳନର ପ୍ରଚ୍ଛଦପଟ ଚିତ୍ରର ପଛରେ ରହିଛି ଚିତ୍ରଦେବ ବଳଦେବ ମହାରଥୀଙ୍କର ଏକ ଦିବ୍ୟ ଅନୁଭୂତିର କାହାଣୀ। ତାହାକୁ ଏକାନ୍ତ ତନ୍ମୟ ଭାବରେ ସାହିତ୍ୟପ୍ରତିମ ରୂପ ଦେଇଛନ୍ତି ସେ। ଭାବମୟତାର ସେହି ଅନିର୍ବଚନୀୟ ସ୍ତରକୁ ଗଲେ ହିଁ ପାଠକ ଅନୁଭବ କରିପାରେ ଶ୍ରୀ ମହାରଥୀଙ୍କ ଦ୍ୱାରା ବର୍ଣ୍ଣିତ ହୋଇଥିବା ସ୍ୱକୀୟ ଅଙ୍କନାନୁଭୂତି। ପୁସ୍ତକର ପ୍ରତ୍ୟେକଟି ଚିତ୍ର ପଛରେ ଅଛି ମହାପ୍ରଭୁଙ୍କ ଶ୍ରୀଚରଣରେ ସେ ନିଜକୁ ସମର୍ପଣ କରିଦେଇଥିବାର ଗୋଟିଏ ଗୋଟିଏ ପ୍ରକରଣ, ଯାହାର ବର୍ଣ୍ଣନା ସ୍ୱାଭାବିକ ଭାବରେ ପାଠକକୁ ବିହ୍ୱଳ କରେ।

ଏହି ସଂକଳନର ୨୨ଟି ଯାକ ଅଧ୍ୟାୟ ଚିତ୍ରାଙ୍କନ ଭଳି ଏକ ଦୃଶ୍ୟମାନ ମାଧ୍ୟମରୁ ପାଠକକୁ ଏକ ଶବ୍ଦମୟ ମାଧ୍ୟମକୁ ଉତ୍ତରିତ କରି ଘେନିଯାଇଛି ଭିନ୍ନ ଏକ ଉଚ୍ଚତାକୁ। ଠାଏ ଲେଖକ ମଧ୍ୟ ଲେଖିଛନ୍ତି, 'ଆଜି ପର୍ଯ୍ୟନ୍ତ ଚିତ୍ରରେ ମୁଁ ତାଙ୍କୁ ଯେମିତି ଦେଖିପାରେ, ଶବ୍ଦରେ ସେମିତି ଲେଖି ପାରେନି।' କିନ୍ତୁ ଯେମିତି ନିଜେ ହିଁ ନିଜର କଥାକୁ ଭୁଲ୍ ପ୍ରମାଣିତ କରି ସେ ଶ୍ରୀଜଗନ୍ନାଥଙ୍କୁ ଅନୁଭବିବାରେ ଚିତ୍ରାଙ୍କନର କଳା ଭଳି ଶବ୍ଦବିନ୍ୟାସର କଳା ମଧ୍ୟ ଯେ ସମାନ ଭାବରେ ସମର୍ଥ ତାହା ଏହି ପୁସ୍ତକରେ ସୁଚାରୁ ଭାବରେ ଦର୍ଶାଇ ଦେଇଛନ୍ତି।

ପୁସ୍ତକଟିର ପରିପାଟୀ ରୁଚିସମ୍ପନ୍ନ। ବିଶେଷତଃ ଏହାର ମଲାଟରେ ସ୍ଥାନିତ ବଂଶୀବାଦକ ଶ୍ରୀକୃଷ୍ଣଙ୍କ କଳାତ୍ମକ ରୂପଟି ମୋହିନିଏ ପାଠକର ମନ। ତେବେ ଏହାର ଭିତର ପୃଷ୍ଠାରେ ସ୍ଥାନ ପାଇଥିବା ଶ୍ରୀ ବଳଦେବ ମହାରଥୀଙ୍କ ଦ୍ୱାରା ଅଙ୍କିତ ସମସ୍ତ ଚିତ୍ର କଳା-ଓ-ଧଳା ପରିବର୍ତ୍ତେ ବହୁରଙ୍ଗୀ ଭାବରେ ମୁଦ୍ରିତ ହୋଇଥିଲେ ତାହା ଆହୁରି ଅଧିକ ମନଛୁଆଁ ହୋଇପାରିଥା'ନ୍ତା ବୋଲି ଆମର ମତ।

**ସସ୍ମିତା ମାଝୀ**

# ସାହିତ୍ୟ ସମାଚାର

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ଥାଣୁ ଅବସ୍ଥା ଦୂର ହେବ କେବେ ?

ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଛି ଜୁଲାଇ ୨୦୨୩ ମସିହାରୁ। ଏହାର ସଭାପତି ଓ ଉପସଭାପତିଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଛି ମେ ୨୦୨୪ରୁ। ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯିବାର ପ୍ରକ୍ରିୟା ସ୍ଥଗିତ ରହିଛି ୨୦୧୭ ମସିହାରୁ। ତଥାପି ବର୍ଷ ବର୍ଷ ଧରି ନା ସାଧାରଣ ପରିଷଦ ଗଠିତ ହୋଇପାରୁଛି, ନା ନିଯୁକ୍ତ ହୋଇପାରୁଛନ୍ତି ନୂଆ ସଭାପତି ବା ଉପସଭାପତି, ନା ଦିଆଯାଇପାରୁଛି ଏକାଡେମୀ ପୁରସ୍କାର, ଯଦିଓ ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ। ଏଭଳି ଅଚଳ ଅବସ୍ଥା ଆମ ଦେଶରେ ଥିବା ଅନ୍ୟ କୌଣସି ରାଜ୍ୟର ସାହିତ୍ୟ ଏକାଡେମୀରେ କେବେ ସୃଷ୍ଟି ହୋଇନାହିଁ। ଏଥିରେ ବ୍ୟଥିତ ହୋଇ ଓଡ଼ିଶାର ଜଣେ ସାହିତ୍ୟପ୍ରେମୀ ତଥା ଆଇନଜୀବୀ, ପ୍ରବୀର କୁମାର ଦାସ ଏକାଡେମୀର ଏହି ଅଚଳାବସ୍ଥା ବିରୋଧରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ଶ୍ରୀ ଦାସ ଏକାଡେମୀରେ ସଭାପତି ଓ ଉପସଭାପତିଙ୍କର ନିଯୁକ୍ତି ତଥା ସାଧାରଣ ପରିଷଦ ଓ କାର୍ଯ୍ୟକାରୀ ସମିତିର ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି। ସେ ୨୦୧୭ରୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇନଥିବା କଥା ମଧ୍ୟ ଉଚ୍ଚତମ ନ୍ୟାୟାଳୟର ଦୃଷ୍ଟିକୁ ଆଣିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ବିଚାରପତି ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ଏହି ସମ୍ପର୍କରେ ନିଜର ଶପଥପତ୍ର ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଲା ଜାତୀୟ ଅନୁବାଦକ ସମ୍ମିଳନୀ




କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶ୍ରୁତି ଭବନଠାରେ 'ଶ୍ରୀ ଶ୍ରୀ ଅନୁବାଦ ଓ ବ୍ୟାଖ୍ୟା କେନ୍ଦ୍ର' ତଥା 'ଭାରତୀୟ ଅନୁବାଦ ସାହିତ୍ୟ'ର ମିଳିତ ଉଦ୍ୟମରେ ଦୁଇଦିନିଆ '୪ର୍ଥ ଜାତୀୟ ଅନୁବାଦକ ସମ୍ମିଳନୀ' ଫେବ୍ରୁଆରି ୨ ତାରିଖ ଦିନ ଆରମ୍ଭ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଅନୁବାଦକ, ଗବେଷକ ତଥା ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଏହାର ଉଦ୍‌ଘାଟନ ଅଧିବେଶନରେ ସ୍ୱାଗତ ସମ୍ଭାଷଣ ଦେଇଥିଲେ ଡଃ. ରିନ୍ଦନ କୁଣ୍ଡୁ। ଏହାପରେ ସମ୍ମିଳନୀଟି ସେହି ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଅଫ୍ ଅପରେସନ୍ସ, ସ୍ୱାମୀ ସତ୍ୟଚୈତନ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ମଞ୍ଚରେ ଉପସ୍ଥିତ ଥାଇ ନିଜର ବକ୍ତବ୍ୟ ମଧ୍ୟ ରଖିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର କେଶରୀ, ଗୁରୁ ରତିକାନ୍ତ ମହାପାତ୍ର, ଜାତୀୟ ଦକ୍ଷତା ବିକାଶ ନିଗମର ପରାମର୍ଶଦାତା ଧାନେଶ୍ୱର ମୁଲେ, ବିଶିଷ୍ଟ ଅନୁବାଦକ ଯତୀନ୍ଦ୍ର କୁମାର ନାୟକ, ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସାୟାନ୍ତନ ଦାସଗୁପ୍ତ ପ୍ରମୁଖ। ସଭାରେ ନିଜର ଅଭିଭାଷଣ କ୍ରମରେ 'ଭାରତୀୟ ଅନୁବାଦ ସାହିତ୍ୟ'ର ସମ୍ପାଦକ, ଶରତ ଆଚାର୍ଯ୍ୟ କହିଲେ ଯେ ଅନୁବାଦ ସାହିତ୍ୟକୁ ଆହୁରି ବ୍ୟାପକ କରିବାକୁ ସଂସ୍ଥା ପକ୍ଷରୁ ୩୩ଟି ଅନଲାଇନ୍ କାର୍ଯ୍ୟକ୍ରମ କରାଯାଇଛି ଏବଂ ଏ ଯାବତ୍ ୨୫୦ ଜଣ ସଦସ୍ୟ ଏହି ସଂସ୍ଥା ସହ ଯୋଡ଼ି ହୋଇଛନ୍ତି।

# ଶେଷ ପୃଷ୍ଠା



# ସଂଭୂୟସମୁତ୍ଥିତ*

ଢଗଟିଏ: "ସାଆନ୍ତପଣକୁ ଯୋଗ୍ୟ ନୁହନ୍ତି; ଓଳିକି ନ ହେଲେ କେତେ ରୁଷନ୍ତି ।"

ସାହିତ୍ୟପଣରେ ଯେତେ ପାହୁଣ୍ଡ ଆଗକୁ ପକାଉଛି; ସେତେ ଯନ୍ତ୍ରଣା ଓ ଅନୁଭବର ତିକ୍ତତା ସ୍ପଷ୍ଟ ହେଉଛି। ଭାବନା ଗଭୀର ହେଉଛି ହେଲେ ଆତ୍ମସମୀକ୍ଷାର ଆହ୍ୱାନ କରୁଛି ଉପରୋକ୍ତ ଏହି ଢଗ ସହ। ପଦ ପଦ ଯୋଡ଼ି ଦଶପଦକୁ ସାହିତ୍ୟ ରୂପ ଦେବାରେ ଯେ କେତେ ସଂଘର୍ଷ, ସର୍ଜନା ଓ ପ୍ରେରଣା ପ୍ରଭୃତି ରହିଛି; ଏହା ସେଇ ସାଆନ୍ତପଣରେ ଥିବା ବରିଷ୍ଠ ସାହିତ୍ୟିକଙ୍କୁ ପୁନଶ୍ଚ ସ୍ମରଣ କରିବାକୁ ବୁଝାଇ କହୁଛି।

ସାହିତ୍ୟ ମଞ୍ଚ; ସମସ୍ତଙ୍କର। ହେଉ ପାଠକ, ଲେଖକ ଅବା ଯେ କୌଣସି ସାହିତ୍ୟପ୍ରେମୀ। ମାଟିଝାଟି ଘରେ ଜନ୍ମିଥିବା ଭୀମଭୋଇଙ୍କ କରୁଣାମୟ ବୋଧ ହେଉ ଅବା ରଜାଘରେ ବଢ଼ିଥିବା ଉପେନ୍ଦ୍ର ଭଞ୍ଜଙ୍କର ଶବ୍ଦଶୈଳୀର ଉତ୍କର୍ଷ; ସେହି ସାହିତ୍ୟପ୍ରାଣ ଏବେ ମଞ୍ଚରେ ନୁହଁ ବରଂଚ ସମସ୍ତ ଓଡ଼ିଆଙ୍କ ମନ, ପ୍ରାଣ, ହୃଦରେ ବସିଛନ୍ତି। ସେତେବେଳେ ସର୍ଜନା ହିଁ ଥିଲା ଲକ୍ଷ୍ୟ; ଆତ୍ମଯଶ ନୁହଁ।

ଏହାର ବିପରୀତ, ଆଜିକାଲିର ଅନେକ ବରିଷ୍ଠ ସାହିତ୍ୟିକ ଯେଉଁମାନେ ଯଥେଷ୍ଟ ପୁରସ୍କାର, ଉପାଧି, ସମ୍ମାନ ଓ ମଞ୍ଚର ଚଉକି ପାଇସାରିଛନ୍ତି, ସେମାନଙ୍କ ଆସକ୍ତି ଚାଷଜମିରେ ଦଣ୍ଡାବାଳୁଙ୍ଗା ପ୍ରାୟେକ ବଢ଼ିବାରେ ହିଁ ଲାଗିଛି। ଏହି ଲୋଭ ଓ ମୋହର ସତେ ଯେପରି ଅନ୍ତ ନାହିଁ। ମଞ୍ଚରେ ପୁନଃପୁନଃ ଉପସ୍ଥିତି ସାଧନାର ପ୍ରମାଣ ନୁହଁ। ସାମାଜିକ ସଞ୍ଚାର ମାଧ୍ୟମରେ ନିଜ ପ୍ରଚାର ସର୍ଜନାର ମାନଦଣ୍ଡ ନୁହଁ। ଆତ୍ମକୈନ୍ଦ୍ରିକ ପ୍ରତିଚ୍ଛବି ସାହିତ୍ୟର ମାପକ ନୁହଁ।

ଯଦି ବରିଷ୍ଠମାନେ ଏହିପରି ଲାଳୁଆ ବୁଦ୍ଧିରେ ମଞ୍ଚକୁ ଜାବୁଡ଼ି ଧରିବେ ତେବେ ନୂଆ ପିଢ଼ି କରିବ କ'ଣ? ଯଦି ଅଧିକାଂଶ ଅନୁଷ୍ଠାନ ନିଜର ଚିତ୍ରୋତ୍ତୋଳନ ଓ ବିଜ୍ଞାପନ ପାଇଁ କେବଳ ଏଇ ବଡ଼ବଡ଼ିଆଙ୍କୁ ମଞ୍ଚ ଉପରକୁ ଡାକି ପୁରସ୍କାରମାଳା ପିନ୍ଧାଇ ଚାଲିବେ ତେବେ ନୂତନ କଣ୍ଠସ୍ୱର କେମିତି ଶୁଭିବ! ସେଇ ସାହିତ୍ୟିକଗଣ ଦିବ୍ୟତ୍ୱବୋଧ ପାଇଥିବେ ଯେଉଁମାନେ ସେହି ଶୀର୍ଷ ସ୍ଥାନରେ ଅନ୍ୟମାନଙ୍କୁ ଦେଖିବାରେ ଗର୍ବ ଅନୁଭବ କରିପାରିବେ।

ସାହିତ୍ୟ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଆଧାର ନୁହଁ ବରଂଚ ଏହା ଏକ ସମୂହ ଚେତନା। ବଡ଼ବଡ଼ିଆମାନେ ଯଦି ଏହା ଭାବୁଛନ୍ତି ଯେ ଏମାନଙ୍କ ଅନୁପସ୍ଥିତିରେ ସାହିତ୍ୟ ଧ୍ୱଂସ ପାଇଯିବ ତେବେ ଏହା ଏମାନଙ୍କର ଅହଙ୍କାରର ପରିଚାୟକ।

ପଦେ ଏଇ ନୂତନ ପିଢ଼ିର ଲେଖକଙ୍କୁ ମଧ୍ୟ କହି ବୁଝେଇବି। ନୂଆଲେଖକମାନଙ୍କ ମଧ୍ୟରେ ମଧ୍ୟ ଏକ ସୀମିତଧାରା ଦେଖାଯାଉଛି; କେବଳ ଆତ୍ମକୈନ୍ଦ୍ରିକ କବିତା। 'ମୁଁ', 'ମୋର', 'ମୋ ପ୍ରେମ'; ଏହିପରି ବେଶ ଛାଡ଼ି ସମାଜ, ସମୟ ଓ ସଂଘର୍ଷର ସ୍ୱରକୁ ଛୁଇଁବାର ଆବଶ୍ୟକତା ଅଛି। ସାହିତ୍ୟ କେବଳ ଭାବୁକତା ନୁହେଁ; ଏହାଚିନ୍ତନ, ଦାୟିତ୍ୱ ଓ ସୃଜନଶୀଳ ବିପ୍ଳବ।

ତେଣୁ ସଂଭୂୟସମୁତ୍ଥିତ, ଏହି ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା: ଯେଉଁଠି ମଞ୍ଚ ହେବ ସମସ୍ତଙ୍କର; ସମ୍ମାନ ହେବ ସାମୂହିକ। ଆସନ୍ତୁ ମଞ୍ଚକୁ ଅଧିକାର ନୁହଁ; ଦାୟିତ୍ୱବୋଧରେ ଅନୁଶୀଳନ କରିବା। ସମ୍ମାନକୁ ସ୍ୱାମୀତ୍ୱ ଭାବେ ନୁହଁ; ସାମୂହିକ ଅଧିକାର ଭାବେ ମାନିବା। ନୂତନ ପିଢ଼ିକୁ ପ୍ରତିଦ୍ୱନ୍ଦୀ ଭାବେ ନୁହଁ; ପରମ୍ପରାର ଅଗ୍ରଗାମୀ ପ୍ରଜ୍ଜ୍ୱଳଦୀପ ଭାବେ ସ୍ୱୀକାର କରିବା।

ଚାଲନ୍ତୁ ନା ଦୀପଟିଏ ହେବା; ଦେବତା ନୁହଁ।

-ପ୍ର.ଭୂ

***ସଂଭୂୟସମୁତ୍ଥିତ** - ସମ୍ମିଳିତ ଉତ୍ଥାନ

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

RUCHI FOODLINE
Since 1976
Completing 50 YEARS in 2025
BORN IN ODISHA, PRIDE OF INDIA




Store to door with a single click!

Come, explore our new eCommerce platform today!

Shop Now

Scan the QR code to download the **Ruchi Store** App

Buy online from
store.ruchifoodline.com




# ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

**ଏକ ପ୍ରୟାସ ମାତ୍ର**

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

SAHITYA CHARCHA ● March 2026 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy